# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୧ଶ } ତାଂ ୨୩ରିଖ ସେପ୍ଟେମ୍ବର ସନ ୧୮୭୬ମସିହା । ମୁ । ଆଶ୍ୱିନ ଦଶମ ସନ ୧୨୮୪ସାଲ ଶନିବାର { ଅଗ୍ରିମ ବାର୍ଷିକମୂଲ୍ୟ ଟ୩୧

ସଂ ୩୮ ଖ୍ୟା } ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୪୧

ମଫସଲପାଇଁ ଡାକମାସୁଲ ଟ୧୷

ଆମ୍ଭମାନଙ୍କର ବାର୍ଷିକ ମହାପର୍ବ ଦୁର୍ଗାପୂଜା ଅତି ନିକଟ ରହିଲା ଓ ଏଥିପାଇଁ ସରକାରୀ କାର୍ଯ୍ୟାଳୟମାନ ବନ୍ଦ ହେବାର ଆରମ୍ଭ ହେଲାଣି ବଙ୍ଗପ୍ରଦେଶର ହାଇକୋର୍ଟ କାଲିଠାରୁ ଆଗାମୀ ନବମ୍ବରମାସ ତାଂ ୨ ରିଖ ପର୍ଯ୍ୟନ୍ତ ବନ୍ଦ ହେବ ଏଠାସୁଦ୍ଧା ସବୁଠାରୁ ଅଧିକ କାରଣ ଏଠା କର୍ମଚାରୀମାନେ ପୂର୍ଣ୍ଣ ଦୁଇମାସ ଅବକାଶ ପାଇବେ। ଜିଲ୍ଲାର ଦେୱାନୀ ଅଦାଲତମାନ କାଲିଠାରୁ ଅକ୍ଟୁବରମାସ ତା ୨୧ ରିଖ ପର୍ଯ୍ୟନ୍ତ ବନ୍ଦ ହେବ । ରେବନ୍ୟୁ ପ୍ରଭୃତି କାର୍ଯ୍ୟାଳୟମାନ ଏବଂ ସରକାରୀ ଖଜଣାଖାନାମାନ ଚଳିତମାସ ତା ୨୨ ରିଖଠାରୁ ଆଗାମୀ ମାସ ତା ୩ ରିଖ ଯାଏ ବନ୍ଦ ହେବ । ଆମ୍ଭମାନଙ୍କ ଛାପାଖାନା ମଧ୍ୟ ରେବନ୍ୟୁ କଚେରୀ ସଙ୍ଗେ ବନ୍ଦ ହେବ କାରଣ ଅନ୍ୟାନ୍ୟ କର୍ମଚାରୀଙ୍କ ସହିତ ଏମାନେ ସୁଦ୍ଧା ବାର୍ଷିକ ଉତ୍ସବରେ ଅବକାଶ ପାଇବାକୁ ଆଶା ରଖନ୍ତି । ସୁତରାଂ ଏଥିମଧ୍ୟରେ ଆମ୍ଭେମାନେ ପାଠକଙ୍କ ସହିତ ସାକ୍ଷାତ୍ କରିବାକୁ ସମର୍ଥ ହେବୁଁ ନାହିଁ ମାତ୍ର ଏତେ ଦୀର୍ଘକାଳ ବିଚ୍ଛେଦ କେହି୨ ପାଠକଙ୍କୁ ଅସହ୍ୟ ହୋଇ ପାରେ ଏମନ୍ତ ଭାବି ଆମ୍ଭେମାନେ ସ୍ଥିରକରିଅଛୁଁ ଯେ ଆଗାମୀ ଶୁକ୍ରବାର ଏକଥର ସମସ୍ତଙ୍କ ସହିତ ସାକ୍ଷାତ୍ କରି ଦୁର୍ଗୋତ୍ସବ ପର୍ବ ସକାଶେ ବିଦାୟ ଗ୍ରହଣ କରିବୁଁ ଓ ତହିଁଉତ୍ତାରୁ ଅକ୍ଟୁବରମାସ ତା ୭ ରିଖରେ ଯଥାନିୟମିତରୂପେ ଆପଣା କାର୍ଯ୍ୟରେ ଉପସ୍ଥିତ ହେବୁଁ ।

---

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ସମ୍ବଲପୁର ଜିଲ୍ଲାଅନ୍ତର୍ଗତ ବାମଣ୍ଡାର ରାଜା ଶ୍ରୀ ସୁଚଳଦେବ ଓ କଳାହାଣ୍ଡିରରାଜା ଶ୍ରୀ ଅଦ୍ୱୈତପ୍ରତାପଦେବ ଏ ଦୁଇମହାଶୟ ଜଣକେ ଟ ୨୫୦ଙ୍କା ଲେଖାଏଁ କଟକ ମେଡିକଲ ସ୍କୁଲକୁ ଦାନ କରିଅଛନ୍ତି ଯେ ଏଥିରେ ଦୁଇଜଣ ଛାତ୍ରବୃତ୍ତି ପାଇ ତିନି ବର୍ଷ ଲେଖାଏଁ ଶିକ୍ଷା କରିବେ । ପ୍ରଥମବର୍ଷରେ ମାସକୁ ଟ ୫ ଙ୍କା ଦ୍ୱିତୀୟ ବର୍ଷରେ ଟ ୬ ଙ୍କା ଓ ତୃତୀୟ ବର୍ଷରେ ଟ ୭ ଙ୍କା ଲେଖାଏଁ ଏକ୨ ଛାତ୍ରକୁ ବୃତ୍ତି ଦିଆଯିବ । ଏ ରାଜାମାନେ ଯେରୂପ ନିରପେକ୍ଷ ଭାବରେ ଏ ଦାନ କରିଅଛନ୍ତି ତାହା ଅତି ପ୍ରଶଂସାର ବିଷୟ ଅଟଇ କାରଣ ସେମାନେ ଆପଣା ରାଜ୍ୟରୁ କୌଣସି ଛାତ୍ର ନ ପଠାଇ ବୃତ୍ତିଦାନ ବିଷୟରେ ଚିକିତ୍ସା ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ସମ୍ପୂର୍ଣ୍ଣ କ୍ଷମତା ଦେଇଅଛନ୍ତି। ଓଡିଶାର ମୋଗଲବନ୍ଦି କିମ୍ବା ଗଡଜାତରେ କୌଣସି ଜମିଦାର କି ରାଜା ଅବଧି ଏପରି ବୃତ୍ତି ସ୍ଥାପନ କରିଥିବାର ଆମ୍ଭେମାନେ ଅବଗତ ହୋଇ ନାହୁଁ । ସମ୍ବଲପୁର ଗଡଜାତ ମଧ୍ୟରୁ ରାଜାମାନେ ସର୍ବାଗ୍ରେ ଏ ବିଷୟରେ ଉତ୍ସାହ ଦେଇଥିବାରୁ ଅତ୍ୟନ୍ତ ଧନ୍ୟବାଦର ଯୋଗ୍ୟ ଅଟନ୍ତି । ଆମ୍ଭେମାନେ ଭରସା କରୁଁ ଯେ ଏ ମହତ୍ କାର୍ଯ୍ୟରେ ଅନ୍ୟ ଧନାଢ୍ୟ ବ୍ୟକ୍ତିମାନେ ଯୋଗ ଦେବେ। ଚିକିତ୍ସାଶାସ୍ତ୍ର ଅଧ୍ୟୟନ ବିଷୟରେ ଉତ୍ସାହ ଦେବା ପ୍ରାଣ ରକ୍ଷାର ହେତୁ ଅତଏବ ଏଥିରେ ଦାନ କରିବା ସର୍ବାପେକ୍ଷା ଉତ୍କୃଷ୍ଟ ଦାନ ଅଟଇ ସନ୍ଦେହ ନାହିଁ ।

---

ଆମ୍ଭେମାନେ ଶୁଣିଲୁଁ ଯେ ଏଠା ମିଉନିସିପାଲିଟୀ ପ୍ରଥମଶ୍ରେଣୀଭୁକ୍ତ ହେବା ବିରୁଦ୍ଧରେ ନଗରବାସିମାନେ ଅନେକ ଦରଖାସ୍ତ ଦେଇ ଅଛନ୍ତି । କିନ୍ତୁ ସେଥିରେ କିଛିହେଁ ଯୁକ୍ତିଯୁକ୍ତ ହେତୁ ଦର୍ଶାଇ ନାହାନ୍ତି । କେବଳ ଆପଣାର ଦୁଃଖ ଗାଇ ଅଛନ୍ତି । ଆମ୍ଭେମାନେ ପୂର୍ବେ ଲେଖିଥିଲୁଁ ଯେ ଆଇନ ଓଡିଆରେ ତରଜମା ନ ହେବାରୁ ନଗରବାସିମାନେ କେହି ଆଇନ ବୁଝି ନାହାନ୍ତି । ତାହା ଏ ଦରଖାସ୍ତ ସବୁରୁ ସ୍ପଷ୍ଟ ଜଣାଯାଉଅଛି । ଦରଖାସ୍ତର ମର୍ମରୁ ବୋଧ ହୁଏ ଯେ ଏଠା ମିଉନିସିପାଲିଟୀ ପ୍ରଥମଶ୍ରେଣୀର ହେଲେ ଟାକ୍ସ ବୃଦ୍ଧି ହେବ ନଗରବାସିଙ୍କର ଏରୂପ ସଂସ୍କାର ହୋଇଅଛି ମାତ୍ର ଏହା ଭ୍ରମମୂଳକ ଅଟଇ । ବସ୍ତୁତଃ ଟାକ୍ସ କିମ୍ବା ଅନ୍ୟାନ୍ୟ ବିଷୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ମଧ୍ୟରେ ପ୍ରଭେଦ ନାହିଁ । କେବଳ ପୁଲିସ ଖର୍ଚ୍ଚା ପ୍ରଥମଶ୍ରେଣୀରେ ଅଧିକ ୨ୟ ଶ୍ରେଣୀରେ କିଛି ଊଣା ଅଟେ ଅର୍ଥାତ୍ ୧ମ ଶ୍ରେଣୀରେ ଯେତେ ଘର ଥିବ ତେତେ ଘର ଉପରେ ପ୍ରତି ଘର ଟ ୧୷ ଲେଖାଏଁ ଯେତେ ହେବ ତେତେ ଟଙ୍କା ପର୍ଯ୍ୟନ୍ତ ଗୃହୀତ ଟାକ୍ସରୁ ପୁଲିସକୁ ଦିଆ ଯାଇ ପାରିବ ୨ୟ ଶ୍ରେଣୀରେ ପ୍ରତି ଘର ଟ ୷ ରୁ ଅଧିକ ନ ହେବ । ଏଭିନ୍ନ

Digitized by srujanika@gmail.com

Split by PDF Splitter



୧ମ ଶ୍ରେଣୀରେ ମେଜିଷ୍ଟ୍ରେଟ ସାହେବ ପାଞ୍ଚଶତ ଟଙ୍କା ପର୍ଯ୍ୟନ୍ତ ୨ୟ ଶ୍ରେଣୀରେ ଦୁଇଶତ ଟଙ୍କା ପର୍ଯ୍ୟନ୍ତ ବିଲ ଏକାକୀ ସ୍ୱାକ୍ଷର କରି ପାରିବେ । ୨ୟ ଶ୍ରେଣୀରେ କମିଶନରଙ୍କ ସଂଖ୍ୟା ଜ ୨୦ ଣ ଓ ୧ମ ଶ୍ରେଣୀରେ ଜ ୩୦ ଣ ପର୍ଯ୍ୟନ୍ତ ହୋଇ ପାରିବ । ଅମ୍ଭେମାନେ ଆଇନକୁ ଅନେକ ଥର ଦେଖି ଏହି କେତେକଟି ପ୍ରଭେଦ ଲକ୍ଷ୍ୟ କରି ଅଛୁଁ । ପୁଲିସ ଖର୍ଚ୍ଚ ଅଧିକ ହେବା ପକ୍ଷରେ ଯଥାର୍ଥ ଆପତ୍ତି ହୋଇ ପାରେ କାରଣ ସେଥିରେ ଅନେକ ଟଙ୍କା ଲାଗିଲେ ସଡ଼କ ମରାମତି ନାଲ ସଫାଇ ଇତ୍ୟାଦି ହିତକର ଓ ଆବଶ୍ୟକୀୟ କାର୍ଯ୍ୟ ସକାଶେ ଟଙ୍କା ଅନଟନ ହେବ । ୧ମ ଶ୍ରେଣୀ ମିଉନିସିପାଲଟୀ ବିରୁଦ୍ଧରେ ଏହି ଗୋଟିଏ ଯୁକ୍ତିଯୁକ୍ତ ଆପତ୍ତି ଦେଖୁଅଛୁଁ ମାତ୍ର ଏ ଆପତ୍ତି କେହି ଦର୍ଶାଇ ନାହାନ୍ତି କାରଣ ଆଇନ ସମ୍ୟକରୂପେ ବୁଝିବାର ସୁଯୋଗ ନାହିଁ । ସେ ଯାହା ହେଉ ମେଜିଷ୍ଟ୍ରେଟ ସାହେବ ଓ କମିଶନରମାନଙ୍କୁ ଏଥିକୁ ଦୃଷ୍ଟି କରିବାର ଉଚିତ ଥିଲା । ବିଶେଷତଃ ଅର୍ଥାଭାବରେ ନଗରର ସଡ଼କ ଇତ୍ୟାଦିର ଯେରୂପ ଦୁରବସ୍ଥା ହୋଇଅଛି ତହିଁ ଦୃଷ୍ଟରେ କେବଳ ନାମ ବଡ଼ କରିବା ପାଇଁ ୧ମ ଶ୍ରେଣୀଭୁକ୍ତ ନ ହୋଇ ୨ୟ ଶ୍ରେଣୀରେ ଥାଇ କାର୍ଯ୍ୟଦ୍ୱାରା ବଡ଼ ନାମର ବା ୧ମ ଶ୍ରେଣୀର ପରିଚୟ ଦେଲେ ଭଲ ହୁଅନ୍ତା । କମିଶନରମାନଙ୍କର ଗତ ଅଧିବେଶନରେ ଆପତ୍ତି ସବୁର ଇଂରେଜୀ ଅନୁବାଦ ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବଙ୍କ ବିଚାରାର୍ଥେ ପ୍ରେରିତ ହେବାର ସ୍ଥିର ହୋଇଅଛି ।

---

## ଆଜ୍ଞାପତ୍ରିକା ମକଦ୍ଦମା ।

ଓଡ଼ିଶାର ନାନାଦି ସ୍ଥାନରେ ନାନାଦିପ୍ରକାର ଆଜ୍ଞାପତ୍ରିକା ପ୍ରତି ବର୍ଷ ବାହାରିବାର ରୀତି ଅଛି । ଆଜ୍ଞାପତ୍ରିକା ପ୍ରଚାର ହେଲାରୁ କି ଧନୀ କି ନିର୍ଦ୍ଧନ କି ଉଚ୍ଚଶ୍ରେଣୀ କି ନୀଚ ଶ୍ରେଣୀ ଯେଉଁମାନଙ୍କର ଜ୍ଞାନ ବୃଦ୍ଧି ହୋଇ ନାହିଁ ମୂର୍ଖତା ଓ କୁସଂସ୍କାର ଲେଶମାତ୍ର ଯାଇ ନାହିଁ ସେମାନେ ଆଜ୍ଞାପତ୍ରିକାକୁ ଶିରୋଧାର୍ଯ୍ୟ କରି ତଦନୁଯାୟୀ କାର୍ଯ୍ୟ କରନ୍ତି ସୁତରାଂ ଆଜ୍ଞାପତ୍ରିକା ବାହାର କରିବା ବ୍ୟକ୍ତିର ଇଷ୍ଟ ସିଦ୍ଧ ହୁଏ । ଯେଉଁମାନଙ୍କର ବୁଦ୍ଧି ଜ୍ଞାନ ହୋଇଅଛି ସେମାନେ ସ୍ୱଭାବତଃ ଆଜ୍ଞାପତ୍ରିକା ମାନନ୍ତି ନାହିଁ ଓ ଲୋକଙ୍କର ଏପରି ମୂଢ଼ତା ଦେଖି ବିରକ୍ତ ହୁଅନ୍ତି ବା ଉପହାସ କରନ୍ତି କିନ୍ତୁ ତାହା ନିବାରଣ ପକ୍ଷରେ କିଛି ଯତ୍ନ କରନ୍ତି ନାହିଁ । ଏବର୍ଷ ସୁଯୋଗକ୍ରମେ ଗୋଟିଏ କାର୍ଯ୍ୟ ହୋଇଅଛି ତାହା ସଫଳ ହେଲେ ଆଜ୍ଞାପତ୍ରିକା ବିସ୍ତୃତି ଦୂର ନିବାରଣ ହେବାର ସମ୍ଭାବନା ସେଥିର ବୃତ୍ତାନ୍ତ ନିମ୍ନେ ଲେଖୁଅଛୁଁ ।

କଟକ ଜିଲା । ପ୍ର । ହରିହରପୁର । ମୌ । ଅଲଙ୍ଗ୍ରୋ ନିବାସୀ ବାବୁ ବ୍ରଜକୁମାର ବୋଷଙ୍କୁ ସେଠା ନିକଟବାସୀ ଶ୍ୟାମ ମହାରଣା ଓ ଫକୀର ଓଝା ଏକ ଆଜ୍ଞାପତ୍ରିକା ଦେଲେ ସେଥିରେ ଦକ୍ଷିଣେଶ୍ୱରୀ ଠାକୁରାଣୀଙ୍କ ଆଜ୍ଞାନୁସାରେ ଲେଖାଅଛି କି ବାବୁ ତାଙ୍କର ଏକ ମଉଜାରୁ ବିବିଧ ବିଧିପୂର୍ବକ ଖଣ୍ଡିଏ ପଥର ଆଣି ଉକ୍ତ ଦୁଇ କାରିଗରଙ୍କଦ୍ୱାରା ନୃସିଂହମୂର୍ତ୍ତିଏ ନିର୍ମାଣ କରାଇବେ ତାଙ୍କ ଘରେ ଯେଉଁ ପାଟସାଢ଼ୀ ଅଛି ତାହା ସେମାନେ ପିନ୍ଧି ମୂର୍ତ୍ତି ପ୍ରସ୍ତୁତ କରିବେ ଓ ଦ ୧୫ ନ ହବିଷ୍ୟ କରିବେ କାହାର ଘରେ ଖାଇବେ ନାହିଁ । ନୃସିଂହ ପ୍ରସ୍ତୁତ ହେଲାରୁ ତାହା ଏକ ପୁଷ୍କରିଣୀ କୂଳରେ ସ୍ଥାପନ ହେବ ଓ ପ୍ରତ୍ୟହ ଦୁଇବେର ଶୀତଳ ଭୋଗ ହେବ ଯଦ୍ୟପି କୁଁଅର ବଙ୍ଗାଳ (ଅର୍ଥାତ୍ ବ୍ରଜକୁମାର ବାବୁ) ଏହା ନ କରିବ କିମ୍ବା କେହି ଏହାକୁ ଉପହାସ କରିବ ତାହାର ବଂଶ ଉଚ୍ଛନ୍ନ ହେବ । ଏହାପରି ସେ ପତ୍ରିକାରେ ଅନେକ କଥା ଲେଖାଅଛି ସ୍ଥାନାଭାବରୁ ସେସବୁ ଲେଖି ନ ପାରିଲୁଁ । ବାବୁ ଆଜ୍ଞାପତ୍ରିକାକୁ ନେଇ ଦୁଇଜଣଙ୍କ ନାମରେ ଉପାର୍ଜନ କରିବା ଅଭିପ୍ରାୟରେ ଦୈବ ଭୟ ଦେଖାଇବା ଅଭିଯୋଗରେ ଦଣ୍ଡବିଧି ଆଇନର ଦ ୫୦୮ ଫାନୁସାରେ ଫଉଜଦାରୀରେ ନାଲିଶ କଲେ । ମକଦ୍ଦମା ଜଏଣ୍ଟ ମେଜିଷ୍ଟ୍ରେଟଙ୍କୁ ଅର୍ପିତ ହୋଇ ଉପର ଲେଖିତ ଦୁଇଜଣଙ୍କୁ ସମନ ହୋଇଅଛି । ଏ ଦଫାରେ ଏକବର୍ଷ ପର୍ଯ୍ୟନ୍ତ କଏଦ ବା ଅର୍ଥଦଣ୍ଡ ବା ଉଭୟ ଦଣ୍ଡର ବିଧି ଅଛି । ଏ ଦରଖାସ୍ତ ଦେଲାବେଳେ ମେଜିଷ୍ଟ୍ରେଟସାହେବ ଏ ଦେଶୀୟ ଲୋକଙ୍କର କୁସଂସ୍କାର ଓ ଅଜ୍ଞାନତାକୁ ଯଥୋଚିତ ଧିକ୍କାର କଲେ ବାସ୍ତବରେ ଏଠାଲୋକ ଏପରି ଧିକ୍କାରର ଭାଜନ ଅଟନ୍ତି । ବ୍ରଜକୁମାର ବାବୁ ଯେ ଅଜ୍ଞଲୋକଙ୍କ ପରି ଭୀତ ନ ହୋଇ ସାହସପୂର୍ବକ ଏ ମକଦ୍ଦମା ଦାଏର କଲେ ଏଥିପାଇଁ ତାଙ୍କର ପ୍ରଶଂସା କରୁଅଛୁଁ । ମକଦ୍ଦମା ବିଚାରାଧୀନ ଥିବାରୁ ଅମ୍ଭେମାନେ ଅଧିକ ସଂକ୍ରାନ୍ତରେ ମତାମତ ପ୍ରକାଶ କରି ନ ପାରିଲୁଁ । ମକଦ୍ଦମା ନିକଟରେ ନିଷ୍ପତ୍ତି ହେବାର ସମ୍ଭବ ।

---

## ମଲ୍ଲଯୁଦ୍ଧ ।

ଗତ ରବିବାର ଏ ନଗର ଦେବଗିରିଙ୍କ ଛାଉଣିରେ ସାଧାରଣ ଲେଦାଦ୍ୱାରା ଦୁଇଜଣ ମାଲର କୁସ୍ତି ହୋଇଥିଲା ଓ ତାହା ଦେଖିବାପାଇଁ ଅନେକଲୋକ ଯାଇଥିଲେ । ଟିକଟ ବିକ୍ରୟକରି ଟଙ୍କା ଆଦାୟ କରିବାର ବନ୍ଦୋବସ୍ତ ଏବଂ ନାନାଶ୍ରେଣୀର ଲୋକଙ୍କ [illegible] କ୍ରୀଡ଼ାସ୍ଥାନକୁ ନେଇଯିବାର ଉତ୍ତମ ଉପାୟ ହୋଇ ନ ଥିବାରୁ ଅନେକଲୋକ ଭିତରକୁ ଯାଇ ପାରିଲେ ନାହିଁ ସୁତରାଂ ଆଶାନୁରୂପ ଟଙ୍କା ଆଦାୟ ହେଲା ନାହିଁ ତଥାଚ ଅତିଅଳ୍ପ ଦରର ଟିକଟ ହୋଇଥିଲେ ସୁଦ୍ଧା ଟ ୨୦।୨୫ ଟଙ୍କା ପର୍ଯ୍ୟନ୍ତ ଆଦାୟ ହୋଇଥିଲା । ଫଳତଃ କୁସ୍ତି ଦେଖିବାକୁ ଏଠାଲୋକଙ୍କର ଯେମନ୍ତ ଉତ୍ସାହ ଓ ତହିଁରୁ ବୋଧ ହୁଏ ଯେବେ କେହି କନସ୍ୱ ସମୟରେ କୁସ୍ତି ଦେଖାଇବାକୁ ବ୍ୟବସାୟ ସ୍ୱରୂପ ଗ୍ରହଣ କରି ତହିଁର ଉତ୍ତମ ବନ୍ଦୋବସ୍ତ କରିବ ତେବେ ଅନାୟାସରେ ତାହା ଚଳି ପାରିବ ଓ ସବୁ ଖର୍ଚ୍ଚ ଉତ୍ତାରୁ ସୁଦ୍ଧା କିଛି ଲାଭ ହେବ ।

ଏଦିନର କୁସ୍ତି ଜଣେ ପଲଟନର ସିପାହି ଓ ପଞ୍ଜାବରୁ ଦୁଇଏକବର୍ଷ ହେଲା ଆସିଥିବା ଜଣେ କୁସ୍ତିଗିର ମଧ୍ୟରେ ହୋଇଥିଲା । ପାରିତୋଷିକ ଦାନ ବିଷୟରେ ଏହି ରହିଥିଲା କି ଟେଦ୍ଦ୍ୱାରା ଯାହା ଲାଭ ହେବ ତହିଁର ତିନିଅଂଶ ଜିଣିବାବ୍ୟକ୍ତି ଓ ଏକଅଂଶ ହାରିବା ବ୍ୟକ୍ତି ପାଇବ । ପଲଟନର ସିପାହି ଅତି ସୁଦୃଶ୍ୟ ମାଲ ଅଟଇ ଓ ପଞ୍ଜାବୀ କିଛି ଖର୍ବାକୃତ ଏମାନଙ୍କୁ ଦେଖି ବୋଧ ହେଲା ସିପାହିରବଳ ଅଧିକ ହେବ ଓ କାର୍ଯ୍ୟରେ ଦେଖାଗଲା ଯେ ପଞ୍ଜାବୀର ଦମ ଅଧିକ । ପ୍ରାୟ ଅର୍ଦ୍ଧଘଣ୍ଟା ଏମାନେ ଯୁଦ୍ଧ କରିଥିଲେ । ପ୍ରଥମେ ପଲଟନିଆ ପଞ୍ଜାବୀକୁ ଦୁଇଥର ତଳକୁ ଆଣିଥିଲା । ପରଶେଷରେ ପଲଟନିଆ ଦମ ରକ୍ଷି ପାରିଲା ନାହିଁ ଓ ପଞ୍ଜାବୀ ତାହାକୁ ଚିତକରି ପକାଇଦେଇ ଜୟଲାଭ କଲା ପଲଟନିଆର ଦୁଇ ଏକ ସ୍ଥାନରେ ସାମାନ୍ୟ ପୀଡ଼ା ମଧ୍ୟ ଜନ୍ମାଇ ଦେଲା ଦର୍ଶକମାନଙ୍କର ଗୋଳମାଳ ହେତୁରୁ କୁସ୍ତି ଭଲରୂପେ ଦେଖାଗଲା ନାହିଁ ଓ ସେହି ଗୋଳମାଳରୁ ବୋଧ ହୁଏ ପରୀକ୍ଷାସୁଦ୍ଧା ଭଲ ହୋଇ ପାରିଲା ନାହିଁ

Digitized by srujanika@gmail.com

Split by PDF Splitter



ଯୁବକେଲେ ଦର୍ଶକମାନେ ମାଲଙ୍କ ଉପରେ ଅଛାଡ଼ ପଡ଼ଲେ ଏଥିରେ ସେମାନଙ୍କର କୌଶଳ ପ୍ରଦର୍ଶନର ଅନେକ ବ୍ୟାଘାତ ହୋଇଥିବ ଯାହାହେଉ ମଲ୍ଲବିଦ୍ୟାରେ ନିପୁଣ ଦୁଇଚାରିଜଣ ମଧ୍ୟସ୍ଥ ନିର୍ଣ୍ଣୟରେ ଥାଇ ସକଳ ବ୍ୟାପାର ଦେଖି ପଞ୍ଜାବିଙ୍କୁ ଜୟୀ କରୁଅଛନ୍ତି ଓ ତହିଁରେ ଆଉ ସନ୍ଦେହ ନାହିଁ ।

କ୍ରୀଡ଼ାସ୍ଥାନରେ ବାବୁ ଗୋଲକଚନ୍ଦ୍ରଘୋଷଙ୍କ ପ୍ରତିପାଳିତ ଦୁଇଜଣ ମଲ୍ଲ ଭ୍ରମଣ କରୁଥିଲେ । ଏମାନେ ଅତ୍ୟନ୍ତ ସୁଗଠିତ ଓ ମଲ୍ଲଙ୍କର ସବୁ ଲକ୍ଷଣ ଏହାଙ୍କଠାରେ ଦେଖାଯାଏ । ବାବୁ ଏମାନଙ୍କୁ କେବଳମାତ୍ର ଭଲ ଖୋରାକ ଦେଇ ରଖିଅଛନ୍ତି ମାତ୍ର ଏହାଙ୍କ ସମସର କେହିମଲ୍ଲ ଲେଟ ନ ପଡ଼ିବାରୁ ଏମାନଙ୍କ କାର୍ଯ୍ୟ କିଛି ଦେଖା ଯାଇ ନାହିଁ । ଆମ୍ଭେମାନେ ଅନୁମାନ କରୁଁ କି ଯେ ସ୍ଥଳେ ଏ ନଗରବାସିଙ୍କର କୁସ୍ତି ପ୍ରତି ଏତେ ଇଚ୍ଛା ଓ ବାବୁ ମଧ୍ୟ ସେମାନଙ୍କ ପ୍ରଧାନ ହୋଇ ଦୁଇମାଲ୍ ପୋଷିଅଛନ୍ତି ତେବେ ସମୟ ସମୟରେ ସେମାନଙ୍କର କ୍ରୀଡ଼ା ଦେଖାଇବାକୁ ମନ ନ ବଳାଇ କେବଳ ତାହାଙ୍କୁ ପୋଷି ରଖିବା ଭଲ ହୋଇ ନାହିଁ । ବାବୁ ଯେମନ୍ତ କୁସ୍ତି ଦେଖିବାରେ ଅନୁରକ୍ତ ଏବ ତହିଁପାଇ ଅନେକ ଟଙ୍କା ବ୍ୟୟ କରୁଅଛନ୍ତି ଯେବେ ଏ ନଗରରେ ସମୟ ସମୟରେ କୁସ୍ତି ପ୍ରଦର୍ଶନର ଯୋଗ୍ୟ ଉପାୟ କରିଦେଇ ପାରନ୍ତି ତେବେ ତାହାଙ୍କ ଯୋଗେ ସର୍ବସାଧାରଣ କୁସ୍ତି ଦେଖି ଅନେକ ସୁଖ ଅନୁଭବ କରିବେ ଏବ ଏଠାରେ କୁସ୍ତିର ଚର୍ଚ୍ଚା ଦିନ୨ ଅଧିକ ହେବ ।

---

ହ୍ୱିଗ୍ଲସ୍ଟୃର ଉନ୍ନତିସାଧନ ।

ହାଇକୋର୍ଟର ନୂତନ ପ୍ରଧାନ ଜଜ ସର୍‌ରିଚର୍ଡଗାର୍ଥ ଅଳ୍ପଦିନ ହେଲା ଏଦେଶକୁ ଆସିଲେ ଦେବାନି କଚେରୀ ସମ୍ପର୍କୀୟ ସମସ୍ତ ନିୟମକୁ ସୁଦକ୍ଷରୂପେ ଅବଗତ ହୋଇ ଏଥିମଧ୍ୟରେ ତହିଁର ସଂଶୋଧନ ନିମନ୍ତେ ଚେଷ୍ଟିତ ହେଲେଣି । ତାହାଙ୍କର ଏରୂପ ଚେଷ୍ଟା ଦେଖି ଆମ୍ଭେମାନେ ତାହାଙ୍କର ପ୍ରଶଂସା ନ କରି କ୍ଷାନ୍ତ ହୋଇ ନ ପାରୁଁ ଓ ତାହାଙ୍କ ପ୍ରସ୍ତାବମାନ କାର୍ଯ୍ୟରେ ପରିଣତ ହେଉ ବା ନ ହେଉ ସେ ଯେ ଆପଣା କର୍ତ୍ତବ୍ୟ ସାଧନରେ ତତ୍ପର ହୋଇଅଛନ୍ତି ଏ ଅତ୍ୟନ୍ତ ଆନନ୍ଦର ବିଷୟ ଅଟଇ । ପ୍ରଚଳିତ ବିଚାରକାର୍ଯ୍ୟରେ ସେ ଯେ ସମସ୍ତ ଦୋଷ ଦେଖାଇଅଛନ୍ତି ତାହା ସର୍ବପ୍ରକାରରେ ପ୍ରକୃତ ଅଟଇ ଓ ସେସବୁର ପ୍ରତୀକାର ନ ହେବା ପର୍ଯ୍ୟନ୍ତ ଯେ ବିଚାରପ୍ରଣାଳୀ ବିଶୁଦ୍ଧ ହେବ ନାହିଁ ଏକଥା ବୋଲିବା ବାହୁଲ୍ୟ । ଇଂରାଜଙ୍କ ଶାସନର ପ୍ରଧାନ ସୁଖ୍ୟାତି ଏହାଙ୍କର ଉତ୍କୃଷ୍ଟ ବିଚାର ପ୍ରଣାଳୀ ଅଟଇ । ଯେବେ ଏଥିରେ କୌଣସି କଳଙ୍କ ନ ରହିଲା ତେବେ ଆଉ ଦୋଷମାନ ସାମାନ୍ୟ ବୋଧ ହେବ ମାତ୍ର ଅବଧି ବିଚାର ଶାଖାର କାର୍ଯ୍ୟରେ ଅନେକ ଦୋଷ ଅଛି ଓ ସର୍‌ରିଚର୍ଡ ଗାର୍ଥଙ୍କର ପ୍ରସ୍ତାବ ଗବର୍ଣ୍ଣମେଣ୍ଟ ଗ୍ରହଣ କଲେ ଏ ଶାଖା ଅନେକାଂଶରେ ପରିମାର୍ଜିତ ହେବ ।

ବିଚାରପ୍ରଣାଳୀର ଦୋଷ ମଧ୍ୟରେ ଅପିଲର ନିୟମଟିକୁ ସର୍‌ରିଚର୍ଡ ଅଧିକ କରି ଦେଖି ଅଛନ୍ତି ଓ ଏଥିରେ ସେ ଦୁଇଗୋଟି ଦୋଷ ଦେଖାଇଅଛନ୍ତି ଯଥା—ପ୍ରଥମ ଖାସଅପିଲର ଆଇନ ଓ ଦ୍ୱିତୀୟ ମୋଫସଲ ଅପିଲ ଅଦାଲତମାନଙ୍କର ଦୁର୍ବଳତା । ଖାସ ଅପିଲ ପକ୍ଷରେ ସେ କହିଅଛନ୍ତି କି ଏଥିରେ ଅନେକ ସମୟ ଟଙ୍କା ଓ ବିଚାର ଅକାରଣ ବ୍ୟୟ ହୁଅଇ ଓ ମାମଲତକାରମାନେ ପ୍ରତାରିତ ହୁଅନ୍ତି ଓ ହାଇକୋର୍ଟ ଏଥିରେ ସମୟ୨ରେ ଅନେକ ଅସୁବିଧାରେ ପଡ଼ନ୍ତି । ମାତ୍ର ମୋଫସଲ ଅଦାଲତର ଦୁର୍ବଳତା ଅତ୍ୟନ୍ତ ଗୁରୁତର ଦୋଷ ଅଟଇ । ଅପିଲ ଅଦାଲତର ମୂଳ ତାତ୍ପର୍ଯ୍ୟ ଏହି ହେଉଅଛି ଯେ ତାହା ପ୍ରଥମ ଅଦାଲତରୁ ଅନେକ ଉତ୍କୃଷ୍ଟ ହେବ ଓ ପ୍ରଥମ ଅଦାଲତର ଭ୍ରମମାନ ସଂଶୋଧନ କରିବା ନିମନ୍ତେ ବଳବାନ୍ ହେବ । ଯଦ୍ୟପି ତାହା ନ ହେଲା ତେବେ ଏରୂପ ଅଦାଲତଦ୍ୱାରା ଭଲ ନ ହୋଇ ବରଂ ମନ୍ଦ ହୁଅଇ ।

ବୃତ୍ତାନ୍ତଘଟିତ ବିଷୟ ବିଚାରରେ ପ୍ରଥମ ଅଦାଲତ ସ୍ୱୟଂ ସାକ୍ଷିମାନଙ୍କ କଥା ଶୁଣିବାରୁ ଓ ଇଚ୍ଛାମତେ ତାହାଙ୍କ ପ୍ରଶ୍ନ କରିବାକୁ ସମର୍ଥ ହେବାରୁ ଅପିଲ ଅଦାଲତରୁ ଏଥିରେ ଅଧିକ ସୁଯୋଗ ଅଛି । ଅପିଲ ଅଦାଲତ କେବଳ ଉକ୍ତ ଅଦାଲତର ଅମଲା ହାତରେ ଅସମ୍ପୂର୍ଣ୍ଣ ରୂପେ ଲେଖା ହୋଇଥିବା ଯୋବାନବନ୍ଦୀ ପଢ଼ି ବିଚାର କରନ୍ତି । ଅପିଲ ଅଦାଲତ ପ୍ରଥମ ଅଦାଲତରୁ ଅତ୍ୟନ୍ତ ଗୁଣବନ୍ତ ନ ହେଲେ ପ୍ରଥମ ଅଦାଲତରେ ଅଧିକ ସୁବିଚାର ହେବାର ସମ୍ଭାବନା । ଏହିସମସ୍ତ ବିଚାରରେ ବର୍ତ୍ତମାନର ଅପିଲ ଅଦାଲତକୁ ସର୍‌ରିଚର୍ଡ ଦୋଷଯୁକ୍ତ ଜ୍ଞାନ କରିଅଛନ୍ତି ଓ ଆପଣା ମତ ପୋଷକତାରେ ଅନେକ ବିଚକ୍ଷଣ ବ୍ୟକ୍ତିଙ୍କ ମତର ଉଲ୍ଲେଖ କରିଅଛନ୍ତି । ସମସ୍ତଙ୍କ ମତରୁ ଏହି ଜଣାଯାଏ ଯେ ଉକ୍ତ ଅଦାଲତର ବିଚାର ଅପିଲ ଅଦାଲତଠାରୁ ଉତ୍କୃଷ୍ଟ ଅଟଇ ଓ ତହିଁର ପ୍ରଧାନ ହେତୁ ଏହି ଯେ ଉକ୍ତ ଅଦାଲତରେ ଯେଉଁମାନେ ନିଯୁକ୍ତ ହେଉଅଛନ୍ତି ସେମାନେ ଅଗେ ଆଇନ ଶିକ୍ଷା କରି ପରୀକ୍ଷା ଦେଇ କିଛିକାଳ ଓକାଲତି କରି ତହୁଁ ଉତ୍ତାରୁ ମୁନସଫ ହୋଇ କ୍ରମେ ସବ୍‌ଜଜ ପର୍ଯ୍ୟନ୍ତ ଉଠିଅଛନ୍ତି ମାତ୍ର ଅପିଲ ଅଦାଲତରେ ଯେଉଁମାନେ ଜଜ ହୁଅନ୍ତି ସେମାନେ ଦେବାନି ବିଚାର କାର୍ଯ୍ୟ କିଛି ଜାଣନ୍ତି ନାହିଁ ପ୍ରଥମେ ଆସି ସେହିଠାରେ ଶିକ୍ଷା କରନ୍ତି । ଏପରି ନୂତନ ଲୋକର ବିଚାର କିରୂପେ ପ୍ରଥମ ଅଦାଲତର କର୍ମଚାରୀଙ୍କଠାରୁ ଭଲ ହେବ ? ସୁତରାଂ ଅପିଲର ନିୟମଟି ବିଡ଼ମ୍ବନା ଅଟଇ ଓ କେବଳ ହାଇକୋର୍ଟକୁ ଯିବାର ଦ୍ୱାରସ୍ୱରୂପ ହେବାରୁ ମାମଲତକାରମାନେ ମୋଫସଲ ଅଦାଲତକୁ ଯାନ୍ତି । ଏଥିରେ ସୁଦ୍ଧା ଧନୀଲୋକର ଲାଭ ଓ ଦରିଦ୍ରର କ୍ଷତି ହୁଅଇ ।

ଏଥି ପାଇଁ ସର୍ ରିଚର୍ଡ ଗାର୍ଥ ସାହେବ ପ୍ରସ୍ତାବ କରିଅଛନ୍ତି ଯେ ବର୍ତ୍ତମାନ ଅପିଲ ଅଦାଲତ ପରିବର୍ତ୍ତରେ ଅପିଲ ବେଞ୍ଚସ୍ଥାପନ କରିବାର ଆବଶ୍ୟକ ଏ ପ୍ରସ୍ତାବ ଏ ମହାଶୟ ବାହାର କରି ନାହାନ୍ତି ପୂର୍ବେ କେତେକ ଲୋକ ଏହିପରି ମତ ବ୍ୟକ୍ତ କରିଅଛନ୍ତି ତନ୍ମଧ୍ୟରେ ସର୍ ରିଚର୍ଡ ଟେମ୍ପଲ ସାହେବଙ୍କ ପ୍ରସ୍ତାବକୁ ପ୍ରଧାନ ଜଜ ମହାଶୟ ଅବଲମ୍ବନ କରିଅଛନ୍ତି ତାହା ଏହି ଯେ କେତେ ଗୁଡ଼ାଏ ଅପିଲ ଅଦାଲତ ମୋଫସଲରେ ସ୍ଥାପିତ ହେବ ଓ ପ୍ରତ୍ୟେକ ଏପରି ସ୍ଥାପିତ ହେବା ଅଦାଲତରେ ଜଣେ ସିଭିଲସ୍ୟାନ ଜଜ ଓ ଜଣେ ଦେଶୀୟ ଜଜ ଲେଖାଏଁ ନିଯୁକ୍ତ ହେବେ । ଏମାନେ ଏକତ୍ରରେ ବସି ଅପିଲ ମକଦ୍ଦମାସବୁ ନିଷ୍ପତ୍ତି କରିବେ । ସର୍ ରିଚର୍ଡ ବୋଲନ୍ତି କି ଉପରଲିଖିତ ଦୁଇ ଜଜଙ୍କ ସହିତ ଜଣେ ବାରିଷ୍ଟର ଜଜ ମିଶାଇଲେ ଆହୁରି ଭଲ ହେବ । ଏପରି ତିନି ଜଜର ଅଦାଲତର ଦୁଇ ଜଜର ଅଦାଲତଠାରୁ ଅବଶ୍ୟ ଉତ୍କୃଷ୍ଟ ହେବ ସନ୍ଦେହ ନାହିଁ ମାତ୍ର ବର୍ତ୍ତମାନ ନିମନ୍ତେ ଉପର ଲିଖିତ ଦୁଇଜଜର ଅଦାଲତ ପରୀକ୍ଷାସ୍ୱରୂପ ବସିଲେ ମଧ୍ୟ ଅନେକ ସନ୍ତୋଷର ବିଷୟ ହେବ । କେବଳ ଏତିକି ଦେଖିବାର ଉଚିତ କି ଯେମନ୍ତ ପ୍ରଚୁର ପରିମାଣରେ ଉତ୍ତମ ଜଜ ପ୍ରାପ୍ତ ହେବ । ସିଭିଲସ୍ୟାନ ଜଜ ଦେଶୀୟ ଜଜଠାରୁ ଅଧିକ ଦର-

Digitized by srujanika@gmail.com

ଯୁକ୍ତ ନ ହେଲେ ଉତ୍ତମରୂପେ କାର୍ଯ୍ୟ ଚଳିବ ନାହିଁ ଏବଂ ଉଭୟ ଜଜଙ୍କ ବେତନରେ ଏପରି ସମତା ଥିବ କି ଯେମନ୍ତ ଦେଶୀୟ ଜଜ ଆପଣାକୁ ଅଧୀନ ଜ୍ଞାନ ନ କରିବ ଓ ସ୍ୱାଧୀନରୂପେ ସିଭିଲିୟାନ ଜଜର ସମାନସ୍କନ୍ଧ ହୋଇ କାର୍ଯ୍ୟ କରିବ ।

ଆମ୍ଭମାନଙ୍କ ବିବେଚନାରେ ଏପ୍ରକାର ଅପିଲ ଅଦାଲତ ସ୍ଥାପନ କରି ତହିଁର ଫଳାଫଳ ଦେଖିବାର ଉଚିତ ଏହାଦ୍ୱାରା ଢେର ଉପକାର ହେବ ସନ୍ଦେହ ନାହିଁ । ଏପରି ଅଦାଲତ ସବୁର କ୍ଷମତା ବିଷୟରେ ମଧ୍ୟବର୍ତ୍ତୀ ଗାର୍ଥ ସାହେବ କେତେକ ପ୍ରସ୍ତାବ କରିଅଛନ୍ତି ମାତ୍ର ତହିଁର ଉଲ୍ଲେଖ ଆମ୍ଭେମାନେ ବର୍ତ୍ତମାନ କରିବାର ପ୍ରୟୋଜନ ଦେଖୁ ନାହୁଁ । ଯେତେବେଳେ ଏ ପ୍ରସ୍ତାବାନୁସାରେ ଗବର୍ଣ୍ଣମେଣ୍ଟ କାର୍ଯ୍ୟ କରିବାକୁ ସମ୍ମତ ହେବେ ତେତେବେଳେ ସେ ବିଷୟର ଆନ୍ଦୋଳନ କରିବାର ଯଥାର୍ଥ ସୁଯୋଗ ହେବ ।

## ସାପ୍ତାହିକସଂବାଦ ।

ଗତ ବୁଧବାର ପ୍ରାତଃକାଳରେ ଏନଗରରେ ଛଅଘଣ୍ଟା ପର୍ଯ୍ୟନ୍ତ ଭାରି ବର୍ଷା ହୋଇଥିଲା ଏଥିରେ ଗଡ଼ିୟା ପୋଖରୀ ସବୁରେ ଜଳ ହୋଇଅଛି ଓ ଏପରି ବର୍ଷା ଏ ବର୍ଷଯାକ ହୋଇ ନାହିଁ ।

ଦଶହରା କଚେରୀ ବନ୍ଦ ଉପଲକ୍ଷରେ କଣ୍ଟ୍ରୋଲର ଜେନରଲ ସାହେବ ଆଜ୍ଞା ଦେଇଅଛନ୍ତି କି ଖେଜରୀ ବନ୍ଦ ହେବା ପୂର୍ବଦିନ ସବୁ ମହକୁମାର ଅମଲାମାନଙ୍କ ବେତନ ଦିଆଯାଇ ପାରିବ ଅତଏବ ଦଶହରା ଖର୍ଚ୍ଚ ସକାଶେ ଅମଲାମାନେ ହରବର ହେବେ ନାହିଁ ।

ଇଣ୍ଡିୟାନ କ୍ଷେତ୍ରମାନରେ ଲେଖାଅଛି ଯେ ରୁଯା ଅଲସାହା ନାମରେ ଏକ ଫକୀର ଆସି ଅମିନାବାଦରେ ଗୋଟାଏ ଭଲଘର ଭଡ଼ା ନେଇ ରହିଅଛି । ସେ କେବଳ ଚର୍ମପାଦୁକା ପ୍ରହାରଦ୍ୱାରା ସବୁରୋଗ ଭଲ କରିବାର ଶକ୍ତି ରଖଇ ବୋଲି ପ୍ରକାଶ କରିଅଛି । ଅନେକ ରୋଗୀ ଏ ଚିକିତ୍ସା ଗ୍ରହଣ କରିଅଛନ୍ତି ଏବଂ ଆଶ୍ଚର୍ଯ୍ୟର ବିଷୟ ଯେ ପ୍ରାୟ ସମସ୍ତେ ଉକ୍ତ ଶାନ୍ତି ରୋଗ ଭଲ ହେବାର କହୁ ଅଛନ୍ତି । ଦିଲ୍ଲୀର ନବୋଗ୍ ବେବଲ ବଡ଼ ଟାଣ ଯୁଦ୍ଧା ବୋଲି ଆମ୍ଭେମାନେ ଜାଣିଥିଲୁଁ କିନ୍ତୁ ଯୋଗ୍ୟଲୋକର

ହାତରେ ପଡ଼ିଲେ ତହିଁର ଗୁଣ ଏପରି ହୁଅଇ ବୋଲି ଜଣା ନ ଥିଲା । ଏ ମହାଶୟ ଭାରତବର୍ଷର ସକଳ ସ୍ଥାନରେ କିଛିକାଳ ଲେଖାଏଁ ରହି ଚିକିତ୍ସା କଲେ ଭଲ ହୁଅନ୍ତା ।

ମଧ୍ୟପ୍ରଦେଶର ପ୍ରଧାନ କମିଶନର ଶ୍ରୀଯୁକ୍ତ ମାରିସ ସାହେବ ଚଳିତ ମାସ ତା ୨ ରଖରେ ଜବଲପୁର ବାଟେ ସିମଲାକୁ ଯାଇଅଛନ୍ତି ।

ବ୍ରହ୍ମଦେଶରେ ଏକପ୍ରକାର ବେଙ୍ଗ ଅଛନ୍ତି ସେମାନେ ଗଛରେ ବସା କରି ରହନ୍ତି । ଏହାଙ୍କ ବସା ଚଢ଼େଇଙ୍କ ପରି ନୁହେ ମାତ୍ର ଏକପ୍ରକାର ଲୁମ୍ବାଟିଆ ବସା ପରି । ଏମାନଙ୍କ ଡିମ୍ବ ଏକପ୍ରକାର ଅଠାରେ ପାଣିଉପରକୁ ବଢ଼ି ଆସିଥିବା ଗଛ ଡାଳରେ ଲାଗି ରହିଥାଏ ସୂର୍ଯ୍ୟ ଉତ୍ତାପରେ ଡିମ୍ବ ଫୁଟି ଛୁଆ ବାହାରିଲା ମାତ୍ରକେ ପାଣିରେ ଖସି ପଡ଼େ ଓ କିଛି ପରିବର୍ତ୍ତନ ପୂର୍ବକ ବେଙ୍ଗର ପୂରୁଣା ଅବସ୍ଥାକୁ ପ୍ରାପ୍ତ ହୁଅଇ ।

ଗତ ଯୁଲାଇ ମାସରେ ବମ୍ବେଇରୁ ୪୫୦୦୦ ବସ୍ତା କପା ନାନାସ୍ଥାନକୁ ରପ୍ତାନି ହୋଇଅଛି । ଏଥିର ମୂଲ୍ୟ ପ୍ରାୟ ସାଢ଼େ ସଇଁତିଶଲକ୍ଷ ଟଙ୍କା ଅଟଇ ।

ହିନ୍ଦୁପେଟ୍ରିଅଟ ଲେଖନ୍ତି ଯଥା;—ହିରାତର ଗବର୍ଣ୍ଣର କାବୁଲର ଅମିରଙ୍କ ନିକଟକୁ ସମ୍ବାଦ ପଠାଇଅଛନ୍ତି ଯେ ରୁଷୀୟମାନେ ଆଗାମୀ ଶୀତକାଳରେ ମର୍ବ ନଗରକୁ ଆକ୍ରମଣ କରିବା ଓ ସେହି ଦଗକୁ ଅଗ୍ରସର ହେବା ଅଭିଳାଷରେ ବୃହତ୍ ଆୟୋଜନ କରିଅଛନ୍ତି ଏବଂ ଅନେକ ଖାଦ୍ୟସାମଗ୍ରୀ ଓ ଯୁଦ୍ଧର ଉପକରଣମାନ ସଂଗ୍ରହ କରୁଅଛନ୍ତି । ତୁର୍କୋମାନ ଜାତୀୟ ଲୋକମାନେ ଏସମସ୍ତ ବ୍ୟାପାର ଦେଖି ଭୀତ ହୋଇ ତାଙ୍କଠାରେ ସାହାଯ୍ୟ ପାଇଁ ଅତ୍ୟନ୍ତ ବିନୟ କରୁଅଛନ୍ତି ।

ଏ ବର୍ଷ ବଙ୍ଗପ୍ରଦେଶରେ ନୀଳର ଫସଲ ଅତ୍ୟନ୍ତ ମନ୍ଦ ହେବାର ଜଣା ଯାଏ ଓ ଏଥିରେ କେତେକେତେ କୋଠି ବସିଯିବାର ସମ୍ଭାବନା ଅଛି ।

ହିନ୍ଦୁପେଟ୍ରିଅଟ୍ ବୋଲନ୍ତି ଯେ ସର୍ ରିଚାର୍ଡ଼ ଟେମ୍ପଲ ଶୀଘ୍ର କର୍ମ ତ୍ୟାଗ କରିବାର ଜନରବ ଅମୂଳକ ଅଟଇ । ତାହାଙ୍କର ଶରୀର ସବଳ ଅଛି ଓ ଶୀଘ୍ର କର୍ମ ଛାଡ଼ିଦେବାର ପ୍ରବର୍ତ୍ତକ କିଛି ନାହିଁ ।

ଭୁପାଲର ବେଗମ ଲଣ୍ଡନ ନାସନଲ ଇଣ୍ଡିୟାନ ସଭାର ସହକାରୀ ସଭାପତି ପଦରେ ନିଯୁକ୍ତ ହେବାକୁ ଅଙ୍ଗୀକାର କରିଅଛନ୍ତି ଏବଂ ଉକ୍ତ ସଭାକୁ ଅନେକ ଟଙ୍କା ଦାନ କରିଅଛନ୍ତି ।

ଦୁର୍ଗୋତ୍ସବ ପର୍ବ ସମୟରେ ସରକାରୀ କଚେରିମାନ କେବଳ ଦ ୫ ନ ବନ୍ଦ କରିବା କାରଣ ଚେମ୍ବର ଅବ କମର୍ଶ ବଙ୍ଗଲାର ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କଠାରେ ପ୍ରସ୍ତାବ କରିଥିଲେ ମାତ୍ର ତାହା ଉଚିତରୂପେ ଅଗ୍ରାହ୍ୟ ହୋଇଅଛି ବର୍ଷରେ ଦ ୧୨ ନ ମାତ୍ର ଅବସର ଓ ତହିଁରେ ପୁଣି ଏତେ ଆପତ୍ତି ଦେବା ! !

ବିଜ୍ଞାପନ ।

ପୂର୍ବେ ଗବର୍ଣ୍ଣମେଣ୍ଟ କର୍ତ୍ତୃତ୍ୱାଧୀନରେ ଥିବା ଓଡ଼ିୟା ନୀତିକଥା ଭୂଗୋଳ ଇତିହାସ ଓ ଅନ୍ୟାନ୍ୟ ସ୍କୁଲ ବ୍ୟବହାରୋପଯୋଗୀ କେତେ ସଂଖ୍ୟକ ପୁସ୍ତକ ( ୫୦୦୦ କପିରୁ ଅଧିକ ହେବ) ଆଗାମୀ ଅକ୍ଟୋବର ମାସ ତା ୫ ରଖଠାରୁ କଟକ ନର୍ମାଲ ସ୍କୁଲରେ ନିଲାମ ହେବାକୁ ଆରମ୍ଭ ହେବ ।

କଟକ
ତା ୭ ଇଖ ସେପ୍ଟେମ୍ବର
ସନ ୧୮୭୬ ମସିହା

*Joint Inspector.*

NOTICE.

A large number of Oriya Nitikatha, Geography, History and other school books, more than 5000 copies in all, belonging to the late Government Agency will be sold by public Auction at the Cuttack Normal Scool. The sale of the books will commence on 5th. October 1876.

N. K. Das
Joint Inspector of schools
Orissa Dn.

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ନାରାୟଣ ନାୟକ | କଟକ ବକ୍ସୀ | ଟ | ୨୲ |
| „ ଶିବପ୍ରସାଦ ସିଂହ | ଯାଜପୁର | „ | ଟ ୬୲ |
| „ ଲକ୍ଷ୍ମଣଚରଣ ବୋଷ | ପିପଲି | „ | ଟ ୭୲୰ |
| „ ମାଦଳୀ ବିଶ୍ୱାସୀ | ବାଲେଶ୍ୱର | „ | ଟ ୫।/ |
| „ ଚିନ୍ତାମଣି ଯାଚକ | କଟକ | „ | ଟ ୨୲ |
| „ ହରବଲ୍ଲଭ ଘୋଷ | „ | „ | ଟ ୬୲ |
| „ ଗିରିଧାରି ମହାନ୍ତି | „ | „ | ଟ ୨୲ |

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୧ଶ } ତା ୨୨ରଖ ସେପ୍ଟେମ୍ବର ସନ ୧୮୭୭ ମସିହା । ମୁ । ଆଶ୍ୱିନ ୭ ଦିନ ସନ ୧୨୮୪ ସାଲ ଶନିବାର { ଅଗ୍ରିମ ବାର୍ଷିକମୂଲ୍ୟ ଟ୨।
ସଂଖ୍ୟା ୩୯ } { ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୨।
{ ମଫସଲପାଇଁ ଡାକମାସୁଲ ଟ୧୫୵

ବଙ୍ଗଳାର ବାର୍ଷିକ ମହାପର୍ବ ଉପସ୍ଥିତ । ଆଜି ପଞ୍ଚମୀ ସମସ୍ତ ସରକାରୀ କାର୍ଯ୍ୟାଳୟ ଆଜିଠାରୁ ବନ୍ଦ । ମୋଫସଲବାସୀ ଅମଲା ଓ ମାମଲତକାର ପ୍ରଭୃତି ସମସ୍ତେ ଘରକୁ ଯିବାକୁ ବ୍ୟସ୍ତ ବଜାରରେ ମେଵା ଓ ଲୁଗା ଦୋକାନରେ ମହାଭିଡ଼ ପଡ଼ିଅଛି । କେତେଲୋକ ଘରକୁ ବାହାରି ଗଲେଣି ଓ କେତେ ଲୋକ ଶୀଘ୍ର ଯାଇ ପାରୁ ନାହାନ୍ତି ବୋଲି ବିରକ୍ତ ହୋଇ କାର୍ଯ୍ୟ ଶେଷ କରୁଅଛନ୍ତି । ସମସ୍ତଙ୍କ ମନରେ କେବଳ ପର୍ବ ରକ୍ଷାର ଚିନ୍ତା । ଅପର କଥାରେ ମନ ନାହିଁ ଓ ପର୍ବ ଅନୁରୋଧରେ ଅତି ସାବଧାନ ବ୍ୟକ୍ତି ସୁଦ୍ଧା ଦୁଇପଇସା ଅଧିକା ବ୍ୟୟ କରିବାକୁ କାତର ହେଉ ନାହିଁ । ଆମ୍ଭେମାନେ ଗତସପ୍ତାହର ଅଙ୍ଗୀକାର ମତେ ଅଦ୍ୟ ପାଠକଙ୍କ ସହିତ ସାକ୍ଷାତ କରିବାକୁ ଆସିଲୁଁ ଓ ସପ୍ତାହର କାର୍ଯ୍ୟ ନିୟମିତରୂପେ ତାହାଙ୍କ ଗୋଚରରେ ଉପସ୍ଥିତ କଲୁଁ ମାତ୍ର ଆମ୍ଭମାନଙ୍କ ସହିତ ଆଲାପ କରିବାକୁ ବସିଲେ ପଛେ ପର୍ବ ରକ୍ଷାରେ ବ୍ୟାଘାତ ହୁଅଇ ଏଣୁ ଆମ୍ଭେମାନେ ଅଧିକ କହିବାକୁ ସାହସ ନ କରି ସର୍ବସାଧାରଣ ସହିତ ଏ ମହା ପର୍ବରେ ଆମୋଦ ପ୍ରମୋଦ କରିବାପାଇଁ ବିଦାୟ ହେଲୁଁ । ଆମ୍ଭେମାନେ ଏହି ପ୍ରାର୍ଥନା କରୁଁ ଯେ ପାଠକମାନେ ଅପର ସାଧାରଣଙ୍କ ପରି ଆପଣା ପରିବାର ଓ ବନ୍ଧୁ କୁଟୁମ୍ବ ସହିତ ସହବାସ ଓ ଆମୋଦ ପ୍ରମୋଦରେ ଏ ସୁଖସମୟକୁ ଅତିବାହିତ କରନ୍ତୁ ଓ ନାନାପ୍ରକାର କ୍ରୀଡ଼ା ରଙ୍ଗରେ ଏ ଅବସର କାଳକୁ ଶେଷ କରି ସୁସ୍ଥିରଶରୀର ଓ ପ୍ରଫୁଲ୍ଲମନରେ ଆପଣାର କାର୍ଯ୍ୟରେ ନିୟମିତରୂପେ ପୁନର୍ବାର ନିଯୁକ୍ତ ହେଉନ୍ତୁ । ଏହି ବାର୍ଷିକ ମହାପର୍ବ ଓ ଉତ୍ସବକାଳରେ ଯେମନ୍ତ ସମସ୍ତେ ଅସୀମ ଆନନ୍ଦ ଉପଭୋଗ କରନ୍ତୁ ଓ କୌଣସିପ୍ରକାର ବ୍ୟାଘାତ ବା କ୍ଳେଶ ତାହାର ମନରେ ସ୍ଥାନ ନ ପାଉ ।

---

ଶ୍ରୀଯୁତ କଲ୍‌ଭିନସାହେବଙ୍କ ସମ୍ପର୍କରେ ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ ଯେ ଗତ ଅଗଷ୍ଟମାସର ନିର୍ଦ୍ଧାରଣପତ୍ରଦ୍ୱାରା ଲେପ୍‌ଟେନେଣ୍ଟ ଗବର୍ଣ୍ଣର ତାହାଙ୍କୁ କର୍ମରୁ ବରଖାସ୍ତ କରିଅଛନ୍ତି ମାତ୍ର ବର୍ତ୍ତମାନ ଜଣାଗଲାଯେ ଏ ସମ୍ବାଦଟି ମିଥ୍ୟା ଅଟଇ । କଲ୍‌ଭିନସାହେବ ଅବଶ୍ୟ କର୍ମରେ ଅଛନ୍ତି ଏବଂ ଉକ୍ତ ନିର୍ଦ୍ଧାରଣଟି ପ୍ରକୃତ ଗବର୍ଣ୍ଣମେଣ୍ଟ ନିର୍ଦ୍ଧାରଣପତ୍ର ନୁହଇ ତାହା କେହି ରସିକ ଲୋକର ବ୍ୟଙ୍ଗୋକ୍ତି ଅଟଇ । ସେ ଏମନ୍ତ କୌଶଳପୂର୍ବକ ଲେଖିଥିଲେ ଯେ ପ୍ରଥମେ କେହି ତାହାକୁ ରହସ୍ୟ ବୋଲି ଠଉରାଇ ପାରିଲେ ନାହିଁ କାରଣ ରହସ୍ୟ ଭାବରେ ଯାହା ବାହାରିଥିଲା ତାହାର ଲୋକଙ୍କର ଆନ୍ତରିକ ଆଶା ସୁତରାଂ ମନକଥା ବାହାର ପଡ଼ିଲାରୁ ତହିଁର ପ୍ରକୃତତା ପ୍ରତି ଦୃଷ୍ଟି ନ ରଖି ଏକାବେଳକେ ନାଚି ଉଠିଲେ ।

---

ସଦାବର୍ତ୍ତ ମଠର ଅପବ୍ୟୟ ସମ୍ପର୍କରେ ଆମ୍ଭେମାନେ ଦୁଇଖଣ୍ଡି ପତ୍ର ଏ ସପ୍ତାହରେ ପାଇ ଅଛୁଁ । ମାତ୍ର ସେ ସବୁ ପ୍ରକାଶ କରିବାର ପ୍ରୟୋଜନ ଦେଖୁ ନାହୁଁ । ଗୋପାଳତିଥି ମଠର ମହନ୍ତ ଅପବ୍ୟୟ କରୁଥିବା କଥିତରେ ତାହାଙ୍କୁ ମହନ୍ତାଇରୁ ଅପସାରିତ କରିବାପାଇଁ ନମ୍ବର ନାଲିଶ ହୋଇଅଛି ଏବଂ ଏହିପରି ମୋକଦ୍ଦମା ଅନ୍ୟାନ୍ୟ ମଠର ମହନ୍ତଙ୍କ ନାମରେ ଉପଯୁକ୍ତ କାରଣ ଥିଲେ ଚଳପାରେ ଏଥିରେ ବାଧା ନାହିଁ । ସଦାବର୍ତ୍ତମଠର କାର୍ଯ୍ୟ ଉତ୍ତମ ରୂପେ ନିର୍ବାହ ହେଉ ଏମନ୍ତ ଯେଉଁମାନେ ଆଶା କରନ୍ତି ଓ ଅପବ୍ୟୟ ନିବାରଣ ପକ୍ଷରେ ଯେଉଁମାନେ ଦୃଢ଼ରୂପେ ଚେଷ୍ଟିତ ଅଛନ୍ତି ସେମାନଙ୍କର ଉଚିତ ଯେ ସନ ୧୮୬୩ ମସିହାର ୨୦ ଆଇନ ଭଲରୂପେ ପାଠକରନ୍ତୁ ଏବଂ ଉପସ୍ଥିତ ମୋକଦ୍ଦମାର କାଗଜପତ୍ରର ନକଲ ଅଦାଲତରୁ ନେଇ ସବିଶେଷ ଅବଗତ ହେଉନ୍ତୁ ତାହା ହେଲେ ସେମାନେ ଆପଣା କର୍ତ୍ତବ୍ୟ ବୁଝି ପାରିବେ ଆମ୍ଭେମାନେ ପତ୍ରଦ୍ୱାରା ସବିଶେଷ ଅବଗତ କରାଇ ନ ପାରୁଁ କାରଣ ସ୍ଥାନ ଅଭାବ ଓ ଅବକାଶ ଉଭୟର ଅଭାବ ଅଛି ।

---

ଗତସପ୍ତାହରେ ପୁରୀ ଓ ଖୋରଧାରେ ଉତ୍ତମ ବୃଷ୍ଟି ହୋଇ ଅଛି ଓ ଏହାଦ୍ୱାରା ବର୍ତ୍ତମାନ ଅବସ୍ଥାରେ ଯେତେଦୂର ସମ୍ଭବ ଫସଲର ଉପକାର ହୋଇ ଅଛି । ଶୁଣାଯାଏ ଯେ କମିଶନର

Digitized by srujanika@gmail.com

Split by PDF Splitter



ସାହେବ ଖୋର୍ଦ୍ଧାରେ ପ୍ରାୟ ସାତଅଣା ଫସଲ ହେବ ବୋଲି ଅନୁମାନ କରି ଅଛନ୍ତି । କଲେକ୍ଟରସାହେବ ଖୋର୍ଦ୍ଧାରେ ଥିଲେ ଆପାତତଃ ଲୋକଙ୍କୁ କର୍ମ ଯୋଗାଇବା ଓ ସାହାଯ୍ୟ କରିବାର ଉଦ୍ଦେଶରେ ସେଠାରେ ସଡ଼କ ଓ ବନ୍ଧ ଇତ୍ୟାଦି ନିର୍ମାଣ କରିବାର ଉପାୟ ହେଉ ଅଛି ପ୍ରାୟ ୪ ୧୫୦୦୦ ଟଙ୍କା ସମ୍ପ୍ରତି ଏ ସବୁ କର୍ମ ସକାଶେ ମଞ୍ଜୁର ହୋଇ ଅଛି । ପ୍ରୟୋଜନ ହେଲେ ଭବିଷ୍ୟତକୁ ବଢିପାରେ । ଆମ୍ଭେମାନେ ଅନୁମାନ କରୁଁ କି ଏଣିକି ଯେବେ ଭଲବୃଷ୍ଟି ହେବ ଓ ଭଲବୃଷ୍ଟି ହେବାର ଆଶା ଦେଖାଯାଏ ତେବେ ଫସଲର ପରିମାଣ ବର୍ତ୍ତମାନର ଅନୁମାନରୁ ଅଧିକ ହୋଇପାରେ । କଟକର ଯେ ସମସ୍ତ ସ୍ଥାନରେ ରୁଆ ବେହୁଡ଼ା ହୋଇ ନ ଥିଲା ଗତ ବର୍ଷାରେ ସେ ସ୍ଥାନମାନଙ୍କରେ ରୁଆ ବେହୁଡ଼ା ହୋଇ ଅଛି ଓ ଏଣିକି ବର୍ଷା ଭଲ ହେଲେ ଏକପ୍ରକାର ଫସଲ ହେବ ଫଳତଃ ଏବର୍ଷ ଓଡ଼ିଶାର କୌଣସିଠାରେ ଦୁର୍ଭିକ୍ଷ ହେବାର ସମ୍ଭାବନା ନାହିଁ ତେବେ ଅନ୍ୟାନ୍ୟ ବର୍ଷପରି ଫସଲ ପ୍ରଚୁର ହେବ ନାହିଁ ।

---

ସ୍ୱତ୍ୱଦାୟୀ ଓ ନିଷ୍କରଭୂମି ଓ ଭୂମ୍ୟଧିକାରୀ ପ୍ରଭୃତିଙ୍କର ନାମ ରେଜିଷ୍ଟ୍ରି କରିବା ବିଷୟରେ ଯେଉଁ ନୂତନଆଇନ ହେବାର ପ୍ରସ୍ତାବ ହୋଇଥିଲା ତାହା ସନ ୧୮୬୬ ମସିହାର ୭ ଆଇନ ନାମରେ ପ୍ରଚଳିତ ହୋଇଅଛି ଓ ତାହା ଚଳିତ ମାସ ତା ୫ ରିଖର ବଙ୍ଗଳା ଗବର୍ଣ୍ଣମେଣ୍ଟ ଗଜେଟରେ ସର୍ବସାଧାରଣଙ୍କ ଜାଣିବା କାରଣ ପ୍ରକାଶିତ ହୋଇଅଛି । ଏହି ଆଇନ ଜାରି ହେବା ସଙ୍ଗେ୨ ଗବର୍ଣ୍ଣମେଣ୍ଟ ବଙ୍ଗାଲ ଘୋଷଣା ଦେଇଅଛନ୍ତି କି ଆଗାମୀ ନବମ୍ବରମାସ ତା ୧ ରିଖଠାରୁ ଛମାସ ମଧ୍ୟରେ ତାହାଙ୍କ ଶାସନାଧୀନ ସମସ୍ତ ସ୍ଥଳରେ ଏ ଆଇନାନୁସାରେ ମାଲ୍ ଏବଂ ଲାଖରାଜ ଭୂମିର ଅଧିକାରୀମାନଙ୍କୁ ଆପଣା୨ ସ୍ୱତ୍ୱ ରେଜିଷ୍ଟରି କରାଇବାକୁ ହେବ । ଏହି ଛଅମାସ ମଧ୍ୟରେ କେହି ରେଜିଷ୍ଟରି କରାଇବାକୁ ଆଳସ୍ୟ ବା ତ୍ରୁଟି କଲେ ସେ ଆଇନାନୁଯାୟୀ ଦଣ୍ଡନୀୟ ହେବ । ଏ ଘୋଷଣା ପତ୍ର ଉକ୍ତ ଆଇନର ୩୧ ଧାରାନୁସାରେ ବାହାରି ଅଛି ଓ ଏହା ସ୍ଥାନ ସ୍ଥାନରେ ଯେଣ୍ଡୁ ବାଦ୍ୟରେ ପ୍ରଚାରିତ ହେବ । ସମସ୍ତ ଶ୍ରେଣୀର ଭୂମ୍ୟଧିକାରୀମାନେ ଶୀଘ୍ର ଏ ଆଇନରୁ ଅବଗତ ହେଉନ୍ତୁ ଓ ଓଡ଼ିଶାର କମିଶନର ସାହେବଙ୍କୁ ଅନୁରୋଧ ଯେ ଏ ଆଇନର ଓଡ଼ିଆ ଅନୁବାଦ ଶୀଘ୍ର ବାହାର କରନ୍ତୁ ଯେମନ୍ତ, କି ଆଇନ ନ ପାଇ ଭୂମ୍ୟଧିକାରୀମାନେ ହରକତରେ ପଡ଼ିବେ ନାହିଁ । ଏ ଆଇନଟି ଓଡ଼ିଆରେ ଅନୁବାଦିତ ହୋଇ ପ୍ରକାଶ ହେଲେ ବହୁତ ବିକ୍ରୟ ହେବାର ସମ୍ଭାବନା ଅଛି ।

---

ଗତସପ୍ତାହ ଶୁକ୍ରବାର ରାତ୍ରରେ ଏନଗର ଜେଲଖାନାର ଆଫିସ ଓ ଗୋଦାମଘରେ ସିନ୍ଧିଚୋରି ହୋଇଥିଲା । ଏହାକୁ ଆମ୍ଭେମାନେ ଅସାଧାରଣ ଚୋରି ବୋଲି ମଣୁଅଛୁଁ ଓ ଇହା ଏକାରଣରୁ ନୁହଇ ଯେ ଜେଲଖାନା ଚୋରଙ୍କ ଘର ସୁତରାଂ ଚୋର ଘରେ ସିନ୍ଧି ହେଲା ମାତ୍ର ଇହାର କାରଣ ଏହି ଯେ ଜେଲଖାନାର ଆଗେ ପଛେ ଏତେ ପୁଲିସ ସିପାହୀ ସଙ୍ଗୀନ ବନ୍ଧୁକ ଘେନି ପହରା ଦେଉ୨ ଅନାୟାସରେ ସିନଚୋରି ହୋଇପାରିଲା ଓ ଆରଦିନ ସକାଳ ପର୍ଯ୍ୟନ୍ତ ଇହାର କିଛିମାତ୍ର କେହି ଜାଣିପାରିଲା ନାହିଁ । ଯେଉଁ ବ୍ୟକ୍ତି ବା ବ୍ୟକ୍ତିମାନେ ସିନ୍ଧି କରିଥିଲେ ତାହାଙ୍କର ବୁଦ୍ଧି କୌଶଳ ଓ ସାହସକୁ ଧନ୍ୟବାଦ ନ ଦେଇ ଆମ୍ଭେମାନେ କ୍ଷାନ୍ତ ହୋଇ ନ ପାରୁଁ ସେମାନେ ଏମନ୍ତ ସ୍ଥାନଟି ବାଛିକରି ସିନ୍ଧି କରିବାପାଇଁ ସ୍ଥିର କରିଥିଲେ ଯେ କୌଣସି ଦିଗରୁ ପୁଲିସର ଦୃଷ୍ଟି ତାହାଙ୍କ ଉପରେ ପଡ଼ୁ ନ ଥିଲା ଏବଂ ଗୋଦାମ ଘରେ ପ୍ରବେଶ ହେବାକୁ ସେ ସ୍ଥାନ ଭିନ୍ନ ଆଉ ଉପାୟ ନ ଥିଲା । ମାତ୍ର ଚୋରଙ୍କର କପାଳ ଛୋଟ ଯେ ଏପରି ସ୍ଥଳରେ ସ୍ୱଚ୍ଛନ୍ଦରେ ସିନ୍ଧ କରି କେବଳ ୪୨୦ଟଙ୍କା ଅଦାଲତର ନଗଦ ବା ଦ୍ରବ୍ୟ ଘେନି ଗଲେ । ସେ ଘରେ ନଗଦ ଓ ସୁନା ରୂପାରେ ବିସ୍ତର ଟଙ୍କାର ଦ୍ରବ୍ୟ ଥିଲା ମାତ୍ର ସେସବୁ ଲୁହା ସିନ୍ଦୂକରେ ବନ୍ଦ ଥିଲା ସୁତରାଂ ଅନେକ ଚେଷ୍ଟା କରି ସୁଦ୍ଧା ଚୋରମାନେ ତାକୁ ଫିଟାଇ ପାରିଲେ ନାହିଁ ହୋଇଥିଲେ ପାଞ୍ଚଶ କି ହଜାରରେ ହାତ ମାରିଥାନ୍ତେ ଓ ତଦ୍ୱାରା ବହୁକାଳ ଘରେ ବସି ସୁଖରେ କାଳ କାଟି ପୁଲିସର ଜୟ ଜୟକାର ମନାଉଥାନ୍ତେ । ଏ ଚୋରି ସମ୍ପର୍କୀୟ ଅବସ୍ଥା ଅନୁମାନରୁ ବୋଧ ହୁଅଇ ଏ ଚୋର ନୂତନ ନୁହଇ । ଜେଲଖାନାରେ ବହୁକାଳ ରହି ସେଠାର ଅବସ୍ଥାକୁ ଉତ୍ତମରୂପେ ଅବଗତ ହୋଇ ଏପର ଅଦ୍ଭୁତ ସାହସିକ କାର୍ଯ୍ୟରେ ସଫଳ ହୋଇଅଛି । ସେ ଅବଶ୍ୟ ପୁଲିସର କାର୍ଯ୍ୟକୁ ଉତ୍ତମରୂପେ ଆଲୋଚନା କରିଥିବ ଓ ତାହା ମନରେ ଅବଶ୍ୟ ଏହି ବିଶ୍ୱାସ ହୋଇଥିବ ଯେ ଅଧିକ ବିଧ ହେଲେ ପୁଲିସ ସିନା ଅପର ଲୋକଙ୍କ ପଛ ଗୋଇପଡ଼ନ୍ତି ଓ ଯେଉଁମାନେ ଜାଗ୍ରତ ଥାଇ ପହରା ଦେଉଥାନ୍ତି ସେମାନେ ଏକପ୍ରକାର କଳ ପିତୁଳାପ୍ରାୟ ଚଳ ବିଚଳ ହେଉଥାନ୍ତି ତାହାଙ୍କ ସାକ୍ଷାତକୁ କେହି ନ ଆସିଲେ ସେ କାହାରିକୁ ଦେଖନ୍ତି ନାହିଁ ।

ନାଗରିକ ପୁଲିସ ଏ ଚୋରଙ୍କୁ ଧରିବାପାଇଁ ବିସ୍ତର ଅନୁସନ୍ଧାନ କରୁଅଛନ୍ତି ମାତ୍ର ଅବଧି ସଫଳ ହୋଇ ନାହାନ୍ତି କିମ୍ବା ସଫଳ ହେବାର ଆଶା ନାହିଁ । ବର୍ତ୍ତମାନ ଏ ନଗରରେ କେହି ସିନ୍ଧିଯାଳ ନାହିଁ ପ୍ରାୟ ଗଡ଼ଜାତରୁ ସମୟ୨ ରେ ସିନ୍ଧିଯାଳମାନେ ଆସି ଦୁଇ ଏକ ସ୍ଥାନରେ ଆପଣାର ଗୁଣ ପ୍ରକାଶ କରି ପୁଲିସ ସତର୍କ ହେଲାଠାରୁ ପ୍ରସ୍ଥାନ କରନ୍ତି ଓ ଚୋରରେ ଚୋରା ଯିବା ଭଲ ଦ୍ରବ୍ୟ ବିସ୍ତର ଯାଇ ନାହିଁ ଯେ ତଦ୍ୱାରା ଧରିବାର କିଛି ଉପାୟ ହେବ । ଫଳତଃ ଆମ୍ଭେମାନେ ଦେଖୁଅଛୁଁ ଯେ ଏକାଲର ପୁଲିସଠାରୁ ଚୋରଙ୍କ ବୁଦ୍ଧି ସରସ ପଡ଼ିଲା ଓ ଏ ଅବସ୍ଥାରେ ପ୍ରଜାମାନେ ନିରାପଦରେ ରହିବା ବଡ଼ କଠିନ ଅଟଇ ବିଶେଷ ଯେସ୍ଥଳେ ଅନାୟାସରେ ଜେଲଖାନାରେ ଚୋରି ହୋଇପାରେ ସେ ସ୍ଥଳେ ଯେ ଅପର ଲୋକଙ୍କ ଘରେ ଚୋରି ହେଉ ନାହିଁ ଏହା ଚୋରଙ୍କ ଅନୁଗ୍ରହକୁ ଅଟଇ ବୋଲିବାକୁ ହେବ ।

---

## ଖେଉଡ଼ ।

ପାଠକମାନେ ଜାଣନ୍ତି ଯେ ଏ ପ୍ରଦେଶରେ ପରମ୍ପରା ପ୍ରଥାନୁସାରେ ଲୋକେ ଦୋଳ ରଥଯାତ୍ରା ଓ ଦୁର୍ଗୋତ୍ସବ ସମୟରେ ଖେଉଡ଼ ଅର୍ଥାତ୍ ଶୃଙ୍ଗାରରସଘଟିତ କୁତ୍ସିତ ଗୀତ ଗାନ କରନ୍ତି । ଓଡ଼ିଆମାନେ ଦୋଳପର୍ବ ସମୟରେ ଓ ବଙ୍ଗାଳିମାନେ ପାର୍ବଣ ସମୟରେ ଦେବତା ଆପଣା ଘରେ ଠାକୁରଙ୍କ ପାଖରେ ଏପରି ଗୀତ ଗାଆନ୍ତି ଏମନ୍ତ ନୁହେ ବାଟରେ ଯାହା ତାହା ଘର ସମ୍ମୁଖରେ ସୁଦ୍ଧା ଉକ୍ତ ପ୍ରକାର କୁତ୍ସିତ ଗୀତ ଗାଇ ବୁଲନ୍ତି ଏପରି ଗୀତ ସାଧାରଣ ନୀତିବିରୁଦ୍ଧ ଅଟଇ ଏବଂ ଯଦ୍ୟପି କି ବହୁକାଳର ଅଭ୍ୟାସବଶରୁ ଅନେକଲୋକ ଏହାକୁ ମନ୍ଦ ବୋଲି ବୁଝି ପାରନ୍ତି ନାହିଁ କିମ୍ବା ପର୍ବର ଗୋଟିଏ ଅଙ୍ଗ ବୋଲି ମଣନ୍ତି ମାତ୍ର ଯଥାର୍ଥ ବିବେଚନା କଲେ ଏହାକୁ ଅବଶ୍ୟ ଦୂଷଣୀୟ ବୋଲିବାକୁ ହେବ ଓ ବର୍ତ୍ତମାନର

Digitized by srujanika@gmail.com

Split by PDF Splitter



ସଭ୍ୟତା ଓ ଲବଣ ସହିତ ଏପରି ନୀତିବିରୁଦ୍ଧ ବ୍ୟାପାର ସଙ୍ଗତ ରହିବା ଉଚିତ ନୁହଇ । ଭାରତବର୍ଷର ଦଣ୍ଡବିଧିରେ ମଧ୍ୟ ଏପରି ଗୀତ ଗାଇବା ଅପରାଧ ମଧ୍ୟରେ ପରିଗଣିତ ହୋଇ ତହିଁ ପାଇଁ ତିନିମାସ ପର୍ଯ୍ୟନ୍ତ କାରାବାସ ଦଣ୍ଡ ବିଧାନ ହୋଇଅଛି ତଥାପି ଏ ରୀତି ଏକାବେଳକେ ଉଠିଯିବା ଦେଖିବା ଥାଉ ଏଥିର ବଳ କିଛିମାତ୍ର ଊଣା ହୋଇ ନାହିଁ । ସମ୍ପ୍ରତି ଆମ୍ଭେମାନେ ଶୁଣିଲୁଁ ଯେ ବାବୁ ପ୍ୟାରୀମୋହନ ସେନ ଏ ରୀତି ନିବାରଣ ପକ୍ଷରେ ଯତ୍ନବାନ୍ ହୋଇ ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିବାରୁ ସାହେବ ପ୍ରଶଂସିତ ଏ ବିଷୟରେ ଦୃଷ୍ଟି ରଖିବା ପାଇ ପୋଲିସପ୍ରତି ଆଦେଶ ଦେଇଅଛନ୍ତି ଏବଂ ଏ ଅପରାଧ କରିବା ବ୍ୟକ୍ତିକୁ ପୁଲିସ ବିନା ୱାରେଣ୍ଟରେ ଧୃତ କରିବାକୁ ଆଇନରେ କ୍ଷମତା ପାଇଥିବାରୁ ଅନୁମାନ ହୁଅଇ ଲିଭାନ୍ତପକ୍ଷରେ ମାହାଙ୍ଗା ଗ୍ରାମରେ ଏବର୍ଷ ଦୁର୍ଗୋତ୍ସବରେ ଖେଉଡ଼ ଗାଇବା ରହିତ ହେବ ଏବଂ ସବୁସ୍ଥାନର ପୁଲିସ ଏହି ଆଜ୍ଞାର ସାର ଗ୍ରହଣ କରି ସତର୍କ ହେଲେ ପ୍ରାୟ କୌଣସି ସ୍ଥଳରେ ଖେଉଡ଼ ଗାଇବା ହେବ ନାହିଁ କାରଣ ପୁଲିସ ଧରି ଚାଲାଣ କରିବା ଭୟରେ ସମସ୍ତେ ସଶଙ୍କିତ ରହିବେ । ଏରୂପେ ଉକ୍ତ ଦରଖାସ୍ତଦ୍ୱାରା ସୁଫଳ ଫଳିବାର ସମସ୍ତ ଲକ୍ଷଣ ଦେଖାଯାଏ ।

କିନ୍ତୁ ଆମ୍ଭମାନଙ୍କର ଗୋଟିଏ ସନ୍ଦେହ ହେଉଅଛି ତାହା ଏହି ଯେ ଦଣ୍ଡବିଧିର ଧା ୨୯୪ର ଅନୁସାରେ ଖେଉଡ଼ ଗାଇବା ଅପରାଧ ହେବା ନିମନ୍ତେ ଅବଶ୍ୟକ ଯେ ତାହା ସାଧାରଣ ଗମନାଗମନ ସ୍ଥାନ ଅଥବା ତହିଁ ନିକଟରେ ଉକ୍ତ ପ୍ରକାର ଗୀତ ଗାୟନ ହେବ ଏବଂ ଏଥିରୁ ଅନ୍ୟ ଲୋକ ତହିଁରେ ବିରକ୍ତ ହେବେ । ଏଥିରୁ ଯେତେବେଳେ କେହି ଲୋକର ବାହାର ଅଗଣା ମଧ୍ୟରେ ହୋଇଥିବା ମଜଲିସରେ କେହି ସେପରି ଗୀତ ଗାଇବ କିମ୍ବା ଗ୍ରାମ ମଧ୍ୟ ଦାଣ୍ଡରେ ଗ୍ରାମବାସିମାନେ ଏକତ୍ରରେ ମିଶି ସେପରି ଗୀତ ଗାଇବେ ଓ ତହିଁରେ କେହି ବ୍ୟକ୍ତି ବିରକ୍ତ ହେବାର ଦେଖିବା ଥାଉ ସାଧାରଣ ରୁଚି ଅନୁସାରେ ସମସ୍ତ ଲୋକ ତହିଁରେ ଆମୋଦିତ ହେଉଥିବେ ସେ ସ୍ଥଳେତ ଆଇନସଙ୍ଗତ ଅପରାଧ ହେବ ନାହିଁ । ଏପରି ସ୍ଥଳେ ପୁଲିସ କେମନ୍ତ କରି ଗିରଫ୍ତାର କରିବ ? ଓ କଲେ ତାହା ଅବଶ୍ୟ ଆଇନବିରୁଦ୍ଧ ହେବ । ଏମନ୍ତ ସ୍ଥଳରେ ପୁଲିସ କିପରି ଦୃଷ୍ଟି ରଖିବେ ଓ ତାହାଙ୍କ ଦୃଷ୍ଟି ରଖିବାରେ ମଧ୍ୟ କି ଫଳ ହେବ ? ଏଥିରୁ ବୋଧ ହୁଅଇ ଯେ ବର୍ତ୍ତମାନ ଉପାୟଦ୍ୱାରା ସମ୍ୟକ୍ ଫଳ ହୋଇ ପାରିବ ନାହିଁ ।

---

ଆମ୍ଭମାନଙ୍କର ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି କି ଏ ଅଞ୍ଚଳରେ ଉତ୍ତମ ବୃଷ୍ଟି ହୋଇ ଅଛି ଓ ବଇତରଣୀ ଓ ଖରସୁଆ ବ୍ରାହ୍ମଣୀ ନଦୀମାନ ବୃଦ୍ଧି ହୋଇଥିଲା ସେ ପାଣିରେ ଧାନଫସଲ କ୍ଷତି ହୋଇ ନାହିଁ ବରଂ ଭଲ ହେବାର ଦେଖାଯାଏ ବର୍ତ୍ତମାନ ଏଠା ବଜାରରେ ଫି ଟଙ୍କାକୁ କଟକୀ ମୋଟ ଚାଉଳ ସେ ୨୭ ଓ ମଧ୍ୟମ ସରୁଚାଉଳ ୨୩ ସେର ମିଳୁଅଛି ଲୋକମାନେ ଏକପ୍ରକାର ସୁସ୍ଥରେ ଅଛନ୍ତି କେବଳ କେହି ଜ୍ୱର ଓ କେହି ଅକସ୍ମାତ୍ ଦୁର୍ଘଟନା ଓ ଓଲଉଠା ରୋଗରେ ଗତ ଜାନୁଏରି ମାସଠାରୁ ଅବଧି ଯାଜପୁର ଥାନାଅନ୍ତର୍ଗତ ଯାଜପୁର ଓ ବହାଁରପୁର ଓ ବରୁଁଆ ଇଲାକା ଗ୍ରାମମାନଙ୍କରେ ଓ ଯାଜପୁର ଟାଉନରେ ଜ ୩୪୨୯ ଣ ମନୁଷ୍ୟଙ୍କର ମୃତ୍ୟୁ ହୋଇଅଛି ବର୍ଷଶେଷ ପର୍ଯ୍ୟନ୍ତ କେତେକ ମୃତ୍ୟୁ ହେବ ଜଣାଯିବ ଏସନରେ ଏ ଜିଲ୍ଲାରେ ଦୁର୍ଭିକ୍ଷ ହେବାର ସମ୍ଭାବନା ହେଉ ନାହିଁ ଏଠା ସହର ଅନ୍ତର୍ଗତ ଗୁଡ଼ିଆପୁର ଗ୍ରାମ ନିବାସୀ ଏକ ବ୍ୟକ୍ତିର ଗୋଟିଏ ଗାଈ ଦୁଇଟା ମାଇବାଛୁରି ପ୍ରସବ କରିଅଛି ତହିଁ ମଧ୍ୟରୁ ଗୋଟିଏ ମରିଯାଇ ବାକି ଗୋଟିଏ ଜୀବିତ ଅଛି । କନିକା ଇଲାକାରେ ଏକବ୍ୟକ୍ତିର ଦୁଇ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେବାରୁ ସ୍ୱାମୀ ମଙ୍ଗଲୁର ପ୍ରଥମସ୍ତ୍ରୀକୁ ଏକପ୍ରହାରରେ ବଧ କରିଥିବାରୁ ପୁଲିସ ଇନ୍‌ସ୍ପେକ୍ଟର ଶ୍ରୀ ବାବୁ ମଙ୍ଗଳସିଂହ ତଦାରଗ କରି ତିନିଜଣ ସାକ୍ଷିଙ୍କ ପ୍ରମାଣରେ ଆସାମୀକୁ ଚାଲାନ କରିଅଛନ୍ତି କିନ୍ତୁ ସାକ୍ଷୀମାନେ ଶ୍ରୀଯୁତ ଡେପୁଟୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଉତ୍ତମରୂପେ ପ୍ରମାଣ ଦେଇ ନ ପାରିବାରୁ ପୁନଶ୍ଚ ସାକ୍ଷୀ ତଦାରଖ ନିମନ୍ତେ ଇନ୍‌ସ୍ପେକ୍ଟରଙ୍କ ପ୍ରତି ଆଦେଶ ହୋଇଅଛି ଯେ ହେବ ପରେ ଜଣାଇବୁଁ । ଇତି । ତା ୧୧ ରିଖ ସିପ୍ଟମ୍ବର ସନ ୧୮୭୨ ମସିହା ।

---

# ସାପ୍ତାହିକସଂବାଦ ।

କଲିକତା ବିଶ୍ୱବିଦ୍ୟାଳୟର ପରୀକ୍ଷାମାନ ଯେଉଁ ଦିନରେ ଆରମ୍ଭ ହେବ ତାହା ତଳେ ଲେଖାଗଲା । ଯଥା—

ପ୍ରବେଶିକା ଏବଂ ଫାଷ୍ଟଆର୍ଟସ ପରୀକ୍ଷା ଆଗାମୀ ନବମ୍ବରମାସ ତା ୨୭ ରିଖରେ ହେବ, ପରୀକ୍ଷାର୍ଥିମାନଙ୍କର ଉଚିତ ଯେ ଆପଣା୨ ଆବେଦନ ପତ୍ର ଅକ୍ଟୋବରମାସ ତା ୨୩ ରିଖ ପୂର୍ବେ ରେଜିଷ୍ଟ୍ରାରଙ୍କ ନିକଟକୁ ପଠାଇବେ ।

ବି, ଏ, ପରୀକ୍ଷା ଆଗାମୀ ଜାନୁଏରି ମାସ ତା ୨ ରିଖରେ ହେବ ଓ ପରୀକ୍ଷାର୍ଥିମାନେ ତା ୨୪ ରିଖ ନବମ୍ବର ପୂର୍ବେ ଆପଣା ଆପଣା ଆବେଦନ ପତ୍ର ରେଜିଷ୍ଟ୍ରାରଙ୍କ ନିକଟକୁ ପଠାଇବେ ।

ଆମ୍ଭେମାନେ ଆନନ୍ଦ ସହିତ ଗବର୍ଣ୍ଣମେଣ୍ଟ ଗେଜେଟରେ ପାଠକଲୁଁ ଯେ ବାବୁ ଶିବପ୍ରସାଦ ସିଂହ ଯାଜପୁରରେ ଜଣେ ଅବୈତନିକ ମାଜିଷ୍ଟ୍ରେଟ ନିଯୁକ୍ତ ହୋଇଅଛନ୍ତି ।

କଟକର ଜଜ ଶ୍ରୀଯୁକ୍ତ ମାକ୍‌ଫର୍ଶନସାହେବ ଗତ ମଙ୍ଗଳବାର କଲିକତାକୁ ଯାଇଅଛନ୍ତି । ଛୁଟି ଉତ୍ତାରୁ ସେହିଠାରୁ ବାଲେଶ୍ୱରକୁ ଆସି ଦୌରା କରିବେ ।

ଏ ସପ୍ତାହରେ ବଡ଼ ବର୍ଷା ହୋଇ ନାହିଁ ମାତ୍ର ଶୀଘ୍ର ଅଗସ୍ତ୍ୟ ହେବାରୁ ଜଣାଯାଏ ନିକଟରେ ବର୍ଷା ହେବ ।

ଶୁଣାଯାଏ ଛୁଟି ସମୟରେ ଆମ୍ଭମାନଙ୍କ ଏକଟିଂ କମିଶ୍ନର ବଡ଼ମୂଳକୁ ଭ୍ରମଣ ନିମନ୍ତେ ଯିବେ ଓ ଆଉ କେହି୨ ସାହେବଙ୍କୁ ମଧ୍ୟ ସଙ୍ଗୀ କରିବେ ।

ଏହି ମାସ ତା ୯ ରିଖ ସାୟଂକାଳ ୫ ଘଣ୍ଟା ସମୟରେ ବଶାଖାପାଟଣା ଇଲାକା ଓଲତେରଠାରେ ଗୋଟିଏ ସାହୁକାର ୬୦ ହାତ ଗଭୀରରେ ଗୋଟିଏ କୂଅ ନୂତନ ଖୋଳାଉଅଛି ହାଲ ୫୦ । ୬୦ ଲୋକ ମାଟି କାଟୁଅଛନ୍ତି । ଥୋକେ ଲୋକ ଉପରେ ଥୋକେ ଲୋକ ତଳେ ଥିଲେ ସେହି ସମୟରେ କୂଅ ଅଧରୁ ଗୋଟାଏ ବଡ଼ ଅଡ଼ତା ଖସି ତହିଁ ଭିତରେ ଥିବା ଜ ୪ଣ ପୁରୁଷ ଜ ୬ ଣ ସ୍ତ୍ରୀଙ୍କ ଉପରେ ପଡ଼ିଲା ଜ ୪ ଣ ପୁରୁଷଙ୍କ ଉପରେ ଅଳପ ମାଟି ପଡ଼ିଥିବାରୁ ତାଙ୍କୁ କାଢ଼ି ସେହିକ୍ଷଣି ହୀସପାତାଲକୁ ପଠାଇ ଦେଲେ । ଜ ୬ ଣ ସ୍ତ୍ରୀ ମାଟିଭିତରେ ରହି ମରିଗଲେ ଦୁଇଦିନ ପରେ ମାଟି କାଢ଼ି ଜ ୫ ଣ ସ୍ତ୍ରୀଙ୍କି ବାହାର କଲେ । ତିନିଦିନ ଉତ୍ତାରୁ ଆଉ ଜଣକୁ କାଢ଼ିଲେ ଏ ସମସ୍ତେ ଯୁବା ସେଥିରୁ ଜଣେ ଗର୍ଭବତୀ ହୋଇଥିଲା ।

ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ଅମୃତବଜାରପତ୍ରିକା କହନ୍ତି ଯେ ଚୀନଦେଶରେ

Digitized by srujanika@gmail.com

ଆମ୍ଭମାନଙ୍କର ଦେହାନ୍ତରଣ ପ୍ରଥା ପରି ଗୋଟିଏ ପ୍ରଥା ପ୍ରଚଳିତ ଅଛି । ତାହାକୁ ସ୍ୱର୍ଗାରୋହଣ କହନ୍ତି । ସମ୍ପ୍ରତି ସେଠାରେ ଗୋଟିଏ ଘଟନା ଉପସ୍ଥିତ ହୋଇଅଛି । ତଦ୍ୱାରା ଏହି ପ୍ରଥାଟିର ବ୍ୟାଖ୍ୟା ହୋଇଥିବ । ଗୋଟିଏ ଯୁବତି ବର୍ତ୍ତମାନ ବିଧବା ହୋଇଥିଲେ ସ୍ୱର୍ଗାରୋହଣ ପାଇଁ ଗୋଟିଏ ଦିନ ସ୍ଥିର ହେଲା ବିଧବା ସ୍ୱର୍ଗର ବିଦ୍ୟାଧରୀ ତୁଲ୍ୟ ଭୂଷିତ ଏବଂ ବନ୍ଧୁ ବାନ୍ଧବମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ସ୍ୱାମୀ ଗୃହରୁ ସ୍ୱର୍ଗାରୋହଣ ସ୍ଥାନ ଉଦ୍ଦେଶରେ ପ୍ରସ୍ଥାନ କଲେ । ବାଟରେ ସେ ତାଙ୍କର ପିତା ମାତା ଗୃହରେ ପହୁଞ୍ଚି ସେମାନଙ୍କ ନିକଟରୁ ବିଦାୟ ହେଲେ ନିର୍ଦ୍ଦିଷ୍ଟସ୍ଥାନର ଗୋଟିଏ ମନ୍ଦିର ପଛଆଡ଼େ ଗୋଟିଏ ପ୍ରଶସ୍ତ କ୍ଷେତ୍ର ମଧ୍ୟରେ ଗୋଟିଏ ଉଚ୍ଚ ଆସନ ସ୍ଥାପିତ ହେଲା । ବିଧବା ସେହି ଆସନ ଉପରକୁ ଉଠି ପ୍ରଥମେ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଅଭିବାଦନ କଲେ । ଏବଂ ତହିଁଉତ୍ତାରେ ସମସ୍ତଙ୍କୁ ସମ୍ବୋଧନ କରି ଉଚ୍ଚୈଃସ୍ୱରରେ କହିଲେ " ହେ ସ୍ୱର୍ଗ ଓ ପୃଥିବୀ ଏବଂ ବନ୍ଧୁଗଣ, ମୁଁ ଅଦୃଶ୍ୟ ଅନନ୍ତ ସହିତ ଏହିରୂପେ ପ୍ରାଣତ୍ୟାଗ କରୁଅଛି " ଉକ୍ତ ଆସନ ଉପରେ ବୃତ୍ତାକାରରେ ଖଣ୍ଡେ ଦଉଡ଼ୀ ଝୁଲୁଥିଲା ବିଧବା ଉପରୋକ୍ତ କଥାଗୁଡ଼ିକ ସମାପ୍ତ କରି ଖଣ୍ଡିଏ ଲାଲଲୁଗା ଘୋଡ଼ି ହୋଇ ସେହି ବୃତ୍ତର ମଧ୍ୟରେ ଡେଇଁ ଭୂମିରେ ପଡ଼ିଲେ ଏବଂ ପଡ଼ିଲାମାତ୍ରେ ସ୍ୱର୍ଗାରୋହଣ କଲେ ବାସ୍ତବିକ ଯେ ସେ ସ୍ୱର୍ଗାରୋହଣ କଲେ ତହିଁରେ କୌଣସି ସନ୍ଦେହ ନାହିଁ ।

କାଶ୍ମୀରିସାଲ ପୂର୍ବପରି ବିଲାତରେ ବିକ୍ରୟ ନ ହେବାରୁ କାରିଗରଙ୍କର ଯାହା କ୍ଷତି ହେଉଥିଲା ଏବେ କାଶ୍ମୀରି ସତରଞ୍ଜି ବିଲାତକୁ ବିସ୍ତର ରପ୍ତାନି ହେବାରୁ ଏବମ୍ପ୍ରକାରରେ ତାହା ପୂର୍ଣ୍ଣ ହୋଇଅଛି । ଏକଜଣ ଇଂରାଜ ମହାଜନଙ୍କ ସହିତ ବନ୍ଦୋବସ୍ତ କରି ଅନେକ ସତରଞ୍ଜି ବିକ୍ରୟ ସକାଶେ ନେଇ ଯାଉଅଛନ୍ତି ।

କମିଲ୍ଲା ଜିଲାରେ ଜଣେ ମୁକ୍ତାରକୁ ସେଠାକାର ଅସିଷ୍ଟାଣ୍ଟମାଜିଷ୍ଟ୍ରେଟ କଚେରିରୁ ତଡ଼ିଦେଇ ବାହାର କର ଦେବାକୁ ଆପଣା ଚପରାଶିକୁ ଆଜ୍ଞା ଦେଇଥିବାରୁ ମୁକ୍ତାର ଅପମାନିତ ହୋଇ କ୍ଷତିପୂରଣ ସକାଶେ ଦେୱାନୀ ଅଦାଲତରେ ନାଲିଶ କରିଥିଲା ଓ ଅସିଷ୍ଟାଣ୍ଟଙ୍କର ପ୍ରଦର୍ଶିତ ଯୁକ୍ତିକୁ ଅଦାଲତ ଅନ୍ୟାଯ୍ୟ ଜ୍ଞାନ କରି ତରମିନ ଡିକ୍ରୀ ଦେଇଅଛନ୍ତି । ଭରସା କରୁଁ ଅସିଷ୍ଟାଣ୍ଟଙ୍କର ଉତ୍ତମଶିକ୍ଷା ଏଥିରେ ହୋଇଅଛି ।

ବାବୁ ଉମେଶଚନ୍ଦ୍ର ମୁଖର୍ଯ୍ୟା ଗ୍ଲାସଗୋ ବିଶ୍ୱବିଦ୍ୟାଳୟରେ ଚିକିତ୍ସାଶାସ୍ତ୍ର ଚାରିବର୍ଷ ପାଠ କରି ପରୀକ୍ଷାରେ ଉଚ୍ଚସ୍ଥାନ ପାଇଅଛନ୍ତି । ଅବଧି କେହି ଏମନ୍ତ ଉଚ୍ଚମର୍ଯ୍ୟାଦା ସହିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ଥିଲା । ପ୍ରାୟ ଦୁଇଶତ ପରୀକ୍ଷାର୍ଥିଙ୍କ ଉପରେ ଏ ବାବୁ ପ୍ରଥମ ସ୍ଥାନ ପାଇଅଛନ୍ତି । ଶିକ୍ଷା ଲାଭ ବିଷୟରେ ବଙ୍ଗାଳିମାନଙ୍କୁ ଭାରତବର୍ଷର ଅନ୍ୟ କୌଣସି ଶ୍ରେଣୀର ଲୋକ ଜିଣିବାକୁ ସକ୍ଷମ ନୁହନ୍ତି ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି କି ଯୋଧପୁରର ମହାରାଜାଙ୍କ ଭାଇ ମହାମାନ୍ୟ ଯୁବରାଜଙ୍କ ବିଶେଷ ଆମନ୍ତ୍ରଣ ମତେ ଇଂଲଣ୍ଡକୁ ଯାତ୍ରା କରିବେ । ଏ ମହାଶୟ ମୃଗୟାରେ ବିଶେଷ ଅନୁରକ୍ତ ।

ଇନ୍ଦପୁର, ପୁନା ପ୍ରଭୃତି ସ୍ଥାନପରି ରତ୍ନାଗଡ଼ରେ ଗୋଟିଏ ନ୍ୟାୟସଭା ସ୍ଥାପନ ହୋଇଅଛି । ଲୋକମାନେ ଅଦାଲତକୁ ନ ଯାଇ ଦେୱାନୀ ମକଦ୍ଦମାମାନ ଏହିଠାରେ ଆପଣା ମଧ୍ୟରେ ନିଷ୍ପତ୍ତି କରିଦେବେ । ଇଉରୋପୀୟ କର୍ମଚାରୀମାନେ ଏ ସଭାର ସପକ୍ଷ ହୋଇଅଛନ୍ତି । ଦେୱାନୀ ମକଦ୍ଦମାମାନ ଏପରି ନିଷ୍ପତ୍ତି ହେଲେ ଅନେକ ମାମଲତକାର ଅନର୍ଥକ ଖରଚରୁ ବଞ୍ଚି ଯିବେ ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ମସୁରୀର ସିବିଲିୟାନ ଖଜାଞ୍ଚି ୫ ୩୦,୦୦୯ ଟଙ୍କା ସହିତ ଅଦୃଶ୍ୟ ହୋଇଅଛନ୍ତି । ସିବିଲିୟାନମାନଙ୍କର ଏପରି ପଳାଇବା ସଚରାଚର ଶୁଣା ଯାଏ ନା ।

ହିନ୍ଦୁସଙ୍ଗୀତ ମତାନୁସାରେ ଛଅରାଗର ସବିଶେଷ ବର୍ଣ୍ଣନା କରି ଡାକ୍ତର ସୌରୀନ୍ଦ୍ରମୋହନ ଠାକୁର ଖଣ୍ଡିଏ ପୁସ୍ତକ ଲେଖିଅଛନ୍ତି । ଯେତେବେଳେ ଯୁବରାଜ ଏଠାକୁ ଆସିଥିଲେ ସେତେବେଳେ ଏହା ତାହାଙ୍କୁ ଉପହାର ଦିଆଯାଇଥିଲା । କଲିକତାର ଜଣେ ଧନୀ ଓ ଖ୍ୟାତିମନ୍ତ ଲୋକ ସଙ୍ଗୀତ ବିଷୟରେ ଏପ୍ରକାର ପରିଶ୍ରମ କରୁଅଛନ୍ତି ବଡ଼ ସୁଖ୍ୟାତି ଓ ଆନନ୍ଦର ବିଷୟ ଅଟଇ ।

ଆମ୍ଭେମାନେ ବଡ଼ ଦୁଃଖର ସହିତ ଅବଗତ ହେଲୁଁ ଯେ ବାବୁ ବଙ୍କିମଚନ୍ଦ୍ର ଚାଟୁର୍ଯ୍ୟା ତାହାଙ୍କ ପ୍ରକାଶିତ ବଙ୍ଗଦର୍ଶନ ନାମକ ବଙ୍ଗଭାଷା ବଙ୍ଗଳା ମାସିକ ପତ୍ରିକାକୁ ଉଠାଇ ଦେଇଅଛନ୍ତି । ବଙ୍ଗଦର୍ଶନଦ୍ୱାରା ବଙ୍ଗଳା ସାହିତ୍ୟସଂସାରର ଯେ କେତେ ଉନ୍ନତି ହୋଇଅଛି ତାହା ଶବ୍ଦରେ ବ୍ୟକ୍ତ କରିବା କଠିନ ଓ ଏପରି ତାହାଦ୍ୱାରା ଆହୁରି ଅନେକ ମଙ୍ଗଳ ହେବାର ଆଶା ଥିଲା । ବଙ୍କିମ ବାବୁ ଯେମନ୍ତ ଯୁକ୍ତି ଦର୍ଶାଇ ଏହାକୁ ରହିତ କରିଅଛନ୍ତି ତହିଁରେ ତାହାଙ୍କର ଉଦାର ଚିତ୍ତର ପରିଚୟ ପ୍ରାପ୍ତ ହେଉଅଛି ସତ୍ୟ କିନ୍ତୁ ପତ୍ରିକା ଖଣ୍ଡିକ ରହିତ ହେବାରୁ ସମସ୍ତେ ଦୁଃଖିତ ହୋଇଅଛନ୍ତି ।

୧ । ଏଜୁକେଶନ ଗେଜେଟରୁ ଅବଗତ ହେଲୁଁ ଲେଫ୍ଟେନେଣ୍ଟ ଗବର୍ଣ୍ଣର ବାହାଦୁର ରାଜା ହରେନ୍ଦ୍ରକୃଷ୍ଣ, ରାଜା ନରେନ୍ଦ୍ରକୃଷ୍ଣ ଏବଂ ଅନରେବଲ ବାବୁ ଦିଗମ୍ବର ମିତ୍ର (ସି ଏସ୍ ଆଇ,) ଏମାନଙ୍କ ଗୃହକୁ ଯାଇ ଏମାନଙ୍କ ସହିତ ସାକ୍ଷାତ କରିଥିଲେ । ଏହିରୂପେ ପ୍ରଜାମାନଙ୍କୁ ଆପ୍ୟାୟିତ ଗୌରବାନ୍ୱିତ କରିବା ଟେମ୍ପଲସାହେବଙ୍କର ବିଶେଷ ପ୍ରଶଂସାର ବିଷୟ ବୋଲିବାକୁ ହେବ ।

୨ । ଫିରୋଜପୁରରୁ ଆମ୍ଭମାନଙ୍କର ଜଣେ ବନ୍ଧୁ ଲେଖିଅଛନ୍ତି, ଏଠାରେ କେତେ ଗୁଡ଼ିଏ ହିନ୍ଦୁବାଳକ ମିଳିତ ହୋଇ କୌଣସି ଗୃହସ୍ଥ ଗୃହର ପଛଆଡ଼େ ଖେଳୁଥିଲେ, ଦୈବାତ୍ ସେମାନଙ୍କ ମଧ୍ୟରୁ ଜଣେ ଉକ୍ତ ସ୍ଥାନର ମୃତ୍ତିକା ଖୋଳିବାମାତ୍ରେ ଗୋଟିଏ ମାଟିର ପାତ୍ର ପାଇ ତହିଁର ମୁହଁ ଫିଟାଇବାରେ ରୌପ୍ୟ ମୁଦ୍ରା ଦେଖିଲା ସେ ମୁଦ୍ରାଗୁଡ଼ିକ ପ୍ରାଚୀନକାଳର । ସେ ବାଳକ ଓ ତାହାର ସଙ୍ଗୀମାନେ ସମସ୍ତେ ସାଧ୍ୟାନୁସାରେ କିଛି୨ ନେଇ ଆପଣା୨ ଘରକୁ ଚାଲିଗଲେ । ଏହି ସମ୍ବାଦ ପ୍ରଚାର ହେଲାରୁ ଥାନାବାଲା ଆସି ପହୁଞ୍ଚିଲା । ଅବଶିଷ୍ଟ ଟଙ୍କା ଯାହା ଥିଲା, ତାହା ଥାନାରେ ଜମା ହୋଇଅଛି ଏତେବେଳେ ବିସ୍ତରରେ କଣ ହେବ ବୋଲିଯାଇ ନ ପାରେ ।

୩ । ଶୁଣି ଆନନ୍ଦିତ ହେଲୁଁ ଯେ, ତିବ୍ବତର ଲୋକମାନେ ମଧ୍ୟ ଗୋଟିଏ ଲୁଗାର କଳ ସ୍ଥାପନ କରିବାର ଚେଷ୍ଟା କରୁଅଛନ୍ତି । କିନ୍ତୁ ଦୁଃଖର ବିଷୟ ଏହି ଯେ, ମହାନଗରୀ କଲିକତାର ଧନାଢ୍ୟ ମହୋଦୟଗଣ ଏତେବେଳେ ମଧ୍ୟ ବିଶେଷ ମନୋନିବେଶ କରୁ ନାହାନ୍ତି ।

୪ । ହେନରି ଡ୍ରୁମଣ୍ଡସାହେବ ଭାରତବର୍ଷ ଗ୍ରେଟବ୍ରିଟେନ ଓ ଆମେରିକାରେ ଏକପ୍ରକାର ମୁଦ୍ରା ପ୍ରଚଳନ କରିବା ପାଇଁ ପ୍ରସ୍ତାବ କରିଅଛନ୍ତି । ତାହା ହେଲେ ବିନିମୟ ପ୍ରକ୍ରିୟା ଘଟିଲ ବର୍ତ୍ତମାନ ଦୁରବସ୍ଥାର ହ୍ରାସ ହୋଇ ପାରିବ ।

---

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୧ଶ
ସଂ୪୦ଖ୍ୟା

ତାରିଖ ଅକ୍ଟୋବର ସନ ୧୮୭୬ମସିହା । ମୁ । ଆଶ୍ୱିନ ଦ ୨୪ନ ସନ ୧୨୮୪ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨।୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୩।୦
ମଫସଲପାଇଁ ଡାକମାସୁଲ ଟ୧।୶

ବାର୍ଷିକ ମହାପର୍ବ ଦୁର୍ଗୋତ୍ସବ ଶେଷ କରି ଆମ୍ଭେମାନେ ନିୟମିତରୂପେ ପାଠକଙ୍କ ସହିତ ସାକ୍ଷାତ୍ କରୁଅଛୁଁ । ଓ ଭରସା କରୁଁ ଯେ ପାଠକମାନେ ଅତ୍ୟନ୍ତ ଆନନ୍ଦସହିତ ଏ ମହା-ପର୍ବକୁ ବିଦାୟ ଦେଇଅଛନ୍ତି । ପୂଜା ପାଞ୍ଚଦିନ ମଧ୍ୟରେ ବିଶେଷରେ ଶେଷ ଦୁଇଦିନ ବର୍ଷା ହେବାରୁ ଯାତ୍ରିମାନଙ୍କ ପକ୍ଷରେ କିଛି ଅସୁବିଧା ହୋଇଥିଲା ସତ୍ୟ ମାତ୍ର କ୍ରମାଗତ ବର୍ଷା ନ ହେବାରୁ ଯାତ୍ରା ଇତ୍ୟାଦି ଏକାବେଳକେ ବନ୍ଦ ହୋଇ ନାହିଁ ଏବଂ ଅନ୍ୟାନ୍ୟ ବିଷୟରେ ଏ ମହାପର୍ବ ଉତ୍ତମରୂପେ ରକ୍ଷା ହୋଇଅଛି । ମୋଫସଲବାସିମାନେ ଏ ପର୍ବ ଉପଲକ୍ଷରେ ଫସଲର ଅବସ୍ଥା ଦେଖି ଅତି ଆନନ୍ଦିତ ଅଛନ୍ତି । ଯଦ୍ୟପି କି ପ୍ରଥମରେ ବର୍ଷା ଅଭାବରୁ ରୁଆ ବେହୁଡ଼ା କର୍ମ ପଛକୁ ପଡିଗଲା ଓ ବିଆଳୀ ଫସଲ କେତେକ ମରି ପଡିଲା ତଥାଚ ଫସଲର ସାଧାରଣ ଅବସ୍ଥାକୁ ଉତ୍ତମ ବୋଲିବାକୁ ହେବ ଓ ଏଣିକି ଇନ୍ଦ୍ରଦେବତା ଯଥାବିହିତ ରୂପେ ପାଳିବାରୁ ହରେକ ପ୍ରକାର ଫସଲ ପ୍ରାପ୍ତି ହେବାର ସମ୍ପୂର୍ଣ୍ଣ ଆଶା ଅଛି । ବର୍ତ୍ତମାନ ଦଂଶନ ହେଲା ଯେରୂପ ଖରା ବର୍ଷା ପର୍ଯ୍ୟାୟକ୍ରମେ ହେଉଅଛି ତହିଁରେ ରବି ତୁଣାତୁଣି ପକ୍ଷରେ ସୁଯୋଗ ହୋଇଅଛି ଓ ମେଘର ଗତି ଦେଖି ବୋଧ ହୁଅଇ ଯେ ବର୍ଷାକାଳ ଏକାବେଳକେ ଶେଷ ହୋଇ ନାହିଁ ।

---

ଆମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ପ୍ରଥମଶିକ୍ଷା ନାମରେ ଗୋଟିଏ ପୁସ୍ତକ ତହିଁର ଗ୍ରନ୍ଥକର୍ତ୍ତା ବାବୁ ବୈକୁଣ୍ଠନାଥ ଦେଙ୍କଠାରୁ ପ୍ରାପ୍ତ ହୋଇ ଅଛୁଁ । ଏ ପୁସ୍ତକ ଓଡ଼ିଶାର ପାଠଶାଳାମାନଙ୍କର ବ୍ୟବହାର ନିମିତ୍ତ ହୋଇ ଅଛି ଏହା ବାଲେଶ୍ୱର ବ, ଏନ୍. ଦେଙ୍କର ଉତ୍କଳପ୍ରେସରେ ମୁଦ୍ରିତ ଓ ଏଥିର ମୂଲ୍ୟ ୬୦/ ଅଟଇ । ପାଠଶାଳା ନିମିତ୍ତ ସୁଲଭମୂଲ୍ୟର ପୁସ୍ତକ ଅତ୍ୟନ୍ତ ଉପଯୋଗୀ ସନ୍ଦେହ ନାହିଁ ଓ ସେ ଅଂଶରେ ଏ ପୁସ୍ତକ ଉପଯୁକ୍ତ ହୋଇଅଛି ମାତ୍ର ଗ୍ରନ୍ଥକର୍ତ୍ତା ଅସଂ-ଯୁକ୍ତ ଓ ଯୁକ୍ତାକ୍ଷରମାନ ଏକାବେଳକେ ଶିଖା-ଇବାର ରୀତିକୁ ଅବଲମ୍ବନ କରିବାରେ ଆମ୍ଭ-ମାନଙ୍କ ବିବେଚନାରେ ଅଳ୍ପବୟସ୍କ ବାଳକଙ୍କ ଶିକ୍ଷାର ସୁଯୋଗ କରି ନାହାନ୍ତି ଓ ଏ ବିଷୟରେ ଭୂମିକାରେ ଯାହା ଲେଖାଅଛି ତହିଁରେ ଆମ୍ଭେ-ମାନେ ଐକ୍ୟ ନାହୁଁ । ଆମ୍ଭମାନଙ୍କ ବିବେଚ-ନାରେ ଯେଉଁ ପ୍ରଣାଳୀକୁ ସେ ପରିତ୍ୟାଗ କରି ଅଛନ୍ତି ତାହା କାର୍ଯ୍ୟତଃ ଉତ୍ତମ ବୋଲି ବୋଧ ହେଉଅଛି ।

---

### ✓ ଓଡ଼ିଶାର ବାର୍ଷିକ ବିଜ୍ଞାପନୀ ।

ସନ ୧୮୭୫।୭୬ ବାବଦ୍ ଓଡ଼ିଶାର ବାର୍ଷିକ ସାଧାରଣ ବିଜ୍ଞାପନୀ କମିଶନର ସାହେବ ପଠା-ଇଥିଲେ । ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ତାହା ପାଠକରି ତହିଁ ପକ୍ଷରେ ଯାହା ଅଭିମତ ପ୍ରକାଶ କରିଅ-ଛନ୍ତି ଗତ ସପ୍ତାହର କଲିକତା ଗେଜେଟରେ ତାହା ପ୍ରକାଶିତ ହୋଇଅଛି । ଆମ୍ଭେମାନେ ତହିଁର ସାରାଂଶ ପାଠକମାନଙ୍କୁ ଜଣାଉଅଛୁଁ । ତହିଁରୁ ସମସ୍ତେ ଜାଣିପାରିବେ ଯେ ଗବର୍ଣ୍ଣ-ମେଣ୍ଟ ଓଡ଼ିଶାର ଅବସ୍ଥା କିପରିମାଣରେ ଜାଣନ୍ତି । ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଆପଣା ମତ ବ୍ୟକ୍ତ କରିବା ପୂର୍ବେ ଶ୍ରୀଯୁକ୍ତ ରେବେନସା ସାହେବ କମିଶନରଙ୍କୁ ଧନ୍ୟବାଦ ଦେଇ କହିଅଛନ୍ତି କି ଓଡ଼ିଶାର ଅବସ୍ଥା ସେ ଉତ୍ତମ-ରୂପେ ଜାଣିଅଛନ୍ତି ଏବଂ ଆପଣା ଅଧୀନସ୍ଥ ଲୋକଙ୍କ ହିତ ସକାଶେ ସେ ସର୍ବଦା ଯତ୍ନଶୀଳ ଅଛନ୍ତି ଓ ଆମ୍ଭମାନଙ୍କ ବିବେଚନାରେ ତାହା ଯଥାର୍ଥ ଅଟେ ।

ଲେଫ୍‌ଟେନେଣ୍ଟ ଗବର୍ଣ୍ଣର କହିଅଛନ୍ତି ଯେ ଗତ କେତେକ ବର୍ଷରୁ ପ୍ରତିବର୍ଷ ଉତ୍ତମ ଫସଲ ଓଡ଼ିଶାରେ ହେଉଅଛି ଏବଂ ଧାନଲୁଗା ଓ ଅନ୍ୟାନ୍ୟ ଦ୍ରବ୍ୟର ଆମଦାନୀ ବୃଦ୍ଧି ହେଉଅଛି । ଏଥିରେ ଲୋକଙ୍କ ଅବସ୍ଥା ବର୍ଷକୁବର୍ଷ ଉନ୍ନତ ହେଉଅଛି ଯଥା; ମାଟିବାସନ ପରିବର୍ତ୍ତରେ ବର୍ତ୍ତମାନ ସର୍ବତ୍ରରେ ପିତ୍ତଳବାସନ ବ୍ୟବହାର ହେଉଅଛି ଓ ସ୍ତ୍ରୀ ଓ ବାଳକଙ୍କର ଅଲଙ୍କାର ବୃଦ୍ଧି ହେଉଅଛି । କାରିଗରମାନଙ୍କ ମଜୁରୀ ଏବଂ ଲୁଣର ଖର୍ଚ୍ଚ ବଢ଼ିଅଛି ଏବଂ ଲୋକଙ୍କର ଆଦରଣୀୟ ଭୋଗ ଅର୍ଥାତ୍ ଅଫିମ ବର୍ଷକୁ-ବର୍ଷ ଅଧିକ ଖର୍ଚ୍ଚ ହେଉଅଛି । ଏସମସ୍ତ ସୌଭାଗ୍ୟର ଚିହ୍ନ ଅଟଇ । କେବଳ ନିର୍ଦ୍ଦିଷ୍ଟ

Digitized by srujanika@gmail.com

କେତନରେ ନିର୍ବାହ କରୁଥିବା ନଗରବାସି-ମାନେ କ୍ଲେଶ ପାଉଅଛନ୍ତି କାରଣ ଉତ୍ତମ ଫସଲ ହେଲେ ମଧ୍ୟ ଏମାନେ ଶସ୍ତାରେ ଦ୍ରବ୍ୟ କିଣିବାକୁ ପାଉ ନାହାନ୍ତି । ଲେଫ୍ଟେନେଣ୍ଟଗବର୍ଣ୍ଣର ଲେଖିଅଛନ୍ତି ଯେ ବାଲେଶ୍ୱର ଓ କଟକ ଅପେକ୍ଷା ପୁରୀରେ ଉନ୍ନତିର ଚିହ୍ନ ଅଳ୍ପ ଦେଖା-ଯାଏ ଓ ପୁରୀର ବାଣିଜ୍ୟ ମଧ୍ୟ ଅଳ୍ପ ଅଟଇ ।

ଗତ ବର୍ଷ କଟକରେ ଦୁଇଲକ୍ଷ ମହଣ, ପୁରୀ-ରେ ୧୬୦୦୦୯ ମହଣ ଓ ବାଲେଶ୍ୱରରେ ପ୍ରାୟ ୯୯୦୦୦ ମହଣ ଲୁଣ ଖର୍ଚ୍ଚ ହୋଇଥିଲା । ଲୋକ-ସଂଖ୍ୟା ଅନୁସାରେ କଟକରେ ପ୍ରତି ଜଣ ସେ ୫।୵ ପୁରୀରେ ସେ ୫୷ ଓ ବାଲେଶ୍ୱରରେ ସେ ୫୵ ଲୁଣ ଖର୍ଚ୍ଚ କରଅଛନ୍ତି ।

ତାଲଚେରରେ ପଥର କୋଇଲା ଖଣି ବାହାରିଥିଲା ମାତ୍ର ପରୀକ୍ଷା କରିବାରେ ଦେଖା-ଗଲା ଯେ ସେଠାରେ ବାଣିଜ୍ୟ ଯୋଗ୍ୟ ଅଧିକ ପରିମାଣରେ କୋଇଲା ମିଳିବାର ଆଶା ନାହିଁ ଓ ସେ କୋଇଲା ମଧ୍ୟ ଅତି ନିକୃଷ୍ଟ ଅଟଇ ।

ଓଡିଶାର ଶ୍ରୀବୃଦ୍ଧି ବାଣିଜ୍ୟର ଉନ୍ନତିରୁ ଉତ୍ତମରୂପେ ପ୍ରକାଶ ପାଉଅଛି ସନ ୧୮୬୯।୭୦ ସାଲରେ ଓଡିଶାର ନାନା ସ୍ଥଳରେ ନିମ୍ନଲିଖିତ ରୂପେ ବାଣିଜ୍ୟ ହୋଇଥିଲା ଯଥା;—

| | ଆମଦାନୀ | ରପ୍ତାନୀ |
|---|---|---|
| କଟକ | ଟ୩୧୦୭୬୫ | ଟ୧୮୭୭୩୦ |
| ପୁରୀ | ଟ ୪୮୩୧୦ | ଟ୨୨୫୨୪୪ |
| ବାଲେଶ୍ୱର | ଟ୩୫୬୫୫୭ | ଟ୩୬୫୦୬୦ |

ଏ ବାଣିଜ୍ୟ କ୍ରମଶଃ ବୃଦ୍ଧି ହୋଇ ସନ ୧୮୭୫।୭୬ ସାଲରେ ନିମ୍ନଲିଖିତ ଅଙ୍କ ପର୍ଯ୍ୟନ୍ତ ଉଠିଥିଲା ଯଥା;।

| | ଆମଦାନୀ | ରପ୍ତାନୀ |
|---|---|---|
| କଟକ | ଟ୧୩୮୦୬୫୩ | ଟ୧୨୭୧୫୭୫ |
| ପୁରୀ | ଟ ୨୦୨୫୧ | ଟ ୨୯୦୧୮୪ |
| ବାଲେଶ୍ୱର | ଟ୨୦୭୨୮୬୨ | ଟ୧୬୯୯୫୬ |

ଲେଫ୍ଟେନେଣ୍ଟ ଗବର୍ଣ୍ଣର ବୋଲନ୍ତି ଯେ ଆମ-ଦାନୀର ବୃଦ୍ଧିରୁ ଲୋକଙ୍କର ସୌଭାଗ୍ୟର ପରି-ଚୟ ମିଳୁଅଛି । ମାତ୍ର ଆମଦାନୀଠାରୁ ରପ୍ତାନୀ ଊଣା ପଡିବାରୁ ଆମ୍ଭେମାନେ ଅନୁମାନ କରୁ ଅଛୁଁ ଯେ ଦେଶରେ ଧନସଞ୍ଚୟ ହୋଇ ପାରୁ ନାହିଁ । କେବଳ ଲୋକଙ୍କର ସ୍ୱଚ୍ଛନ୍ଦତା ପୂର୍ବା-ପେକ୍ଷା ବଢିଅଛି ନୋହିଲେ ଅଧିକ ଧନବାନ ହେବାର ବୋଲାଯାଇ ନ ପାରେ । ବିଶେଷତଃ ଯେତେବେଳେ ସ୍ମରଣ କରିବାକୁ ହୁଅଇ ଯେ ଉଭୟ ଆମଦାନୀ ଓ ରପ୍ତାନୀ କାରବାର ଅଧି-କାଂଶରେ ବିଦେଶୀୟଙ୍କ ହାତରେ ଅଛି ତେତେବେଳେ ଅବଶ୍ୟ ବୋଲିବାକୁ ହେବ ଯେ ବାଣିଜ୍ୟର ଉନ୍ନତିଦ୍ୱାରା ଏ ଦେଶର ଲୋ-କଙ୍କର ଯେପରି ଉନ୍ନତି ହେବାର ଆଶା ଥିଲା ତାହା କାର୍ଯ୍ୟତଃ ହେଉ ନାହିଁ । ରପ୍ତାନୀ କାର-ବାର ବର୍ଷକୁବର୍ଷ ବୃଦ୍ଧି ହେବାରୁ ଚଷାଙ୍କର ସୌଭାଗ୍ୟ ହୋଇ ଅଛି ଏହିଭ ଫଳ ଦେଖା ଯାଏ ନତୁବା ଅପରଶ୍ରେଣୀ ଲୋକଙ୍କ ପକ୍ଷରେ ବାଣିଜ୍ୟର ବିସ୍ତାର ବିଶେଷ ହିତକର ହୋଇ ନାହିଁ ।

ଚାନ୍ଦବାଲିବାଟେ କଲିକତାକୁ ଯିବା ଆସି-ବାର ସୁବିଧା ହେବାରୁ ପ୍ରତିବର୍ଷ ବିସ୍ତର ଲୋକ ଏ ଦୁଇ ସ୍ଥାନ ମଧ୍ୟରେ ଗମନାଗମନ କରୁ ଅଛନ୍ତି ଏବଂ ବର୍ଷକୁବର୍ଷ ଏହା ବୃଦ୍ଧି ହେଉ ଅଛି ସନ ୧୮୭୩।୭୪ ରେ ନ ୨୦୮୦୩ ଜଣ ଚାନ୍ଦବାଲିକୁ ଆସିଥିଲେ ଓ ୨୪୯୭୦ ଜଣ ସେଠାରୁ କଲିକତାକୁ ଯାଇ ଥିଲେ ଗତବର୍ଷ ଅର୍ଥାତ ସନ ୧୮୭୫।୭୬ ରେ ୩୦,୬୦୬ ଜଣ ଆସିଥିଲେ ଓ ୩୦୦୧୮ ଜଣ ଯାଇଥିଲେ । ବର୍ଷକୁବର୍ଷ ଅଧିକ ଓଡିଆ କଲିକତାକୁ ଯିବା ଆସିବା କରିବାଦ୍ୱାରା ଅନେକ ହିତସାଧନ ହେବାର ସମ୍ଭାବନା ଥିଲା ମାତ୍ର ଦେଖାଯାଏ ଯେ ନିମ୍ନଶ୍ରେଣୀର ଲୋକ ଅଧିକାଂଶରେ ଯାତାୟାତ କରନ୍ତି ଓ କେବଳ ସାମାନ୍ୟ ଶ୍ରମଦ୍ୱାରା ସେଠାରେ କିଞ୍ଚିତ ଧନ ଅର୍ଜନ କରନ୍ତି । ଏଥି-ରେ ଅଧିକ ଉନ୍ନତିର ଆଶା କିରୂପେ ହୋଇ ପାରେ ?

ଓଡିଶାର କେତେକ ନଗର ଓ ମୋଫ ସଲରେ ଜନ୍ମମୃତ୍ୟୁର ତାଲିକା ପ୍ରସ୍ତୁତ ହୁଅଇ ଲେଫ୍ଟେନେଣ୍ଟ ଗବର୍ଣ୍ଣର ସେ ତାଲିକା ସବୁକୁ ମନୋନୀତ ପ୍ରକାର ହୋଇଥିବାର ବୋଲନ୍ତି ମାତ୍ର କମିଶନରସାହେବ ଯେ ସବୁକୁ ଯଥାର୍ଥ ବୋଲି ବିଶ୍ୱାସ କରନ୍ତି ନାହିଁ । ଏଥିରେ ଗଭ-ର୍ଣ୍ଣମେଣ୍ଟ କମିଶନରଙ୍କୁ କହିଅଛନ୍ତି ଯେ ଯେବେ ତାଲିକାମାନ ଭୁଲଅଛି ତେବେ ସେ ଦୋଷ ତାହାଙ୍କର ଅଟଇ କାରଣ ସେ ଆପଣା ଅଧୀନସ୍ଥ କର୍ମଚାରୀଙ୍କୁ ସାବଧାନ ପୂର୍ବକ କାର୍ଯ୍ୟ କରିବାକୁ ଅନୁଜ୍ଞା କଲେ ଅବଶ୍ୟ ଶୁଦ୍ଧ ତାଲିକାମାନ ପ୍ରାପ୍ତ ହେବ । ଯେଉଁ ତାଲିକା ପ୍ରସ୍ତୁତ ହୋଇ ଅଛି ତହିଁର ଫଳ ଯଥା;।

ମୃତ୍ୟୁ ବାର୍ଷିକ ୧୦୦୦ ଲୋକ ମଧ୍ୟରେ

| | ମୋଫସଲରେ | ନଗରରେ |
|---|---|---|
| ବାଲେଶ୍ୱର | ୨୪.୩୧ | ୩୩.୧୮ |
| କଟକ | ୨୩.୬୭ | ୩୨.୯୬ |
| ପୁରୀ | ୨୮.୮୫ | ୨୧.୨୦ |

ଜନ୍ମ ବାର୍ଷିକ ୧୦୦୦ ଲୋକ ମଧ୍ୟରେ

| | | |
|---|---|---|
| ବାଲେଶ୍ୱର | ୪୨.୩୩ | ୩୦.୧୦ |
| କଟକ | ୪୮.୨୦ | ୩୯.୬୭ |
| ପୁରୀ | ୫୧.୨ | ୨୨.୩୮ |

ଓଡିଶାରେ ସନ ୧୮୭୫ । ୭୬ ସାଲରେ ନିମ୍ନଲିଖିତରୂପେ ରାଜସ୍ୱଆଦାୟ ହୋଇ ଥିଲା । ଯଥା ।

| | |
|---|---|
| ଭୂମିକର | ଟ୧୪୭୪୭୨୯ |
| ଲୁଣରମାସୁଲ | ଟ ୯୧୧୪୭୯ |
| ଷ୍ଟାମ୍ପମାସୁଲ | ଟ ୨୨୨୧୦୦ |
| ମାଦକଦ୍ରବ୍ୟରମାସୁଲ | ଟ ୨୯୩୭୬୫ |
| ଅଫିମ | ଟ ୧୯୨୬୬୧ |
| | ଟ୩୧୯୪୭୩୪ |

କେବଳ ପଞ୍ଚଠାରୁ ମାସୁଲର କିଛି ଊଣା ହେବାରୁ ଲବଣରେ ଏକଲକ୍ଷ ଟଙ୍କା କ୍ଷତି ହୋଇଅଛି ନତୁବା ଅନ୍ୟ ସମସ୍ତ ପ୍ରକାର ରାଜସ୍ୱ ଗତବର୍ଷ ଓ ପୂର୍ବ ବର୍ଷମାନଙ୍କଠାରୁ ବଢି ଅଛି ।

ଲେଫ୍ଟେନେଣ୍ଟଗବର୍ଣ୍ଣର କହୁ ଅଛନ୍ତି ଯେ ଓଡ଼ିଆମାନେ ବିସ୍ତର ଅପୁ ଖାଆନ୍ତି ଓ ଯଦ୍ୟପି ନି ଅପୁର ଦର ବଢିଅଛି ତଥାପି ଏ ଦ୍ରବ୍ୟର ଖର୍ଚ୍ଚ ଊଣା ପଡି ନାହିଁ ।

ଇଞ୍ଜିନିୟରିଙ୍ଗ ଏଥିକାର କାର୍ଯ୍ୟ ଏ ବର୍ଷ ଭଲ ହୋଇ ନ ଥିଲା । ଜଳ ନେବାର ବିଶେଷ ପ୍ରୟୋଜନ ହୋଇ ନ ଥିଲା ଏବଂ ନୌକାମାସୁଲ ମଧ୍ୟ ଊଣା ପଡିଅଛି । କେନାଲ ଓ ଜମିର ସମ-ନର ସୁଯୋଗ ସମ୍ପର୍କରେ ଲେଫ୍ଟେନେଣ୍ଟ ଗବ-ର୍ଣ୍ଣର ଲେଖିଅଛନ୍ତି ଯେ କେଉଁ କେଉଁ ଓ ମୟୁର-ଭଞ୍ଜର ରାଜାମାନେ ଆପଣା ବ୍ୟୟରେ ସଡକ-ମାନ ପ୍ରସ୍ତୁତ କରି ଏବଂ ବନ୍ଧକ ଭୂମିଗଣର ସୁବିଧା କରି ଅଛନ୍ତି । ଏପରି ପଥକରର ଉଦ୍ଦେଶ୍ୟ ଲୋକେ ବୁଝିଅଛନ୍ତି ଓ ଶାସନମାନେ ତଦନୁସାରେ କର୍ମ କରୁଅଛନ୍ତି ।

ଶିକ୍ଷା ସମ୍ପର୍କରେ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଲେଖିଅଛନ୍ତି ଯେ ବାଲେଶ୍ୱର ସ୍କୁଲ ଏ ପକ୍ଷରେ ଅଗ୍ରସର ହୋଇଅଛି । ଶ୍ରୀଯୁକ୍ତ ରେଭରେଣ୍ଡ ସାହେବ କେତେକ ଶୁଦ୍ଧ ଏ ପ୍ରଥମ ଶିକ୍ଷାର ପୁସ୍ତକ ଓଡ଼ିଆ ଭାଷାରେ ପ୍ରସ୍ତୁତ କରିବାରୁ ଅତ୍ୟନ୍ତ ଧନ୍ୟବାଦର ପାତ୍ର ହୋଇ ଅଛନ୍ତି ଏବଂ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଭରସା କରନ୍ତି ଯେ

Digitized by srujanika@gmail.com

ଜଣେ ଡେପୁଟୀ କଲେକ୍ଟର ଏବଂ ଓଡ଼ିଶାର ନୂଆ ଶିକ୍ଷାବିଭାଗର ଇନ୍‌ସ୍ପେକ୍ଟର ପଦରେ ନିଯୁକ୍ତ ହୋଇ ଥିବାରୁ ଶିକ୍ଷାର ବିଶେଷ ଉନ୍ନତି ହେବାର ସମ୍ଭାବନା ଅଛି । କଟକ କଲେକ୍ଟ ସଭାରେ ଯେଉଁମାନେ ଚାନ୍ଦା ଦେଇ ଅଛନ୍ତି ତାହାଙ୍କ ମଧ୍ୟରେ ବାବୁ ନିମାଇଚରଣ ଘୋଷ ବାବୁ ବୃନ୍ଦାବନଚନ୍ଦ୍ର ମଣ୍ଡଳ ରାୟ ଶ୍ୟାମାନନ୍ଦ ଦେ ବାହାଦୁର ଏବଂ ବାବୁ ମଦନମୋହନ ଦାସ ଅଧିକ ଟଙ୍କା ଦେଇଅଛନ୍ତି । କଟକ ଟାଉନ ହଲ ଘର କାର୍ଯ୍ୟ ନିର୍ବାହ ସମ୍ପର୍କରେ ଡାକ୍ତର ଷ୍ଟିୱାର୍ଟ ସାହେବଙ୍କର ପ୍ରଶଂସା ହୋଇଅଛି ।

ଜିଲର ମାଜିଷ୍ଟ୍ରେଟମାନେ ଅନରେରି ମାଜିଷ୍ଟ୍ରେଟଙ୍କଠାରୁ ସାହାଯ୍ୟ ପାଉଥିବାର ସ୍ୱୀକାର କରିବାରେ ଲେପ୍‌ଟେନେଣ୍ଟ ଗବର୍ଣ୍ଣର ଆନନ୍ଦିତ ହୋଇ ଅଛନ୍ତି । ଜମିଦାରଙ୍କ ଚଉକି ବିଷୟରେ କେତେ ସାହେବମାନେ ଉତ୍ତମ ରିପୋର୍ଟ କରି ଅଛନ୍ତି ଏବଂ ରାୟ ଶ୍ୟାମାନନ୍ଦ ଦେ ବାହାଦୁର, ବାବୁ ନିମାଇଚରଣ ଘୋଷ, ବାବୁ ବୈକୁଣ୍ଠ ନାଥ ଦେ, ବାବୁ ବୈଦ୍ୟନାଥ ପଣ୍ଡିତ, ମହନ୍ତ ନାରାୟଣ ଦାସ ଓ ସୁଜାଦାର ଜମିଦାରଙ୍କର ସୁଖ୍ୟାତି କମିଶ୍ନର ସାହେବ ଲେଖି ଅଛନ୍ତି ।

ଆମ୍ଭମାନଙ୍କ ବିବେଚନାରେ ଏ ବିଷୟର ବିଜ୍ଞାପନରେ କମିଶ୍ନର ସାହେବ ବାଲେଶ୍ୱର ପକ୍ଷରେ ଚଳ ଅଛନ୍ତି ଓ କଟକ କଲେଜ ସଭାରେ ଭେଟ ଦେବା ଏବଂ ଜମିଦାର ମଧ୍ୟରେ ପରିଗଣିତ ହେବା ବିଷୟରେ କେବଳ ବାଲେଶ୍ୱରବାସୀଙ୍କର ଅଧିକ ସ୍ପନ୍ଦିତ ହେବା ଅନ୍ୟାଜ୍ୟ ଜିଲାର ଲୋକଙ୍କ ପ୍ରତି ଅବିଚାର ହୋଇଅଛି ଜଣାଯାଉ ନାହିଁ । କଲେଜ ସଭାରେ ବାଲେଶ୍ୱରର ଜମିଦାରମାନେ ସର୍ବାପେକ୍ଷା ଅଧିକ ଭେଟ ଦେଇ ନାହାନ୍ତି କଟକର ଜମିଦାରମାନେ ଅନେକ ଟଙ୍କା ଦେଇ ଅଛନ୍ତି ଓ ବଙ୍ଗବାସୀ ଜମିଦାରଙ୍କୁ ଛାଡ଼ିଦେଲେ ସ୍ୱଦା ଚୌଧୁରୀ ରଘୁନାଥ ଦାସ ଏକହଜାର ଟଙ୍କା ଦେଇ ଅଛନ୍ତି ବାଲେଶ୍ୱରରେ ଏହାଙ୍କଠାରୁ କେହି ଅଧିକ ଭେଟ ଦେଇ ନାହିଁ ମାତ୍ର ଦୁଃଖର ବିଷୟ ଯେ କମିଶ୍ନର ସାହେବ ଏହାଙ୍କ ନାମ ନ ଲେଖି କେବଳ ବାଲେଶ୍ୱରର ଛଅ ସାତଜଣ ଭଦ୍ରଲୋକଙ୍କର ନାମ ଲେଖି ଅଛନ୍ତି । ଉତ୍ତମ ଜମିଦାରଙ୍କ ନାମ ଲେଖିବାରେ ମଧ୍ୟ ଏହିପରି ତ୍ରୁଟି ହୋଇ ଅଛି । ଯେବେ ଏପରି ନାମ ଲେଖିବା ଆବଶ୍ୟକ ତେବେ ସାବଧାନ ପୂର୍ବକ ଭଲ ଜମିଦାରଙ୍କ ନାମ ଲେଖିବା ଉଚିତ ଥିଲା । ଦୁଇ ଏକ ଜଣର ନାମ ଲେଖି ଆଉ ଜମିଦାରଙ୍କୁ ଛାଡ଼ି ଦେବା ଭଲ ହୋଇ ନାହିଁ ଏଥିରେ ଭଲ ଜମିଦାରଙ୍କର ଅକାରଣ ମନୋଦୁଃଖ ଓ ନିରୁତ୍ସାହ ଜନ୍ମିପାରେ ।

---

## ଗୋବର ।

ଗତ ମାସର ଷ୍ଟାଟିଷ୍ଟିକଲ ରିପୋର୍ଟରେ ଏ ବିଷୟରେ ଗୋଟିଏ ପ୍ରସ୍ତାବ ବାହାରିଥିବାରୁ ଏଡୁକେଶନ ଗେଜେଟ ତହିଁର ଅନୁବାଦ ପ୍ରକାଶ କରିଥିଲେ । ଏଠା ଲୋକଙ୍କ ପକ୍ଷରେ ଏ ପ୍ରସ୍ତାବରେ ଲେଖାଥିବା ବିଷୟମାନ ଜାଣିବା ଅତ୍ୟନ୍ତ ପ୍ରୟୋଜନୀୟ ବୋଧ ହେବାରୁ ଆମ୍ଭେମାନେ ତାହାକୁ ଏଠାରେ ଉଦ୍ଧୃତ କଲୁଁ ପାଠକମାନେ ଦେଖିବେ ଯେ ଗୋବରକୁ ଖତ ସ୍ୱରୂପ ବ୍ୟବହାର ନ କରି ଜାଳିବା କାଠ ପରିବର୍ତ୍ତରେ ବ୍ୟବହାର କରିବାରୁ ଆମ୍ଭମାନଙ୍କର ଅସୀମ ଅନିଷ୍ଟ ହେଉଅଛି । ସମସ୍ତେ ବୋଲନ୍ତି ଯେ ଆଗେ ଯେମନ୍ତ ମାଟିର ବଳ ଥିଲା ଏବେ ସେମନ୍ତ ନାହିଁ ଓ ଧନଜୁଦନ ଶସ୍ୟ ପୃଥିବୀରୁ ହରଣ ହେଉଅଛି । ମାତ୍ର ଅନୁସନ୍ଧାନ କଲେ ନିଶ୍ଚୟ ଜଣା ଯିବ ଯେ ଗୋବରକୁ ଖତ ନ କରି ଯଦି ଶୁଖା କରି ଜାଳଦେବାରେ ମାଟିର ବଳ ହ୍ରାସ ହେଉଅଛି ଆଉ ପୂର୍ବପରି ଫସଲ ହେଉ ନାହିଁ । ଲୋକେ ଅଦୂରଦର୍ଶିତା ହେତୁରୁ ଗୋବରକୁ ଶୁଖାଇ ଜାଳ କରିବାରେ ଲାଭ ଜ୍ଞାନ କରନ୍ତି ତଦ୍ଦ୍ୱାରା ଯେ ଫସଲ ବୃଦ୍ଧି ହେବ ତାହା ଦେଖିବା ପର୍ଯ୍ୟନ୍ତ ସମ୍ଭାଳ ହୋଇ ପାରନ୍ତି ନାହିଁ । ଏପରି ଧନଜୁଦନ କୃଷିର ବିସ୍ତାର ହେବାରୁ ଯେ ସବୁସ୍ଥାନରେ ପୂର୍ବେ ଜଙ୍ଗଲ ଓ ନାନାପ୍ରକାର ସାନ ବଡ଼ ଗଛର ବଣ ଥିବାରୁ ଜାଳିବା କାଠ ପ୍ରାପ୍ତ ହେଉଥିଲା ସେସବୁ ଆବାଦ ହେବାରେ ମୋଫସଲରେ ଜାଳିବାକାଠ ମିଳିବାର କଠିନ ହୋଇଅଛି ସୁତରାଂ ଜାଳିବାକୁ ଅଧିକ ପରିମାଣରେ ଗୋବର ବ୍ୟବହାର ହେଉଅଛି ଜମିଦାର ଓ କୃଷିକାରମାନେ ଏ ବିଷୟରେ ଦୃଷ୍ଟି ରଖି ଗୋବରକୁ ଅପବ୍ୟୟ ନ କଲେ ଅବଶ୍ୟ ତହିଁର ଉପକାରିତା ଜାଣିପାରିବେ ସନ୍ଦେହ ନାହିଁ ।

"ଅନେକଲୋକ ମନେକରନ୍ତି ଯେ, ଘରଭିତ୍ତିରେ ଗୋବର, ଜମିରେ ସାର ଦେବା ନିମିତ୍ତ ବ୍ୟବହୃତ ନ ହୋଇ ଯେ ପୋଡ଼ାଯାଏ, ଏବଂ ତାହାର ଭସ୍ମମାତ୍ର ଯେ ସାରରୂପେ ବ୍ୟବହୃତ ହୋଇଥାଏ, ତହିଁରେ କୃଷିପକ୍ଷରେ ବିଶେଷ ଅନିଷ୍ଟ ହୁଏ ନାହିଁ । କିନ୍ତୁ ବାସ୍ତବିକ ତାହା ନୁହେ । ଗୋମୟ ଏବଂ ଗୋମୂତ୍ରରେ ଯେ ଉଦ୍ଭିଦପୋଷକ ପଦାର୍ଥ ଥାଏ ତହିଁର ଅଧିକାଂଶ ଅଗ୍ନିସଂଯୋଗରେ ନଷ୍ଟ ହୋଇଯାଏ । ଗୋମୂତ୍ର ଭୂମିର ଉତ୍ପାଦିକା ଶକ୍ତି ବର୍ଦ୍ଧନପକ୍ଷରେ ବିଶେଷ ଉପଯୋଗୀ; ପରୀକ୍ଷା କରି ଦେଖାଯାଇଅଛି ଯେ ଗୁହାଳର ତୃଣ ମୂତ୍ର ମିଶ୍ରିତ ଗୋମୟ ଧାତୁଘଟିତସାର ଅପେକ୍ଷା ଅଧିକ ଫଳୋପଧାୟୀ । ଗୋମୟ ପଦାର୍ଥରେ ହଜାରେ ମଧ୍ୟରେ ୮୪୦ ଭାଗ ଜଳ, ୧୭୫ ଭାଗ ଉଦ୍ଭିଜ୍ଜ, ଉଦ୍ଭିଦ ଆସିଡ ପ୍ରଭୃତି ଜୀବନକ ପଦାର୍ଥ, ୨୫ ଭାଗ ସଲଫେଟ ଅବ୍ ପଟାସ ଓ ସୋଡା ପ୍ରଭୃତି ଅଜୀବନକ ପଦାର୍ଥ ଥାଏ ଏବଂ ଗୋମୂତ୍ରରେ ଜଲୀୟଭାଗ ୯୨୦ ଜୀବନକ ପଦାର୍ଥର ଭାଗ ୭୦ ଓ ଅଜୀବନକ ପଦାର୍ଥର ଭାଗ ୨୦ ଥାଏ । ଯେ ଭୂମିରେ ଜୀବନକ ପଦାର୍ଥ ଅଧିକ ମିଶ୍ରିତ ହୁଏ ତାହାର ରସାଦାନ ଓ ରସଧାରଣ କ୍ଷମତା ଅଧିକ ହୁଏ ।

ସଭ୍ୟଦେଶମାନଙ୍କରେ ଗୃହପାଳିତ ପଶୁର ମଳ ମୂତ୍ର ମିଶ୍ରିତ ତୃଣଶଯ୍ୟାସବୁ ସାର ରୂପେ ବ୍ୟବହୃତ ହୁଏ । ପରୀକ୍ଷା କରି ଦେଖାଯାଇଅଛି କେବଳ ପାଉଂଶ ଅପେକ୍ଷା ଗୋବରର ସାର ଦେଲେ ଭୂମିରେ ଚତୁର୍ଗୁଣ ଫସଲ ଉତ୍ପନ୍ନ ହୁଏ । ଗୋବର ସାରରେ କେବଳ ଯେ ସେହିବର୍ଷ ମାତ୍ରେ ଭୂମି ଭଲ ହୁଏ ଏମନ୍ତ ନୁହେ, ଥରେ ସାର ଦେଲେ ଅନେକଦିନ ପର୍ଯ୍ୟନ୍ତ ଭୂମି ସତେଜ ଥାଏ । ପାଉଂଶ ସାର ଦେଲେ ବୃଷ୍ଟି ହୋଇ ତାହା ଧୋଇଯାଏ କିନ୍ତୁ ଗୋବର ସାରରେ ତାହା ହୁଏ ନାହିଁ, ତାହା ଜଳ ପାଇ ମାଟି ସଙ୍ଗରେ ମିଶିଯାଏ ।

ଏ ଦେଶରେ ବାରମ୍ବାର ଯେରୂପ ଦୁର୍ଭିକ୍ଷ ଓ କ୍ରମଶଃ ଯେରୂପ ଅନ୍ନକଷ୍ଟ ହେବାର ଆରମ୍ଭ ହୋଇଅଛି, ଓ ତନ୍ନିବନ୍ଧନ ରୋଗ ଓ ମହାମାରୀ ଉପସ୍ଥିତ ହୋଇ ଦେଶର ଯେରୂପ ଦୁରବସ୍ଥା ଘଟୁଅଛି, ତହିଁରେ ଶସ୍ୟୋତ୍ପତ୍ତି ବୃଦ୍ଧି ନ କଲେ ଆଉ ଉପାୟ ନାହିଁ । କିନ୍ତୁ ସାଧାରଣତଃ ଏ ଦେଶର ଶସ୍ୟକ୍ଷେତ୍ର ସମୂହରେ ପାଉଂଶର ସାର ଦେବାର ପ୍ରଥା ଥିବାରୁ ଭୂମିର ଉତ୍ପାଦିକାଶକ୍ତି ନଷ୍ଟ ହୋଇ ଶସ୍ୟୋତ୍ପତ୍ତିର ବ୍ୟାଘାତ ହେଉଅଛି । କୃଷକମାନେ ଗୋବର ପୋଡ଼ି ନଷ୍ଟ ନ କରି ସାମାନ୍ୟ ବ୍ୟୟରେ ଗୃହକାର୍ଯ୍ୟ ନିମିତ୍ତ କାଷ୍ଠାଦି ସଂଗ୍ରହ କରି ପାରନ୍ତି । ସେମାନେ ଯଦି କେତେ ଜମିରେ ଜାଳିବା କାଷ୍ଠର

କମିତ୍ ବୃକ୍ଷଉତ୍ପାଦନ କରନ୍ତି, ତାହା ହେଲେ ଗୋମୟସହ ସାର କମିତ୍ ବ୍ୟବହୃତ ହୋଇ ଦୁଇଦିନ ମଧ୍ୟରେ ଦେଶର ଅଭୂତପୂର୍ବ ଉପକାର ହୋଇ ପାରନ୍ତା । ଅନେକ ଅନୁର୍ବର ପତିତ ଭୂମି ମଧ୍ୟ ତେଇଷ୍ଟର ସାରଯୋଗରେ ଆବାଦର ଉପଯୋଗୀ ହୋଇ ପାରନ୍ତା ।

ସହରବାସି ଲୋକମାନେ ଗୋବର ରକ୍ଷା ନ କରି ତହିଁରେ ଘସି ପ୍ରସ୍ତୁତ କରବାରେ ତାଙ୍କ ମଧ୍ୟରେ ଯେ ମିତବ୍ୟୟିତାର କାର୍ଯ୍ୟ ହୁଏ ତାହା ମଧ୍ୟ ପ୍ରଶସ୍ତ ମିତବ୍ୟୟିତା ନୁହେ । ଗୋବର ରକ୍ଷ କଲେ ତହିଁର ମୂଲ୍ୟରେ ତାଙ୍କର ଅଧିକ ଲଭ ହୋଇପାରେ । ମାନ୍ଦ୍ରାଜରେ ଏକ ଆକାରର ଓ ଏକ ବୟସର ଦୁଇଯୋଡ଼ା ବଳଦକୁ ଏକସ୍ଥାନରେ ରଖି ଏକପ୍ରକାର କର୍ମ କରାଇ ଏକବିଧ ଆହାର ଦେଇ ଦୁଇମାସ କାଳ ତାଙ୍କର ଏକଯୋଡା ବଳଦର ଗୋବର ସଂଗ୍ରହ କରି ଘସି ପାରି ଶୁଖାଇ ଦେଖାଯାଇଅଛି ଯେ ସେହି ଶୁଷ୍କ ଗୋମୟର ଓଜନ ଦୁଇମହଣ ସାଢେ ଚଉଦସେର ହୁଏ କିନ୍ତୁ ପୋଡି ତହିଁର ପାଉଁଶ ସାଢେ ଅଠାଇଶସେର ମାତ୍ର ହୋଇଥିଲା କିନ୍ତୁ ଅପର ଦୁଇଟି ବଳଦକୁ ତୃଣ ଦେଇ ରକ୍ଷା ହୋଇଥିଲା ସେହି ମୂତ୍ର ମିଶ୍ରିତ ତୃଣ ସଙ୍ଗରେ ତାଙ୍କର ଗୋମୟ ସଂଗ୍ରହ କରିବାରେ ଦୁଇମାସ ଉତାରେ ସେହି ସାରର ପରିମାଣ ମ୭।୧୩ସେର ହୋଇଥିଲା । ଅବର୍ଷା ଅର୍ଥାତ୍ ଗ୍ରୀଷ୍ମକାଳରେ ଏହି ପରୀକ୍ଷା ହୋଇଥିଲା । ସେତେବେଳେ ବଳଦମାନଙ୍କୁ କେବଳ ଶୁଷ୍କତୃଣ ଅବା ନଡା ଖାଇବାକୁ ଦିଆଯାଉଥିଲା । ଯେବେ ବର୍ଷାକାଳରେ ଏହି ପରୀକ୍ଷା ହୋଇଥାନ୍ତା, ଗୋରୁମାନଙ୍କୁ ଘାସପତ୍ର ଖାଇବାକୁ ଦିଆ ଯାଇଥାନ୍ତା ତାହା ହେଲେ ତାଙ୍କର ଅତ୍ୟନ୍ତ ଅଧିକ ଗୋବର ଓ ମୂତ୍ର ଉତ୍ପନ୍ନ ହୋଇଥାନ୍ତା ଏବଂ ତାହା ହେଲେ ସେମାନଙ୍କର ବର୍ଷା-ସ୍ଥଳର ଅର୍ଦ୍ଧତୃଣ ଶଯ୍ୟା ସହିତ ପୂର୍ବୋକ୍ତର ପରିମାଣ ଅନେକ ବୃଦ୍ଧି ହୋଇଥାନ୍ତା ଏବଂ ପୂର୍ବୋକ୍ତର ଗଳିତଭାବ ଓ ମୂତ୍ରର ପରିମାଣାଧିକ୍ୟରେ ସାରର ତେଜ ମଧ୍ୟ ବୃଦ୍ଧି ହୁଅନ୍ତା । ଏହିରୂପ ସାରର ଫଳୋପଧାୟିତା କୃଷକମାନେ ବୁଝିପାରିଲେ ଗୋପାଳକମାନଙ୍କ ପକ୍ଷରେ ଘସି ପ୍ରସ୍ତୁତ କରି ଅପେକ୍ଷା ଏହିରୂପ ସାରଦ୍ୱାରା ବାଣିଜ୍ୟ ସମ୍ବନ୍ଧରେ ଅଧିକ ଲଭ ହେବ ଏବଂ କୃଷିର ଉତ୍କର୍ଷ ସାଧନ ହୋଇ ଦେଶର ଯେ କେତେକ ଉପକାର ହେବ ତାହା କୋହିଯାଇ ନ ପାରେ ।”

# ସାପ୍ତାହିକସଂବାଦ ।

ଇଣ୍ଡିୟାନ ମିରର ଏମନ୍ତ ଜନରବ ଶୁଣିଅଛନ୍ତି ଯେ ଆଗାମୀ ଦିଲ୍ଲୀ ଦରବାର ଉତାରୁ ସର୍ ରିଚର୍ଡ ଟେମ୍ପଲ ସପରିବାରରେ ବିଲାତକୁ ଯାତ୍ରା କରିବେ ।

ଭାରତବର୍ଷର ସମସ୍ତ ଦେଶୀୟ ସିପାହିଙ୍କ ମଧ୍ୟରେ ନିହାଲସିଂହ ନାମରେ ଏକଜଣ ସିପାହି ଠିକ ଲକ୍ଷ ଉଡାଇବାରୁ ନଗଦ ୫୦୦ଙ୍କା ଓ ଗୋଟିଏ ରୂପାର ତଗମା ପାରିତୋଷିକ ପାଇଅଛି ।

ରଙ୍ଗୁନର ଏକ ସଂବାଦପତ୍ରରେ ଲେଖାଅଛି ଯେ ଏକ ଚଟ୍ଟ ଉପରେ ଦୁଇଜଣ ଫିଲ ଗୋଟିଏ କାଉବସା ପାଇଲେ ଯେ ତାହା କେବଳ ବିଲାତି ପାଣି ବୋତଲ ମୁହଁରେ ବନ୍ଧା ଥିବା ଲୁହା ତାରରେ ନିର୍ମାଣ ହୋଇଥିଲା । ଏ ବସାଟି ଯାଦୁଘରକୁ ପ୍ରେରିତ ହୋଇଅଛି । କୁଆମାନେ ମନୁଷ୍ୟ ପାଖରେ ଥାଇ ବୁଦ୍ଧି ଶିଖିଲେଣି ।

ବମ୍ବେଇରେ କଲିକତା ପରି ଲୁଗା କାଚିବା ସକାଶେ ଧୋବା ମିଳନ୍ତି ନାହିଁ । ଏଥିପାଇଁ ସେଠାକାର ମିଉନିସିପାଲିଟି ଧୋବାଙ୍କ ଘର ସକାଶେ ୩୦ ହଜାର ଟଙ୍କା ବ୍ୟୟ ମଞ୍ଜୁର କରିଅଛନ୍ତି । ଏହା ମଧ୍ୟ ପ୍ରସ୍ତାବ ହୋଇଅଛି ଯେ ପଥରରେ ଲୁଗାକୁ ପିଟି ପରିଷ୍କାର କରିବାରେ ଲୁଗା ଶୀଘ୍ର ଜୀର୍ଣ୍ଣ ହୋଇଯାଏ ଅତଏବ ବିଲାତରୁ କେତେ ଗୋଟା ଲୁଗା କାଚିବାର କଳ ଅଣାଇଦିଆଯିବ ।

ମହାମାନ୍ୟ ଗବର୍ଣ୍ଣର ଜେନେରଲ ସାହେବ ଚଳିତମାସ ତା ୧୦ ଋଖରେ ସିମଲାରୁ ଯାତ୍ରା କରିବେ ଏବଂ କାଶ୍ମୀର ପେସାବର ଲାହୋର, ମୂଲତାନ, ଭଗଲପୁର, ସିନ୍ଧୁ, କରାଚି ଓ ବମ୍ବେଇ ସ୍ଥାନମାନ ଭ୍ରମଣ କରି ଆଗାମୀ ଡିସେମ୍ବର ମାସ ତା ୨୩ ଋଖରେ ଦିଲ୍ଲୀନଗରରେ ପ୍ରବେଶ ହେବେ ।

ଗତମାସ ତା ୧୯ ଋଖରେ ମସୁରୀନଗରରେ ବୃମିବର୍ମ ହୋଇଥିଲେ । ମୃତ ଗ୍ଲୋବର ସାହେବଙ୍କ କର୍ମରେ ବାବୁ ରମେଶଚନ୍ଦ୍ର ମିତ୍ର କଲିକତା ହାଇକୋର୍ଟର ଜଜ ହୋଇଅଛନ୍ତି ଏବଂ ମାନ୍ୟବର ମାକଡୋନାଲ ସାହେବ ଉକ୍ତ ବାବୁଙ୍କ ସ୍ଥାନରେ ଅଫିସିଆଲ ଜଜ ହୋଇଅଛନ୍ତି ।

ଏମନ୍ତ ଅନୁମାନ ହୁଅଇ ଯେ ଦିଲ୍ଲୀରେ ଯେଉଁ ଦରବାର ହେବାର ଉଦ୍ୟମ ଲାଗିଅଛି ତହିଁରେ ଅନ୍ୟୂନ ପଞ୍ଚାଶଲକ୍ଷ ଟଙ୍କା ବ୍ୟୟ ହେବ ଓ ବର୍ତ୍ତମାନ ସମୟରେ ଏତେ ଟଙ୍କା ଗବର୍ଣ୍ଣମେଣ୍ଟ ବ୍ୟୟ କଲେ ତାହା ଅବଶ୍ୟ ସକାଶେ କୌଣସି ଟାକ୍ସ ଅବା ନ ବସାନ୍ତି ।

ବଗାପାଟଣା ଜିଲା ଜଇପୁର ତାଲୁକା ପୋଟେଙ୍ଗି ଷ୍ଟେସନ ଇଲାକା ତାହାରମାନିତ ଅଲଗା ଗ୍ରାମରେ ଜଣେ ମନୁଷ୍ୟ କିଛି ମାଲ କେତେକ ଦିନ ତଳେ ପୋତିଥିଲା କେତେମାସାନ୍ତରୁ ପୋତିବାସ୍ଥଳକୁ ଯାଇ ଖୋଳିବାରୁ ମାଲ ନ ଦେଖିଲା ଆପଣା ମନରେ ବହୁତ ଦୁଃଖିତ ହୋଇ ସେ ଗ୍ରାମସ୍ଥ ଲୋକମାନଙ୍କୁ କହି ବୁଝି ରହିଲା, ସେ ସଙ୍ଗତ ୨ । ୩ ମାସ ଉତ୍ତାରୁ ପୁଲିସ ଦଣ୍ଡ ଅସି ଶୁଣି ପୋଟେଙ୍ଗି ଷ୍ଟେସନ କନଷ୍ଟବଲମାନଙ୍କୁ ରପୋର୍ଟ କରିବାରୁ ଗୋଟିଏ କନଷ୍ଟବଲ ବାହାର ସେ ଦଣ୍ଡ ଅସି ସଙ୍ଗରେ ସେ ଗ୍ରାମକୁ ଯାଇ ତଲାସ କରି ମାଲବାଲକୁ ପଚାରିବାରୁ ମାଲ ପୋତିବା କାଳରେ ଆଉ ଜଣେ ଦେଖିଥିଲା ବୋଲି ସେ କହିବାରୁ ସେ ଆସାମୀକୁ ଓ ତାହାର ଭାର୍ଯ୍ୟାକୁ କନଷ୍ଟବଲ ଧରିଆଣି କହିଲା ଫେରା-ଦର ମାଲ ତୁ କାଢି ନେଇଅଛୁ ଆଣିଦେ ମାତ୍ର ସେ ନାସ୍ତିକଲା ସେ କଥା କନଷ୍ଟବଲ ନ ଶୁଣି ଅନେକ ମାଡ ମାରି ଦଣ୍ଡ ଅସି ଦାଢରେ ମଧ୍ୟ ପାଣ୍ଡୋଇଗଲେ ମଗାଇଲା, ସେ ମାଡ ଖାଇ ସୁଦ୍ଧା ନିର୍ଦ୍ଦୋଷୀ ଥିବାର କହିବାରୁ ତା କଥା ନ ଶୁଣି, କଣ୍ଟବାଉଁଶର ବତା ଅଣାଇ ଦୁଇଖଣ୍ଡ ବତାକୁ ଚିମୁଟା ପରି ତିଆ କରାଇ, ସ୍ତ୍ରୀର ସ୍ତନରେ ଚିମୁଟା ଥରାଇଲା, ତା ବୃଦ୍ଧସ୍ତର ଦୁଇଗୋଟି ପିଠିରେ ପଶୁମାନଙ୍କୁ ଥରାଇଲା ପରି ସେ ନିର୍ଦ୍ଦୋଷିର ପ୍ରାଣତ୍ୟାଗ ହୋଇଗଲା, ସେ ସ୍ତ୍ରୀର ସ୍ତନମାନ ଫୁଲିଯାଇଥିଲା ତାକୁ ଜୟପୁର-ଆସ୍ପତାଳକୁ ନେଇ ଭଲ କଲେ । ଏ ଦଣ୍ଡୁଅସି ଓ କନଷ୍ଟବଲ ଖୁନ କରିଥିବାର ଗଞ୍ଜାମର ଏଜେଣ୍ଟଙ୍କ କୋର୍ଟରେ ପ୍ରମାଣ ହେବାରୁ ଦୁହିଙ୍କି ଗତମାସ ତା ୬ ଋଖରେ ଫାଶି ଦଣ୍ଡ ହେଲା ।

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଏହଦ୍ୱାରା ଉଲ୍ଲେଖିତ ଲବଣକାନ୍ଟ୍ରାକ୍ଟକାରମାନେ ଆପଣାଂ ଅଡଙ୍ଗ ଓ ଗୋଲା ଇଲାକା ଅମଲାମାନଙ୍କର ଦରମାହା ଟଙ୍କା ଦାଖଲ କରି ନ ଥିବାରୁ ସେମାନଙ୍କଦ୍ୱାରା ଯୋଗାନ ହୋଇଥିବା ଗୋଲା ଗେଜଡ଼ ହିସାବ ମୁତାବକ ନିମ୍ନଲେଖିତ ମ ୭୬୮୭ ମଣ କରକଚ ଲବଣ ମହାମାନ୍ୟବ ବୋର୍ଡଙ୍କ ଆଦେଶ ଅନୁସାରେ ଆଗତ ଅକ୍ଟୋବର ମାସ ତା ୨୦-ରଖ ଦିନ ଘ ୮ ଣ୍ଟା ସମୟ ପୁରୀ ମୁକାମ ଶ୍ରୀଯୁତ କଲେକ୍ଟରସାହେବଙ୍କ ସଦର କଚେରୀଠାରେ ଏକ ଲାଟ ଏକସ ମ ୧୦୦ ମଣ ହିସାବ ପୃଥକ୍ ରୂପେ ନିଲାମଦ୍ୱାରା ବିକ୍ରୀ ହେବ ଓ ନିଲାମ ଖରିଦଦାରଙ୍କୁ ଏକ ଲାଟର ମ ୧୦୦ ମଣ ଲବଣ ଓଜନ କରି ଦିଆଯିବ ଅତଏବ ଯେଉଁମାନଙ୍କର ଉକ୍ତ ଲବଣ କ୍ରୟ କରିବାର ମାନସ ଥାଏ ସେମାନେ ଉକ୍ତ ନିରୂପିତ ସମୟ ନିରୂପିତ ସ୍ଥାନରେ ଉପସ୍ଥିତ ହୋଇ ନିଲାମ ଡାକିବେ ଯେ ବ୍ୟକ୍ତି ସର୍ବାଧିକ ମୂଲ୍ୟ ଡାକିବେ ତାଙ୍କର ଡାକ ଗ୍ରାହ୍ୟ ହେବ ଓ ତାଙ୍କୁ ନିଲାମୀ ଜରସମନ ସମସ୍ତ ଟଙ୍କା ତତ୍କ୍ଷଣାତ୍ ଦେବାକୁ ହେବ ଓ ସରକାରୀ ମାସୁଲ ଫି ମଣ ଟ ୨। ହିସାବ ନିଲାମୀ ତାରିଖ ପର ଦି ୧୦ ନ ମଧ୍ୟରେ ଦାଖଲ କରିବାକୁ ହେବ ଓ ସମସ୍ତ ଜରସମନ ଓ ମାସୁଲ ବାବତ୍ ଟଙ୍କା ପ୍ରାପ୍ତ ହେଲେ ପ୍ରତି ଲାଟର ମ୧୦୦ମଣ କରକଚ ଲବଣ ଗୋଲାଠାରୁ ଖରିଦଦାରଙ୍କୁ ଓଜନକରି ଦିଆଯିବ ଯଦି ଅଖରଲାଟ ମ୧୦୦ମଣରୁ ଓଜନରେ କମ ହେବ ତେବେ ଯେତେ ଓଜନରେ ପାଯାଯିବ ଖରିଦଦାରଙ୍କୁ କେବଳ ସେହି ଲବଣର ନିଲାମୀ ଜରସମନ ଓ ସରକାରୀ ମାସୁଲ ଟଙ୍କା ଦେବାକୁ ହେବ । ଇତି ।

ତା ୨୧ ରଖ ସିପ୍ଟମ୍ବର ସନ ୧୮୭୬ ମସିହା

### ତପସିଲ ।

ଅ । ଶ୍ରୀରୁବାଇ କାନ୍ଟ୍ରାକ୍ଟକାର ମହନ୍ତ ଭଗବାନ୍ ଦାସ ଓ କପିଳ ଦେଙ୍କର ସନ ୧୮୭୪।୭୫ ମସିହା ମୋଉସମର ଯୋଗଭାନ ମ ୩୬୮୫।୦

ଓ ସନ ୧୮୭୫।୭୬ ମସିହା ମୋଉସମର ଯୋଗଭାନ ମ ୧୧୦୭ ମଣ

ଏଥିରୁ ଗୋଲରଖାମାଟି ନ ୧ ମ୍ବର ଗୋଲରେ ମଉଜୁଦ ମ ୪୮୯୨।୦

ଆ । ହରଦାସ କାନ୍ଟ୍ରାକ୍ଟକାର ବାବୁ ମହେଶ୍ଚନ୍ଦ୍ରବନ୍ଦ୍ୟୋପାଧ୍ୟାୟଙ୍କର ସନ ୧୮୭୫।୭୬ ମସିହା ମଉସୁମର ଯୋଗଭାନା ଗୋଲାବରବଲୁଦ ନଂ ମ୍ବର ଗୋଲରେ ମଉଜୁଦ ମ ୧୭୦୫।୦

ଏଂ ମ ୭୬୮୭।୦

A. Manson
*Offg. Colletor of Pooree.*

---

## ସନ ୧୮୭୬ ସାଲର ମଧ୍ୟମଶ୍ରେଣୀ ଅର୍ଥାତ୍ ମାଇନର ଓ ଉତ୍କଳ ଛାତ୍ରବୃତ୍ତି ପରୀକ୍ଷା ।

ଓଡ଼ିଶାବିଭାଗର ପରୀକ୍ଷା ନିମ୍ନଲିଖିତସ୍ଥାନମାନଙ୍କରେ ହେବ ।

କଟକ—କଟକ, ଯାଜପୁର, କେନ୍ଦ୍ରାପଡ଼ା ।
ବାଲେଶ୍ୱର—ବଲେଶ୍ୱର, ଭଦ୍ରକ, ଲକ୍ଷ୍ମଣନାଥ
ପୁରୀ—ପୁରୀ, ଖୋରଧା ।

୨୦ ହିଁ ନବେମ୍ବର ସୋମବାରଠାରୁ ପରୀକ୍ଷା ଆରମ୍ଭ ହେବ । ପୂର୍ବାହ୍ନ ପ୍ରଶ୍ନ ୧୦ ଘଡ଼ିକା ସମୟରେ ଦିଆଯାଇ ୧ ଘଡ଼ିକା ସମୟରେ ଉତ୍ତରମାନ ସଂଗୃହୀତ ହେବ । ଅପରାହ୍ନ ପ୍ରଶ୍ନ ୨ ଟା ସମୟରେ ଦିଆଯାଇ ୫ ଟା ସମୟରେ ଉତ୍ତରମାନ ସଂଗୃହୀତ ହେବ ।

ଇଂରାଜୀଭାଷା ଛଡ଼ା ଅନ୍ୟାନ୍ୟ ବିଷୟରେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥିମାନେ ଇଂରାଜୀ ଏବଂ ଓଡ଼ିଆ ଏ ଦୁଇ ମଧ୍ୟରୁ ଯେଉଁଥିରେ ଇଚ୍ଛା ହେବ ସେହି ଭାଷାରେ ଉତ୍ତର ଲେଖି ପାରିବେ ।

ଯେଉଁମାନଙ୍କ ବୟସ ୧୬ ବର୍ଷରୁ ଅଧିକ ସେମାନେ ମାଇନର ଛାତ୍ରବୃତ୍ତି ଏବଂ ଯେଉଁମାନଙ୍କର ବୟସ ୧୫ ବର୍ଷରୁ ଅଧିକ ସେମାନେ ଉତ୍କଳଛାତ୍ରବୃତ୍ତି ପାଇ ପାରିବେ ନାହିଁ କିନ୍ତୁ ସେମାନଙ୍କଠାରୁ ପରୀକ୍ଷା ନିଆଯିବ ଏବଂ ଉତ୍ତୀର୍ଣ୍ଣ ହେଲେ ସାର୍ଟିଫିକେଟ (ପ୍ରଶଂସାପତ୍ର) ଦିଆଯିବ ।

ମାଇନର ସକାଶେ ଟ ୨ ଙ୍କା ଓ ଉତ୍କଳଛାତ୍ରବୃତ୍ତି ସକାଶେ ଟ ୧ ଙ୍କା ଲେଖାଏ ଫିସ ଦେବାକୁ ହେବ । ପରୀକ୍ଷାର ତତ୍ତ୍ୱାବଧାରକମାନେ ପରୀକ୍ଷାର୍ଥିଙ୍କ ବୟସ ନିରୂପଣ କରି ଲେଖିବେ । ପରୀକ୍ଷାର୍ଥିମାନଙ୍କୁ କାଳି, କାଗଜ ଦିଆଯିବ । ଲେଖିବାର ଅନ୍ୟାନ୍ୟ ଉପକରଣମାନ ସେମାନେ ଆପଣା ସହିତ ପରୀକ୍ଷାସ୍ଥାନକୁ ନେବେ ।

ନିମ୍ନଲିଖିତ ତାରିଖ ଅନୁସାରେ ପରୀକ୍ଷା ହେବ ।

| ତାରିଖ | ପୂର୍ବାହ୍ନ | ଅପରାହ୍ନ |
|---|---|---|
| ୨୦।୧୧।୭୬ | ଭାଷା ଓ ରଚନା | ପଦାର୍ଥବିଦ୍ୟା |
| ୨୧।୧୧।୭୬ | ଇତିହାସ | ଭୂଗୋଳ |
| ୨୨।୧୧।୭୬ | ଅଙ୍କ | କ୍ଷେତ୍ରତତ୍ତ୍ୱ ଭୂମିପରିମାଣ |

ପ୍ରତ୍ୟେକ ସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଟୋବରମାସ ତା ୩୧ ରଖ ମଧ୍ୟରେ ଜଏଣ୍ଟ ଡେଃ ଇନ୍ସପେକ୍ଟରଙ୍କଠାରୁ ଏକ ତାଲିକା ପଠାଇବେ ତହିଁରେ ପରୀକ୍ଷାର୍ଥିମାନଙ୍କ ନାମ ପିତା ବା ଅଭିଭାବକର ନାମ, ବୟସ, କେଉଁଠାରେ ବୃତ୍ତି ନେଇ ପଢ଼ିବେ କେଉଁସ୍ଥାନରେ ପରୀକ୍ଷା ଦେବେ ଓ ବାସସ୍ଥାନ ଏମାନ ଲେଖି ପଠାଇବେ । ଫିସ ଟଙ୍କା ମଧ୍ୟ ତାଲିକାସହିତ ପଠାଇବେ । ଟଙ୍କା ଯେଉଁମାନେ ଦେଇଥିବେ ସେମାନଙ୍କ ନାମ ତାଲିକା କରି ଡେଃ ଇନ୍ସପେକ୍ଟରଙ୍କ ରସିଦ ନେବେ ସେହି ରସିଦ ଦେଖାଇ ପରୀକ୍ଷାର୍ଥିମାନେ ପରୀକ୍ଷା ଦେବେ । ରସିଦ ଦେଖାଇ ନ ପାରିଲେ ପରୀକ୍ଷାର ତତ୍ତ୍ୱାବଧାରକଙ୍କୁ ଫିସ ଦେବାକୁ ହେବ । ଅନ୍ୟଥା ପରୀକ୍ଷା ଗ୍ରହଣ ହେବ ନାହିଁ ।

କଟକ
ତା ୧୯ ରଖ ସିପ୍ଟମ୍ବର ସନ୧୮୭୬ମସିହା

N. K. Das
*Joint Inspector of Schools*
*Orissa Circle.*

---

☞ ମୂଲ୍ୟପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

171

Digitized by srujanika@gmail.com

Split by PDF Splitter

REGISTERED NO. 32

172

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୧ ଶ
ସଂ ୪୧ ସଂଖ୍ୟା

ତା ୧୪ ରିଖ ଅକ୍ଟୋବର ସନ ୧୮୭୭ ମସିହା । ମୁ । ଆଶ୍ୱିନ ଦ ୩୦ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୪
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬
ମଫସଲପାଇଁ ଡାକମାସୁଲ ଟ ୧୷

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ଅବଗତ ହେଲୁଁ ଯେ ମାନ୍ୟବର ସର୍‌ରିଚର୍ଡ଼ଟେମ୍ପଲ ନବୀନଚନ୍ଦ୍ର ବାନର୍ଜ୍ୟାଙ୍କୁ ଚିରକାଲ ଦ୍ୱୀପାନ୍ତର ଦଣ୍ଡରୁ ପଞ୍ଚଦାଗି ଭାର୍ଯ୍ୟାବଧର ଧା ୩୬୬ ସନ୍ତ୍ୱାରେ ମୁକ୍ତି ଦେଇଅଛନ୍ତି । ନବୀନଚନ୍ଦ୍ରଙ୍କ ପରିଚୟ ପାଠକମାନଙ୍କୁ ଦେବା ଅନାବଶ୍ୟକ ବୋଧ ହୁଅଇ କାରଣ ତାରକେଶ୍ୱର ମହନ୍ତଙ୍କ ମକଦ୍ଦମା ପାଠକଙ୍କ ମନରୁ ବିସ୍ମୃତ ହୋଇଥିବାର ସମ୍ଭବ ନୁହଇ । ସେହି ଦୁଶ୍ଚରିତ୍ର ମହନ୍ତର ପାପକର୍ମ ହେତୁରୁ ନବୀନ ଆପଣା ସ୍ତ୍ରୀକୁ ହତ୍ୟା କରି ଉପରିଲିଖିତ ଦଣ୍ଡରେ ପତିତ ହୋଇଥିଲା । ସର୍‌ରିଚର୍ଡ଼ ଟେମ୍ପଲ ସେସମୟରେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଥିଲେ ଓ ତାହାଙ୍କ ନିକଟରେ ଅନେକ ଦେଶୀୟ ଲୋକ ନବୀନର ମୁକ୍ତି ସକାଶେ ଆବେଦନ କରିଥିଲେ ଓ ପ୍ରାୟ ସମସ୍ତ ଦେଶୀୟ ସମ୍ବାଦପତ୍ର ତାହାଙ୍କ ମୁକ୍ତି ସକାଶେ ଅନୁରୋଧ କରିଥିଲେ ମାତ୍ର ତହିଁରେ କିଛି ଫଳ ହୋଇ ନ ଥିଲା । ଯାହା ହେଉ ଭାରତବର୍ଷ କାରାବାସ ଦଣ୍ଡଭୋଗ କରି ଏତେବେଳେ ସର୍‌ଏସ୍ଲିଇଡେନଙ୍କ ସୁବିଚାର ଓ ଦୟାରୁ ନବୀନ ମୁକ୍ତି ପାଇଲା ବଡ ସୁଖର ବିଷୟ ଅଟଇ ଓ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କର ଏ କାର୍ଯ୍ୟରେ ଯାବତୀୟ ଲୋକ ଆନନ୍ଦିତ ହୋଇଅଛନ୍ତି ଏହା କଥା ବୋଲିବା ବାହୁଲ୍ୟ ଅଟଇ ।

---

ବଙ୍ଗଳାର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଖଣ୍ଡିଏ ଆବଶ୍ୟକୀୟ ସର୍କୁଲାର ପ୍ରଚାର କରିଅଛନ୍ତି ବୋଲି ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ । ତାହା ଏହି ଯେ ଏକ ମକଦ୍ଦମାରେ ଜିଲାର ମାଜିଷ୍ଟ୍ରେଟ ଆପେ ତଦାରକ କରି ଫରିୟାଦ ପକ୍ଷର ପ୍ରଧାନ ସାକ୍ଷି ହେଉଥିବା ପ୍ରତ୍ୟକ୍ଷ ଆସାମିର ବିଚାର ସକାଶେ ଯେଉଁ ବେଞ୍ଚ ବସିଥିଲା ତହିଁରେ ଜଣେ ହାକିମ ସ୍ୱରୂପ ବସିଲେ ଏବଂ ଆସାମି ବିରୁଦ୍ଧରେ ସାକ୍ଷ ଦେଲେ । ଏଥିରେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଆଜ୍ଞା ଦେଇଅଛନ୍ତି କି ଯେଉଁ ମକଦ୍ଦମାରେ ବିଚାରକର୍ତ୍ତା ମାଜିଷ୍ଟ୍ରେଟଙ୍କୁ ସାକ୍ଷି ଦେବାର ନିତାନ୍ତ ପ୍ରୟୋଜନ ସେ ମକଦ୍ଦମାର ବିଚାର ସେ ଆପେ ନ କରି ଅନ୍ୟ ହାକିମଦ୍ୱାରା କରାଇବେ । ସଦର ମୁକାମରେ ଏଥିରେ କିଛି ଅସୁବିଧା ଘଟିବ ନାହିଁ । ସବ୍‌ଡିଭିଜନରେ ଏପରି ଘଟନା ହେଲେ ଜିଲାର ମାଜିଷ୍ଟ୍ରେଟଙ୍କ ନିକଟକୁ ତହିଁର ରିପୋର୍ଟ ହେବ ଓ ସେ ଉକ୍ତ ମକଦ୍ଦମା ବିଚାରପାଇଁ ସଦରମୁକାମରୁ ହାକିମ ପଠାଇବେ ଅଥବା ଅନ୍ୟ ବନ୍ଦୋବସ୍ତ କରିବେ । ଏପରି ଯେ ମକଦ୍ଦମାରେ କୌଣସି ହାକିମର ସାକ୍ଷାତ ବା ଗୌଣ ସମ୍ପର୍କ ବା ଲିପ୍ତ ଥିବ ଓ ଯେଉଁଠାରେ ପକ୍ଷପାତିତାର ଦୋଷାରୋପ ହେବାର ହେତୁ ଥିବ ସେ ମକଦ୍ଦମାର ବିଚାର ସେ ହାକିମଦ୍ୱାରା ହେବ ନାହିଁ । ଜିଲାର ମାଜିଷ୍ଟ୍ରେଟମାନେ ସ୍ୱୟଂ ଏପରି କରିବେ ନାହିଁ କିମ୍ବା ଆପଣା ଅଧୀନସ୍ଥ କୌଣସି ହାକିମଙ୍କୁ କରିବାକୁ ଦେବେ ନାହିଁ ।

---

ଗତ ସପ୍ତାହ ଶୁକ୍ରବାରଠାରୁ ସୋମବାର ପର୍ଯ୍ୟନ୍ତ ଏ ଜିଲାରେ ଭାରି ବର୍ଷା ଓ ବତାସ ହୋଇଥିଲା ତହିଁମଧ୍ୟରେ ଶେଷ ଦୁଇଦିନ ବତାସର ବଳ ଏମନ୍ତ ହୋଇଥିଲା ଯେ ତୋଫାନ ହେବାର ଭୟ ହୋଇଥିଲା ଓ ନଦୀଘାଟରେ ଅତି କଷ୍ଟରେ ନୌକା ଯାତାୟାତ କରୁଥିଲା । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଏ ବର୍ଷା ଓ ବତାସ ପୁରୀ ଜିଲାରେ ହୋଇଥିଲା ଏବଂ ସମ୍ବାଦପତ୍ରମାନଙ୍କରୁ ଜଣାଯାଏ ଯେ କଲିକତାରେ ମଧ୍ୟ ଏହିପରି ବତାସ ସହିତ ବର୍ଷା ପ୍ରତ୍ୟକ୍ଷ ହୋଇଥିଲା । କୌଣସିଠାରେ ତୋଫାନ ହେବାର ଶୁଣାଯାଇ ନାହିଁ କେବଳ କଲିକତାରେ ବତାସ ହେତୁରୁ ନ ହେଉ ଅତ୍ୟନ୍ତ ମେଘାଚ୍ଛନ୍ନ ଓ ଅନ୍ଧକାର ହେତୁ ବାଟ ଦୃଶ୍ୟ ନ ହେବାରୁ ଗଙ୍ଗାନଦୀରେ ଖଣ୍ଡିଏ ବଡ ଜାହାଜ ମାରା ପଡ଼ିଅଛି । ଏ ଜାହାଜରେ ୩୨୦୦୦ ବସ୍ତା ଚାଉଳ ଥିଲା ଓ ଜାହାଜର କର୍ମଚାରୀ ୪୫ ଜଣ ଥିଲେ ତହିଁମଧ୍ୟରୁ ୪୨ ଜଣ ମିଳ ନାହାନ୍ତି ବୋଧ ହୁଅଇ ମରି ପଡିଅଛନ୍ତି ଓ ବାକି ସମସ୍ତେ ଜାଲି ବୋଟରେ ଚଢ଼ି କୂଳକୁ ଆସିଥିଲେ ସେଠାରୁ ଓଡ଼ିଆ ଜାହାଜର କପ୍ତାନ ସେମାନଙ୍କୁ କଲିକତାକୁ ଆଣିଅଛନ୍ତି ଆମ୍ଭେମାନେ ଭରସା କରୁଁ ଯେ ଏତିକ ଦୁର୍ଘଟନାରେ ଏ ଦୁଷ୍ଟ ବର୍ଷା ଶେଷ ହୋଇଅଛି ଓ କୌଣସିଠାରେ ପ୍ରକୃତ ତୋଫାନ ହୋଇ ନାହିଁ ।

---

Digitized by srujanika@gmail.com

ମାହାଙ୍ଗା ଗ୍ରାମର ନବଶକ୍ତି ଓ ସଭ୍ୟ ସମ୍ପ୍ରଦାୟ ଯୋଗେ ସେଠାରେ ଏ ବର୍ଷ ଦୁର୍ଗୋତ୍ସବ ସମୟରେ ଖେଉଡ଼ ଅର୍ଥାତ୍ କୁତ୍ସିତ ଓ ଅଶ୍ଳୀଳ ଗୀତ ଗାନ ବନ୍ଦ ହୋଇଅଛି । ଏଥିର ଉଦ୍ୟମ ହେବା ବିଷୟ ଆମ୍ଭେମାନେ ପୂର୍ବ ପୂର୍ବେ ଲେଖିଥିଲୁଁ । ତହିଁ ଉତ୍ତାରୁ ଖେଉଡ଼ ଭକ୍ତ ସମ୍ପ୍ରଦାୟରୁ ଏକଖଣ୍ଡ ଦରଖାସ୍ତ ପଡ଼ିବାରେ ସେ ଆଜ୍ଞା ଏକ ପ୍ରକାର ସ୍ଥଗିତ ହୋଇ ଥିଲା ମାତ୍ର ସଭ୍ୟ ସମ୍ପ୍ରଦାୟ ମାଜିଷ୍ଟ୍ରେଟଙ୍କୁ ସବିଶେଷ ବୁଝାଇ କହିବାରେ ସାହେବ ଅଭିଜ୍ଞାନୁସାରେ ପୁଲିସକୁ ଉଚିତ ଆଜ୍ଞା ଦେଲେ ଯେ ଖେଉଡ଼ ଗାଇବାରେ ପ୍ରତିବାସି ଭଦ୍ରଲୋକଙ୍କ ବିରକ୍ତି ଜାତ ହେଲେ ତାହାଙ୍କ ଗୁହାରି ମତେ ପୁଲିସ ଉକ୍ତ ପ୍ରକାର ଗୀତ ଗାୟକମାନଙ୍କୁ ଚାଲାନ କରିବେ । ପୁଲିସ ଯାଇ ଗ୍ରାମରେ ଏ ଆଜ୍ଞା ବୁଝାଇ ଦେବାରୁ ସମସ୍ତେ ନିରସ୍ତ ରହିଲେ ଆଉ ଗାଉଣା ହେଲା ନାହିଁ । କୌଣସି ବଦ୍ରେଥ କର୍ମ । ଗୋଟିଏ କୁତ୍ସିତ ବ୍ୟବହାର ଉଠିଗଲା ବଡ଼ ଆନନ୍ଦର ବିଷୟ ଅଟଇ ଓ ଆମ୍ଭେମାନେ ଭରସା କରୁଁ କି ଅନ୍ୟ ଯେଉଁଠାରେ ଏପରି କୁତ୍ସିତ ପ୍ରଚଳିତ ଥାଏ ସେଠା ଲୋକେ ସାବଧାନ ହେଉନ୍ତୁ କାରଣ କେହି ତାହାଙ୍କ ବିରୁଦ୍ଧରେ ପୁଲିସରେ ଗୁହାରି କଲେ ଅବଶ୍ୟ ସେମାନେ ଦଣ୍ଡନୀୟ ହେବେ । ଶାସ୍ତ୍ରରୂପରେ ବାଡ଼ି ସାଧୁବାର ମଧ୍ୟ ଏ ଗୋଟିଏ ସୁନ୍ଦର ଉପାୟ ନୋଫଳରେ ହୋଇ ପାରେ ।

---

## ରଥଯାତ୍ରା ।

ପୁରୀର ମାଜିଷ୍ଟ୍ରେଟଙ୍କ କଠିନ ନିୟମମାନ ପ୍ରତିପାଳିତ ହେବାରୁ ଏ ବର୍ଷ ବଡ଼ଦାଣ୍ଡରେ ମାହେଶର ରଥ ଗଲା ଆଉ ନାହିଁ ରଥକୁ ଟାଣି ନେବା ପର୍ଯ୍ୟନ୍ତ ହେତୁ ସୁତରାଂ ରଥଯାତ୍ରା ନିର୍ବିଘ୍ନ ହେଲା ନାହିଁ । ଆମ୍ଭମାନଙ୍କ ଲେଫ୍‌ଟେନଣ୍ଟଗବର୍ଣ୍ଣରଙ୍କ ନିକଟରେ ଏ ସମ୍ପର୍କରେ ସମ୍ବାଦ ଉପସ୍ଥିତ ହୋଇଥିଲା ଓ ସେ ତହିଁରେ କି ଆଜ୍ଞା ଦେଲେ ପ୍ରକାଶ ହୋଇ ନାହିଁ ମାତ୍ର ମାହେଶ ପତ ତାହାଙ୍କ ଅଧୀନ ପ୍ରଦେଶର ଅନ୍ୟାନ୍ୟ ସ୍ଥାନରେ ରଥଯାତ୍ରା ହେଉଥିବାରୁ ଓ ଭବିଷ୍ୟତରେ ଏପ୍ରକାର କୌଣସି ଦୁର୍ଘଟଣା ସେ ଯାତ୍ରା ପ୍ରତି ବ୍ୟାଘାତ ହେବାର ସମ୍ଭବ ଥିବାରୁ ରଥଯାତ୍ରା ବିଷୟରେ ସେ ଗୋଟିଏ ନିର୍ଦ୍ଧାରଣପତ୍ର ଲେଖିଅଛନ୍ତି ଓ ପ୍ରଚଳିତ ଆଇନ ଓ କାର୍ଯ୍ୟବିଧିର ଆଜ୍ଞା ପ୍ରତି ଦୃଷ୍ଟି ରଖି କି ପ୍ରକାରରେ କାର୍ଯ୍ୟ କରିବାକୁ ହେବ ତାହା ସେ ଉକ୍ତ ନିର୍ଦ୍ଧାରଣରେ ଲେଖି ଦେଇଅଛନ୍ତି ଆମ୍ଭେମାନେ ଉକ୍ତ ନିର୍ଦ୍ଧାରଣପତ୍ରର ପ୍ରତିଲିପି ହିନ୍ଦୁପେଟ୍ରିୟଟରେ ପଢ଼ିଅଛୁଁ ଓ ପାଠକଙ୍କ ଜାଣିବା କାରଣ ତହିଁର ସାରାଂଶ ଏଠାରେ ପ୍ରକାଶ କରୁଅଛୁଁ । ଯଥା;—

ହିନ୍ଦୁମାନଙ୍କ ଧର୍ମଶାସ୍ତ୍ରରେ ଯେଉଁସବୁ ପର୍ବାଦ ପ୍ରତିପାଳନ କରିବାର ବିଧି ଅଛି ତହିଁ ପ୍ରତି ସାକ୍ଷାତ ବା ଅସାକ୍ଷାତରେ ବ୍ୟାଘାତ ବା ଅଟକ ଜନ୍ମାଇବା କଦାଚ ଗବର୍ଣ୍ଣମେଣ୍ଟ ବାଞ୍ଛା କରନ୍ତି ନାହିଁ ବରଂ ସେ ସବୁ ପର୍ବ ପ୍ରତିପାଳନ ପକ୍ଷରେ ସକଳ ପ୍ରକାର ଉପଯୁକ୍ତ ସୁଯୋଗ ଦେବାକୁ ବାଞ୍ଛା କରନ୍ତି ମାତ୍ର ଅତିଶୀଘ୍ର ଓ ବୃହତ୍ ରଥମାନ ଅଭ୍ୟନ୍ତ ଭିଡ଼ ମଧ୍ୟରେ ଚଳିତ ଲୋକଦ୍ୱାରା ଟଣା ହେବା କାର୍ଯ୍ୟଦ୍ୱାରା ସାଂଘାତିକ ଦୁର୍ଘଟନା ଘଟିପାରେ ଓ ସେପରି ଦୁର୍ଘଟନା କ୍ୱଚିତ୍ ହେଲେହେଁ ବାସ୍ତବରେ ଘଟିଅଛି ଅତଏବ ତାହା ନିବାରଣ ଉଦ୍ଦେଶରେ ଉକ୍ତ କାର୍ଯ୍ୟ ଉପରେ ମାଜିଷ୍ଟ୍ରେଟମାନଙ୍କର ତତ୍ତ୍ୱାବଧାରଣ କରିବା କର୍ତ୍ତବ୍ୟକର୍ମ ଅଟଇ । ସେମାନେ କେବଳ ପ୍ରାଣୀ ନାଶ ନିବାରଣ ପକ୍ଷରେ ହସ୍ତକ୍ଷେପଣ କରି ପାରନ୍ତି ଅପର କୌଣସି କାର୍ଯ୍ୟରେ ତାହାଙ୍କର ସମ୍ପର୍କ ନାହିଁ । ମାଜିଷ୍ଟ୍ରେଟମାନଙ୍କର ଉଚିତ ଯେ ଏହି ତତ୍ତ୍ୱାବଧାରଣ ସ୍ଥଳରେ ତାହାଙ୍କର ଅଧୀନସ୍ଥ କର୍ମଚାରୀ ବା ପୁଲିସ ଧର୍ମସମ୍ପର୍କୀୟ କାର୍ଯ୍ୟ ଅର୍ଥାତ୍ ରଥଟଣା ଇତ୍ୟାଦିରେ ଯୋଗ ଦେବେ ନାହିଁ । ପର୍ବସଂକ୍ରାନ୍ତ କାର୍ଯ୍ୟମାନ ଯେଉଁରୂପେ ଚଳିଲେ ମାଜିଷ୍ଟ୍ରେଟମାନଙ୍କୁ ତାହା ଉତ୍ତମରୂପେ ଜଣା ଅଛି ଓ କି ପ୍ରକାର ସାବଧାନ ହେବାର ଉଚିତ ତାହା ସେମାନେ ପୂର୍ବରୁ ସହଜରେ ନିର୍ଣ୍ଣୟ କରି ପାରନ୍ତି । କେବଳ ଯାତ୍ରିମାନେ ରଥ ଟାଣି ଅତି ଉତ୍ତେଜିତ ହୋଇ ନ ପଡ଼ନ୍ତି ଏଥିକ ସାବଧାନତା ଅବଲମ୍ବନ କରିବା ଉଚିତ ଓ ଲେଫ୍‌ଟେନେଣ୍ଟଗବର୍ଣ୍ଣରଙ୍କ ବିବେଚନାରେ ରଥ ଦେହକୁ ଲଗି କରି ବଲ୍ଲଭ ବାନ୍ଧ ପ୍ରସ୍ତୁତ କଲେ କିମ୍ବା ରଥ ଯିବା ବାଟ ଦୁଇପାଖରେ ଛଡ଼ାଏ କରି ବାଉଁଶ ପୋତି ତହିଁରେ ଦୌଡ଼ି ବାନ୍ଧି ଯାତ୍ରିଙ୍କୁ ତହିଁ ଭିତରକୁ ଯିବାରୁ କ୍ଷାନ୍ତ ରଖିବା ସଙ୍ଗେ ସ୍ଥାନେ ସ୍ଥାନେ ପୁଲିସ ଛିଡ଼ା କରି ଦେଲେ ଯଥେଷ୍ଟ ହେବ । ମାଜିଷ୍ଟ୍ରେଟ ଏ ଦୁଇ ଉପାୟ ମଧ୍ୟରୁ ଆପଣା ବିବେଚନା ମତେ ଏକ ଅଥବା ଉଭୟ ଉପାୟ ଅବଲମ୍ବନ କରି ପାରନ୍ତି ମାତ୍ର ମାଜିଷ୍ଟ୍ରେଟଙ୍କର ଉଚିତ କି ଯେଉଁ ଉପାୟ ସେ ଅବଲମ୍ବନ କରିବାକୁ ଇଚ୍ଛା କରିବେ ରଥର ଅଧିକାରୀ ବା କାର୍ଯ୍ୟକାରକଙ୍କୁ ପର୍ବ ଆରମ୍ଭର ଯଥୋଚିତ ପୂର୍ବେ ତହିଁର ସମ୍ବାଦ ଦେବେ ଯେ ସେମାନଙ୍କର ଆପତ୍ତି ଥିଲେ ତାହା ମାଜିଷ୍ଟ୍ରେଟଙ୍କୁ ଜଣାଇବା ଆବଶ୍ୟକ ହେଲେ ଉପରିସ୍ଥ କର୍ମଚାରୀଙ୍କ ନିକଟରେ ଅପିଲ କରିବାକୁ ଯଥେଷ୍ଟ ସମୟ ଥିବ । ପର୍ବସମୟରେ କିମ୍ବା ଅଳ୍ପକାଳ ପୂର୍ବେ ମାଜିଷ୍ଟ୍ରେଟ ସାହେବ ଆଜ୍ଞା ଦେଉଥିବାରୁ ଦୁଇ ଏକଥର ଏମନ୍ତ ସମୟରେ ଅପିଲ ହୋଇଅଛି ଯେ ଅପିଲର ଆଜ୍ଞାନୁସାରେ କାର୍ଯ୍ୟ ହେବାପାଇଁ ଅବକାଶ ମିଳି ନାହିଁ ।

ଆମ୍ଭମାନଙ୍କର ବିଶ୍ୱାସ ହୁଅଇ ଯେ ଏ ଆଜ୍ଞାଦ୍ୱାରା ରଥଯାତ୍ରା ସମ୍ପର୍କରେ ଏଠାର ମାଜିଷ୍ଟ୍ରେଟ ଯେମନ୍ତ ଅନ୍ୟାୟ ଓ ଅସାଧ୍ୟ ଆଜ୍ଞା ଦେଉଥିଲେ ତାହା ଅନେକାଂଶରେ ନିବାରଣ ହେବ ଓ ଦେବମାନ ପୂର୍ବରୁ ନିର୍ଦ୍ଦିଷ୍ଟ ଆଜ୍ଞା ଦେବାର ନିୟମ ହୋଇଥିବାରୁ କେହି ହାକିମ ଗବର୍ଣ୍ଣମେଣ୍ଟ ଆଜ୍ଞା ଛଳରେ ପର୍ବ ବନ୍ଦ କରିବାକୁ ଚେଷ୍ଟା କଲେ ମଧ୍ୟ ତହିଁରେ ସଫଳ ହେବା କଠିନ ହେବ ମାତ୍ର ଆମ୍ଭମାନଙ୍କ ମନରେ ଗୋଟିଏ ସଂଶୟ ରହିଅଛି ତାହା ଏହି ଯେ ମାନ୍ୟବର ଟେମ୍ପିଲ ସାହେବ ଯେମନ୍ତ ନିର୍ଦ୍ଧାରଣପତ୍ର ଲେଖିବାକୁ ତତ୍ପର ଯେବେ ସେହି କରିବା ହାକିମମାନଙ୍କ ପ୍ରତି ସେମନ୍ତ କଠିନ ଦୃଷ୍ଟି ରଖନ୍ତେ ଓ ଅନ୍ୟାୟ କଲେ ତହିଁର ସମୁଚିତଦଣ୍ଡ ଦିଅନ୍ତେ ତେବେ ବୋଧ ହୁଅଇ ଏତେ ନିର୍ଦ୍ଧାରଣପତ୍ର ତାହାଙ୍କୁ ଲେଖିବାକୁ ପଡ଼ନ୍ତା ନାହିଁ ଓ ପ୍ରଜାମାନେ ମଧ୍ୟ ପଦେ ହାକିମଙ୍କ ବିରୁଦ୍ଧରେ ତାହାଙ୍କ ନିକଟରେ ଅବେଦନପତ୍ର ଦେବାକୁ ବାଧ୍ୟ ବା ସାହସୀ ହୁଅନ୍ତେ ନାହିଁ । ସର ରିଚାର୍ଡ ଟେମ୍ପଲ କରିବାର ଟାଣୁଆ ହୋଇଥିଲେ ତାହାଙ୍କୁ ଏତେ ନିର୍ଦ୍ଧାରଣପତ୍ର କଦାଚ ଲେଖିବାକୁ ପଡ଼ନ୍ତା ନାହିଁ । ଯାହା ହେଉ ପୁରୁଷୋତ୍ତମର ରଥଯାତ୍ରାରେ ଅବିଧି କୌଣସି ହାକିମ ହସ୍ତକ୍ଷେପଣ କରି ନାହାନ୍ତି ଅତଏବ ରଥଯାତ୍ରା ସମ୍ପର୍କରେ ଯେ ସମସ୍ତ ଗବର୍ଣ୍ଣମେଣ୍ଟ ଆଜ୍ଞାମାନ ପୂର୍ବରୁ ପ୍ରଚଳିତ ଅଛି ତହିଁରୁ କୌଣସି ଅସୁବିଧା ସେଠାର ଉତ୍କଳବାସୀଙ୍କର ହୋଇ ନାହିଁ । ସମ୍ପ୍ରତି ଯେରୂପ ଜଟିଳ ଆଜ୍ଞା ବାହାରିଅଛି ଏଥିରୁ ଅନୁମାନ ହୁଅଇ ଯେ ଆଗାମୀ ରଥଯାତ୍ରାରେ ତଦନୁସାରେ କର୍ମ ହେବ କାରଣ ଉପର ଲିଖିତ

Digitized by srujanika@gmail.com

Split by PDF Splitter



ଦୁଇ ଉପାୟ ମଧ୍ୟରୁ ଗୋଟିଏକୁ ସ୍ଥା ପ୍ରଚଳିତ ନ କଲେ ମାଜେଷ୍ଟ୍ରେଟ ଆପଣା ଦାୟିରୁ ମୁକ୍ତ ହୋଇ ପାରିବେ ନାହିଁ ।

---

## ଶ୍ରୀମତୀ ଭାରତେଶ୍ୱରୀଙ୍କର ନୂତନ ଉପାଧି ଗ୍ରହଣର ସମାରୋହ ।

ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଆଗାମୀ ଜାନୁୟାରୀ ମାସ ତା ୧ ରିଖରେ ଶ୍ରୀମତୀ ମହାରାଣୀ ନୂତନ ଉପାଧି ଗ୍ରହଣ କରିବା ଉପଲକ୍ଷରେ ଓଡ଼ିଶାରେ ସାଧାରଣ ଉତ୍ସବର ବ୍ୟୟ ନିମିତ୍ତ ଗବର୍ଣ୍ଣମେଣ୍ଟ ଦୁଇହଜାର ଟଙ୍କା ବ୍ୟୟ ମଞ୍ଜୁର କରିଅଛନ୍ତି ଓ ଏଟଙ୍କା କିରୂପେ ବ୍ୟୟ ହେବ ତାହା ସ୍ଥିର କରି ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବା କାରଣ ସ୍ଥାନୀୟ ହାକିମଙ୍କୁ ଅନୁରୋଧ ହୋଇଅଛି ଏଥିରୁ ବୋଧ ହୁଅଇ ଯେ ଗବର୍ଣ୍ଣମେଣ୍ଟ କେବଳ ଦିଲ୍ଲୀରେ ମହା ଦରବାର ଓ ସମାରୋହ କରି କ୍ଷାନ୍ତ ରହିବେ ନାହିଁ । ଭାରତବର୍ଷର ସମସ୍ତ ନଗରମାନଙ୍କରେ ଯଥାଯୋଗ୍ୟରୂପେ ଗବର୍ଣ୍ଣମେଣ୍ଟଙ୍କ ବ୍ୟୟରେ ସାଧାରଣ ଉତ୍ସବ ହେବ ଏହା ଉତ୍ତମ ବନ୍ଦୋବସ୍ତ ଅଟଇ ଓ ଏଥିରେ ଏ ଘଟନାଟି ଗୁରୁତର ଲୋକେ ଉତ୍ତମରୂପେ ଜାଣି ପାରିବେ । କିପ୍ରକାର ଆମୋଦ ପ୍ରମୋଦରେ ଏ ଟଙ୍କା ବ୍ୟୟ ହେବ ଗବର୍ଣ୍ଣମେଣ୍ଟ ସ୍ୱୟଂ ତାହାର ନିୟମ କରି ନ ଦେଇ ସୁବିଧାର ପୂର୍ବକ ସ୍ଥାନୀୟ କର୍ମଚାରୀଙ୍କ ବ୍ୟବସ୍ଥା କରିବାକୁ ଥିଲା ଦେଇଅଛନ୍ତି । ଏଥିରୁ ଜଣାଯାଏ ଯେ ଅନେକ ଭିନ୍ନ ପ୍ରକାରରେ ଏ ଟଙ୍କା ବ୍ୟୟ ହେବ ଓ ଯେତେବେଳେ ଉକ୍ତ ମହୋତ୍ସବ କର୍ମ ଶେଷ ହେବ ସେତେବେଳେ କେଉଁ ପ୍ରଦେଶରେ କିରୂପେ ଏ ଟଙ୍କା ବ୍ୟୟିତ ହେଲା ଜଣା ପଡ଼ିବ ଓ ତହିଁରୁ କୁତୂହଳାକ୍ରାନ୍ତ ପାଠକମାନେ ନାନା ପ୍ରଦେଶରେ ପ୍ରଚଳିତ ଆମୋଦ ପ୍ରମୋଦର ଭିନ୍ନ ଧାରମାନ ଜାଣିପାରିବେ । ଓଡ଼ିଶା ପାଇଁ ଯେଉଁ ଦୁଇହଜାର ଟଙ୍କା ଗବର୍ଣ୍ଣମେଣ୍ଟ ଦେଇଅଛନ୍ତି ତାହା ଏକା କଟକନଗର କିମ୍ବା ଓଡ଼ିଶାର ତିନି ଜିଲାର ତିନି ପ୍ରଧାନନଗରରେ ବ୍ୟୟ ହେବ ଜଣା ଯାଉ ନାହିଁ । ଆମ୍ଭମାନଙ୍କ ବିବେଚନାରେ ତିନି ନଗରରେ ହେବାର ଉଚିତ ଓ ତାହା ହେଲେ ଉକ୍ତ ଟଙ୍କାରୁ କଟକକୁ ଦୁଇଭାଗ ଓ ପୁରୀ ବାଲେଶ୍ୱରକୁ ଏକଭାଗ ଲେଖାଏଁ ଦେଲେ ଉଚିତ ହେବ । ଏକା କଟକ ନଗରରେ ସବୁଟଙ୍କା ବ୍ୟୟ ହେଲେ ସମାରୋହ ଉତ୍ତମ ହେବ ଓ ଅନ୍ୟସ୍ଥାନକୁ ବାଣ୍ଟି ଦେଲେ କୌଣସି ସ୍ଥାନରେ ବୃହତ୍ ସମାରୋହ ହୋଇ ପାରିବ ନାହିଁ ସତ୍ୟ ମାତ୍ର ଅଳ୍ପ ପରିମାଣରେ ପକ୍ଷରେ ହେଉ ଅଧିକ ବିସ୍ତୀର୍ଣ୍ଣରୂପେ ଆମୋଦ ପ୍ରମୋଦ ହେବ ଏବଂ ଅଧିକ ସଂଖ୍ୟକ ଲୋକ ତହିଁରେ ଯୋଗ ଦେବେ ଫଳତଃ ଶ୍ରୀମତୀ ମହାରାଣୀ ଏ ରାଜ୍ୟର ସାକ୍ଷାତ୍ ଶାସନ ଗ୍ରହଣ କରିବା ସମୟରେ ଯେପ୍ରକାର ସମାରୋହ ସହିତ ଉକ୍ତ ବିଷୟ ପ୍ରଚାରିତ ହୋଇଥିଲା ତହିଁରୁ ଅଧିକ ଧୂମଧାମ ସହିତ ଏ ଶୁଭ ଘଟନାକୁ ପ୍ରଚାର କରିବା ଉଚିତ ଓ ଏଥିରେ ଅଧିକ ପରିମାଣରେ ସାଧାରଣ ଆନନ୍ଦଜନକ କାର୍ଯ୍ୟର ଚର୍ଚ୍ଚା ହେବା ଉଚିତ ଅଟଇ ।

କିରୂପ ଆମୋଦ ପ୍ରମୋଦରେ ଓଡ଼ିଶା ସକାଶେ ମଞ୍ଜୁର ହୋଇଥିବା ଟଙ୍କା ବ୍ୟୟିତ ହେବାର ପ୍ରସ୍ତାବ ହୋଇଅଛି ଆମ୍ଭେମାନେ ଶୁଣି ନାହୁଁ । ମାତ୍ର ଆମ୍ଭେମାନେ ବିବେଚନା କରୁଁ ଯହିଁରେ ସର୍ବସାଧାରଣଙ୍କର ଆନନ୍ଦ ବର୍ଦ୍ଧନ ହୁଅଇ ସେରୂପ କାର୍ଯ୍ୟ କରିବା ଅତ୍ୟନ୍ତ ଆବଶ୍ୟକ । ଅସ୍ମଦ୍ଦେଶର ପ୍ରଚଳିତ ପ୍ରଥା ଅନୁସାରେ ବ୍ରାହ୍ମଣ, ବୈଷ୍ଣବ, କଙ୍ଗାଳଙ୍କୁ ଭୋଜନ ବସ୍ତ୍ର ଓ ପଇସା ଇତ୍ୟାଦି ଦେବା ଭଦ୍ରଲୋକମାନଙ୍କୁ ଆମନ୍ତ୍ରଣ କରି ଭୋଜନ କରାଇବା ଓ ସୁସଜ୍ଜିତ ମଜଲିସରେ ବସାଇ ନୃତ୍ୟ ଗୀତାଦିରେ ପ୍ରମୋଦିତ କରିବା ଓ ଇତର ଲୋକଙ୍କୁ ନୃତ୍ୟ ଗୀତ କ୍ରୀଡ଼ା କୌତୁକାଦି ଦେଖାଇବା ପୂର୍ବକ ସନ୍ତୋଷ କରିବା ଉତ୍ସବର ପ୍ରଧାନ ଅଙ୍ଗ ହେଉଅଛି ଏବଂ ଅଧୁନା ରୋଷନାଇ ଓ ବାଣ ପୋଡ଼ିବା ଏହା ସଙ୍ଗେ ଯୋଗ ହୋଇ ଅଧିକ ପ୍ରାଧାନ୍ୟ ଲାଭ କରିଅଛି । ଏଥି ମଧ୍ୟରେ ଭୋଜନର ବ୍ୟୟ ଅସୀମ କାରଣ ଗବର୍ଣ୍ଣମେଣ୍ଟ ଭୋଜନ ଦେଇ ବସିଲେ ଅପରଲୋକ ପରି ଆପଣା ବନ୍ଧୁବାନ୍ଧବ ଅଥବା ସାଧ୍ୟାନୁସାରେ ଦୁଃଖୀ କଙ୍ଗାଳଙ୍କୁ ଭୋଜନ ଦେଇ କ୍ଷାନ୍ତ ରହି ନ ପାରନ୍ତି । କେବଳ ଆୟୋଜନ ଏ ପ୍ରକାର ହେବାର ଉଚିତ ଯେ ଭାରତେଶ୍ୱରୀଙ୍କର ସମସ୍ତ ପ୍ରଜା ତହିଁରେ ଯୋଗ ହୋଇ ପାରିବେ ଓ କାହାରିକୁ ନୈରାଶ ହେବାକୁ ଯେମନ୍ତ ନ ହେବ । ସୁତରାଂ ଏଥିରେ ବ୍ୟୟ ଅନେକ ହେବ ଓ ତାହାର ନିୟମ ଓ ଖାଦ୍ୟାଖାଦ୍ୟର ବିଚାର ହେତୁରୁ ଅନେକ ଅସୁବିଧା ଓ ଗୋଳମାଳ ଘଟିବ ଅତଏବ ଆମ୍ଭମାନଙ୍କ ବିବେଚନାରେ ଭୋଜନର କଥା ଛାଡ଼ି ଦେଇ ଏକ ବହୁଳ ମଜଲିସ ରଚନା କଲେ ଭଲ ହେବ ଓ ସେଠାରେ ଏ ପ୍ରଦେଶ ସ୍ଥଳର ସମସ୍ତପ୍ରକାର ନାଚ ଓ ଯାତ୍ରା ଓ ସଙ୍ଗୀତର ଚର୍ଚ୍ଚା ହେବ ଓ ସେହିଠାରେ ରୋଷନାଇ ଓ ବାଣ ପୋଡ଼ିବା ମଧ୍ୟ ହେବ । ମଜଲିସର ବନ୍ଦୋବସ୍ତ ଏପରି ହେବ ଯେ ନାନା ଶ୍ରେଣୀ ଲୋକ ଆପଣା ମର୍ଯ୍ୟାଦାନୁସାରେ ବସି ଦେଖିବାକୁ ସୁଯୋଗ ପାଇବେ ଓ ଯାହାର ଯହିଁରେ ରୁଚି ସେ ସେହିପ୍ରକାର ନାଚ ବା ଯାତ୍ରା ଦେଖି ପାରିବ ।

---

ଆମ୍ଭେମାନେ ତଲଲିଖିତ ପତ୍ରର ପ୍ରତିଲିପି ଖଣ୍ଡିକ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ନିକଟରୁ ପ୍ରାପ୍ତ ହୋଇ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ କରୁଅଛୁଁ । ପତ୍ରଖଣ୍ଡିକ ଇଂରାଜୀ ଥିବାରୁ ଅବିକଳ ତାହାକୁ ନ ଛପାଇ ତହିଁର ଅନୁବାଦ ପ୍ରକାଶ କଲୁଁ ।

ନ ୨୨୧୫ ମୁର ।

ପଲିଟିକଲ ବିଭାଗର ଏକିଟିଂ ସେକ୍ରେଟରୀ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କ ଠାରୁ ଓଡ଼ିଶାର କମିଶନରଙ୍କ ପ୍ରତି । ଲିଖିତ ଦାର୍ଜିଲିଂ ତା ୮ ରିଖ ଅକ୍ଟୁବର ସନ ୧୮୭୬ ମସିହା ।

୧ । ମହାମାନ୍ୟ ଭାରତବର୍ଷର ଗବର୍ଣ୍ଣର ଜେନରଲ ସାହେବଙ୍କର ଇଚ୍ଛା ହୋଇଅଛି ଯେ ଶ୍ରୀ ଶ୍ରୀମତୀ ଭାରତେଶ୍ୱରୀ ବାଦଶାହୀ ପଦ ଗ୍ରହଣ କରିବାର ଘୋଷଣା ଯେଉଁ ସମୟରେ ଦିଆଯିବ ଭାରତବର୍ଷର ପ୍ରଧାନ ନଗରମାନଙ୍କରେ ସମୁଚିତ ଉତ୍ସବ ସହିତ ଏ ମହତ୍ ବ୍ୟାପାରଟି ସୁବିଖ୍ୟାତ ହେବ । ଏଥିପାଇଁ ସ୍ଥାନୀୟ ଲୋକଙ୍କ ଚେଷ୍ଟାରେ ଚାନ୍ଦା ଉଠିବାର ନିଶ୍ଚୟ ଜଣାଯାଏ ଓ ତହିଁର ସାହାଯ୍ୟ ସକାଶେ ଗବର୍ଣ୍ଣମେଣ୍ଟ ସାଧାରଣ ଭଣ୍ଡାରରୁ ଟଙ୍କା ଦାନ କରିବା ମଞ୍ଜୁର କରିଅଛନ୍ତି ।

୨ । ଏହି କାର୍ଯ୍ୟ ସକାଶେ ଲେଫ୍‌ଟେନାଣ୍ଟ ଗବର୍ଣ୍ଣରଙ୍କ ଆଜ୍ଞାଧୀନରେ ଯେତେ ଟଙ୍କା ଗଚ୍ଛିତ ହୋଇଅଛି ତହିଁମଧ୍ୟରୁ ସେ କଟକନଗରରେ ବ୍ୟୟ ହେବା ସକାଶେ ୨୦୦୦ଟଙ୍କା ନିର୍ଦ୍ଦିଷ୍ଟ କରିଅଛନ୍ତି । ଆମ୍ଭେ ପ୍ରାର୍ଥନା କରୁଁ ଯେ ଉକ୍ତ ଉତ୍ସବରେ ଗବର୍ଣ୍ଣମେଣ୍ଟ ସହିତ ଯୋଗ ଓ ସାହାଯ୍ୟ ଦେବା କାରଣ ଆପଣ କଟକର ସର୍ବସାଧାରଣ ଏବଂ ପ୍ରଧାନ ଇଉରୋପୀୟ ଓ ଦେଶୀୟ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରିବେ ।

୩ । ଯେତେ ଟଙ୍କା ଗବର୍ଣ୍ଣମେଣ୍ଟ ଦେଲେ ଓ ଯାହା ଚାନ୍ଦାଦ୍ୱାରା ଉଠିବ ତାହା କିରୂପେ ବ୍ୟୟ ହେବ ଓ କିପ୍ରକାରରେ ଉତ୍ସବ

Digitized by srujanika@gmail.com

Split by PDF Splitter



କାର୍ଯ୍ୟ ସମ୍ପନ୍ନ ହେବ ତହିଁର ବ୍ୟବସ୍ଥା କରିବାର ଭାର ଆପଣଙ୍କ ଉପରେ ଓ ଯେଉଁମାନେ ଏ ବିଷୟରେ ସାହାଯ୍ୟ କରିବାକୁ ସମ୍ମତ ହେବେ ତାହାଙ୍କ ଉପରେ ଦେଉଅଛନ୍ତି ।

ଆପଣଙ୍କର ବାଧ୍ୟଭୃତ୍ୟ

ଦସ୍ତଖତ ଆର୍, ଏଲ୍, ମାଙ୍ଗଲସ୍
ଏକ୍ଟିଂ ସେକ୍ରେଟେରୀ ।

ଆମ୍ଭମାନଙ୍କର ଏବିଷୟର ପ୍ରସ୍ତାବ ଲେଖା ହେଲା ଉତ୍ତାରୁ ଗତ କାଲି ଏପତ୍ର ପାଇଲୁଁ ସୁତରାଂ ଏଥିସଙ୍ଗେ ତାହାକୁ ମିଶାଇ ଛୁଟିବାକୁ ହେବ ।

---

ପ୍ରାପ୍ତ ।

ଗତବରଷରେ ଶ୍ରୀ ଜଗନ୍ନାଥ ଦେବ ରତ୍ନ ସିଂହାସନରୁ ଅନ୍ୟ ସ୍ଥାନରେ ଅବସ୍ଥିତ କରି ଉକ୍ତ ଦେବଙ୍କର ନଦେନିତ ଅନ୍ନାଦମାନଙ୍କୁ ଯେଉଁ ବ୍ରାହ୍ମଣମାନେ ଭୋଜନ ଓ ସେବନ କରିଥିଲେ ସେହି ବ୍ରାହ୍ମଣମାନଙ୍କୁ ସୋହଲ ଶାସନସ୍ଥ ପଣ୍ଡିତ ଓ ଶିଷ୍ଟଦର୍ଶୀ ବ୍ରହ୍ମଚାରୀମାନେ ସଙ୍ଗରୁ ପଂକ୍ତି ବାହ୍ୟ କରିଥିଲେ ସେମାନେ ଏହି ଅପରାଧରୁ ମଧ୍ୟ ଅପମାନ ଓ ଆପଣାର ଅଜ୍ଞତା ସ୍ୱୀକାର କରି ଭୋଜନ ଆଶାରେ ମାତ୍ର କାଳଯାପନ କରି ଆସିଲେ ବର୍ତ୍ତମାନ ଶ୍ରୀ ଜଗନ୍ନାଥପ୍ରଭୁ ସ୍ୱ ସିଂହାସନରେ ଅବସ୍ଥିତ କରିବାରୁ ଉକ୍ତ ସୋହଲଶାସନ ପଣ୍ଡିତ ବ୍ରାହ୍ମଣ ଓ ଶିଷ୍ଟଦର୍ଶୀ ବ୍ରହ୍ମଚାରୀ ଏମାନେ ଆନନ୍ଦପୂର୍ବକ ନିର୍ବିବାଦ ରୂପେ ମହାପ୍ରସାଦ ଭକ୍ତ ଭୋଜନ ଓ ସେବନ କରୁଅଛନ୍ତି ପୁନଶ୍ଚ ଯେଉଁ ବ୍ରାହ୍ମଣମାନେ ପଂକ୍ତି ବାହ୍ୟ ହୋଇଥିଲେ ସେମାନେ ପଣ୍ଡିତ ଓ ଦଣ୍ଡି ବ୍ରହ୍ମଚାରୀ ଏମାନଙ୍କୁ ବିନ୍ମିତ ପ୍ରାର୍ଥନା କରିବାରୁ ପଣ୍ଡିତ ଓ ବ୍ରହ୍ମଚାରୀ ଅନୁଗ୍ରହପୂର୍ବକ ଏକ ଶିକ୍ଷା ଦେଲେ ସେହି ଶିକ୍ଷାନୁସାରେ ପଂକ୍ତି ବହିଷ୍କୃତ ଓ ଭୋଜନମାତ୍ରରେ କାଳଯାପନ କରୁଥିବା ବ୍ରାହ୍ମଣମାନେ ସ୍ୱ ସ୍ୱ ଗ୍ରାମଦେବତାଙ୍କ ପାଇଁ ଗୁଣାଗାର ଦେଇ ଓ ଗାୟତ୍ରୀ ମନ୍ତ୍ର ଜପକରି ସମାଜରେ ମିଳଗଲେ ।

---

# ସାପ୍ତାହିକସଂବାଦ ।

ଆମ୍ଭମାନଙ୍କ ନଜ ଶ୍ରୀଯୁକ୍ତ ମାକଫାର୍ସନ ସାହେବ ଚଳିତମାସ ତା ୭ ରଖରେ କଲିକତାରୁ ଯେଉଁ ଜାହାଜ ବମ୍ବାଧରକୁ ଅଛିଲା ତହିଁରେ ପ୍ରତ୍ୟାଗମନ କରିଅଛନ୍ତି ।

ଯେଉଁ ଆଣ୍ଟାପଡ଼ିଆ ମକଦ୍ଦମାର ବିଷୟ ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ ଫରିୟାଦ ସେ ମକଦ୍ଦମାକୁ ନ ଚଳାଇବାରୁ ଖାରଜ ହୋଇଅଛି । ବୋଧ ହୁଏ ଆସାମିମାନେ ନେଫଃଲରେ ସ୍ୱୀକାର କରିଥିବେ ।

ପୁରୀର କଲେକ୍ଟର ଶ୍ରୀଯୁକ୍ତ ଆର୍ମଷ୍ଟ୍ରଂ ସାହେବ ଓ ତାଙ୍କ ମେମ କଲିକତାରୁ ଫେରିଆସି ଚଳିତମାସ ତା ୪ ରଖରେ କଟକରେ ପହଞ୍ଚିଥିଲେ । ଶୀଘ୍ରରେ ପୁରୀରେ ପ୍ରବେଶ ହେବାର ସମ୍ଭାବନା ଅଛି ।

ଅଶିଷ୍ଟଣ୍ଟ ସର୍ଜନ ପ୍ରସନ୍ନଘୋଷ ହଲଦାର ଓଡ଼ଗାବଗ୍ରାମର ଇଂରାଜୀ ଟିକାଦେବା ମହକୁମାର ସୁପ୍ରିଣ୍ଟ ପଦରେ ନିଯୁକ୍ତ ହୋଇଅଛନ୍ତି ।

ଗୁଜରାଟର ଲୋକମାନେ ଆପଣା ଦେଶରେ ବିବାହର ଗୋଟିଏ ନୂତନ ପ୍ରଥା ବାହାର କରିଅଛନ୍ତି । ତାହା ଏହି ଯେ କନ୍ୟାର ଜନ୍ମ ହେଲାମାତ୍ରକେ ସେହି ମାସରେ ତାହାର ବିବାହ ନିମିତ୍ତ ସୁନ୍ଦିଖେଲ ହୁଏ ଓ ଯାହା ନାମରେ ଜନ୍ମ ଉଠିଅଛି ତାହା ସହିତ ସେ କନ୍ୟାର ବିବାହ ହେଉଅଛି । ଏ ବିବାହରେ ବହୁବଛ ଏକାବେଳକେ ଉଠିଯାଇଥିବାର ବୋଧ ହୁଏ ମୂଳ ଭାଗ୍ୟ ।

ମଧ୍ୟପ୍ରଦେଶର ସଂବାଦପତ୍ରରୁ ଅବଗତ ହେଲୁଁ ଯେ ଚଳିତବର୍ଷର ପ୍ରଥମ ଛମାସରେ ୪୯ ମନୁଷ୍ୟ ଏବଂ ୨୦୦୬ ପଶୁ ହିଂସ୍ରକ ଜନ୍ତୁଦ୍ୱାରା ନାଶ ହୋଇଅଛନ୍ତି । ଏହି ସମୟ ମଧ୍ୟରେ ୧୧୬୮ ଦୁଷ୍ଟଜନ୍ତୁ ବଧ କରିବା ସକାଶେ ଗବର୍ଣ୍ଣମେଣ୍ଟ ଟ ୧୬୮୯୧ ଙ୍କା ପାରିତୋଷିକ ଦେଇଅଛନ୍ତି । ଏଥିମଧ୍ୟରେ ୮୯ ବାଘ ମରିଅଛି ଅଛି ।

ତେଲିଗ୍ରାଫ ଶୁଣିଅଛନ୍ତି ଯେ କଲିକତାର ନିମ୍ନଲିଖିତ ସଂବାଦପତ୍ରର ସମ୍ପାଦକମାନେ ଦେହ୍ଲି ଦରବାରକୁ ଆମନ୍ତ୍ରିତ ହେବେ ଯଥା; ଇଂଲିସମାନ, ଡେଲିନ୍ୟୁସ, ଷ୍ଟେଟ୍‌ସମାନ, ଫ୍ରେଣ୍ଡଅବଇଣ୍ଡିଆ, ଇଣ୍ଡିଆନମିରର, ହିନ୍ଦୁପେଟ୍ରିଅଟ, ଇଣ୍ଡୋଇଉରୋପିୟାନ କରସପଣ୍ଡେନ୍ସ, ନାସନଲ ମାଗେଜିନ, ଏବଂ ମୁଷଲ୍ୟମାନଗାଇଜ ।

ଦିଲ୍ଲି ଦରବାରକୁ ଲକ୍ଷାରୁ ଦେଢଲକ୍ଷ ଲୋକ ଆସିବାର ବନ୍ଦୋବସ୍ତ ହୋଇଅଛି ।

ବମ୍ବେଇରୁ ଜଣେ ହିନ୍ଦୁସନ୍ୟାସୀ ମହାରାଜା ଦଲ୍ଲୀପସିଂହଙ୍କ ସହିତ ସାକ୍ଷାତ କରିବା ସକାଶେ ଇଂଲଣ୍ଡକୁ ଯାଇଅଛନ୍ତି । ଏଥିପୂର୍ବେ କେହି ହିନ୍ଦୁସନ୍ୟାସୀ ଇଂଲଣ୍ଡକୁ ଯାଇ ନ ଥିଲେ ।

ଜଣେ ହିନ୍ଦୁବଣିକ ଏହାଙ୍କର ବାର୍ଟଖର୍ଚ୍ଚ ଯୋଗାଇ ଅଛନ୍ତି ।

ଶ୍ରୀ ଶ୍ରୀମତୀ ମହାରାଣୀ ନୂତନ ପଦ ଧାରଣ କରି ଅଛନ୍ତି ବୋଲି ସିନ୍ଧିୟାର ମହାରାଜା ଖଣ୍ଡିଏ ଅଭିନନ୍ଦନପତ୍ର ପଠାଇ ଅଛନ୍ତି ।

ଇଉନାଇଟେଡଷ୍ଟେଟ୍‌ସରେ ୮୬୧ ପ୍ରକାର ସଂବାଦପତ୍ର ଛପା ହୁଏ ଓ ଏଥିର ଅଧିକାଂଶ ପ୍ରାୟ ସାପ୍ତାହିକପତ୍ରିକା ଅଟଇ । ଏ ଦେଶର ଲୋକମାନେ ସଂବାଦପତ୍ରର ଯଥାର୍ଥ ସ୍ୱାଦ ପାଇଅଛନ୍ତି ।

ପେସବାରରେ ଏକଜଣ ହିନ୍ଦୁବାଳକ ଖ୍ରୀଷ୍ଟିୟାନଧର୍ମ ଗ୍ରହଣ କରିଅଛି ବୋଲି ସେଠାରେ ବଡ଼ ଗୋଲଯୋଗ ଉପସ୍ଥିତ ହୋଇଅଛି ଓ କୌଣସିପ୍ରକାର ବିଦ୍ରୋହ ଜାତ ହୋଇ ନ ପାରେ ଏଥିପାଇଁ ହାକିମମାନଙ୍କୁ ସତର୍କ ରହିବା କାରଣ ଇଣ୍ଡିୟାନ ପବ୍ଲିକ ଓପିନିୟନ ନାମକ ସଂବାଦପତ୍ର ଅନୁରୋଧ କରିଅଛନ୍ତି ।

ସୁଲଭସମାଚାର ଶୁଣିଅଛନ୍ତି ଯେ ଜଲନ୍ଧର ଭଦ୍ରଲୋକମାନେ ଡିଷ୍ଟ୍ରିକ୍ଟ କଚେରୀ ପାଇବେ ବୋଲି ଜନରବ ହୋଇଅଛି । ଯଥା, ବାବୁ ଦୁର୍ଗାପ୍ରସାଦ ଘୋଷ, ଶ୍ରୀଶଚନ୍ଦ୍ର ଘୋଷ, ମାନ୍ୟବର ଶ୍ୟାମଶଙ୍କର ସେନ, ଈଶ୍ୱରଚନ୍ଦ୍ର ମିଶ୍ର, ବାବୁ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏବଂ ବାବୁ କାଳୀଚରଣ ଘୋଷ । ଏ ତାଲିକାରେ ଘୋଷଙ୍କାଙ୍କର ପ୍ରାଦୁର୍ଭାବ ଦେଖାଯାଏ ।

ପୂଜା ସମୟରେ ଶ୍ୟାମବଜାରରେ ଏକ ବାକ୍ତିର ଘରଠାରେ ବଙ୍ଗାଳୀ କଦାପି ସମସ୍ତ ଜଣେ କିଙ୍କାଲଣି ଭିତରେ ପଡ଼ି ମରିଯାଇଅଛି ଏପରି ଗୋଲମାଲର କାର୍ଯ୍ୟ କରିବା କେବଳ ପୌରୁଷର କଥା ।

---

ବିଜ୍ଞାପନ ।

---

ଆମ୍ଭମାନଙ୍କ କୋଠିରେ ଏଫ, ପି, ଲିଟନ ସାହେବଙ୍କର ହିଭି ଓ ଦାୟ ଚଳିତ ମାସ ତା ୩୦ ରଖଠାରୁ ରହିତ ହେଲା ।

| | | |
|---|---|---|
| କଟକ<br>ତା୧୫ରଖ ସେପ୍ଟେମ୍ବର<br>ସନ ୧୮୭୬ | } | ଦସ୍ତଖତ<br>ଓ୍ୱାଇବରକମ୍ପାନି |

---

☞ ଏହି ଉତ୍କଳଦୀପିକା ସଦରକଟକ ବାଲୁବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୧ ଶ
ସଂ୪୨ଖ୍ୟା

ତା।୨୦ରିଖ ଅକ୍ଟୁବର ସନ୧୮୭୭ମସିହା । ମୁ । କାର୍ତ୍ତିକ ୭ଦିନ ସନ୧୨୮୪ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୨୯
ମଫସଲପାଁଇ ଡାକମାସୁଲ ଟ୧୷

ଗତ ମାସ ତା ୨୮ ରିଖର ଝଡ ବର୍ଷା ଅନେକ ସ୍ଥାନରେ ବ୍ୟାପିଥିବାର ଜଣାଯାଏ । ଭାରତର ପଶ୍ଚିମରେ ଏଲାହାବାଦ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ହୋଇଥିଲା ଓ ସେଠାରେ ଘ ୨୪ ଘଣ୍ଟାରେ ପ୍ରାୟ ଅଠଇଞ୍ଚରୁ ଊର୍ଦ୍ଧ୍ୱ ବର୍ଷା ହୋଇଥିଲା । କିନ୍ତୁ ଦକ୍ଷିଣଦିଗରେ ଏହାର ବଳ ଅଧିକ ଓ ସେହି ଦିଗରୁ ଉତ୍ପନ୍ନ ହେବାର ଜଣାଯାଏ । ବିମଲିପଟ୍ଟନ ଓ ମାନ୍ଦ୍ରାଜ ବତାସ ବଡ ପ୍ରବଳ ହୋଇଥିଲା ଓ ତୋଫାନ ହେବାର ସମ୍ପୂର୍ଣ୍ଣ ଆଶଙ୍କା ଥିଲା । ବିଶାଖପଟ୍ଟନରେ ଜଳପ୍ଲାବନ ହୋଇ ସିପାହିମାନଙ୍କ ରହିବା ଘରମାନ ଧୋଇ ଯାଇଅଛି ଓ ଏଥିରେ ଅନେକ ସମ୍ପତ୍ତି ଏବଂ କେତେକ ଲୋକର ପ୍ରାଣ ନଷ୍ଟ ହୋଇଅଛି କିନ୍ତୁ କୌଣସିଠାରେ ପ୍ରକୃତ ତୋଫାନ ପ୍ରତ୍ୟକ୍ଷ ହୋଇ ନାହିଁ । ବୋଧ ହୁଏ ବଙ୍ଗ ଉପସାଗର ମଧ୍ୟରେ ତୋଫାନ ହୋଇଥିଲା କୂଳରୁ ବହୁତ ଅନ୍ତର ଥିବାରୁ ତାହାର ପରାକ୍ରମ ଅନୁଭୂତ ହୋଇ ନାହିଁ ।

---

ଦିଲ୍ଲୀରେ ଯେଉଁ ମହାସଭା ହେବ ତାହାକୁ କେତେ ସଂବାଦପତ୍ର ମହାଭାରତ ଲିଖିତ ରାଜା ଯୁଧିଷ୍ଠିରଙ୍କର ରାଜସୂୟ ଯଜ୍ଞ ସଙ୍ଗରେ ତୁଳନା କରି ଅଛନ୍ତି । ବାସ୍ତବରେ ସେପରି ତୁଳନା କରିବା ଅସଙ୍ଗତ ହୋଇ ନାହିଁ । ତେବେ ସେସମୟରେ ରାଜଭଣ୍ଡାରରୁ ଅର୍ଥବ୍ୟୟ କରି ସମାରୋହ କରିବା ବର୍ତ୍ତମାନ କାଳରେ ଅସମ୍ଭବ । ଯାହା ହେଉ ଯେପରି ଆୟୋଜନମାନ ହେବାର ସମ୍ବାଦପତ୍ର ସମସ୍ତରୁ ଜଣାଯାଏ ତହିଁରେ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଏ ମହାସଭା ସାମାନ୍ୟ ବ୍ୟାପାର ହେବ ନାହିଁ । ୧୫୦୦୦ ସୈନ୍ୟ ଛଡା ପ୍ରତ୍ୟେକ ଗବର୍ଣ୍ଣମେଣ୍ଟରୁ ଏକ ଦଳ ବଲଣ୍ଟିଅର ସେନାକୁ ଦିଲ୍ଲୀରେ ଉପସ୍ଥିତ ହେବା ପାଇଁ ଆମନ୍ତ୍ରଣ ହୋଇଅଛି ଏବ ୨୫୦ ଘର ହାତୀ ସେଠାରେ ଉପସ୍ଥିତ ରହିବାର ସ୍ଥିର ହୋଇଅଛି । ଏପର ବରୋଦାର ଗାଇକୁଅଁର ଏକଦଳ ସୈନ୍ୟ ପଠାଉ ଅଛନ୍ତି ଏବଂ ଅନୁମାନ ହୁଏ ଅନ୍ୟାନ୍ୟ ମହାରାଜାମାନେ ସୈନ୍ୟ ପଠାଇ ପାରନ୍ତି । ଏହା ଛଡା ମହାରାଜାମାନଙ୍କ ସଙ୍ଗରେ ଆହୁରି କେତେ ସୈନ୍ୟ ଯିବେ ତାହାରତ ହିସାବ ନାହିଁ । ମହାସଭା ବସିବାକୁ ଦୁଇମାସ ଅଛି କିନ୍ତୁ ବର୍ତ୍ତମାନରୁ ଦିଲ୍ଲୀରେ ଘରଭଡା ଅତ୍ୟନ୍ତ ବୃଦ୍ଧି ହେଲାଣି । କଥିତ ହୁଏ କି ହାଇଦରାବାଦର ନିଜାମ ମେଟକାଫ କମ୍ପାଉଣ୍ଡ ନାମକ ବିଖ୍ୟାତ ସ୍ଥାନକୁ ଟ ୬୫୦୦୦ ଙ୍କାରେ ଭଡା ନେଇଅଛନ୍ତି ଏହି ସମ୍ପତ୍ତି କିଛିଦିନ ପୂର୍ବେ ଟ ୫୦୦୦୦ ଙ୍କାରେ କ୍ରୟ ହୋଇଥିଲା ତେବେ ନିଜାମଙ୍କ ରହିବା ଉପଯୁକ୍ତ କେତେକ କାର୍ଯ୍ୟ ଏହି ଅଳ୍ପକାଳ ମଧ୍ୟରେ ଏ ସ୍ଥାନରେ କରିବାକୁ ହେବ । ଭୂପାଳର ବେଗମ ଦି ୧୫ ନ ସକାଶେ ଏକ ଘର ପାଇଁ ଟ ୬୦୦୦ ଙ୍କା ଭଡା ଯାଚିଥିଲେ ମାତ୍ର ଗୃହସ୍ୱାମୀ ତହିଁରେ ସମ୍ମତ ନ ହୋଇ ଟ ୮୦୦୦ ଙ୍କା ଭଡା ମାଗୁଅଛି । ବଡ଼ ଘରସବୁର ଏପରି କଥା ସାନଘରମାନଙ୍କର ଭଡା ଏହି କ୍ରମରେ ବୁଝିବାକୁ ହେବ । ଯେସ୍ଥଳେ ଭାରତବର୍ଷର ସମସ୍ତ ପ୍ରଧାନ ମହାରାଜାଙ୍କୁ ଆମନ୍ତ୍ରଣ ହେଉଅଛି ଓ ସମସ୍ତେ ଯିବେ ସେସ୍ଥଳେ କି ପରିମାଣରେ ଜନତା ହେବ ତାହା ଅନୁମାନ କରିବା ସହଜ ନୁହଇ ।

---

ଏହିମାସ ତା ୪ ରିଖ ବୁଧବାର ବେଳ ଘ ୨ ଘଣ୍ଟା ସମୟରେ କଲିକତାରେ ଗୋଟିଏ ଅତ୍ୟନ୍ତ ଭୟଙ୍କର ଦୁର୍ଘଟନା ଘଟିଥିଲା । ଗତ ବର୍ଷ ଗଙ୍ଗାନଦୀରେ ଖଣ୍ଡିଏ ଜାହାଜ ବୁଡି ଯାଇଥିଲା । ଅନ୍ୟ କୌଣସି ଉପାୟରେ ତାହାକୁ ବାହାର କରି ନ ପାରି ପୋର୍ଟ କମିଶନରମାନେ ବାରୁଦ ପେପା ତହିଁମଧ୍ୟରେ ରଖି ଅଗ୍ନି ଲଗାଇବାଦ୍ୱାରା ଭାଙ୍ଗି ପକାଇବାକୁ ଆଜ୍ଞା ଦେବାରେ ସେହିପରି କାର୍ଯ୍ୟ ହେଉଥିଲା । ଦୁଇଦିନ କାର୍ଯ୍ୟ ହେଲା ଉତ୍ତାରୁ ଉପରଲିଖିତ ତାରିଖରେ ସରଜଣ୍ଟ ହାରଟନ ସାହେବ ଏକଖଣ୍ଡ ନୌକାରେ ଗୋଟାଏ ପିପାରେ ୨୦୦ ପାଉଣ୍ଡ ବାରୁଦ ନେଇ ଯାଉଥିଲେ । ମହମ ଢାଳି ପିପାର କଣାସବୁ ବନ୍ଦ କରିବାବେଳେ କିପ୍ରକାରେ ସେପିପାରେ ଥିବା ବାରୁଦରେ ଅଗ୍ନି ସଂଯୋଗ ହେବାରୁ ପିପାଟି ଅତି ଭୀଷଣ ଶବ୍ଦ କରି ଫାଟିଗଲା ଏଥିରେ [illegible] ଲୋକର ପ୍ରାଣ ନଷ୍ଟ ହୋଇଅଛି । ନୌକାରେ ଜ ୧୫ ଣ ଥିଲେ ତହିଁ-

Digitized by srujanika@gmail.com

ମଧ୍ୟରୁ ଆଠଜଣର କିଛି ଚିହ୍ନ ମିଳି ନାହିଁ । ପିପ ଫାଟିଲବେଳେ ତହିଁରୁ ଉତ୍ତପ୍ତ ଲୌହଖଣ୍ଡମାନ ବାହାରି ଅନ୍ୟାନ୍ୟ ନୌକା ଓ ତହିଁରେ ଥିବା ଲୋକଙ୍କୁ ହତ ବା ଆହତ କରିଅଛି । ଗଙ୍ଗାନଦୀରେ ପ୍ରାୟ ୧୫ ଜଣର ଦେହ ମିଳିଅଛି କେତେ ଲୋକ ମରିଅଛନ୍ତି ନିଶ୍ଚୟ ଜଣାଯାଉ ନାହିଁ । ଗଙ୍ଗାକୂଳ ନିକଟରେ କେଉଁଠାରେ ଖଣ୍ଡେ ହାତ ବା ଗୋଡ ଓ କେଉଁଠାରେ ମୁଣ୍ଡ ବା ଧଡ଼ ପଡ଼ିଥିଲା ବୋଲି ସୁଲଭ ସମାଚାର ଲେଖନ୍ତି । ନଦୀକୂଳ ଘରମାନଙ୍କ ମଧ୍ୟରୁ କେତେକ ଘରରୁ ଖଣ୍ଡେ ୨ ଭାଙ୍ଗି ପଡ଼ିଅଛି ଓ ବହୁତ ଘରର କବାଟ ବା ଝରକାରେ ଲାଗିଥିବା ଆଇନାସବୁ ଭାଙ୍ଗି ଯାଇଅଛି । ଶବ୍ଦ ଏମନ୍ତ ପ୍ରବଳ ହୋଇଥିଲା ଯେ ସହରଯାକ ସମସ୍ତେ ଶୁଣି ଭୟସ୍ତ ହୋଇଥିଲେ ଓ ତହିଁର ଧମକରେ ଗୃହଦ୍ୱାର କମ୍ପମାନ ହୋଇଥିଲା । ଏ ବ୍ୟାପାର ଅତ୍ୟନ୍ତ ଶୋଚନୀୟ ଅଟଇ ମାତ୍ର ଏଥିରେ ଅପରାଧ କାହାର ? ତେବେ ଏତକ କୁହାଯାଇ ପାରେ ଯେ ବାରୁଦ ପରି ଭୟାନକ ଓ ବିପଦଜନକ ଦ୍ରବ୍ୟ ଅଟଇ ନଗର ମଧ୍ୟରେ ବା ସନ୍ନିକଟରେ ଏଥିର କାରବାର କରିବା କୌଣସି କାଳରେ ଉଚିତ ନୁହଇ ।

---

ସରକୁମାର ରୋଗ କଲିକତାରେ ଉପସ୍ଥିତ ହୋଇଅଛି । ହିନ୍ଦୁପେଟ୍ରିଅଟ ଲେଖନ୍ତି ଯେ ଓଡ଼ିଶାରୁ ମେଦନିପୁର ହୋଇ ହାବଡ଼ା ଓ ଚିତ୍ପୁର ବାଟେ ଉକ୍ତ ନଗରରେ ଏ ରୋଗ ପ୍ରବେଶ ହୋଇଅଛି । କଲିକତା ଓ ତହିଁ ଚତୁର୍ଦ୍ଦିଗସ୍ଥ ପଲ୍ଲୀଗ୍ରାମମାନଙ୍କରେ ଏ ରୋଗରେ ଅନେକ ଲୋକ ପୀଡ଼ିତ ହେବା ଓ କେତେ ହତ ହେବାର ମଧ୍ୟ ସମାଚାରମାନ ନାନାପ୍ରଦେଶୀୟ ସମ୍ବାଦପତ୍ରମାନଙ୍କରେ ପ୍ରକାଶ କରିଅଛନ୍ତି । ରୋଗର ସମସ୍ତ ଲକ୍ଷଣ ଓ ଚିକିତ୍ସା ଯେପରି ଏଠାରେ ଲୋକେ ଶୁଣିଅଛନ୍ତି ବା ଦେଖିଅଛନ୍ତି ଠିକ ସେହିପରି ଅଟଇ । ଘୁର-ଭୁମାର ଓ ତପ୍ତ ଲୁହାର ଦାଗ ଦେବା ଚିକିତ୍ସା ବଙ୍ଗଳାରେ କିଛି ଅଧିକ ପ୍ରବଳ ହୋଇଅଛି କେବଳ ହୋମିଓପାଥିର ବ୍ୟବସ୍ଥା କିଛିମାତ୍ର ଶୁଣା ଯାଇ ନାହିଁ । ବୋଧ ହୁଅଇ ସମୟରେ ଅନେକ ରୋଗୀ ସେଠାରେ ବନ୍ଦୀଦଶାରେ କଷ୍ଟ ହୋଇଅଛନ୍ତି ହୋମି ଔଷଧ ଏମନ୍ତଙ୍କୁ ରୋଗ ମିଳିଲେ ରକ୍ଷା କରୁଅଛନ୍ତି । ଇଂରେଜ ଓ ବଙ୍ଗଳା ସମ୍ବାଦପତ୍ରମାନଙ୍କରେ ଏ ରୋଗ ବିଷୟରେ ଅନେକ ତର୍କ ବିତର୍କ ଲାଗିଅଛି ଓ ରୋଗଟି ପ୍ରକୃତ କି ନୁହଇ ଶୀଘ୍ର ଏଥିର ମୀମାଂସା ହେବ ଏମନ୍ତ ଅନୁମାନ ହୁଅଇ କାରଣ ଅଧିକାଂଶ ସମ୍ବାଦପତ୍ର କଲିକତାର ହେଲ୍‌ଥ ଅଫିସରଙ୍କୁ ଏଥିର ନିରାକରଣ ଓ ଅବସ୍ଥାନୁସାରେ ପ୍ରତୀକାର କରିବାପାଇଁ ଅନୁରୋଧ କରୁଅଛନ୍ତି ।

ଏଥିମଧ୍ୟରେ ଡାକ୍ତରମାନଙ୍କ ଦୃଷ୍ଟି ଏ ରୋଗ ଉପରେ ପଡ଼ିଲାଣି । ଡାକ୍ତର ଫେୟାର ସାହେବ ଏ ରୋଗର କଥା ଶୁଣି କଲିକତା ଅନ୍ତଃପାତି କେତେକ ସ୍ଥାନରେ ସ୍ୱୟଂ ଭ୍ରମଣ ଓ ଅନୁସନ୍ଧାନ କରି ଲେଖିଅଛନ୍ତି ଯେ ସେ ଉକ୍ତ ସ୍ଥାନ ସମସ୍ତରେ ଏକବ୍ୟକ୍ତିଙ୍କୁ ସୁଦ୍ଧା ରୋଗଭୋଗ କରୁଥିବା ସମୟରେ ଦେଖି ନାହାନ୍ତି । ଯାହାଙ୍କର ରୋଗ ହୋଇଥିଲା ତାହାଙ୍କୁ ପରୀକ୍ଷା କରି ବୁଝିବାରେ ଏ ରୋଗର ଏମନ୍ତ କୌଣସି ଲକ୍ଷଣ ଦେଖାଗଲା ନାହିଁ କି ଯାହା ଏରୋଗକୁ କାଳ୍ପନିକ ଜ୍ଞାନ କଲେ ତହିଁ ସଙ୍ଗେ ଅସଙ୍ଗତ ହେବ । ଯାହା ହେଉ ଏ ମହାଶୟ ଅଧିକ ଅନୁସନ୍ଧାନ କରୁଅଛନ୍ତି ଓ ତହିଁର ସବିଶେଷ ଏପରେ ପ୍ରକାଶ ହେବ ।

---

## ଶ୍ରୀମତୀ ଭାରତେଶ୍ୱରୀଙ୍କର ନୂତନ ଉପାଧି ଗ୍ରହଣର ସମାରୋହ ।

ଶ୍ରୀ ଶ୍ରୀମତୀ ଭାରତେଶ୍ୱରୀ ନୂତନ ପଦ ଗ୍ରହଣ କରିବା ଉପଲକ୍ଷରେ ଆଗାମୀ ବଡ଼ଦିନ ସମୟରେ ଯେଉଁ ସାଧାରଣ ଉତ୍ସବ ହେବ କଟକ ନଗରରେ ସେହି ଉତ୍ସବ ହେବା ନିମିତ୍ତ ଗବର୍ଣ୍ଣମେଣ୍ଟ ଟ ୫୦୦୦ ଙ୍କା ଦାନ କରିବାର ସଂବାଦ ଗତ ସପ୍ତାହରେ ପାଠକମାନଙ୍କୁ ଦେଇଅଛୁଁ ଓ ଯେଉଁରୂପ ଉତ୍ସବ କଲେ ଭଲ ହେବ ତହିଁର କିଞ୍ଚିତ ଉଲ୍ଲେଖ ମଧ୍ୟ କରୁଅଛୁଁ । ଏ ଉତ୍ସବଟି ସାମାନ୍ୟ ନୁହଇ ଭାରତବର୍ଷର ମଙ୍ଗଳ ନିମିତ୍ତ ଶ୍ରୀ ଶ୍ରୀମତୀ ମହାରାଣୀ ଆଜିକୁ ୧୮ ବର୍ଷ ହେଲା ସ୍ୱୟଂ ଶାସନ ଭାର ଗ୍ରହଣ କଲେ କିନ୍ତୁ ତହିଁରେ ସୁଦ୍ଧା ତୃପ୍ତ ନ ହୋଇ ଅସ୍ମମାନଙ୍କ ସହିତ ଅତ୍ୟନ୍ତ ନିକଟ ସମ୍ପର୍କ ସ୍ଥାପନ କରିବା ନିମିତ୍ତେ ନୂତନପଦ ଗ୍ରହଣ କରୁଅଛନ୍ତି । ଏତେଦିନ ଆମ୍ଭେମାନେ ବ୍ରିଟେନର ମହାରାଣୀଙ୍କ ପ୍ରଜା ବୋଲି ପରିଚୟ ଦେଉଥିଲୁଁ । ଏବେ ଭାରତେଶ୍ୱରୀଙ୍କ ପ୍ରଜା ବୋଲାଇଲୁଁ ସାମାନ୍ୟ ଗୌରବର ବିଷୟ ନୁହଇ । ସୁତରାଂ ଏପଦଦ୍ୱାରା ଯେମନ୍ତ ଶ୍ରୀମତୀ ମହାରାଣୀଙ୍କ ସହିତ ଆମ୍ଭମାନଙ୍କର ଘନିଷ୍ଠ ସମ୍ପର୍କ ହେଲା ତେମନ୍ତ ଆମ୍ଭମାନଙ୍କ ମଙ୍ଗଳ ହେବାର ସମଧିକ ଆଶା ବଢ଼ିଲା । ସୁତରାଂ ଏ ଉତ୍ସବ ସମୟରେ ଏଦେଶବାସିଙ୍କର ନିତାନ୍ତ କର୍ତ୍ତବ୍ୟ ଯେ ସମୁଚିତ ପ୍ରକାରରେ ଆନନ୍ଦ ଆହ୍ଲାଦ କରି ଏ ବିଷୟକୁ ପ୍ରକାଶ କରିବେ । ବିଶେଷ ଗବର୍ଣ୍ଣମେଣ୍ଟ ଏଥିପାଇଁ ଟଙ୍କା ଦାନ କରିଅଛନ୍ତି ଓ ସ୍ଥାନୀୟ ଚାନ୍ଦାଦ୍ୱାରା ଟଙ୍କା ଉଠାଇବାକୁ ଆଦେଶ ମଧ୍ୟ ଦେଇଅଛନ୍ତି । ଯେସ୍ଥଳେ ଗବର୍ଣ୍ଣମେଣ୍ଟ ସହାୟତାର ଟଙ୍କା ଦେଇଅଛନ୍ତି ସେସ୍ଥଳେ ସ୍ଥାନୀୟ ଚାନ୍ଦାଦ୍ୱାରା କେତେକ ଟଙ୍କା ଉଠିବାର ଅବଶ୍ୟକ ନିତାନ୍ତ ପକ୍ଷରେ ତହିଁର ଅଧିକ ହେଲେ ଦୋଷ ଦଶିବ ନାହିଁ । ଆଜିକାଲି ଅର୍ଥ ସବୁଆଡ଼ ମନ୍ଦ ହୋଇଅଛି ଲୋକେ ଯେପରିମାଣରେ ଅର୍ଥ ବ୍ୟୟ କରିବେ ସେ ପରିମାଣରେ ତାହାଙ୍କର କାର୍ଯ୍ୟ ସଭ୍ୟ ସଂସାରରେ ପରିଚିତ ହେବ । ଏ କଟକ ନଗରରେ ଏକେ ଥିଲା ନାହାନ୍ତି ଯେ ଏକାର୍ଯ୍ୟ ସକାଶେ ସହଜରେ ଚାହିଦାର ଟଙ୍କା ଦାନ କରିବେ ମାତ୍ର ଓଡ଼ିଶାର ମଙ୍ଗଳବନ୍ଧ ଓ ଗଡ଼ଜାତ ମିଶିଲେ ଆବଶ୍ୟକତାର ଟଙ୍କା ଉଠିବା ବଡ଼ କଥା ନୁହଇ ଓ ରାଜଭକ୍ତି ପ୍ରଦର୍ଶନ ସକାଶେ ଏ ଟଙ୍କା ଚାନ୍ଦାଦ୍ୱାରା ସଂଗ୍ରହ କରିବା ନିତାନ୍ତ ପ୍ରୟୋଜନ ହୋଇଅଛି । ଅତଏବ ଆମ୍ଭେମାନେ ଆଶା କରୁଁ ଯେ ଓଡ଼ିଶାର ସମସ୍ତ ରାଜା ଜମିଦାର ସମ୍ଭ୍ରାନ୍ତ ଓ ଧନବ୍ୟକ୍ତିମାନେ ଶୀଘ୍ର ଏକଯୋଗ ହୋଇ ଆପଣା ସାଧ୍ୟାନୁସାରେ ଚାନ୍ଦା ଦେବାକୁ ପ୍ରସ୍ତୁତ ହେଉନ୍ତୁ । ଉତ୍ସବର ସମୟ କେବଳ ଦୁଇମାସ ରହିଲା । ଏଥିମଧ୍ୟରେ ଚାନ୍ଦା ସଂଗ୍ରହ ଓ ତଦୁପଯୁକ୍ତ ଉତ୍ସବର ଆୟୋଜନମାନ କରିବାକୁ ହେବ । ଅତଏବ ବିଳମ୍ବ କରିବାର ସମୟ ନାହିଁ । ଆମ୍ଭେମାନେ କମିଶନରସାହେବ ଓ କଲେକ୍ଟର ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ସେ ଏଥିପାଇଁ ଏ ନଗରବାସିଙ୍କର ଗୋଟିଏ ସଭା ଆହୂତ କରନ୍ତୁ ତାହା ହେଲେ ସମସ୍ତ ବିଷୟର ବନ୍ଦୋବସ୍ତ ହୋଇପାରିବ । ଘୋଷଣା ପ୍ରଚାର ସକାଶେ ଅବଶ୍ୟ ଏଠାରେ ଦରବାର ହେବ ତହିଁରେ ଉପସ୍ଥିତ ହେବା ପାଇଁ ସମସ୍ତ ରାଜା ଓ ଜମିଦାରଙ୍କୁ ଅନୁରୋଧ ହେବ ସୁତରାଂ ଆଶା ହେଉଅଛି କି ସେମାନେ ଅତି ସନ୍ତୋଷ ମନରେ ଏ ଉତ୍ସବରେ ଯୋଗ ଦେବେ ଓ ଏହାକୁ କୋଣାର୍କ ପଦର ପାଇଁ ଯତ୍ନ କରିବାକୁ ତ୍ରୁଟି କରିବେ ନାହିଁ ।

Digitized by srujanika@gmail.com

Split by PDF Splitter



ଉତ୍ସବଟି ଯେ ଆକାର ଧାରଣ କରିବ ଆମ୍ଭେ-ମାନେ ସେ ବିଷୟରେ ଗତ ସପ୍ତାହରେ ଯତ୍କି-ଞ୍ଚିତ୍ କହିଅଛୁଁ । କଲିକତାରେ ଆତସବାଜି ଅର୍ଥାତ୍ ବାଣ ପୋଡ଼ିବା ଏ ଉତ୍ସବର ପ୍ରଧାନ ଅଙ୍ଗ ହେବ ବୋଲି ଗବର୍ଣ୍ଣମେଣ୍ଟ ପ୍ରସ୍ତାବ କରିଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ ରୋଷନାଇ ଓ ବାଣ ପୋଡ଼ିବା ପ୍ରାୟ ସର୍ବତ୍ରରେ ହେବ କାରଣ ତାହା ବର୍ତ୍ତମାନ ସମୟରେ ସାଧାରଣ ଉତ୍ସବର ପ୍ରଧାନ ଅଙ୍ଗ ହୋଇଅଛି । କିନ୍ତୁ ଏ ଦୁଇ କାର୍ଯ୍ୟ ଏକଦିନରେ ହୋଇ ପାରିବ ନାହିଁ ଓ ମଧ୍ୟ ଏକଦିନରେ ଉତ୍ସବଟି ଶେଷ ହେଲେ ତେତେ ଚିରସ୍ମରଣୀୟ ହେବ ନାହିଁ କିମ୍ବା ସମସ୍ତଙ୍କର ଦେଖିବାର ସୁବିଧା ହେବ ନାହିଁ । ଆମ୍ଭେମାନେ ବିବେଚନା କରୁଁ ଅନ୍ତତଃ ତିନିଦିନ ଉତ୍ସବ ହେବାର ଉଚିତ । ଏକଦିନ କମିଶ୍ନରସାହେବଙ୍କ କୋଠିରେ ରାଜା ଜମିଦାର ଓ ଭଦ୍ରଲୋକଙ୍କ ସଭା ଓ ସହରରେ ରୋଷନାଇ ଆରଦିନ ଦିନବେଳେ ମଲ୍ଲଯୁଦ୍ଧ ସରକସ ଘୋଡ଼ାଦୌଡ଼ ଇତ୍ୟାଦି କ୍ରୀଡ଼ା ଓ ରାତ୍ରରେ ନୃତ୍ୟ ଗାନର ମଜଲିସ ଓ ଶେଷ-ଦିନ ଦରବାର ବାଣବାଜି ପୋଡ଼ିବା ଏହି-କ୍ରମରେ ତିନିଦିନ ଗ୍ରହଦବା ଆମୋଦ ଲାଗି-ଥିଲେ ସମୁଚିତ ଉତ୍ସବ ହେବ । ଓଡ଼ିଶାରେ ଯେତେ ପ୍ରକାର ନାଚ ଗାନ, ଯାତ୍ରା କୁସ୍ତି ଓ କେଳାବାଜି ପ୍ରଭୃତି ଆମୋଦଜନକ କାର୍ଯ୍ୟର ଅନୁଷ୍ଠାନ ହୁଅଇ ଏସମସ୍ତ ଭଲ ଦଳ ଏ ନ-ଗରକୁ ଅଣାଇଲେ ଏକପ୍ରକାର ପ୍ରଦର୍ଶନ ପରି ହୋଇଯିବ ଓ ତହିଁରେ ସମସ୍ତ ଶ୍ରେଣୀର ଲୋକଙ୍କର ପରମ ସୁଖ ଜାତ ହେବ । ଏ ଉତ୍ସବ ସକାଶେ ଯେଉଁ କମିଟି ବସିବେ ଅବଶ୍ୟ ସେମାନେ ଏ ଉତ୍ସବର ଉଚିତ ବ୍ୟବସ୍ଥା କରିବେ ଆମ୍ଭେମାନେ କେବଳ ତାହାଙ୍କ ବିଚାର ନିମିତ୍ତ ଉପର ଲିଖିତ ପ୍ରସଙ୍ଗମାନ ଲେଖିଲୁଁ ।

---

## ସାପ୍ତାହିକସଂବାଦ ।

ଏବର୍ଷ ଦୀପାବଳୀ ଅମାବାସ୍ୟା ଗ୍ରହଣରେ ଏ ନ-ଗରରେ ଅତି ସାମାନ୍ୟପ୍ରକାର ରୋଷନାଇ ହୋ ଇଥିଲା । ଗତ କେତେକ ବର୍ଷରୁ ରୋଷନାଇ ଊଣା ହୋଇ ଆସୁଅଛି ସତ୍ୟ ମାତ୍ର ଗତବର୍ଷ-ଠାରୁ ଏବର୍ଷ ଅନେକ ଊଣା ଦେଖାଯିବାରୁ ଏମନ୍ତ ଅନୁମାନ ହୁଅଇ ଯେ ଦୁଃସମୟହାଲ ବନ୍ଦୋବସ୍ତ ଲୋକଙ୍କ ମନରୁ ସୁଖକୁ ହରି ନେ-ଇଅଛି ସୁତରାଂ ଆମୋଦ କରିବାକୁ ପ୍ରବୃତ୍ତି ହୋଇ ନାହିଁ ।

ଶ୍ରୀଯୁକ୍ତ କମିଶନର ସାହେବ ଗତ ରବିବାର ପୁରୀକୁ ଯାଇ ସେଠାରେ ଏକଦିନ ରହି ଫେରି ଆସିଅଛନ୍ତି । ଦାଗଲ ଖାରଜ ସମ୍ପର୍କୀୟ ନୂତନ ଆଇନକୁ ଶୀଘ୍ର ଜାରିକରିବାର ସୁବିଧା ନିମିତ୍ତ ଯାଇଥିଲେ ।

ଆମ୍ଭମାନଙ୍କ ଜଜସାହେବ ଦୌରା ସକାଶେ ବାଲେଶ୍ୱରକୁ ଯାତ୍ରା କଲେ ।

ଏ ସପ୍ତାହରେ ଏକଦିନ ସୁଦ୍ଧା ବୃଷ୍ଟି ହୋଇ ନାହିଁ ଓ ଆକାଶ ସର୍ବଦା ନିର୍ମଳ ବର୍ଷା ହେବା-ଭଳି ମେଘ ସୁଦ୍ଧା ଦୃଶ୍ୟ ହୋଇ ନାହିଁ । ଶୀତ କାଳ ଆରମ୍ଭ ହେବାର ସବୁଲକ୍ଷଣ ଦେଖାଗ-ଲାଣି କେବଳ ବେଳେ ଗ୍ରୀଷ୍ମ ଅଧିକ ଜଣାଯି-ବାରୁ ବର୍ଷା ହେବବୋଲି ଅଳ୍ପ ଆଶାଅଛି ।

ପୁରୀର କଲେକ୍ଟର ଶ୍ରୀଯୁକ୍ତ ଆର୍ମଷ୍ଟ୍ରଂ ସାହେବ ଗତ ରବିବାର ସେଠାରେ ପହୁଞ୍ଚି ସୋମବାର କାର୍ଯ୍ୟଭାର ଗ୍ରହଣ କଲେ ଓ ପୁରୀର ଏକ୍ଟିଂ କଲେକ୍ଟର ଗତ ବୁଧବାର ଏ ନଗରରେ ପହୁଞ୍ଚି ବନ୍ଦୀଘରକୁ ଗଲେ । ଏ ମହାଶୟ ରଙ୍ଗପୁ-ରରେ ନିଯୁକ୍ତ ହୋଇଅଛନ୍ତି ।

କାଶ୍ମୀରର ମହାରାଜାଙ୍କର ପ୍ରଧାନମନ୍ତ୍ରୀ ଦେୱାନ୍ କୃପାରାମଙ୍କର ମୃତ୍ୟୁ ହୋଇଅଛି ଏ ମହାଶୟ ବଡ ବିଚକ୍ଷଣ ଥିଲେ ଓ ହିନ୍ଦୁଧର୍ମରେ ତାହାଙ୍କର ଏପରି ବିଶ୍ୱାସଥିଲା ଯେ ପୀଡ଼ା ସମୟରେ ଚିକିତ୍ସା କରାଇବାକୁ ସମ୍ମତ ହେଲେ ନାହିଁ । ଅବଶେଷରେ ପ୍ରାଣତ୍ୟାଗରେ ପଡ଼ିଲେ ।

ମାନ୍ୟବର ଲେପ୍ଟନେଣ୍ଟ ଗବର୍ଣ୍ଣର ବିଷାକ୍ତସର୍ପ ବିନାଶ ବିଷୟରେ ଏକ ନିର୍ଦ୍ଧାରଣପତ୍ର କଲିକତା ଗେଜେଟରେ ପ୍ରକାଶ କରିଅଛନ୍ତି । ତହିଁରୁ ଦେଖାଯାଏ ଯେ ଗତବର୍ଷ ୦୨୫୯୧ ସାପ ବିନାଶ ହୋଇଥିଲା ଓ ତହିଁପାଇଁ ଗବର୍ଣ୍ଣମେଣ୍ଟ ୪୨୦୭୮ ଟା ପାରିତୋଷିକ ଦେଇଥିଲେ । ତହିଁ ପୂର୍ବବର୍ଷରେ କେବଳ ୨୭୫୭ ସାପ ମର୍-ଯାଇ ଥିଲା । କିନ୍ତୁ ଗତବର୍ଷ ଅଧିକ ସାପ ମରି-ଯାଇ ଥିଲେ ହେଁ ତହିଁ ପୂର୍ବବର୍ଷଠାରୁ ଅଧିକା ୧୨୧୨ ଜଣ ମନୁଷ୍ୟ ସର୍ପଦଂଶନରେ ମରିଥି-ଲେ ସୁତରାଂ ଅଧିକା ମୃତ୍ୟୁର କାରଣ କିଛି ଜଣାଯାଉ ନାହିଁ ଓ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇ ଅଛନ୍ତି ଯେ ସନ ୧୮୬୭ ମସିହାର ମାର୍ଚ୍ଚମାସ ପର୍ଯ୍ୟନ୍ତ ପ୍ରତି ସାପ ସକାଶେ ୪ ୦ । ପାରିତୋ-ଷିକ ଦିଆଯିବ ।

ମାନ୍ଦ୍ରାଜର ମହାମାନ୍ୟ ଗବର୍ଣ୍ଣର ସରକାରୀ କର୍ମ ଛଡ଼ା ଆପଣା ରାଜ୍ୟର ସୀମାକୁ ଅତିକ୍ରମ କରି ଯିବାରେ ଏକାଉଣ୍ଟାଣ୍ଟ ଜେନରଲ ତାହା-ଙ୍କର ବେତନ ବିଲରୁ ତେତେଦିନର ବେତନ କାଟି ନେଇ ଥିଲେ । ଉକ୍ତ କର୍ତ୍ତନ ନିୟମାନୁ-ସାରେ ହୋଇଥିବାରୁ ଗବର୍ଣ୍ଣରସାହେବଙ୍କ ଆ-ପତ୍ତି କାର୍ଯ୍ୟକର ହେଲା ନାହିଁ ।

ଶ୍ରୀମଦ୍ଭାରତେଶ୍ୱରୀ ନୂତନପଦଗ୍ରହଣକରିବା ସମୟରେ ଯେଉଁ ଉତ୍ସବ ହେବ ତହିଁରେ ଢାକା ପାଟଣା ଓ ମୁରସିଦାବାଦରେ ବ୍ୟୟ ହେବା ନିମିତ୍ତ ବଙ୍ଗଳାର ଗବର୍ଣ୍ଣମେଣ୍ଟ ୪ ୭୦୦୦ ଟଙ୍କା ଲେଖାଏ ଦାନ କରିଅଛନ୍ତି ।

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବଙ୍ଗଳାର ଶିକ୍ଷାବିଭାଗର ଡାଇରେକ୍ଟର ଉଡ୍ରୋସାହେବଙ୍କ ମୃତ୍ୟୁ ହୋଇ-ଅଛି । କିଛିଦିନ ପୂର୍ବରୁ ଏହାଙ୍କ ଶରୀର ପୀଡ଼ିତଥିଲା ତେଣୁ ସେ ଦାର୍ଜିଲିଂକୁ ଯାଇଥି-ଲେ ମାତ୍ର ତହିଁରେ ଶରୀର କୁଶଳ ନ ହୋଇ ଉପରିଲିଖିତ ଅତି ଶୋଚନୀୟ ଘଟନାଟି ଘଟିଲା । ପ୍ରେସିଡେନସି କଲେଜର ଅଧ୍ୟକ୍ଷ ସଟକ୍ଲିଫସାହେବ ଏକର୍ମ ପାଇଅଛନ୍ତି ।

କଲିକତାର ବାବୁ ତାରକନାଥ ପ୍ରାମାଣିକ ଦୁର୍ଗୋତ୍ସବ ପର୍ବରେ ପ୍ରଥମ ତିନିଦିନ ପ୍ରତ୍ୟହ ଦଶହଜାର ଲେଖାଏଁ ଓ ଶେଷଦିନ ପନ୍ଦର ହଜାର ଦୁଃଖିଲୋକଙ୍କୁ ମିଷ୍ଟାନ୍ନ ଭୋଜନ ଓ ପଇସା ଦେଇଥିଲେ । କଣପ୍ରତି ତିନି ଚାରି ଅଣାରୁ ଊଣା ଦାନ କରି ନାହାନ୍ତି । ଏହାଙ୍କର ଦୁର୍ଗୋତ୍ସବ କରିବା ସାର୍ଥକ ଓ ତାହାଙ୍କର ଦାତାପଣକୁ ଧନ୍ୟ !

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ ପଞ୍ଜାବର ଲେଫ୍ଟନେଣ୍ଟଗବର୍ଣ୍ଣର ସର ହେନରି ଡେଭିସ ସାହେବଙ୍କ ଉତ୍ତାରୁ ସର ହେନରି ନରମାନ ଉକ୍ତ ପଦ ପାଇବେ ।

---

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ମନୁଷ୍ୟ ସବୁ ଶଉପାରେ ମାତ୍ର ପ୍ରକୃତ ସନ୍ତ-ତରେ ଶଉ ପାରେ ନାହିଁ । ମନୁଷ୍ୟଙ୍କ ମଧ୍ୟରେ କେତେ ଅଛନ୍ତି ଯେ କୌଣସି ଗୋଟିଏ ସ୍ଥା-

Digitized by srujanika@gmail.com

ରଣ ଅନ୍ୟାୟ ଦେଖିଲେ ସେମାନେ କ୍ଷୁନ୍ନ ହଅନ୍ତି; ତାଙ୍କର ଅଧ୍ୟାପନସ୍ତବ୍ଧ କଷ୍ଟିତ ହୁଏ; ସାହ (ଲ ମନ୍ଦ ହୁଏ; ଦିଯାଗ୍ଧ ଅସ୍ଥ ଧରଣ ପର ଗାଢ଼ର ଭଙ୍ଗି ସମୟରେ ହୋଇଉଠେ । ଏପର ଯେ ଦୃଶ୍ୟମାନ ହୁଏ ପ୍ରବୃତ୍ତିର ବଶବର୍ତ୍ତିତା ସେଥିର ମୂଳ ହେତୁ । ସମ୍ପାଦକ ମହାଶୟ ! ମନରେ ଘୃଣା କର ଅବା ନିନ୍ଦା କର ମୋର ଗୋଟିଏ ଏହିପର ପ୍ରବୃତ୍ତି ଅଛି । ସେହି ପ୍ରବୃତ୍ତିର ବଶୀଭୂତ ହୋଇ ଆପଣଙ୍କ ଓଡ଼ିଶ୍ୟାଳ ପତ୍ରିକାକୁ ଗୁରୁପଦ ଲେଖିବାକୁ ମାନସ କଲାଉଅଛି । ଭରସା କରେଁ ସେଥି ସକାଶେ ଗୃହଅଗଁଳ ସ୍ଥାନ ଦିଇବ । ଓଡ଼ିଶାର ଏକ ମୁଣ୍ଡରୁ ଆର ମୁଣ୍ଡ ଯାଏ କୃପା ବାଣ୍ଟୁଛନ୍ତି ମୋ ପ୍ରତି ଅବା କାହିଁକି କଠୋର ହେବେ ?

ଶୁଣି ଥିବେତ କଟକ କଲେଜର ହେଡମାଷ୍ଟର ହରନାଥ ବାବୁ ସାତିଶୟ ପୀଡ଼ିତ ହୋଇ ଛୁଟୀରେ କଲିକତା ଯାଇଅଛନ୍ତି । ପରୀକ୍ଷା ସମୟରେ ତାଙ୍କର ପୀଡ଼ାଗ୍ରସ୍ତ ହେବା ଦୈବଦୁର୍ବିପାକ ବୋଲି କହିବାକୁ ହେବ ।

ତାଙ୍କ କାର୍ଯ୍ୟ ଚଲାଇବା ପାଇଁ ଡରେକ୍ଟର ସାହେବ ପର୍ ସ୍ଥାନୀୟ ବନ୍ଦୋବସ୍ତ କରିବାକୁ ଲେଖିଥିଲେ କି କଣ ଜଣା ନାହିଁ । ଯାହା ହେଉ ସ୍ଥାନୀୟ ବନ୍ଦୋବସ୍ତ ହୋଇଅଛି । ସେଥିରେ ଘୋର ଅନ୍ୟାୟ ଓ ଅବିଚାର ଓ ମନୋପୀଡ଼ା ଓ ଅସନ୍ତୋଷର କାରଣମାନ ଘଟିଅଛି, ଅଧ୍ୟକ୍ଷ ସାହେବ ଅଧୀନସ୍ଥ ଶିକ୍ଷକଙ୍କୁ ଉପେକ୍ଷା କରି ବାବୁ ଯଦୁମଣି ଘୋଷ ନାମକ ଜଣେ ବାହାରର ଲୋକକୁ ସେ କାର୍ଯ୍ୟରେ ଏକଟିଂ ନିଯୁକ୍ତ କରିଅଛନ୍ତି । ଯଦୁବାବୁଙ୍କ ନିକରର ବିଶେଷତଃ କଲେଜର ୨ୟ ୩ୟ ଶିକ୍ଷକଙ୍କ ପ୍ରତି ବିଶେଷ ଅବିଚାର ହେବା ପରି ଜଣାଯାଏ । ଦ୍ୱିତୀୟ ଶିକ୍ଷକ ସୁଯୋଗ୍ୟ ବାବୁ କାଳୀମୋହନ ଘୋଷାଲ ଅଟନ୍ତି । କାଳୀମୋହନ ବାବୁ ଜଣେ ଅତି ପୁରୁଣା କାଳର ଶିକ୍ଷକ, ବୟୋବୃଦ୍ଧ, ଅଭିଜ୍ଞ ଓ ବହୁଦର୍ଶୀ; ଶିକ୍ଷା ପ୍ରଣାଳୀରୁ ଉତ୍ତମ ଅବଗତ, ମଧ୍ୟ ଏହି ହେତୁରୁ ଏଜରସାହେବ ପୁକାରର କରି ଉଦ୍ଦୂ ସ୍କୁଲରୁ ତାଙ୍କୁ ନେଇଅଛନ୍ତି । ଏଣ୍ଟ୍ରେନ୍ସ ଛାତ୍ରଙ୍କୁ ପାଶ କରାଇବା ବିଷୟରେ ସେ ଅନୁପଯୁକ୍ତ ବୋଲି ଏ ନଗରର କେହି ତାଙ୍କୁ କହି ନ ପାରେ । ଯଦୁବାବୁ ଏଣ୍ଟ୍ରେନ୍ସ ଛାତ୍ରଙ୍କୁ ପାଶ ପାଇଁ ପ୍ରସ୍ତୁତ କରିବା ବିଷୟରେ ତାଙ୍କଠାରୁ କିପରି ଅଧିକ ପଟୁ ହେବେ ଅମ୍ଭେମାନେ ବୁଝିପାରୁନାହୁଁ । ବାବୁ ମଧୁସୂଦନ ରାଓ ତୃତୀୟ ଶିକ୍ଷକ । କଲେଜର ଭାଗ୍ୟ ଯେ ଏପରି ଜଣେ ଚରିତ୍ରବାନ ସୁଶିକ୍ଷିତ ଏଦେଶୀୟ ଯୁବକଙ୍କୁ ଶିକ୍ଷକ କରି ପାଇଅଛି । ଶିକ୍ଷା ପ୍ରଦାନ ବିଷୟରେ ସେ ବଡ଼ ପଟୁ ଓ ଛାତ୍ରଙ୍କର ପ୍ରିୟ ବୋଲି ଶୁଣୁଅଛୁଁ । ଯଦୁବାବୁଙ୍କ ହାଲକ ସେ ଊଣା ନୁହନ୍ତି । ଯଦୁବାବୁ ଏଲ, ଏ, ପାଶ କରିଅଛନ୍ତି ମଧୁବାବୁ ମଧ୍ୟ ଏଲ, ଏ, ପାଶ କରିଅଛନ୍ତି ବରଞ୍ଚ ଯଦୁବାବୁ ଏଲ, ଏ, ୩ୟ ଶ୍ରେଣୀରେ, ମଧୁବାବୁ ୨ୟ ଶ୍ରେଣୀରେ, ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯେ ଯଦୁବାବୁ ଓ ମଧୁବାବୁ ଦୁହିଙ୍କ ଇଂରାଜୀ ଲେଖା ଦେଖିଅଛି ସେମାନ ଜଣଙ୍କ ମତରେ ଦୁହେଁ ଏକ ପ୍ରକାର ଶୁଦ୍ଧ ସାହିତ୍ୟ ଇଂରାଜୀ ଲେଖି ପାରନ୍ତି କିନ୍ତୁ ମଧୁବାବୁଙ୍କ ଲେଖାରେ ଅଧିକ ଚାତୁର୍ଯ୍ୟ ଓ ଭଙ୍ଗି ଅଛି । ତେବେ ଯଦୁବାବୁ ବି, ଏ, ୨ବର୍ଷ ପଢ଼ିଥିଲେ, ମାତ୍ର ପରୀକ୍ଷାରେ ଉପସ୍ଥିତ ହୁଏ ହୋଇ ନାହାନ୍ତି; ମଧ୍ୟ ମଧୁବାବୁ ସେହିପରି ସ୍କୁଲରୁ ବାହାର ହିମାଗଡ଼ ଶିକ୍ଷକତା କର୍ମ କରି କ୍ରମଶଃ ପଢ଼ୁଅଛନ୍ତି ଓ ତଦ୍ୱାରା ଅନେକ ଉନ୍ନତି ଲଭିଅଛନ୍ତି । ଯଦି ବୋଲ ସେକେଣ୍ଡ ଇୟରର ଦର୍ଶନ (Philosophy) ଓ ଫାଷ୍ଟ ଇୟରର ଗଣିତ ନେବା ପାଇଁ ଜଣେ ବି, ଏ, ପଢ଼ା ଆବଶ୍ୟକ, ସେଥିରେ ଯଦୁବାବୁଙ୍କୁ କଲେଜକୁ ନେଇ ସମସ୍ତଙ୍କ ଉପରେ ଚଢ଼ାଇ ଅଧିକ ବଲଭ ହେଲା । ବରଂ ମଧୁବାବୁଙ୍କଦ୍ୱାରା ସେ କାର୍ଯ୍ୟ ଉତ୍ତମତର ଚଳନ୍ତା । ଯଦୁବାବୁ ସେକେଣ୍ଡ ଇୟରରେ ପଢ଼ା ହେଉଥିବା Reeds Inquiry ସ୍କୁଲରେ ପଢ଼ି ନାହାନ୍ତି ମାତ୍ର ମଧୁବାବୁ ପଢ଼ିଅଛନ୍ତି । Hamilton ଯଦୁବାବୁ କଲେଜରେ କର୍ଣ୍ଣେ ପଢ଼ିଥିଲେ, ମଧୁବାବୁ ତାହା ଘରେ ପଢ଼ିଅଛନ୍ତି ଗଣିତରେ ମଧୁବାବୁଙ୍କର ବିଶେଷ ରୁଚି ଅଛି । ଏନେର ଗଣିତ ପ୍ରଭା ପଢ଼ିଅଛନ୍ତି ଯଦି ବୋଲ ଏଲେ ପାଶ କରି କି ଏଲେ ଗଣିତ ଜଣେ ପଢ଼ାଇ ପାରିବ ? ଏକଥା କଟକରେ କହିବାର ଗନ୍ଧ ନାହିଁ । କଟକ କଲେଜର ଦଏ ଗଣିତ ଅଧ୍ୟାପକ ସ୍ୱୟଂ ବିଏ ପାଶରୁ ଇଣ୍ଟେରମିଡିଏଟର ପାଶ ହାସଲ କରି ନାହାନ୍ତି । ସ୍ୱୟଂ କଟକ କଲେଜ ଅଧ୍ୟକ୍ଷ ସେବକ ଗଷ୍ଟାମ ଏଣ୍ଟ୍ରେନ୍ସ ପାଠ ପଢ଼ାଉଥିଲେ ଅଜ କଟକରେ ବିଏ ସାହିତ୍ୟ ପଢ଼ାଉଅଛନ୍ତି । ଅତ୍ରର ମଧ୍ୟ ଯଦୁବାବୁ ପୁରୀ ସ୍କୁଲର ୩ୟ ଶିକ୍ଷକରୁ ଉପର ପଦକୁ ଲଭି ନାହାନ୍ତି । ମଧୁବାବୁ ବାଲେଶ୍ୱରରେ ୨ୟ ଶିକ୍ଷକ ଓ ଜନାକେତେ ଏକଟିଂ ପ୍ରଧାନ ଶିକ୍ଷକ ହୁଏ ହୋଇଥିଲେ ।

ତେବେ ଯେ କିପାଁ ବୃଦ୍ଧ କାଳମୋହନ ଓ ଯୋଗ୍ୟ ମଧୁ ଉପେକ୍ଷିତ ଓ ଅପମାନିତ ହେଲେ ବୁଝା ଯାଉ ନାହିଁ । ଅଜ ଛଅବର୍ଷ ତଳେ ଏପରି ହୋଇଥିଲେ କିଛି କହିବାର ନ ଥିଲା କିନ୍ତୁ ଏଜର ସାହେବ ଯେ କି ଅପକ୍ଷପାତ ଓ ଉତ୍କଳ ପ୍ରିୟ ବୋଲି ଖ୍ୟାତ ଲଭିଅଛନ୍ତି, ତାଙ୍କଦ୍ୱାରା ଏପରି ହେଲା ଦୁଃଖର ବିଷୟ । ଏତେବେଳେ ସ୍କୁଲ ଆଧଃସ୍ଥ ଶିକ୍ଷକଙ୍କର ମନୋପୀଡ଼ା ନିବାରଣର ଉପାୟ ଅଛି । ଅଧିକ କି ସ୍ୱୟଂ ଏଜର ସାହେବ ଥରେ ବିଚାର କରନ୍ତୁ ତାଙ୍କୁ କଟକ କଲେଜର ଅଧ୍ୟକ୍ଷତା ଦେଇ ନ ଥିଲେ ଯହିଁର କି ସେ ଏକ ଅର୍ଥରେ ହକଦାର ଥିଲେ, ତାଙ୍କ ମନୋବେଦନା କି ହୁଅନ୍ତା ନାହିଁ । ସେହିପରି ସମସ୍ତଙ୍କର; ଯେହେତୁ ସମସ୍ତେ ମନୁଷ୍ୟ, ଯଦି ବୋଲ ଦୁଇମାସ ସକାଶେ ଏପରି ବନ୍ଦୋବସ୍ତ ହୋଇଅଛି, କେବଳ ବର୍ତ୍ତମାନର ଶିକ୍ଷା ରୀତିରେ ଗୋଲମାଲ ନ ଘଟାଇବାପାଇଁ । କିନ୍ତୁ ତାହା ମନୋବୋଧ କଥା । ଦୁଇକ ସକାଶେ ମୁଦ୍ଧା ଯେ ଯହିଁର ହକଦାର ତାହାକୁ ତାହା ଦେବାର ଉଚିତ, ଅବଶ୍ୟ ଜଣେ ଏନେ କି ଅଧିକ ସୁବିଜ୍ଞ କେହ ଆସିଥିଲେ କାହାର କିଛି କହିବାର ନ ଥିଲା, କେବଳ ଅଧିକତର ଯୋଗ୍ୟ ନ ଥିବା ଜଣକୁ ଉପରେ ବସାଇ ଦେବା ଅସନ୍ତୋଷର ଓ ସାଧାରଣ ଅନାଦରର କାରଣ ହୋଇଅଛି ।

ମଧ୍ୟ ଶୁଣିଥିଲୁଁ ଯଦୁବାବୁ ଏକପ୍ରକାର ଜମିଦାର ଓଗେର ବିସର୍ଜନ ଦେଇ ସଂସାର ତ୍ୟାଗୀ ହେବାକୁ କହିଥିଲେ; ଏ ଅବସ୍ଥାରେ ପୁଣି ତାଙ୍କର ସଂସାର ମଧ୍ୟଗତ ଛାତ୍ରଙ୍କ ଉପରେ ମାୟା ମମତା ଜନ୍ମି ଶିକ୍ଷାକାର୍ଯ୍ୟର କିପରି ଶୃଙ୍ଖଳା ଓ ଛାତ୍ରଙ୍କର ବୁଦ୍ଧି ପ୍ରିୟତା ଜନ୍ମିବ, ଜାଣିବାକୁ କୁତୁହଳ ରହିଲା ।

ଆପଣଙ୍କର ପୁରୁଣା
"ହକକଥା"

---

## ମୂଲ୍ୟପ୍ରାପ୍ତି ।

---

ଶ୍ରୀ ଶ୍ରୀ ଦେବାନ୍ ରାଜା କଲ.ହାଣ୍ଡି
ଅଗ୍ରିମ ୫.
ବାବୁ ତିମନାଥି ଯ.ତିକ କଟକ ବକାୟା ୫
ଶ୍ରୀ ପଣ୍ଡିଂ ସାହେବ „ ଅଗ୍ରିମ ୫

---

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୧ଶ | ସଂ୪୩ଖ୍ୟା

ତା୨୮ରିଖ ଅକ୍ଟୋବର ସନ୧୮୭୬ମସିହା । ମୁ । କାର୍ତ୍ତିକ ଦ୧୪ନ ସନ୧୨୮୪ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୭୦
ମଫସଲପାଇଁ ଡାକମାସୁଲ ଟ୧୫୦

ବର୍ଷାକାଳ ଶେଷ ହେଲା ପରି ଦେଖାଯାଏ ଶୀତ ପଡ଼ିଲାଣି ଏବଂ ଆକାଶ ପ୍ରାୟ ନିର୍ମଳ ହୋଇଅଛି । ଏସପ୍ତାହରେ କେତେକ ସ୍ଥାନରେ ଜଣା ଅଧିକରେ ବୃଷ୍ଟି ହୋଇଅଛି ସତ୍ୟ ମାତ୍ର ସେ ବର୍ଷା ଶୌଦଗା ନୁହଇ । ଯେଉଁଠାରେ ବର୍ଷି ଅଛି ସେହିଠାରେ ବହୁ ଉପକାର ହୋଇଅଛି । କଟକ ଓ ତନ୍ନିକଟବର୍ତ୍ତୀ ସ୍ଥାନମାନଙ୍କରେ ବର୍ଷା ଅଭାବରୁ ଧାନଗଛସବୁ ମରି ଯାଉଅଛି । ବର୍ତ୍ତମାନ ଧାନ ବାହାରିବାର ସମୟ ଏତେବେଳେ ଭଲ ବୃଷ୍ଟି ନ ହେଲେ ଅନେକ କ୍ଷତି ହେବାର ସମ୍ଭାବନା । ଯେଉଁଦେଶରେ ନାଳ ଅଛି ସେଦେଶରେ ଏକପ୍ରକାର ରକ୍ଷା ହେବ ଓ କେତେକ ସ୍ଥାନରେ ଏମନ୍ତ ଅବସ୍ଥା ଘଟିଅଛି ଯେ ପାଣି ବହିବାରେ ଯେତେ ମୂଲ ଗଣ୍ଡି ହେବ କ୍ଷେତ୍ରରୁ ତେତକ ମୂଲ୍ୟ ମିଳିବ ନାହିଁ । ସୁତରାଂ ଏବର୍ଷ ଭଲ କ୍ଷେତ ହେବ ନାହିଁ ଓ ଖାଦ୍ୟଦ୍ରବ୍ୟ ମହାର୍ଘ ହେବ । ଏପରି ବମ୍ବେଇ ଓ ମାନ୍ଦ୍ରାଜ ପ୍ରଦେଶର କେତେକ ସ୍ଥଳରେ ଦୁର୍ଭିକ୍ଷ ପଡ଼ିବାର ନିଶ୍ଚୟ ଜଣାଗଲାଣି ସେ ଅଞ୍ଚଳକୁ ଶସ୍ୟ ରପ୍ତାନି ହେବାର ସମ୍ଭାବନା ଥିବାରୁ ଚାଉଳ ଅତ୍ୟନ୍ତ ଦୁର୍ମୂଲ୍ୟ ହେବାର ଅନୁମାନ ହୁଅଇ । ଲୋକଙ୍କୁ ଉଚିତ ଏହିସମୟରୁ ସାବଧାନ ହେଉନ୍ତୁ ଓ ସ୍ଥାନୀୟ ହାକିମମାନେ ଏଠାର ଅବସ୍ଥା ଓ ଅନ୍ୟ ସ୍ଥାନକୁ ଚାଉଳ ରପ୍ତାନୀ ଉପରେ ବିଶେଷ ଦୃଷ୍ଟି ରଖନ୍ତୁ ।

---

ବଙ୍ଗଳାର ଲେଫ୍ଟନେଣ୍ଟ ଗବର୍ଣ୍ଣର ମାନ୍ୟବର ଟେମ୍ପଲ ସାହେବଙ୍କ ଆଉ ଗୋଟିଏ ସୁବିବେଚନାର କାର୍ଯ୍ୟ ଶୁଣି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଏବଂ ଏଥିପାଇଁ ତାହାଙ୍କୁ ଶତ ଶତ ଧନ୍ୟବାଦ ଦେଉଅଛୁଁ । କାର୍ଯ୍ୟଟି ଏହି ଯେ ହୁଗଲିଜିଲ୍ଲାରେ ପଣ୍ଡୁଆ ନାମରେ ଏକ ଗ୍ରାମ ଅଛି । ସେଠାରେ ଅଧିକାଂଶ ମୁସଲମାନଙ୍କ ବସତି ହିନ୍ଦୁଙ୍କ ସଂଖ୍ୟା ଅତ୍ୟଳ୍ପ । ଏଣେଣ ହିନ୍ଦୁମାନେ ଦୁର୍ଗୋତ୍ସବାଦି ପର୍ବମାନ ରକ୍ଷା କରିବାକୁ ବହୁକାଳରୁ ଅସମର୍ଥ ଥିଲେ । ପୂର୍ବେ ଏବିଷୟରେ ଅନେକ ବିବାଦ ଓ ମାମଲା ମକଦ୍ଦମା ହୋଇଥିଲା ମାତ୍ର ମୁସଲମାନମାନେ ବରାବର ଜୟଲାଭ କରୁଥିଲେ ଓ ହିନ୍ଦୁମାନେ କୌଣସି ବର୍ଷ ଦୁର୍ଗୋତ୍ସବ କରି ପାରି ନ ଥିଲେ । ଏବର୍ଷ ସେଗ୍ରାମରେ ଦୁଇଖଣ୍ଡି ଦେବୀ ପ୍ରତିମା ହୋଇଥିଲା ଓ ମୁସଲମାନମାନେ କୌଣସିପ୍ରକାର ବାଧାଘାତ କରି ନ ପାରିବା ଆଶାରେ ହୁଗଲିର ମାଜିଷ୍ଟ୍ରେଟଙ୍କ ନିକଟରେ ଦରଖାସ୍ତ ହେଲା । ଦରଖାସ୍ତରେ ହୁକୁମ ହେଲା ଯେ ଦରଖାସ୍ତକାରମାନେ ପୂଜା କରିପାରିବେ ମାତ୍ର ଦାଣ୍ଡ ଦେଇ ପ୍ରତିମା ନେଇଯାଇ ପାରିବେ ନାହିଁ । ବୋଧ ହୁଅଇ ମୁସଲମାନଙ୍କର ଆପତ୍ତିରେ ଏପରି ହୁକୁମ ହୋଇଥିଲା । ଫଳତଃ ଏ ଆଜ୍ଞା ପାଇ ଦରଖାସ୍ତକାରମାନେ ବିପଦରେ ପଡ଼ିଲେ । ଯେବେ ବିସର୍ଜନ ସକାଶେ ପ୍ରତିମା ନେଇ ଯାଇ ନ ପାରିବେ ତେବେ ପୂଜା କରିବା କିପରି ସମ୍ଭବ ହେବ । ସୁତରାଂ ସେମାନେ ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବଙ୍କ ନିକଟରେ ଆବେଦନପତ୍ର ଦେବାରୁ ସେ ଦାର୍ଜିଲିଂଠାରୁ ଆଜ୍ଞା ଦେଇ ପଠାଇଲେ କି ପୂଜାର ସମସ୍ତ ବିଧି ପ୍ରତିପାଳିତ ହେବ ଓ ଯେମନ୍ତ ମୁସଲମାନମାନେ ମୋହରମ ସମୟରେ ସ୍ୱାଧୀନରୂପେ ଆପଣା ଧର୍ମର ବିଧି ସବୁ ପ୍ରତିପାଳନ କରନ୍ତି ସେହିପରି ସ୍ୱାଧୀନତା ହିନ୍ଦୁମାନେ ଦୁର୍ଗୋତ୍ସବ ସମୟରେ ଭୋଗ କରିବେ । ଏରୂପ ଆଜ୍ଞା ହେବାରୁ ବିଜୟାଦିନ ପ୍ରତିମା ଦାଣ୍ଡ ଦେଇ ସମାରୋହପୂର୍ବକ ଚାଲିଗଲା ଓ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଉପସ୍ଥିତ ଥାଇ ଶାନ୍ତିରକ୍ଷା କଲେ । ସୁଖର ବିଷୟ ଯେ ମୁସଲମାନମାନେ ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ଅପକ୍ଷପାତିତାରେ ବହୁମାତ୍ର ଦୁଃଖିତ ହୋଇ ନାହାନ୍ତି ।

---

ଶ୍ରୀମତୀ ଭାରତେଶ୍ୱରୀଙ୍କର ନୂତନପଦ ଗ୍ରହଣ ଉପଲକ୍ଷରେ ଯେ ଏନଗରରେ ଉତ୍ସବ ହେବ ଅଦ୍ୟାପି ତହିଁର କିଛି ବନ୍ଦୋବସ୍ତ ହୋଇ ନାହିଁ । ଗବର୍ଣ୍ଣମେଣ୍ଟରୁ ଆସିଥିବା ପତ୍ରର ଏକଖଣ୍ଡ ପ୍ରତିଲିପି କମିଶ୍ନର ସାହେବ କଲେକ୍ଟରଙ୍କ ନିକଟକୁ ପଠାଇ ଦେଇ ଏକପ୍ରକାର ନିଶ୍ଚିନ୍ତ ହୋଇଅଛନ୍ତି ଏବଂ କଲେକ୍ଟର ସାହେବ ତହିଁର ଏକଖଣ୍ଡ ପ୍ରତିଲିପି ସର୍ବସାଧାରଣଙ୍କ ଗୋଚରାର୍ଥେ ଆମ୍ଭମାନଙ୍କ ନିକଟକୁ ପଠାଇଥିଲେ ଆଉ ଏକଖଣ୍ଡ ପିଆଦା ହାତରେ ଦେଇ ଏନଗରବାସି ଇଂରେଜ ଓ ଦେଶୀୟ ଭଦ୍ରଲୋକଙ୍କୁ ଦେଖାଇ

Digitized by srujanika@gmail.com

Split by PDF Splitter

181



ବୁଲିବାକୁ ଆଦେଶ ଦେଇଅଛନ୍ତି ଓ ତହିଁ ଉପରେ ଲେଖାଅଛି ଯେ ଏଠାରେ ଇଂରାଜୀ ସମ୍ବାଦପତ୍ର ନାହିଁ ବୋଲି ଏଥର ଦେଖାଇବାର ଆବଶ୍ୟକ ହେଲା । ଏସବୁ ଉପାୟଦ୍ୱାରା ସମସ୍ତ ଲୋକ ଗବର୍ଣ୍ଣମେଣ୍ଟଙ୍କ ଚିଠିର ମର୍ମ ଅବଗତ ହେଲେ ବୋଲିବାକୁ ହେବ ମାତ୍ର ଆଜଯାଏ କାର୍ଯ୍ୟ ସଙ୍ଗରେ ଦେଖା ନାହିଁ ଓ ତାହାଦ୍ୱାରା କିପରି କାର୍ଯ୍ୟାରମ୍ଭ ହେବ ସେବିଷୟରେ କଲେକ୍ଟର କିମ୍ବା କମିଶ୍ନର କେହି କିଛି କହୁ ନାହାନ୍ତି । ଆମ୍ଭେମାନେ ଏକାର୍ଯ୍ୟରେ ଏପ୍ରକାର ଶିଥିଳତା ଦେଖି ମନେ କରୁଅଛୁଁ ଯେ ପରିଶେଷରେ ଏକାର୍ଯ୍ୟ କରିବାକୁ ହେବ ଓ ସବୁ ଟଙ୍କା ବ୍ୟୟ ହେବ ମାତ୍ର ତରତରିଆ କାର୍ଯ୍ୟ ପଡିବାରୁ କୌଣସି କଥା ଭଲ ହେବ ନାହିଁ । ସର୍ବସାଧାରଣଙ୍କ ସାହାଯ୍ୟ ନେବା ନିମିତ୍ତ ଗବର୍ଣ୍ଣମେଣ୍ଟ କମିଶ୍ନରଙ୍କୁ ପ୍ରାର୍ଥନା କରିଅଛନ୍ତି ସୁତରାଂ ସାଧାରଣ ସଭା ବସାଇବା କମିଶ୍ନର ସାହେବଙ୍କ କର୍ତ୍ତବ୍ୟ କର୍ମ ବୋଲିବାକୁ ହେବ ମାତ୍ର ବର୍ତ୍ତମାନ ଯେ ମହାଶୟ ଏପଦରେ ଅଛନ୍ତି ସେ ଆଉ ଦ ୨୦ ଦରେ ଚାଲିଯିବେ । ବୋଧ ହୁଅଇ ଏଥିପାଇଁ ସେ କିଛି କରୁ ନାହାନ୍ତି ଅଥଚ ଶ୍ରୀଯୁକ୍ତ ସ୍ୱିନଳସ ସାହେବ ପହୁଞ୍ଚିବା ପରିକି କେବଳ ଏକମାସ ଦିନ ରହିବ । ଏସବୁ ବିବେଚନାରେ ଆମ୍ଭେମାନେ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ସେ ଶୀଘ୍ର ଏବିଷୟର ବନ୍ଦୋବସ୍ତ କରନ୍ତୁ । କଲିକତା ପରି ସହର କି ଯେଉଁଠାରେ କଉଡ଼ି ଦେଲେ ଯେତେବେଳେ ଯାହା ଲୋଡିବ ତତ୍କ୍ଷଣାତ୍ ମିଳିବ ସେଠାରେ କାର୍ଯ୍ୟାରମ୍ଭ ହେଲାଣି । ସୁତରାଂ ଏନଗର ପରି ସ୍ଥାନରେ ଏବିଷୟରେ ବିଲମ୍ବ କରିବା ଅବିହିତ ଅଟଇ ।

---

## ତୁରଷ୍କ ।

ତୁରଷ୍କର ଯୁଦ୍ଧ ଶୀଘ୍ର ଶେଷ ହେବାର ସମ୍ଭାବନା ଦେଖାଯାଉ ନାହିଁ ଇଉରୋପର କ୍ଷମତାପନ୍ନ ରାଜାମାନେ ଏ ଯୁଦ୍ଧ ଶେଷ କରିବା ଉଦ୍ଦେଶରେ ତହିଁର ବନ୍ଦୋବସ୍ତ ସକାଶେ ଛମାସ ଯୁଦ୍ଧ ସ୍ଥଗିତ ରଖିବାର ପ୍ରସ୍ତାବ କରିବାରେ ତୁରଷ୍କର ରାଜା ତହିଁରେ ସମ୍ମତ ହୋଇଥିଲେ ମାତ୍ର ବିଦ୍ରୋହୀମାନେ ବିଶେଷରେ ସର୍ବିୟାବାସିମାନେ ତହିଁରେ ସମ୍ମତ ହେଲେ ନାହିଁ । ଏଥିରୁ ବୋଧ ହୁଅଇ ସେମାନେ ନିରସ୍ତ ନ ହୋଇ ଅବଶ୍ୟ ଯୁଦ୍ଧରେ ସଫଳ ହେବାର ଆଶା ରଖନ୍ତି । ଏବଂ ଅନୁମାନ ହୁଅଇ ଅନ୍ୟାନ୍ୟ ରାଜାଙ୍କଠାରୁ ସାହାଯ୍ୟ ପାଇବାର ଦୃଢ଼ ଆଶା ରଖି ଅଛନ୍ତି ଏ ଯୁଦ୍ଧ ସମ୍ପର୍କରେ ବେଲଗାରିୟା ନାମକ ସ୍ଥାନରେ ତୁରଷ୍କମାନେ ଅତ୍ୟନ୍ତ ଅତ୍ୟାଚାର କରିଥିବାର କଥା ଯେଉଁ ଇଉରୋପର ନାନାସ୍ଥାନରେ ବଡ଼ ଆନ୍ଦୋଳନ ଲାଗିଅଛି ବେଲଗାରିୟାର ଲୋକମାନେ ଅଧିକାଂଶ ଖ୍ରୀଷ୍ଟିୟାନ ଏବଂ ଆଉ ଯେ ସବୁ ସ୍ଥାନରେ ବିଦ୍ରୋହ ଲାଗିଅଛି ସେସ୍ଥାନରେ ମଧ୍ୟ ଅଧିକାଂଶ ଖ୍ରୀଷ୍ଟିୟାନ ଅଛନ୍ତି । ଏମାନଙ୍କ ଉପରେ ଇଉରୋପର ସମସ୍ତ ଲୋକଙ୍କର ଅଭିରୁଚି ଅଛି । ଏଥିରେ ତୁରଷ୍କ ଯୁଦ୍ଧ ସମ୍ପର୍କରେ ଇଉରୋପର ତାବତୀୟ ସ୍ଥାନରେ ପ୍ରଚାର ହୋଇ ଗଲା ଯେ ତୁରଷ୍କମାନେ ଶକଟପୂର୍ଣ୍ଣ ମସ୍ତକ ସବୁ ନାନା ନଗରରେ ଦେଖାଇ ବୁଲୁ ଅଛନ୍ତି ଓ ସ୍ତ୍ରୀ ଓ ଶିଶୁମାନେ ପ୍ରକାଶ୍ୟରୂପେ ବିକ୍ରୟ ହେଉ ଅଛନ୍ତି ବନ୍ଦୀମାନଙ୍କ ଉପରେ ଭୟାନକ ଅତ୍ୟାଚାର କରୁ ଅଛନ୍ତି ଏବଂ ଏକସ୍ଥାନରେ ୪୦ ଯୁବତୀ ସ୍ତ୍ରୀଙ୍କୁ ଅତ୍ରିମକରି ତାହାଙ୍କୁ ଜୀଅନ୍ତା ପୋଡି ପକାଇ ଅଛନ୍ତି । ଇତ୍ୟାଦି ପ୍ରକାର ଜନରବ ହେବାରୁ ଖ୍ରୀଷ୍ଟିୟାନମାନଙ୍କର ଯେପରି ରାଗ ଜନ୍ମିଥିବ ତାହା ପାଠକମାନେ ସହଜରେ ଅନୁଭବ କରି ପାରନ୍ତି । ଏହିସବୁ ବିଷୟ କେତେ ଦୂର ସତ୍ୟ ଓ ପ୍ରକୃତ ଅବସ୍ଥା କି ତହିଁର ଅନୁସନ୍ଧାନ ନିମିତ୍ତ ଶ୍ରୀଯୁକ୍ତ ବେରିଂ ସାହେବ ପ୍ରେରିତ ହୋଇଥିଲେ ସେ ତଦନ୍ତ କରି ଯେଉଁ ରିପୋର୍ଟ ପଠାଇଅଛନ୍ତି ତାହା ଇଂଲଣ୍ଡର ସମ୍ବାଦପତ୍ରମାନଙ୍କରେ ଛପା ହୋଇଅଛି । ଏପରି ଆଉ କେତେକ ବ୍ୟକ୍ତି ଉପରଲିଖିତ ଅତ୍ୟାଚାର ବିଷୟରେ ସ୍ୱତନ୍ତ୍ରରୂପେ ଅନୁସନ୍ଧାନ କରି ପତ୍ରମାନ ଲେଖିଅଛନ୍ତି ସେ ସମସ୍ତରୁ ଜଣାଯାଏ ଯେ ଉଭୟପକ୍ଷରୁ ଅତ୍ୟାଚାର ହୋଇଅଛି ଏକା ତୁରଷ୍କଙ୍କର ଦୋଷ ନୁହଇ । ଏବଂ ଯେପରିମାଣରେ ଅତ୍ୟାଚାର ହେବାର ପ୍ରଥମେ କଥା ଉଠିଥିଲା ବାସ୍ତବ ଘଟନା ତେତେ ନୁହଇ ପ୍ରଥମେ ଖ୍ରୀଷ୍ଟିୟାନ ପ୍ରଜାଙ୍କ ପକ୍ଷରୁ ବିଦ୍ରୋହ ଆରମ୍ଭ ହେଲା ଓ ସେମାନେ ବୃଥାରେ ଅନେକ ଲୋକଙ୍କର ମସ୍ତକ ଛେଦନ କଲେ ଓ ଗ୍ରାମମାନ ପୋଡି ଦେଲେ । ଏତେବେଳେ ସୁଦ୍ଧା ଯେଉଁଠାରେ ହାରି ଯାଉଅଛନ୍ତି ସେ ଗ୍ରାମରୁ ପଳାଇବା ବେଳେ ଅଗ୍ନି ଲଗାଇ ପୋଡିଦେଇ ଯାଉ ଅଛନ୍ତି । ସେମାନଙ୍କ ପକ୍ଷରୁ ଅତ୍ୟାଚାର ଆରମ୍ଭ ହେବାରୁ ତୁରଷ୍କର ନିକଟବର୍ତ୍ତୀ ସେନାମାନେ ସେମାନଙ୍କୁ ଦମନ କରିବାକୁ ଯାଇ ପ୍ରତିଶୋଧ ନେଲେ ଓ ମୁସଲମାନଙ୍କର ନିଷ୍ଠୁର ବ୍ୟବହାର କାହାରିକୁ ଅବିଦିତ ନାହିଁ ସୁତରାଂ ଏପରି ଅବସ୍ଥାରେ ତାହାଙ୍କଠାରୁ ଅଧିକ ଅତ୍ୟାଚାର ହେବା ବିଚିତ୍ର ନୁହଇ ବାସ୍ତବରେ ତାହାଇ ଘଟିଅଛି ଏହି ହେତୁରୁ କେତେ ଲୋକ ତୁରଷ୍କର ରାଜ୍ୟ ଇଉରୋପରୁ ଉଠାଇ ଦେବାକୁ ଓ କେତେ ଲୋକ ଖ୍ରୀଷ୍ଟିୟାନମାନଙ୍କୁ ସ୍ୱାଧୀନ କରିବାକୁ ମନସ୍ଥ କରିଅଛନ୍ତି ଫଳତଃ ଯେମନ୍ତ ଖ୍ରୀଷ୍ଟିୟାନ ମାତ୍ରକେ ତୁରଷ୍କର ଖ୍ରୀଷ୍ଟିୟାନ ପ୍ରଜାଙ୍କର ସହାୟ ଅଟନ୍ତି ସେରୂପ ମୁସଲମାନ ମାତ୍ରକେ ତୁରଷ୍କ ରାଜଧାନୀ ଅକ୍ଷୁନ୍ନ ରହିବା ବିଷୟରେ ଯତ୍ନଶୀଳ ହୋଇଅଛନ୍ତି । ଆରବ, ପାରସ, ଭାରତବର୍ଷ ପ୍ରଭୃତି ଦେଶର ମୁସଲମାନମାନେ ତୁରଷ୍କର ସପକ୍ଷରେ ଐକ୍ୟ ହେବାର ଦେଖାଯାଏ । ଉଭୟପକ୍ଷରେ ଏରୂପ ସମବେତ ଯତ୍ନ ଦେଖି ଆମ୍ଭେମାନେ ଏକାନ୍ତ ଭରସା କରୁଁ ଯେ ଏ ଯୁଦ୍ଧ ଅଳ୍ପକାଳରେ ଶେଷ ହୋଇ ଯିବ ଏବଂ ସାଧାରଣ ଇଉରୋପୀୟ ଯୁଦ୍ଧର ଆଶଙ୍କା ଯାହା ଲୋକେ କରୁଅଛନ୍ତି ତାହା ନିବାରିତ ହେବ । ଯେବେ ତାହା ନ ହୁଅଇ ତେବେ ଇଂଲଣ୍ଡ ଓ ରୁଷିୟା ମଧ୍ୟରେ ଯୁଦ୍ଧ ଲାଗି ପାରେ କାରଣ ତୁରଷ୍କର ସପକ୍ଷରେ ଇଂଲଣ୍ଡ ଅଛନ୍ତି ଓ ବିଦ୍ରୋହୀଙ୍କ ସପକ୍ଷରେ ରୁଷିୟା ଓ ଅଷ୍ଟ୍ରିୟା ମିଳିତ ହୋଇଅଛନ୍ତି ।

---

## ଓଡ଼ିଆ ଯାତ୍ରା ।

ବାଲେଶ୍ୱରର ସଂବାଦପତ୍ର ଦ୍ୱାରା ଆମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ଏ ବର୍ଷ ଦୁର୍ଗାପୂଜା ସମୟରେ ସେଠାରେ ଦେଶୀୟ ତିନିପଣ୍ଟା ଯାତ୍ରାବାଲା ବାହାରିଥିଲେ । ତହିଁମଧ୍ୟରୁ ଦୁଇପଣ୍ଟା ବଙ୍ଗଳା ଯାତ୍ରା ଓ ଏକ ପଣ୍ଟା ଓଡ଼ିଆ ଯାତ୍ରା କରନ୍ତି । ବଙ୍ଗଳାରୁ ମଧ୍ୟ ଅନ୍ୟାନ୍ୟ ବର୍ଷପରି କେତେକ ପଣ୍ଟା ଯାତ୍ରାବାଲା ଆସିଥିଲେ କିନ୍ତୁ ବାଲେଶ୍ୱରୀ ବଙ୍ଗଳାଯାତ୍ରା ତାହାଙ୍କଠାରୁ ଉତ୍କୃଷ୍ଟ ହେଲା ଏବଂ ଓଡ଼ିଆଯାତ୍ରା ବଙ୍ଗଳା ଯାତ୍ରାଠାରୁ ଭଲ ହେଲା ସୁତରାଂ ବୁଝିବାକୁ ହେବ ଯେ ବାଲେଶ୍ୱରର ଓଡ଼ିଆଯାତ୍ରା ବଙ୍ଗଳାରୁ ଆସିଥିବା ଯାତ୍ରାବାଲାଙ୍କଠାରୁ ଭଲ ହୋଇଥିଲା । ଅବଶ୍ୟ ଆମ୍ଭେମାନେ ସ୍ୱୀକାର କରୁଁ ଯେ ବଙ୍ଗଳାର ଭଲଯାତ୍ରାବାଲାମାନେ ପୂଜା ସମୟରେ ବିଦେଶକୁ ଯାନ୍ତି ନାହିଁ ଓ ଯାହାଙ୍କୁ ସ୍ୱଦେଶରେ କେହି ନ ପଚାରନ୍ତି ସେ-

Digitized by srujanika@gmail.com

Split by PDF Splitter



ମାନେ ଅନ୍ୟଥରେ ଆପଣା ଉଦର ପ୍ରତିପାଳନର ଉପାୟ ଦେଖନ୍ତି ଅଥାତ୍ କଳୁଷ ଯାତ୍ରାବାଲାମାନେ ଅନ୍ୟସ୍ଥାନକୁ ଆସନ୍ତି ଅତଏବ ତାହାଙ୍କଠାରୁ ଭଲ ହେଲେସୁଦ୍ଧା ଭଲ କୁହା ଯାଇ ନ ପାରେ । ମାତ୍ର ଅମ୍ଭେମାନେ ଅନୁମାନ କରୁଁ ଯେ ନକଲର ନକଲ ଆହୁରି ମନ୍ଦ ହୁଅନ୍ତା ଯେବେ ତାହା ନ ହେଲା ତେବେ ବାଲେଶ୍ୱରୀୟଙ୍କର ପ୍ରଶଂସା କରିବାକୁ ହେବ । ବଙ୍ଗଳାର ଭଲ ଯାତ୍ରା ଯେ ଅତି ମନୋହର ଏଥିର ପରିଚୟ ଦେବା ବାହୁଲ୍ୟ ଓଡ଼ିଶାରେ ତହିଁ ସଙ୍ଗେ ତୁଳନା ହେବା ଭଲ ବସ୍ତୁ ନାହିଁ । ବାଲେଶ୍ୱରୀୟମାନେ ଯେସ୍ଥଳେ ଆପଣା ମାତୃଭାଷାରେ ବଙ୍ଗଳା ଯାତ୍ରା ଅନୁକରଣ କରିବାରେ ପ୍ରବୃତ୍ତ ହୋଇ ଅଳ୍ପକାଳ ମଧ୍ୟରେ ପ୍ରଶଂସା ପାଇଅଛନ୍ତି ସେସ୍ଥଳେ ଆମ୍ଭମାନଙ୍କର ଆଶା ହେଉଅଛି ଯେ ଏମାନେ ଯଥାଯୋଗ୍ୟ ଉତ୍ସାହ ଓ ଉପଦେଶ ପାଇଲେ ଅବଶ୍ୟ ଉତ୍ତରୋତ୍ତର ଉନ୍ନତି ଲଭିବେ ଓ ଏହାଙ୍କଦ୍ୱାରା ଓଡ଼ିଶାରେ ପ୍ରକୃତ ସଂଗୀତ ଚର୍ଚ୍ଚା ଯାହା ପ୍ରଚଳିତ ହେବ । ଅତଏବ ଆମ୍ଭେମାନେ ବାଲେଶ୍ୱର ବାବୁଙ୍କ ସହିତ ଐକ୍ୟ ହୋଇ ଶିକ୍ଷିତ ଓ ଭଦ୍ରଲୋକଙ୍କୁ ଏଥିର ପୁଷ୍ଟି ବର୍ଦ୍ଧନ ନିମିତ୍ତ ଅନୁରୋଧ କରୁଅଛୁଁ ।

ବର୍ତ୍ତମାନ ଓଡ଼ିଶାରେ ଯାହାକୁ ଯାତ୍ରା ବୋଲାଯାଏ ତାହା ରାମଲୀଳା କୃଷ୍ଣଲୀଳା ସୁଭଦ୍ରାହରଣ ପ୍ରଭୃତି ଅଟଇ । ପ୍ରଥମ ଦ୍ୱୟୋଟି କ୍ୱଚିତ୍ ସ୍ଥଳରେ ଦେଖାଯାଏ ଏମନ୍ତ କି କଟକ ସହର ପ୍ରଭୃତି ସ୍ଥାନରେ ଏଥିର ଏକାନ୍ତ ଅଭାବ ଅଛି । ସୁଭଦ୍ରାହରଣ ପ୍ରଭୃତି କେବଳ ଉଦରାର୍ଥୀମାନେ କରନ୍ତି ମାତ୍ର ଅମ୍ଭେମାନେ ଯେତେଦୂର ଦେଖିଅଛୁଁ କୌଣସି ସ୍ଥଳରେ ସଙ୍ଗୀତର ବାସନା ସୁଦ୍ଧା ପାଇ ନାହୁଁ ଏବଂ ଆମ୍ଭମାନଙ୍କ ବିଶ୍ୱାସ ଏହି ଯେ ସଙ୍ଗୀତ କାହାକୁ ବୋଲାଯାଏ ଯାତ୍ରାବାଲାମାନେ ଜାଣନ୍ତି ନାହିଁ କେବଳ ସଜବେଶ ହୋଇ ଗୁଡ଼ାଏ ପୋଥି ବୋଲନ୍ତି ବା କଥାବାର୍ତ୍ତା କରନ୍ତି ଓ ନାନାପ୍ରକାର କଦର୍ଯ୍ୟ ଓ ଭଣ୍ଡରୂପ ଦେଖାଇ ଓ ଅଶ୍ଳୀଳ ବାକ୍ୟ ଉଚ୍ଚାରଣ କରି ଦର୍ଶକମାନଙ୍କୁ ସନ୍ତୁଷ୍ଟ କରନ୍ତି । ସଙ୍ଗୀତ ସହକାରେ ଯାତ୍ରାକରିବା ଅବୌ ଏଠାଲୋକେ ଜାଣନ୍ତି ନାହିଁ । ସଙ୍ଗୀତର ଅଳ୍ପମାତ୍ର ଚର୍ଚ୍ଚା ନାଟୁଆପିଲାଙ୍କ ଠାରେ ଦେଖାଯାଏ ମାତ୍ର କୌଣସି ବିଷୟକୁ ଅବଲମ୍ବନ କରି ଗୀତ ନ ଗାଇବାରୁ ନାଟୁଆପିଲାଙ୍କର କାର୍ଯ୍ୟରେ ବହୁତ ବେଳଯାଏ ମନ ଲଗିରହଇ ନାହିଁ ଅସଂଲଗ୍ନ ଗୀତ ହେତୁରୁ ଶ୍ରୋତାମାନେ ଶୀଘ୍ର କ୍ଳାନ୍ତ ହୋଇ ଯାଆନ୍ତି । ପ୍ରକୃତରେ ନାଟୁଆପିଲାଙ୍କର କାର୍ଯ୍ୟ ଅତି କଠିନ ଶୁଦ୍ଧ ରାଗ ରାଗିଣୀ ଓ ତାଳ ଓ ନୃତ୍ୟ ନ ହେଲେ ଏଥିରେ ସୁଖ ଜାତ ହୋଇ ନ ପାରେ । ଯାତ୍ରାରେ ମଧ୍ୟ ସେହିପରି ସଙ୍ଗୀତର ପ୍ରୟୋଜନ ତେବେ ଯାତ୍ରାବାଲାମାନେ ଗୋଟିଏ ବିଷୟକୁ ଘେନି ତଦୁପଯୁକ୍ତ ସଙ୍ଗୀତ ମଧ୍ୟ ମଧ୍ୟରେ ଗାଉଥିବାରୁ ସଙ୍ଗୀତ ତେତେ ବିଶୁଦ୍ଧ ନ ହେଲେ ସୁଦ୍ଧା ତହିଁରେ ମନୋରଞ୍ଜନ ହୁଅଇ ଏହି ହେତୁରୁ ଯାତ୍ରାର ଆଦର ଅଧିକ ଓ ତାହା ସମସ୍ତଙ୍କର ବୋଧଗମ୍ୟ । ମାତ୍ର ଓଡ଼ିଶାରେ ଭଲ ଯାତ୍ରା ନାହିଁ ବୋଲି କେହି ସଙ୍ଗୀତପ୍ରିୟ ଲୋକ ସେ ଅଭାବ ଦୂର କରିବା ପକ୍ଷରେ ସମୟ ସମୟରେ ଚେଷ୍ଟିତ ହେବାର ଦେଖାଯାଏ । ମୃତ କବିଚନ୍ଦ୍ର ରଘୁନାଥ ପରୀକ୍ଷା ଏହି ଉଦ୍ଦେଶରେ ଗୋପୀନାଥବଲ୍ଲଭ ନାଟକ ପ୍ରଭୃତି କେତେଗୁଡ଼ିଏ ପୁସ୍ତକ ରଚନା କରିଥିଲେ ଉକ୍ତ ପୁସ୍ତକଟି ଦକ୍ଷିଣୀ ଯାତ୍ରାର ଆଦର୍ଶରେ ହୋଇଅଛି ଓ ତହିଁରେ ଯେ ସମସ୍ତ ଗୀତ ସନ୍ନିବେଶିତ ହୋଇଅଛି ସେ ସବୁ ଦକ୍ଷିଣୀ ହିନ୍ଦୁସ୍ଥାନୀ ଓ ବଙ୍ଗଳା ରାଗ ଓ ତାଳରେ ରଚିତ ହୋଇଥିବାରୁ ବଡ଼ସୁନ୍ଦର ହୋଇଅଛି । କବିଚନ୍ଦ୍ର ମହାଶୟ ଆପଣା ଦେଶରେ ଏ ପ୍ରକାର ଯାତ୍ରା ପ୍ରଚଳନ କରାଇଅଛନ୍ତି ମାତ୍ର ଓଡ଼ିଶାକୁ ତାହା ଆସି ପାରିଲା ନାହିଁ । ଏ ଅଞ୍ଚଳର କେତେ ଲୋକ ବଙ୍ଗଳା ଯାତ୍ରା ଅନୁକରଣ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ସେପ୍ରକାର ଯୋଗ୍ୟତା ନ ଥିବାରୁ କୃତକାର୍ଯ୍ୟ ହୋଇପାରିଲେ ନାହିଁ । ସମ୍ପ୍ରତି ବାଲେଶ୍ୱରୀଙ୍କ ଚେଷ୍ଟାରେ ପ୍ରକୃତ ଯାତ୍ରା ଏଦେଶକୁ ଆସୁଅଛି ବଡ଼ ସୁଖର ବିଷୟ ଅଟଇ । କିପରି ଯାତ୍ରା ହେଉଅଛି ନ ଦେଖିଲେ କୁହା ଯାଇ ନ ପାରେ ତେବେ ଅମ୍ଭେମାନେ ଏତିକି ଆଶା କରୁଁ କି ଯେମନ୍ତ ଯାତ୍ରାଟି ନିତାନ୍ତ ବଙ୍ଗଳା ନ ହେଉ ଓ ଓଡ଼ିଶା ପ୍ରଚଳିତ ଭଲ ରାଗ ଓ ତାଳର ଗୀତ ତହିଁରେ ସ୍ଥାନ ପାଉ ।

---

## ସାପ୍ତାହିକସଂବାଦ ।

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ବାଲେଶ୍ୱରରେ ଜଣେ ହିନ୍ଦୁସ୍ଥାନୀ ବାଜିକର ଆଶ୍ଚର୍ଯ୍ୟ ବାଜିମାନ କରୁଅଛି । ତହିଁ ମଧ୍ୟରେ କଟାମୁଣ୍ଡ କଥା କହିବା ଅତ୍ୟନ୍ତ ଚମତ୍କାର ଅଟଇ ।

ବାଙ୍କୀ ସ୍କୁଲର ପ୍ରଧାନଶିକ୍ଷକ ବାବୁ ଗୌରମୋହନ ଭଟ୍ଟାଚାର୍ଯ୍ୟଙ୍କ ମୃତ୍ୟୁ ହେବାରୁ ସେଠାର ଭଦ୍ରଲୋକ ଓ ସ୍କୁଲର ଛାତ୍ରମାନେ ଅତ୍ୟନ୍ତ ଦୁଃଖିତ ଅଛନ୍ତି ବୋଲି ଜଣେ ପତ୍ରପ୍ରେରକ ଲେଖିଅଛନ୍ତି । ଶିକ୍ଷକଙ୍କର ସ୍ୱଭାବ ଅତି ଉତ୍ତମ ଥିଲା ଓ ଅତି ଯତ୍ନରେ ଆପଣା କାର୍ଯ୍ୟ କରୁଥିଲେ ।

ମୟୂରଭଞ୍ଜସ୍କୁଲର ଶିକ୍ଷକ ବାବୁ ରାମଦୟାଲ ବାନାର୍ଯ୍ୟା ଶିକ୍ଷାବିଭାଗର ଡାଇରେକ୍ଟରଙ୍କ ନିକଟକୁ ଲେଖିଅଛନ୍ତି ଯେ ବାବୁ ବିଚ୍ଛନ୍ଦ ପଟ୍ଟନାୟକଙ୍କ ଭୂଗୋଲରେ ଗୋଟିଏ ଭାରି ଭୁଲ ହୋଇଅଛି । ଭୁଲଟି ଏହି ଯେ ପୁସ୍ତକର ୧୦୨ ପୃଷ୍ଠାରେ ପ୍ରଥମେ କେଉଁଝର ଓ ତହିଁ ଉତ୍ତାରୁ ମୟୂରଭଞ୍ଜ ଲେଖାଅଛି ଏବଂ ୧୦୩ ପୃଷ୍ଠାରେ କେଉଁଝର ସର୍ବାପେକ୍ଷା ବଡ଼ ଗଡ଼ଜାତ ବୋଲି ଲେଖା ଅଛି କିନ୍ତୁ ତାହାଙ୍କ ଜାଣିବାରେ ଭୂମି ରାଜସ୍ୱ ଓ ଲୋକସଂଖ୍ୟାରେ ମୟୂରଭଞ୍ଜ କେଉଁଝରଠାରୁ ବଡ଼ ଅଟଇ ଅତଏବ ଏ ଭ୍ରମମାନ ସଂଶୋଧନ ପକ୍ଷରେ ଉଚିତ ଆଜ୍ଞା ଦେବା ପାଇଁ ସେ ଡାଇରେକ୍ଟରର ମହାଶୟଙ୍କୁ ପ୍ରାର୍ଥନା କରିଅଛନ୍ତି ।

ଶ୍ରୀମତୀ ରାଜରାଜେଶ୍ୱରୀଙ୍କ ପଦଗ୍ରହଣ ଘୋଷଣା ପ୍ରଚାରହେବା ସମୟର ଉତ୍ସବ ନିମିତ୍ତ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଉତ୍ତର ପଶ୍ଚିମ ପ୍ରଦେଶକୁ ଟ ୩୦,୦୦୦ ଙ୍କା ଓ ବଙ୍ଗଳା ପ୍ରଦେଶକୁ ଟ ୪୦,୦୦୦ ଙ୍କା ଦାନକରି ଅଛନ୍ତି । ବଙ୍ଗଳାର ଦାନରୁ କଲିକତାର ଭାଗରେ ଟ ୧୫୦୦୦ ଙ୍କା ପଡ଼ିଅଛି ।

ଭରଥପୁରର ମହାରାଜା ସିମଲାରେ ଇଂରାଜମାନଙ୍କୁ ନାଚଖାନା ଦେଇଥିଲେ ଓ ତହିଁରେ ଟ ୨୦,୦୦୦ ଙ୍କା ବ୍ୟୟ ହୋଇଥିଲା । ରାଜଧାନି କଥାଟି ଭିନ୍ନ ଅଟଇ ।

ସରଜନ ଷ୍ଟ୍ରାଚିସାହେବ ଭାରତବର୍ଷର ଧନବିଭାଗର ମନ୍ତ୍ରୀ ପଦରେ ନିଯୁକ୍ତ ହୋଇଅଛନ୍ତି । ଏକଥର ଏହି ମହାତ୍ମା ଏହି ପଦରେ ଏକଟିଂ ହୋଇ ଶତକରା ଟ ୩୫ ଇନକମଟାକ୍ସ ବସାଇଥିଲେ । ଏଥର ବାହାଲ ହୋଇ କଅଣ ନ କରିବେ !

ଦାରଜିଲିଂର ଇଂରାଜମାନଙ୍କୁ ସର୍ରିଚ୍ଛାର୍ଡ ଟେମ୍ପଲ ଏକ ନାଚଖାନା ଦେଇ ଭାରି ଆନନ୍ଦିତ କରାଇଅଛନ୍ତି ଏବଂ କଲିକତାକୁ ଫେରିଆସିଲେ

Digitized by srujanika@gmail.com

ସେଠା ଇଂରାଜଙ୍କୁ ମଧ୍ୟ ଏହିପରି ସନ୍ତୋଷ କରିବେ । ଏଥିରୁ ମିରର ଯଥାର୍ଥ କହିଅଛନ୍ତି କି ସର୍‌ରିଚର୍ଡଙ୍କ ବଙ୍ଗପ୍ରଦେଶର ଶାସନକାର୍ଯ୍ୟ କେବଳ ନାଚଖାନା ଓ ନାଚଦେଖା ଅଟଇ ।

ସନ ୧୮୭୮ ମସିହାରେ ପାରିସନଗରରେ ଯେଉଁ ପ୍ରଦର୍ଶନ ହେବ ତହିଁରେ ଗୋଟିଏ ବାନର ପ୍ରଦର୍ଶିତ ହେବ ଯେ ସେ କଥାକହିପାରେ । ଏ ବାନରଟିକୁ ଜଣେ ଫଗ୍ରିସି ସାହେବ ବ୍ରାଜିଲର ଜଙ୍ଗଲରେ ଧରିଥିଲେ ଓ ତାହାକୁ କଥାକହିବାକୁ ଶିଖାଇ ଅଛନ୍ତି ।

ମାନ୍ଦ୍ରାଜର ଜଣେ ଇଞ୍ଜିନିୟର କଡାପା ଜିଲ୍ଲାରେ ସିସାର ଓ ରୂପାର ଖଣି ଦେଖିଅଛନ୍ତି ଓ ତାହାଙ୍କର ବିଶ୍ୱାସ ହୋଇଅଛି ଯେ ଏ ଖଣିମାନଙ୍କ ଖୋଳିଲେ ଲାଭ ହେବ । ଏଥିପାଇଁ ସେ ଗବର୍ଣ୍ଣମେଣ୍ଟରୁ ଅନୁମତି ପାଇଅଛନ୍ତି ଯେ ତିନିବର୍ଷ ପର୍ଯ୍ୟନ୍ତ ସେ ଏ ସ୍ଥାନରେ ଅନୁସନ୍ଧାନ କରିବେ ଓ ଆଉ କେହି ତାହା କରିପାରିବେ ନାହିଁ ।

କଲିକତାର ଉତ୍ସବ ନିମିତ୍ତ ଯେଉଁ ଟ ୧୫୦୦୦ ଙ୍କା ଦାନ ହୋଇଅଛି ତହିଁରେ କେବଳ ବାଣବାଜିର ପ୍ରଦର୍ଶନ ହେବବୋଲି ସ୍ଥିର ହୋଇଅଛି । ଏତେଟଙ୍କାର ବାଣ ପୋଡିବା ଅତ୍ୟନ୍ତ ବୃହତ୍ ବ୍ୟାପାର ଅଟଇ ।

ଜଣେ କାଲିଫର୍ଣ୍ଣିୟାବାସି ଅନେକଥର ପରୀକ୍ଷା କରି କୃଷ୍ଣବର୍ଣ୍ଣ ଗୋଲାପଫୁଲ ଫୁଟାଇବାକୁ ସମର୍ଥ ହୋଇଅଛି । ଓକ ନାମକ ଏକପ୍ରକାର କୃଷ୍ଣବର୍ଣ୍ଣ ଗଛରେ ଗୋଲାପର ଡାଳ କଲମ କରି ବସାଇବାଦ୍ୱାରା ଏପ୍ରକାର ଅପୂର୍ବ ଘଟନା ହୋଇଅଛି । ଚେଷ୍ଟାର ଅସାଧ୍ୟ କିଛି ନାହିଁ ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ ନବୀନଚନ୍ଦ୍ର ବାନୁର୍ଯ୍ୟା ଦଣ୍ଡରୁ ମୁକ୍ତପାଇବାର ଆଜ୍ଞା ଲର୍ଡଲିଟନଙ୍କଠାରୁ ବାହାରିଥିଲା ଓ ସେକ୍ରେଟେରି ବେଲିସାହେବଙ୍କ ଚିଠିଅନୁସାରେ ସରିଚର୍ଡ ଟେମ୍ପଲ କାର୍ଯ୍ୟ କଲେ । ଲର୍ଡଲିଟନ ବାସ୍ତବରେ ବଡ଼ ଦୟାବାନ୍ ଅଟନ୍ତି ।

ପୁଣି ଗୋଟାଏ ଚଢ଼ିକରିବାର କଳ ବାହାରିଲାଣି । ବରମିନଘାମରେ ଏପ୍ରକାର ଗୋଟିଏ କଳ ପ୍ରଦର୍ଶିତ ହେଉଅଛି ତହିଁର ପ୍ରଧାନ ଗୁଣ ଏହି ଯେ କଳକୁ ଗୋଡ଼ ବା ହାତ ସାହାଯ୍ୟରେ ଚାଳିଦେଲେ ଭୂମିଦ୍ୱାରା ଅତିଶୀଘ୍ର ଚଷ କରି ଯିବାଏ । କଥିତ ହୁଅଇ ଯେ ଧୂଆଁକଳ ଯୋଗେ ସୁଦ୍ଧା ଏକଳ ଶୀଘ୍ର ହୋଇ ଚଷକର୍ମ କରିପାରେ ।

ବାବୁ କେଦାରନାଥ ବାନୁର୍ଯ୍ୟା ସବଡିଭିଜନ ଜଜ ମାଡ଼୍ଲ ହୋଇଅଛନ୍ତି । ଏ ମହାଶୟ ଏଠାରୁ ଥରେ ଆସିଥିଲେ । ମାଡ଼୍ଲ କାହିଁକି ହେଲେ ଜଣାପଡ଼ୁ ନାହିଁ ।

ଭାରତବର୍ଷର ମୁସଲମାନମାନେ ତୁରସ୍କ ସହିତ ସହାନୁଭୂତି ଦେଖାଉଅଛନ୍ତି ବମ୍ବେଇରେ ଏଥିପୂର୍ବେ ଏକସଭା ହୋଇଥିଲା ଓ ଏହି ମାସରେ କଲିକତାର ମୁସଲମାନମାନେ ଏକ ସଭା କରି ତୁରସ୍କର ବିପଦରେ ଦୁଃଖ ପ୍ରକାଶ କରିଅଛନ୍ତି ଏବଂ ଉକ୍ତ ଗବର୍ଣ୍ଣମେଣ୍ଟର ମଙ୍ଗଳନିମିତ୍ତ ପ୍ରାର୍ଥନା ଓ ଯୁଦ୍ଧରେ ଆଘାତ ପାଇଥିବା ତୁରକମାନଙ୍କ ସକାଶେ ଚାନ୍ଦା ସଂଗ୍ରହ କରିବାର ସ୍ଥିର କରିଅଛନ୍ତି ।

ବଙ୍ଗାଲୋରରେ ଖାଦ୍ୟଦ୍ରବ୍ୟ ଅପ୍ରାପ୍ତହେତୁରୁ ଦୁଃଖୀମାନଙ୍କର ବଡ କଷ୍ଟ ହୋଇଅଛି ଓ ତାହା ନିବାରଣ ନିମିତ୍ତ ସେଠା ଲୋକେ ଦୁଃଖୀଙ୍କ ସାହାଯ୍ୟ କାରଣ ସଭା କରିଥିଲେ । ଚାନ୍ଦାଦ୍ୱାରା ଅନେକ ଟଙ୍କା ଉଠିଅଛି ।

---

### ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁତ ଉତ୍କଳଦୀପିକାସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ ! ଆପଣଙ୍କ ଗତ ଶନିବାରର ପତ୍ରିକାରେ ଜଣେ ପତ୍ରପ୍ରେରକ, କଟକ କଲେଜର ହେଡମାଷ୍ଟର ଛୁଟୀ ନେବାରୁ ଯେଉଁ ନୂତନ ବନ୍ଦୋବସ୍ତ ହୋଇଥିଲା ତାହା ଆଲୋଚନା କରିବାକୁ ଯାଇ କେତେଗୁଡିଏ ବିଷମ ଭ୍ରମରେ ପଡିଅଛନ୍ତି । ଡାଇରେକ୍ଟର ସାହେବ ମହୋଦୟ କଲେଜର ଅଧ୍ୟକ୍ଷ ଉପରେ କୌଣସି ବନ୍ଦୋବସ୍ତର ଭାର ଅର୍ପଣ କରି ନାହାନ୍ତି; ପୁଣି ଅଧ୍ୟକ୍ଷ ମଧ୍ୟ ଦୂରମାସ ନିମନ୍ତେ କୌଣସି ବନ୍ଦୋବସ୍ତ କରି ନାହାନ୍ତି । ଶୁଣି ଥିବେତ ଜଣେ ଏମ୍, ଏ, ସେହି କର୍ମରେ ପ୍ରତିନିଧି ହୋଇ ଆସିଅଛନ୍ତି । ବାବୁ ଯଦୁମଣି ଘୋଷ କେବଳ ଉକ୍ତ ପ୍ରତିନିଧିଙ୍କର ଏଠାକୁ ଆସିବା ପର୍ଯ୍ୟନ୍ତ ପ୍ରତିନିଧି ନିଯୁକ୍ତ ହୋଇଥିଲେ । ଯଦୁମଣି ବାବୁ ଯେତେବେଳେ କର୍ମ ସ୍ୱୀକାର କରନ୍ତି ସେତେବେଳେ କଲିକତାରୁ ଜଣେ ନୂଆ ମାଷ୍ଟର ଶୀଘ୍ର ଆସିବା କଥା ତାଙ୍କୁ ପ୍ରାୟ ନିଶ୍ଚୟ ଜଣା ଥିଲା, ମାତ୍ର କଲେଜର ଶିକ୍ଷକ ସଂଖ୍ୟା ନିତାନ୍ତ ଅଳ୍ପ ଥିବାରୁ ପ୍ରତିନିଧି ଶିକ୍ଷକ ଉପସ୍ଥିତ ନ ହେବା ପର୍ଯ୍ୟନ୍ତ ଜଣେ ନୂତନ ଶିକ୍ଷକଙ୍କର ପ୍ରୟୋଜନ ହୋଇଥିଲା ।

ଉପଯୁକ୍ତରୂପରେ ବନ୍ଦୋବସ୍ତ ହେଲେ ନିମ୍ନସ୍ଥ ଶିକ୍ଷକମାନେ କେବେହେଁ ଉପେକ୍ଷିତ ହୋଇ ନ ଥାନ୍ତେ । ମାତ୍ର ୨ । ୪ ଦିନ ପାଇଁ ବିଦ୍ୟାଳୟର ଶେଷଭାଗରେ କୌଣସି ବିଦ୍ୟାଳୟର ଶିକ୍ଷାକାର୍ଯ୍ୟର ସମସ୍ତ ପରିବର୍ତ୍ତନ କୌଣସି ମତରେ ଯୁକ୍ତିସଙ୍ଗତ ନୁହେ । ଏନିମନ୍ତେ ବୋଧ ହୁଏ କି କୌଣସି ଆତ୍ମୀୟ ବନ୍ଧୁଙ୍କ ଅନୁରୋଧରେ ଜଣେ "ହକକଥା" କେବଳ କେତେଗୁଡିଏ ଦୁର୍ଯୁକ୍ତି ବର୍ଷଣ କରିଅଛନ୍ତି ଏବଂ ଏଣୁ କରି ସେ ତାଙ୍କର ସ୍ୱାଭାବିକ ଅନୁଦାରତା ଓ ଅଦୂରଦର୍ଶିତାର ବିଲକ୍ଷଣ ପରିଚୟ ଦେଇଅଛନ୍ତି । ଦୁଃଖର ବିଷୟ ଏହି କି ଯେ ତାଙ୍କର ପ୍ରାଣର ମିତ୍ର ବାବୁ ମଧୁସୂଦନ ରାଓ ଯେ ଦେବଲୋକବାସୀ ତହିଁରେ କେହି୨ ଅନଭିଜ୍ଞ ଅଛନ୍ତି !! ଏବଂ ମଧୁବାବୁ ଓ ଯଦୁବାବୁଙ୍କ ଗୁଣ ଗ୍ରାମର ଦୈର୍ଘ୍ୟ ଓ ବିସ୍ତୃତର ଯୋଜନା କରିବାର ମାନଦଣ୍ଡ ପତ୍ରପ୍ରେରକର ହସ୍ତ ଛଡ଼ା ଆଉ କାହାର ପାଖରେ ନାହିଁ ।

ସମୟ ହେଉ ବା ଅସମୟ ହେଉ କେତେଗୁଡିଏ ସ୍ୱାର୍ଥପର ବ୍ୟକ୍ତି ସ୍ୱାର୍ଥକୁ ଅଡାଇ ଓଡ଼ିଆ ବଙ୍ଗାଳିର ପ୍ରଭେଦ ପ୍ରସଙ୍ଗ ଆଣି ପକାନ୍ତି । ସମ୍ପାଦକ ମହାଶୟ ! "ହକକଥାର" ପ୍ରସ୍ତାବରେ ଓଡ଼ିଆ ବଙ୍ଗାଳିର କଥାଟି କି ସୁନ୍ଦରରୂପରେ ଉପସ୍ଥିତ ହୋଇଅଛି ! ! କାଳୀମୋହନ ବାବୁ କି ଓଡ଼ିଆ ? ମଧୁବାବୁ ଯେବେ କି ଓଡ଼ିଆ ହୋଇଅଛନ୍ତି ତେବେ ଯଦୁବାବୁ ଓଡ଼ିଆ ନୁହନ୍ତି କାହିଁକି ? ଏ "ହକକଥାର" ପ୍ରାଣର ବନ୍ଧୁ ନୁହନ୍ତି ବୋଲି କି ? ଭୂତପୂର୍ବ ଉତ୍କଳପୁତ୍ର ଯେବେ କି ଓଡ଼ିଆ ତେବେ ଯଦୁବାବୁ କାହିଁକି ଓଡ଼ିଆ ନ ହେବେ ? ଇତି ।

ଆପଣଙ୍କ ହକ ଉତ୍ତର ।

---

### ବିଜ୍ଞାପନ !

ରାମବାଗ ସ୍କୁଲସକାଶ ଜଣେ ଶିକ୍ଷକ ଯେ କି ସ୍କୁଲସବୁର କର୍ମ ନିକେ ଚଳାଇପାରନ୍ତି ଦରକାର ଅଛି ଓ ମାସିକ ବେତନ ଟ ୧୦ଙ୍କା ଅଟେ ଏହି ଅକ୍ଟୋବର ମାସ ତା ୩୦ ରିଖ ପରିକି ଦରଖାସ୍ତ ଗ୍ରହଣ ହେବ ଯୋଗ୍ୟତାର ବିବରଣ ସହିତ ଦରଖାସ୍ତ ଆମ୍ଭ ନିକଟକୁ ଉକ୍ତ ସ୍କୁଲ ଠାରୁ ପଠାଇବେ ୨୪ ହିଁ ଅକ୍ଟୋବର ୧୮୭୬ ।

ସେକ୍ରେଟେରିଙ୍କ ସକାଶ
ଶ୍ରୀ ଶିବପ୍ରସାଦ ସିଂହ ମେମ୍ବର ।

---

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


ଭାଗ ୧୨ଶ } ୨୪ତାରିଖ ନବେମ୍ବର ସନ ୧୮୭୭ମସିହା । ମୂ । କାର୍ତ୍ତିକ ଦି ୨୧ନ ସନ ୧୨୮୪ସାଲ ଶନିବାର { ଅଗ୍ରିମ ବାର୍ଷିକମୂଲ୍ୟ ଟ ୩୮

ସଂଖ୍ୟା ୪୭ } { ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୮ { ମଫସଲପାଇଁ ଡାକମାସୁଲ ଟ ୧୫୬


ନୂତନ ଦାଖଲଖାରଜ ଆଇନ ଲୋକଙ୍କୁ ବ୍ୟସ୍ତ କରିବାର ଦେଖାଯାଏ । ଓଡ଼ିଶାର ଅଧିକାଂଶ ଲୋକଙ୍କର ଋଣ ଅଧିକରେ ଭୂମି ଅଛି ଓ ଅନେକ ଲୋକ ହେଲା ଅଥବା ଅସ୍ପୃହା ଯୋଗୁଁ ଦାଖଲଖାରଜ କରାଇ ନାହାନ୍ତି ବର୍ତ୍ତମାନ ସମସ୍ତଙ୍କୁ ଦାଖଲଖାରଜ କରାଇବାକୁ ହେବ । କଲେକ୍ଟର ସାହେବ ବିଜ୍ଞାପନ ଦେଇ ଓ ଦରଖାସ୍ତର ଫାରମ ଛପା କରାଇ ପ୍ରସ୍ତୁତ ଅଛନ୍ତି ଓ ଏହି ଛମାସ ମଧ୍ୟରେ କେତେ ଦରଖାସ୍ତ ଯେ ପଡ଼ିବ ତହିଁର କଳନା ହେଉ ନାହିଁ । କଟବନ୍ଦ ଗଲେ ଲୋକେ ଏକର୍ମରେ ଲାଗିବେ ଓ ରେଭେନ୍ସୁ ପଟୁଆରି ଓ ଦାଖଲଖାରଜ ନିମିତ୍ତ କାଗଜ ନକଲ କରିବାକୁ ଅବସର ପାଇବେ ନାହିଁ । ସରକାରଙ୍କର ଏଥିରେ ବିଲକ୍ଷଣ ଲାଭ ହେବ ଓ କଲେକ୍ଟରୀ ମହକୁମାର କାର୍ଯ୍ୟ ମଧ୍ୟ ବୃଦ୍ଧି ହେବ । ଆମ୍ଭେମାନେ ଆଇନରେ ଦେଖିଅଛୁଁ ଯେ ୫୨୦୧ଙ୍କା ପର୍ଯ୍ୟନ୍ତ କରଜମା ଯୁକ୍ତ ମହାଲମାନ ଓ ପଟ୍ଟାମାଣରୁ ଋଣ ଲାଗିବାର ସମ୍ପତ୍ତି ଗବର୍ଣ୍ଣମେଣ୍ଟ ଇଚ୍ଛା କଲେ ଛାଡ଼ ଦେଇପାରନ୍ତି । ଯେବେ ଗବର୍ଣ୍ଣମେଣ୍ଟ ସେ ବିଧାନାନୁସାରେ କାର୍ଯ୍ୟ କରିଥାନ୍ତେ ତାହା ହେଲେ ଆପାତତଃ ଅନେକ ଲୋକଙ୍କର ଉପକାର ହୋଇଥାନ୍ତା କାରଣ କ୍ଷୁଦ୍ର ଜମିଦାର ଓ ଲାଖିରାଜଦାରମାନେ ( ଏହାଙ୍କର ସଂଖ୍ୟା ଅଧିକ ଅଟଇ ) ଦାଖଲଖାରଜର ଦାୟରୁ ରକ୍ଷା ପାଇଥାନ୍ତେ । ବଡ଼ ଜମିଦାର ଓ ଲାଖିରାଜଦାରଙ୍କର କବ୍ର ରେଜଷ୍ଟରୀ ହେଲା ଉତ୍ତାରୁ ହାକିମମାନେ ଅବସରକ୍ରମେ କ୍ଷୁଦ୍ର ସବ୍ର ରେଜଷ୍ଟରୀ କରିବାପାଇଁ ପ୍ରସ୍ତୁତ ହୁଅନ୍ତେ । ସ୍ଥାନୀୟ ହାକିମମାନେ ଏପକ୍ଷରେ ଯାହା ଯତ୍ନ କରୁ ନାହାନ୍ତି ବଡ଼ ଦୁଃଖର ବିଷୟ ଅଟଇ ଓ ଏତେବେଳେ ସୁଦ୍ଧା ଆମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛୁଁ ଉକ୍ତ ବିଧାନାନୁସାରେ କାର୍ଯ୍ୟକରନ୍ତୁ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଗତ ସ୍ୱଦେଶୀରେ ପାଠକଲୁଁ ଯେ ଉକ୍ତ ପତ୍ରିକାର ପ୍ରିଣ୍ଟର ଉପରେ ବ୍ରହ୍ମପୁରର ଡିଷ୍ଟ୍ରିକ୍ଟ ମୁନସଫ ୫ ୫୦୧ଙ୍କା ଅର୍ଥଦଣ୍ଡ ବିଧାନ କରିଅଛନ୍ତି । ଅପରାଧଟି ଅଦାଲତର ଅବଜ୍ଞା ଅଟଇ ଓ ତାହା ଏହିରୂପେ ସଂଘଟିତ ହୋଇଅଛି ଯେ ବ୍ରହ୍ମପୁରର କେତେକ ଭଦ୍ରଲୋକ ଗତ ଅଗଷ୍ଟମାସ ତା ୨୭ ରଖରେ ଗୋଟିଏ ସଭା କରିଥିଲେ । ଉକ୍ତ ସଭାର ଗୋଟିଏ ସମାଲୋଚନା ସ୍ୱଦେଶୀରେ ବାହାରିଥିଲା ଓ ତହିଁରେ ତେଲଙ୍ଗୀଭାଷାରେ ଲେଖାଥିଲା ଯେ ସଭାରେ କେହି ସଭାପତି ମନୋନୀତ ହୋଇ ନ ଥିଲେ ସଭ୍ୟମାନେ ସମସ୍ତେ ଆପଣାକୁ ସଭାପତି ତୁଲ୍ୟ ମଣିଲେ ଜଣେ କଥା କହିବାବେଳେ ଆଉ ଦୁଇ ତିନି ଜଣ କଥା କହୁଥିଲେ ଓ ସଭାଟି ମାଛହାଟ ତୁଲ୍ୟ ଦିଶୁଥିଲା । ପତ୍ରାନ୍ତରରୁ ଅବଗତ ହେଲୁଁ ଯେ ବ୍ରହ୍ମପୁରର ମୁନସଫ ସେ ସଭାରେ ଥାଇ ତହିଁର ପ୍ରଧାନବକ୍ତା ହୋଇଥିଲେ । ମୁନସଫ ମହାଶୟ ସ୍ୱଦେଶୀର ପ୍ରିଣ୍ଟରଙ୍କୁ ଅଦାଲତକୁ ଡକାଇ ନେଇ ୫ ୫୦୧ଙ୍କା ଅର୍ଥଦଣ୍ଡ କଲେ । ଆମ୍ଭେମାନେ ମୁନସଫଙ୍କ ହୁକୁମର ବା ମକଦ୍ଦମାର କୌଣସି କାଗଜପତ୍ର ଦେଖି ନାହୁଁ ଓ ସ୍ୱଦେଶୀରେ ଯାହା ତେଲଙ୍ଗୀଭାଷାରେ ଲେଖାଅଛି ତାହା ଆମ୍ଭେମାନେ ପଢ଼ିବାକୁ ଅକ୍ଷମ ସୁତରାଂ ମକଦ୍ଦମା ବିଷୟରେ କିଛି କହି ନ ପାରୁଁ । ମାତ୍ର ଆମ୍ଭମାନଙ୍କର ଏହି ସଂଶୟ ହୋଇଅଛି ଯେ ସଂବାଦପତ୍ରରେ ଲେଖିବାଦ୍ୱାରା ଅଦାଲତର ଅବଜ୍ଞା ଅପରାଧ କିପରି ହେଲା ଓ ମୁନସଫ କିପରି ତହିଁପାଇଁ ଦଣ୍ଡ ଦେଲେ ? ବ୍ରହ୍ମପୁରରେ ଆଇନ ପ୍ରଚଳିତ ଦେଶ ନୁହଇ ନା ସେଠାରେକି ଭାରତବର୍ଷୀୟ ଦଣ୍ଡବିଧି ଆଇନ ଜାରି ନାହିଁ ? । ଶୁଣୁଅଛୁଁ ଯେ ଏ ଆଜ୍ଞା ବିରୁଦ୍ଧରେ ଅପିଲ ହେବ ବା ହୋଇଅଛି । ଆମ୍ଭମାନଙ୍କ ବିବେଚନାରେ ଅପିଲ କରିବା ଅତ୍ୟନ୍ତ ପ୍ରୟୋଜନ କାରଣ ମୁନସଫ କୌଣସି ମହତ୍ତ୍ୱ ଭ୍ରମରେ ପଡ଼ିଥିବାର ଜଣାଯାଏ ।

---

ଏକଦିଗରେ ଗବର୍ଣ୍ଣମେଣ୍ଟ ଦିଲ୍ଲୀ ମହାସଭା ଓ ସେସମୟର ଉତ୍ସବ ସକାଶେ ବାହୁଲ୍ୟ ଆୟୋଜନ ଓ ବିସ୍ତର ଟଙ୍କା ବ୍ୟୟ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି କିନ୍ତୁ ଅନ୍ୟ ଦିଗରେ ଦୁର୍ଭିକ୍ଷ ଉପସ୍ଥିତ ହୋଇ ଭାରତବର୍ଷର ଏକ ବହତ୍ ଖଣ୍ଡର ପ୍ରଜାମାନଙ୍କୁ ଅନାହାରରେ

Digitized by srujanika@gmail.com

ବିନାଶ କରିବାକୁ ବସିଅଛି । ଏହା ରୂପାର ଦର ଊଣା ହେବାରୁ ଗବର୍ଣ୍ଣମେଣ୍ଟ ବିଶେ କ୍ଷତିଗ୍ରସ୍ତ ହେଉଅଛନ୍ତି ଓ ଆହୁରି କେତେ କାଳ ହେବେ ନିଶ୍ଚୟ ଜଣା ଯାଇ ନାହିଁ ଏଥିରେ ପୁଣି ମହାସଭାର ବ୍ୟୟ ଏବଂ ଦୁର୍ଭିକ୍ଷରେ ପ୍ରଜାଙ୍କୁ ସାହାଯ୍ୟ କରିବାର ଆବଶ୍ୟକୀୟ ବ୍ୟୟ ଉପସ୍ଥିତ ହୋଇଅଛି । ଏହିରୁ କାର୍ଯ୍ୟରେ ଅନେକ ଟଙ୍କା ବ୍ୟୟ ହେବ ସନ୍ଦେହ ନାହିଁ । ଏସମସ୍ତ ଦେଖି ଅନେକ ସମ୍ବାଦପତ୍ର ଦିଲ୍ଲୀ ମହାସଭା ବିରୁଦ୍ଧରେ ଗବର୍ଣ୍ଣମେଣ୍ଟଙ୍କୁ ଉପଦେଶ ଦେଉଅଛନ୍ତି ଓ ଆମ୍ଭମାନଙ୍କ ବିବେଚନାରେ ତାହା ଉଚିତ ଅଟଇ କାରଣ ଯେସ୍ଥଳେ ରୂପାର ବଜାର ମନ୍ଦ ହେବାରୁ ଗବର୍ଣ୍ଣମେଣ୍ଟ ଅନେକ କ୍ଷତିଗ୍ରସ୍ତ ହେଲେଣି ଏବଂ ଦୁର୍ଭିକ୍ଷ ନିବାରଣ ସକାଶେ ଅର୍ଥ ବ୍ୟୟ କରିବା ଅନିବାର୍ଯ୍ୟ ଅଟଇ ସେସ୍ଥଳେ ଏତେ ଆଡମ୍ବରରେ ଦରବାର କରିବା ଓ ଅନର୍ଥକ ଏତେ ଖର୍ଚ୍ଚ କରିବା କଦାଚ ଯୁକ୍ତିଯୁକ୍ତ ନୁହଇ । ସମ୍ବାଦପତ୍ରମାନଙ୍କରୁ ଯେରୂପ ଜଣାଯାଏ ଏ ଦୁର୍ଭିକ୍ଷଟି ସାମାନ୍ୟ ନୁହଇ । ବମ୍ବେଇ ପ୍ରଦେଶର ବହୁ ଜିଲା ଏପରି ଦକ୍ଷିଣ, ମହୀସୂର ଓ ମାନ୍ଦ୍ରାଜର କେତେକ ସ୍ଥାନରେ ଦୁର୍ଭିକ୍ଷ ପଡିବାର ଆଶଙ୍କା ହୋଇଅଛି ଏମନ୍ତ କି ଏଣିକି ବର୍ଷା ହେଲେ ମଧ୍ୟ ଯଥେଷ୍ଟ ଶସ୍ୟ ସେହିସ୍ଥାନରେ ହେବ ନାହିଁ । ଇଲ୍ଲୋରରେ ଲୋକମାନେ ଖାଦ୍ୟାଭାବରୁ ଧାନ ଚାଉଳ ଗୋଲାମାନ ଲୁଟ କରିବାର ତାରଡାକ ଯୋଗେ ସମ୍ବାଦ ଆସିଅଛି ଓ ଖାଦ୍ୟଦ୍ରବ୍ୟର ବଜାର ଦିନକୁଦିନ ତେଜ ହେଉଅଛି । ସୁତରାଂ ଏମନ୍ତ ଦୁଃସମୟରେ ଉତ୍ସବ କରିବା ମନୁଷ୍ୟ ସ୍ୱଭାବର ବିରୁଦ୍ଧ ଅଟଇ ଓ ଏହା ମଧ୍ୟ ସତ୍ୟ ଯେ ଏ ଉତ୍ସବ ଉପଲକ୍ଷରେ ଧନୀମାନଙ୍କର ଅନେକ ଅର୍ଥ ଅକାରଣ ବ୍ୟୟ ହେବ ସୁତରାଂ ସେମାନେ ଦୁର୍ଭିକ୍ଷ ସାହାଯ୍ୟ ସକାଶେ ଯଥା ଯୋଗ୍ୟ ଚାନ୍ଦା ଦେବାକୁ କୁଣ୍ଠିତ ହେବେ ।

---

ଗଡଜାତ ଏଲକାର ପୁଲିସସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ପୁଲ୍ ସାହେବ କନ୍ଧଙ୍କ ସମ୍ପର୍କରେ ଗୋଟିଏ ଆଶ୍ଚର୍ଯ୍ୟ କଥା କଲିକତାର ଡେଲିନିଉସରେ ପ୍ରକାଶ କରିଅଛନ୍ତି । ଆମ୍ଭେମାନେ ପାଠକଙ୍କ ଗୋଚରାର୍ଥେ ତାହାର ସଂକ୍ଷେପ ବିବରଣ ଏଠାରେ ଉଦ୍ଧୃତ କଲୁଁ ଯଥା;—

କନ୍ଧଙ୍କ ମଧ୍ୟରେ ଏପ୍ରକାର ଗୋଟିଏ କୁସଂସ୍କାର ଅଛି ଯେ ସେମାନଙ୍କ ମଧ୍ୟରୁ କେହି ଇଚ୍ଛାନୁସାରେ ବାଘ ପାଲଟି ଯିବାର ଓ ପୁନର୍ବାର ଆପଣା ଦେହ ପ୍ରାପ୍ତ ହେବାର କ୍ଷମତା ରଖନ୍ତି । ଏହି କୁସଂସ୍କାରକୁ ଅବଲମ୍ବନ କରି କେତେକ ଦୁଷ୍ଟ କନ୍ଧ ଗ୍ରାମସ୍ଥ ଲୋକଙ୍କଠାରୁ ଅନାୟାସରେ ଖାଦ୍ୟଦ୍ରବ୍ୟାଦି ଠକି ନିଅନ୍ତି । ଏକଥର ଏକ ଗ୍ରାମ ପାଖରେ କେତେଗୁଡିଏ କନ୍ଧ ପଡିରକୁରିଆ କରି ରହି ଜଣେ ଗ୍ରାମବାସିକୁ ଗୋଟାଏ ବଳଦ ଖାଇବାକୁ ମାଗିଲେ ନ ଦେଲେ ହରବରରେ ପଡିବାର ଶଙ୍କା କରି ସେ ବ୍ୟକ୍ତି ବଳଦଟିଏ ଦେଲା ମାତ୍ର ଏଥିରେ ସେମାନେ ସନ୍ତୁଷ୍ଟ ନ ହୋଇ ଆରଦିନମାନଙ୍କରେ ଆଉ ବଳଦ ଛେଳି ଇତ୍ୟାଦି ପଶୁ ମାଗିଲେ ଓ ନ ଦେଲେ ବାଘ ପାଲଟି ସବୁ ଗୋରୁ ଛେଳିଆଦି ମାରି ଖାଇପିବେ ବୋଲି ଧମକାଇଲେ । ଗ୍ରାମବାସିମାନେ ଏଥିରେ ବ୍ୟସ୍ତ ହେଲେ ଓ ସେମାନଙ୍କଠାରୁ ଉଦ୍ଧାର ପାଇବାର ଉପାୟ ନ ଦେଖି ପୁଲିସ ଇନ୍ସ୍ପେକ୍ଟରଙ୍କଠାରେ ଆପଣା ଦୁଃଖ ଜଣାଇଲେ । ଇନ୍ସ୍ପେକ୍ଟର ଏଥିରେ ହସ୍ତକ୍ଷେପଣ କରିବାକୁ ନାସ୍ତି କଲାମାତ୍ର ତାହାଙ୍କ ଭ୍ରମ ଓ କୁସଂସ୍କାର ଅତି ଅସମ୍ଭବ ଥିବାର ତାହାଙ୍କୁ ବୁଝାଇ ଦେଇ ଆଉ ଗୋରୁଆଦି ନ ଦେବାକୁ କହିଦେଲା । ଗ୍ରାମବାସି କନ୍ଧମାନେ ଏକଥା ଶୁଣି ଚାଲିଗଲେ ମାତ୍ର ଏକସପ୍ତାହ ଉତ୍ତାରୁ ପୁନର୍ବାର ଇନସ୍ପେକ୍ଟରଙ୍କୁ ଆସି କହିଲେ କି ଯେଉଁ ଦିନ ସେମାନେ ଆଉ ପଶୁ ଦେବାକୁ ନାସ୍ତି କଲେ ସେହି ରାତ୍ରରେ ପଟାଏ ବାଘ ଗ୍ରାମ ଭିତରେ ପଶି ଗୋଟିଏ ବାଛୁରି ନେଇଗଲା । ଏହା କହି ସରକାରଙ୍କର ଦୁହାଇ ଦେଲେ ଓ ସାହାଯ୍ୟ ପ୍ରାର୍ଥନା କଲେ । ଇନ୍ସ୍ପେକ୍ଟର ସେ ଗ୍ରାମକୁ ଯାଇ ଯେଉଁଠାରେ କନ୍ଧମାନେ କୁରିଆ କରି ପଡିଥିଲେ ସେଠାରେ ପହଞ୍ଚି ସେମାନଙ୍କୁ ବୁଝାଇ ଦେଲେ ଯେ ଏପରି ଯବରଦସ୍ତି ଆଉ ଚଳିବ ନାହିଁ । ଏଥିକୁ କନ୍ଧଙ୍କ ଦଳପତି ଉତ୍ତର ଦେଲା କି ସେମାନେ ଉପବାସ ରହି ପାରିବେ ନାହିଁ ଓ ଯଦ୍ୟପି ଗ୍ରାମବାସିମାନେ ସହଜରେ ନ ଦେବେ ତେବେ ସେମାନେ ବାଘ ପାଲଟି ଯିବେ ଓ ତହିଁରେ ଅଧିକ ଅନିଷ୍ଟ ହେବ । ଇନ୍ସ୍ପେକ୍ଟର ତାହା ନ ଶୁଣି ଗ୍ରାମବାସିଙ୍କୁ ପଶୁ ଦେବାକୁ ନିଷେଧ କଲେ ଓ ତହିଁରେ କନ୍ଧମାନେ କହିଲେ କି ଆଜି ରାତ୍ରରେ ସେମାନଙ୍କ ମଧ୍ୟରୁ ଜଣେ ବାଘ ହୋଇ ଗ୍ରାମ ମଧ୍ୟରୁ ଗୋଟାଏ ଗୋରୁ ମାରି ନେବ । ଏହା ଶୁଣି ଇନ୍ସ୍ପେକ୍ଟର ରାତ୍ରରେ ଏକ ବନ୍ଧୁକ ନେଇ ଜଗି ବସିଲେ ଓ ଗୋଟାଏ ଛେଳି ଆଧାରସ୍ୱରୂପ ବାନ୍ଧି ଦେଲେ । ଅଧିକ ରାତ୍ରରେ ବାଘ ଆସିବା ମାତ୍ରକେ ଇନସ୍ପେକ୍ଟର ଏକ ଗୁଳି ମାରିବାରେ ସେ ଗର୍ଜନ କରି ବଣକୁ ଫେରି ଗଲା । ସକାଳେ ଇନସ୍ପେକ୍ଟର କନ୍ଧମାନଙ୍କ ଏକତ୍ର କରି ଦେଖିଲେ ଯେ ତାହାଙ୍କ ମଧ୍ୟରୁ ଏକବ୍ୟକ୍ତି ମିଳୁ ନାହିଁ । ଦଳପତିକୁ ପଚାରିବାରେ ସେ କହିଲା କି ଉକ୍ତଲୋକ ଗତ ରାତ୍ରରେ ବାଘରୂପ ଧରି ସେମାନଙ୍କ କର୍ମରେ ଯାଇଥିଲା ଅଦ୍ୟାପି ଫେରି ଆସି ନାହିଁ । ଇନସ୍ପେକ୍ଟର ସେମାନଙ୍କଦ୍ୱାରା ଅନୁସନ୍ଧାନ କରାଇବାରେ ଉକ୍ତ ଲୋକର କ୍ଷତବିକ୍ଷତ ମୃତ ଦେହ ନିକଟସ୍ଥ ଏକ ଜଙ୍ଗଲରେ ପାଆଗଲା । ତହୁଁ ଇନସ୍ପେକ୍ଟର ମକଦ୍ଦମାକୁ ତଦାରକ କରି ଉକ୍ତ ବ୍ୟକ୍ତିର ଅସ୍ୱାଭାବିକ ମୃତ୍ୟୁଘଟନା ହୋଇଥିବାର ରପୋର୍ଟ କଲେ । ଏକଥା ପୁଲ ସାହେବ ଗସ୍ତରେ ଥିବାବେଳେ ସ୍ୱୟଂ ଇନସ୍ପେକ୍ଟରଠାରୁ ଶୁଣି ଅଛନ୍ତି । ଇନସ୍ପେକ୍ଟରଙ୍କ ନାମ ଖାମାଅଲ୍ଲି ସାହ ।

କେହି ପାଠକ ଅବା ଅନୁମାନ କରିପାରନ୍ତି କି ଯେବେ ଉକ୍ତ କନ୍ଧ ବାଘ ହୋଇ ନ ଥିଲା ତେବେ ତାହାର ମୃତ୍ୟୁ କିରୂପ ଘଟନା ହେଲା ମାତ୍ର ବିଚାର କରିବାର ଉଚିତ ଯେ ବାଘଟି ଗୁଳି ଖାଇ ପଳାଇ ଗଲା ଏ ଲୋକର ଦେହ କ୍ଷତ ବିକ୍ଷତ କିପରି ହେଲା ? ଏଥିରୁ ଏହି ଅନୁଭବ ହୁଅଇ ଯେ କନ୍ଧମାନେ ଗ୍ରାମ ନିକଟରେ ବାଘର ମଡା ଦେଖିଥିଲେ ଓ ସେହି ବାଘକୁ ଆପଣା ମଧ୍ୟର ଏକବ୍ୟକ୍ତି ଥିବାର କହି ଆପଣା ଠକପଣିଆକୁ ସାର୍ଥକ କରିବାକୁ ବସିଥିଲେ । ଯେତେବେଳେ ଦେଖିଲେ ଯେ ପ୍ରକୃତ ବାଘ ଗ୍ରାମକୁ ଆସି ଗୁଳି ଖାଇ ବିଦାୟ ହେଲା ତେତେବେଳେ ସେ ଉକ୍ତ ମନୁଷ୍ୟବାଘକୁ ଜଙ୍ଗଲରେ ଦେଖି ଆପଣା ରାଗଯାକ ତାହା ଉପରେ ନିଶେଷ କଲା । ଶ୍ରୀଯୁକ୍ତ ପୁଲ ସାହେବ ଉକ୍ତ ଅସ୍ୱାଭାବିକ ମୃତ୍ୟୁର ରପୋର୍ଟ ପାଇ ଅନୁସନ୍ଧାନ କରି ଏସମସ୍ତ ବୁଝିଅଛନ୍ତି ଏବଂ ଇନସ୍ପେକ୍ଟର ଅତ୍ୟନ୍ତ ବିଶ୍ୱାସୀ ଲୋକ ଥିବାରୁ ରପୋର୍ଟ ଲିଖିତ ବିଷୟରେ ତାହାଙ୍କର କିଛି ସନ୍ଦେହ ନାହିଁ । ସେହିଦିନ କନ୍ଧମାନେ ବାଜା ନ ବଜାଇ ତୁନି ହୋଇ ଚାଲିଗଲେ ଓ ଇନସ୍ପେକ୍ଟର ଉପରେ ଅତ୍ୟନ୍ତ ବିରକ୍ତ ହେବାର ତାହାଙ୍କ ଭଙ୍ଗୀରୁ ଜଣାଗଲା । ଏଘଟନାଉତ୍ତାରୁ

Split by PDF Splitter



କନଙ୍କ ଏପରି ବ୍ୟବହାର ଆଉ ଶୁଣାଯାଇ ନାହିଁ ।

---

ଆମ୍ଭମାନଙ୍କ ଯାଜପୁର ସମ୍ବାଦଦାତା ଲେଖି ଅଛନ୍ତି କି ଅକ୍ଟୋବରମାସ ତା ୭ ରିଖଠାରୁ ତା ୧୧ ରିଖ ପର୍ଯ୍ୟନ୍ତ ଏ ଅଞ୍ଚଳରେ ଅତିଶୟ ଝଡ଼ ଓ ବର୍ଷା ଓ ନଦୀବଢ଼ି ହୋଇଥିଲା ବଢ଼ିପାଣି ତିନିଦିନ ମଧ୍ୟରେ ଶୁଖିଗଲା ତହିଁରେ ଫସଲ ନଷ୍ଟ ହାନି ହୋଇ ନାହିଁ କେବଳ । ପ୍ର । ଦାଣିମଣ୍ଡା । ମୌ । ଦେଉଳି ହେତୁଦର୍ଭା ତରଫ ଗେଲ୍ହାଇ ମହାଗଡ଼ଦ୍ୱାର ଖରସୁଆ ନଦୀପାଣି ଯିବାରୁ ପ୍ରାୟ ଚରିଶ ଜଣଙ୍କର ଘର ଭାଙ୍ଗି ଯାଇଅଛି ଓ ସେ ଅଞ୍ଚଳରେ ପଚାଶ ମୌଜାର ଧାନ ଫସଲ ହାଡ଼ବାର ଆଠପଣ ଧୋଇ ଯାଇଥିବାର କାନ୍‌ଷ୍ଟେବଲ ରିପୋର୍ଟ କରି ଅଛି ଯଦ୍ୟପି ଉପରୋକ୍ତ ନାଳ ଏ ସନରେ ବନ୍ଦ ନ ହୁଅଇ ତେବେ ଭବିଷ୍ୟତରେ ଅନେକ ପ୍ରକାର କ୍ଷତି ହେବାର ସମ୍ଭାବନା ଅଛି ଓ ଗବର୍ଣ୍ଣମେଣ୍ଟଙ୍କ ବିନା ସାହାଯ୍ୟରେ ତାହା ବନ୍ଦ ହେବାର ଅସମ୍ଭବ ।

ବର୍ତ୍ତମାନ ଲାଟବନ୍ଦ ଖଜଣାର ତଗାଦା ଥିବାରୁ ହାଟମାନଙ୍କରେ ତମ୍ବା ଗଚ୍ଛିଲ ଟଙ୍କାକୁ ଏକଅଣା ଲେଖାଏଁ ବଟ୍ଟା ହେଉଅଛି ।

କଟକ ଜିଲ୍ଲା ଇଲାକାରେ ଏକପ୍ରକାର ଝିମାରୋଗ ଉପସ୍ଥିତ ହୋଇ ଇଦଂ ଅନେକ ଗୋରୁ ନଷ୍ଟକରୁଅଛି ବୋଲି ପୁଲିସ ଡାଇରିରୁ ଜଣାଯିବାରେ ଏ ସବଡିବିଜନସ୍ଥ ଭାରପ୍ରାପ୍ତ ହାକିମ ଉକ୍ତ ରୋଗ ବିଷୟରେ କେତେକ ପ୍ରଶ୍ନ ପୁଲିସକୁ ତଲବ କରି ଅଛନ୍ତି ।

ଜମକମହାଲର ପୁଲିସ ଇନସ୍ପେକ୍ଟର ବାବୁ ମଙ୍ଗଳସିଂହଙ୍କ ତଦାରଖି ଏକ ଖୁନମକଦ୍ଦମାର ପ୍ରସଙ୍ଗ ଏଥିପୂର୍ବେ ଜଣାଇଥିଲୁ ପୁଲିସ ମୃତ୍ୟୁର ଯେଉଁ କାରଣ ଦର୍ଶାଇ ପ୍ରମାଣ ଦେଇ ଥିଲେ ଡାକ୍ତରଙ୍କ କଇଫିୟତ୍ ସଙ୍ଗେ ତାହା ଅନୈକ୍ୟ ହେବାରୁ ଡେପୁଟୀ ମାଜିଷ୍ଟ୍ରେଟ ସାବ ତଦାରଖ ନିମନ୍ତେ ଆଜ୍ଞା ପ୍ରଦାନ କରିଥିଲେ ପୂର୍ବୋକ୍ତ ଇନସ୍ପେକ୍ଟର ନିରୁତ୍ସୁକ ଅନେକ ସନ୍ଧାନ କରି ଅପର କିଛି ପ୍ରମାଣ ନ ପାଇବାରେ ମୃତ୍ତିକାରେ ମନୁଷ୍ୟ ମୁଣ୍ଡର ଏକ ଆକୃତି କରି ମୃତସ୍ତ୍ରୀର ସଉତୁଣୀ ହସ୍ତେ ଥିବା ପିତ୍ତଳଗଡ଼ୁଦ୍ୱାରା ଆଘାତ କରାଇବାରେ ତହିଁରେ ଯେ ପରିମାଣରେ ଚିହ୍ନ ହେଲା ତାହା ଡାକ୍ତର କଇଫିୟତ୍ ସଙ୍ଗେ ମେଳ ହେବାରୁ ଉକ୍ତ ମୃତ୍ତିକାମୁଣ୍ଡର ଆଘାତ ଚିହ୍ନକୁ ପ୍ରମାଣ ସ୍ୱରୂପ ଉକ୍ତ ଆସାମିର ଭାରିଯା ଓ ମୃତ ବ୍ୟକ୍ତିର ସଉତୁଣୀ ସହିତ ଅଦାଲତରେ ଉପସ୍ଥିତ କଲେ ଉକ୍ତ ମକଦ୍ଦମା ଡେପୁଟୀମାଜିଷ୍ଟ୍ରେଟଙ୍କ ତଜବିଜରେ ଅପ୍ରମାଣ ହେବୁଁ ଆସାମିକୁ ମୁକ୍ତି ଦିଆଗଲା ଏପରି ଆଚମ୍ବିତ ପ୍ରମାଣଦ୍ୱାରା ଖୁନର ମକଦ୍ଦମା ସାବୁତ କରିବାର କେତେଣସି ପୁଲିସ ଅଫିସରଙ୍କୁ ଦେଖା ନ ଥିଲା ବାବୁ ମଙ୍ଗଳସିଂହ ପୁରାତନ ପୁଲିସର ଦାରୋଗା ଥିବାରୁ ଆପଣା କର୍ମର ଦକ୍ଷତା ଦେଖାଇ ଲୋକ ସମୂହରେ ହାସ୍ୟାସ୍ପଦ ହୋଇ ଅଛନ୍ତି ।

ବାବୁ ହରେକୃଷ୍ଣ ଦାସ ଇନ୍‌ସ୍ପେକ୍ଟର ପୁଲିସ ଏଥିପୂର୍ବେ ଗଡଜାତ ଇଲାକାର ଡକାଏତମାନଙ୍କୁ ଧରି ଦଣ୍ଡନୀୟ କରାଇବାରେ ପ୍ରସଂଶନୀୟ ହୋଇ ଗବର୍ଣ୍ଣମେଣ୍ଟରୁ ଟ ୧୫୦ ଙ୍କା କିମତର ଏକ ଘଡି ପୁରସ୍କାର ପ୍ରାପ୍ତ ହୋଇ ଅଛନ୍ତି ।

ଆଉ ଏକ ଖୁନ ଧର୍ମଶାଳା ଷ୍ଟେସନ ଇଲାକାରେ ହୋଇ ଥିଲା ଉକ୍ତ ଷ୍ଟେସନ ଇଲାକା ସବ୍ ଇନ୍‌ସ୍ପେକ୍ଟର ବାବୁ ରମାକାନ୍ତ ଘୋଷ ଆପଣା ବୁଦ୍ଧିକୌଶଳ ଓ କାର୍ଯ୍ୟଦକ୍ଷତା ଦେଖାଇ ଆସାମୀ ଗିରଫ୍ତାର କରି ଅଛନ୍ତି ଓ ତାହାପ୍ରତି ଦଉରାସୁପର୍ଦ୍ଦର ହୁକୁମ ହୋଇ ଅଛି ଆସାମିଟି ପନ୍ଦରବର୍ଷର ବାଳକ ସେ ଯେପରି ବୁଦ୍ଧିକୌଶଳଦ୍ୱାରା ଆଠବର୍ଷର ଏକ ପିଲାର ଉଣ୍ଡିଚାପି ମାରି ତାହା ଦେହରେ ଥିବା ଅଳଙ୍କାର ବାହାର କରି ନେଇ ମୃତ ଦେହକୁ କେଲୁଅ ନଦୀରେ ପକାଇ ଦେଇଥିବାର ଏକବାଲ କରି ଅଛି ଓ ମାଲ ବାହାର କରି ଦେଇଅଛି ତାହା ଶୁଣିଲେ ଶରୀର ଲୋମାଞ୍ଚିତ ହେଉ ଅଛି ଫଲତଃ ଆସାମୀ ଧରା ଯାଇ ଅଛି ନଚେତ୍ ଏ ମହାତ୍ମା ଯେ ଭବିଷ୍ୟତରେ କ କରନ୍ତେ ଏହା ବର୍ଣ୍ଣନାତୀତ ।

---

## ସାପ୍ତାହିକସଂବାଦ ।

ଗତ ସୋମବାର ଓ ମଙ୍ଗଳବାର ଅଳ୍ପବତାସ ସହିତ ଏ ନଗରରେ କିଞ୍ଚିତ୍ ବୃଷ୍ଟି ହୋଇଥିଲା । ଏ ଜିଲ୍ଲାର ଆଉ କେତେକ ସ୍ଥଳରେ ମଧ୍ୟ ବୃଷ୍ଟି ହୋଇଅଛି ।

ଗତ ପଞ୍ଚକଯାତ୍ରାରେ ପ୍ରାୟ ୩୦,୦୦୦ ଦେଶୀୟ ଯାତ୍ରି ପୁରୁଷୋତ୍ତମରେ ହୋଇଥିଲେ । ନିର୍ବିଘ୍ନରେ ଦର୍ଶନ କରି ଫେରି ଆସିଅଛନ୍ତି । ସାମାନ୍ୟ ରୂପ ଓଲାଉଠାରୋଗ ହୋଇଥିଲା । ଅନ୍ୟକିଛି ଅବସ୍ଥା ଘଟି ନାହିଁ ।

ଢେଙ୍କାନାଳର ଅସିଷ୍ଟାଣ୍ଟ ସର୍ଜନ ବାବୁବେଣୀମାଧବଠାକୁର କଲିକତାକୁ ବଦଳି ହୋଇଅଛନ୍ତି ଏବଂ ତାହାଙ୍କ କର୍ମରେ ତୃତୀୟ ଶ୍ରେଣୀର ଅସିଷ୍ଟାଣ୍ଟ ସର୍ଜନ ବାବୁ ତାରଣୀଚରଣ ପାଲ ନିଯୁକ୍ତ ହୋଇଅଛନ୍ତି ।

ସ୍ୱଦେଶୀରୁ ଅବଗତ ହେଲୁଁ ଯେ ଗତମାସର ପ୍ରଥମ ସପ୍ତାହରେ ଗଞ୍ଜାମ ଜିଲ୍ଲାରେ ଭାରି ବର୍ଷା ହୋଇଥିଲା ଓ ତହିଁ ସଙ୍ଗେ ତୋଫାନ ହୋଇ ବହୁତ ଗଛ ଭାଙ୍ଗିଗଲା । ବୋଧହୁଅଇ ଏ ଅଞ୍ଚଳର କ୍ଷେତ ସମ୍ପୂର୍ଣ୍ଣରୂପେ ରକ୍ଷା ପାଇଅଛି ।

ଏଡୁକେସନ ଗେଜେଟରୁ ଅବଗତ ହେଲୁଁ ଯେ କାମାଉନ ଓ ଗଡୋୟାଲ ଜିଲା ମଧ୍ୟରେ ପାଥାର ନାମକ ଏକପ୍ରକାର ଜାତି ଅଛନ୍ତି । ଏମାନେ ଦେଖିବାକୁ ଯେପରି ସୁନ୍ଦର ସେହିପରି ସବଳକାୟ । ଏମାନେ ରଜଃପୁତ ବୋଲି ଆପଣାର ପରିଚୟ ଦିଅନ୍ତି । ଏମାନଙ୍କର ସାମାଜିକ ନିୟମ ଅଦ୍ଭୁତପ୍ରକାର । ଏମାନେ କୌଣସି ସମୟରେ କନ୍ୟାମାନଙ୍କୁ ବିବାହ କରାନ୍ତି ନାହିଁ । କିନ୍ତୁ ଅନ୍ୟ ଜାତୀୟ କନ୍ୟା ସହିତ ଆପଣା ପୁତ୍ରର ବିବାହ କରାନ୍ତି । ପାଥାରମାନଙ୍କର କନ୍ୟାମାନେ ରୂପଲାବଣ୍ୟ ହେତୁରୁ ବିଖ୍ୟାତ । ଏମାନଙ୍କୁ ଦେଖିଲେ ସ୍ୱର୍ଗର ବିଦ୍ୟାଧରୀ ବୋଲି ବୋଧ ହୁଏ, କିନ୍ତୁ ଦୁଃଖର ବିଷୟ ଏହି ଯେ ଦାମ୍ପତ୍ୟସୁଖ କାହାକୁ କହନ୍ତି ଏମାନେ ତହିଁର ଆସ୍ୱାଦନ କଦାପି ପାଇ ପାରନ୍ତି ନାହିଁ । ପାଥାରମାନେ ନଅ ବର୍ଷ ପର୍ଯ୍ୟନ୍ତ କନ୍ୟାଙ୍କୁ ଘରେ ରଖି ପାରନ୍ତି, ନଅବର୍ଷରୁ ଅଧିକ ହେଲେ ଆଉ କେହି କନ୍ୟାମାନଙ୍କୁ ଘରେ ରଖିବାକୁ ସକ୍ଷମ ହୁଅନ୍ତି ନାହିଁ । କନ୍ୟାମାନେ ନର୍ତ୍ତକୀବ୍ୟବସାୟ ଶିକ୍ଷା କରିବାପାଇଁ କୌଣସି ନର୍ତ୍ତକୀ ନିକଟକୁ ପଠା ଯାଆନ୍ତି, ସେଠାରେ ନୃତ୍ୟ ଗୀତାଦି ଶିକ୍ଷା କରନ୍ତି । ଉକ୍ତ ବ୍ୟବସାୟ ଅଭ୍ୟସ୍ତ ହେଲାରୁ ଯାହା ଉପାର୍ଜନ ହୁଏ ତହିଁରୁ ଅର୍ଦ୍ଧ ପିତା ମାତା ଓ କିୟଦଂଶ ଶିକ୍ଷୟିତ୍ରୀ ପାନ୍ତି । କନ୍ୟାମାନେ ଆଉ ଘରକୁ ଆସନ୍ତି ନାହିଁ । କୌଣସି ପରପୁରୁଷ ସଙ୍ଗେ ସଂସ୍ରବ ରଖିଲେ ଏମାନଙ୍କ ସାମାଜିକ ନିୟମାନୁସାରେ ଦୋଷାବହ ହୁଅଇ ନାହିଁ ପ୍ରକୃତପକ୍ଷେ ସ୍ତ୍ରୀଲୋକେ ବେଶ୍ୟାବୃତ୍ତି ଅବଲମ୍ବନ କରନ୍ତି, ତହିଁରେ ପିତା ମାତା ଭ୍ରାତା ପ୍ରଭୃତି ଆତ୍ମୀୟଗଣଙ୍କର କୌଣସି କଳଙ୍କ ହୁଏ ନାହିଁ । ଅମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ, ଗଡୋୟାଲର କମିଶନର ଗ୍ରହିତ ସାହେବ ଏହି କୁତ୍ସିତନିୟମ ଉଠାଇ ଦେବା ଚେଷ୍ଟାରେ ଅଛନ୍ତି । ସେ ଏହି

Digitized by srujanika@gmail.com

Split by PDF Splitter



ଅଜ୍ଞା ପ୍ରଚାର କରିଅଛନ୍ତି ଯେ, ଏଣିକି କୌଣସି ବ୍ୟକ୍ତି ଆପଣା କନ୍ୟାକୁ ଏରୂପ ଲଜ୍ଜାକର ନୀଚବୃତ୍ତି ଶିକ୍ଷା ଦେବାକୁ ପାରିବେ ନାହିଁ କନ୍ୟାମାନଙ୍କୁ ବିବାହ କରାଅ ବା ନ କରାଅ ତହିଁରେ କିଛି କ୍ଷତି ନାହିଁ କିନ୍ତୁ ସେମାନଙ୍କୁ ଘରୁ ବିଦାୟ କରି ଦେଇ ପାରିବେ ନାହିଁ ।

ବମ୍ବେଇ ଗଜେଟରେ ଲେଖାଅଛି ଯେ ସୋଲାପୁରର ଜଣେ ସେଠ ମୁରାରଜି ଗୋକୁଲ ଦାସ ମୋଫସଲରେ ଭ୍ରମଣ କରି ଦୁର୍ଭିକ୍ଷଯୋଗୁଁ ଲୋକଙ୍କର ଦୁର୍ଦ୍ଦଶା ଦେଖି ଆସି ବମ୍ବେଇରେ ତାହାଙ୍କ ସାହାଯ୍ୟନିମିତ୍ତ ଏକସଭା କରିଥିଲେ । ସେ ସଭାରେ ଟ ୧୮୦୦୦ ଙ୍କା ଚେନ୍ଦା ହୋଇଅଛି ଓ ଟଙ୍କା ବ୍ୟୟ ହେବାର ଉଦ୍ୟମ ଲାଗିଅଛି ।

ଇଂଲଣ୍ଡର ଗ୍ରେଟଲିକ ସାହେବ ଗବର୍ଣ୍ଣମେଣ୍ଟରେ ପ୍ରାର୍ଥନା କରିଅଛନ୍ତି କି ଉତ୍ତର ନେହାଗ୍ ପ୍ରଦେଶରେ କିଛି ଭୂମି ତାହାଙ୍କୁ ଦିଆଗଲେ ସେ ବାଉଁଶରେ କାଗଜ ପ୍ରସ୍ତୁତ କରିବାଲାଗି ଗୋଟିଏ କାରଖାନାଘର ସେଠାରେ ସ୍ଥାପନ କରିବେ । ଏ ବିଷୟ ସମ୍ପ୍ରତି ଗବର୍ଣ୍ଣମେଣ୍ଟଙ୍କ ବିଚାରାଧୀନରେ ଅଛି । ବାଉଁଶରେ କାଗଜ ହେଲେ ବୋଧ ହୁଅଇ କାଗଜ ଶସ୍ତା ହେବ ।

ଗତମାସରେ ଅଯୋଧ୍ୟାରେ ସରକାରୀ ଡାକ ଲୁଟ ହୋଇଅଛି ଚୋରମାନେ ଡାକହରକରାଙ୍କୁ ଅତ୍ୟନ୍ତ ପ୍ରହାର କରି ଡାକସବୁ ଲୁଟି ନେଲେ । ମୋକଦ୍ଦମା ବିଚାରାଧୀନରେ ଅଛି ।

ଦିନାଜପୁରଠାରୁ ଏକବ୍ୟକ୍ତି ଇଣ୍ଡିୟାନ ଡେଲିନିୟୁସକୁ ଲେଖିଅଛନ୍ତି ଯେ ସେଠାରେ ଗତମାସରେ ଛଅଦିନ ଅତ୍ୟନ୍ତ ବୃଷ୍ଟି ହୋଇଥିଲା ଓ ବାଟଘାଟ ବୁଡିଯିବାରୁ ଲୋକେ ନୌକାଚଢି ଗ୍ରାମଭିତରେ ଯାତାୟାତ କରୁଥିଲେ ।

ଲାହୋର ଖଜଣାଖାନାରୁ ଟ ୧୮୦୦୦ ଙ୍କା ଅପହୃତ ହୋଇଅଛି ଏବଂ ଚୋରକୁ ଧରିବାପାଇଁ ସ୍ଥାନୀୟ ହାକିମମାନେ ପାରିତୋଷିକ ଦେବା ସକାଶେ ଗବର୍ଣ୍ଣମେଣ୍ଟରେ ପ୍ରାର୍ଥନା କରିଅଛନ୍ତି ।

ଡେଲିନିୟୁସରେ ପାଠକଲୁଁ ଯେ ରଙ୍ଗୁନରେ ଅତି ଉତ୍ତମ ତେଲ ପ୍ରସ୍ତୁତ ହେଉଅଛି ଓ ଡାକ୍ତର ଚେମ୍ବି ପରୀକ୍ଷା କରି ଦେଖିଅଛନ୍ତି କି ଅନେକପ୍ରକାର ତେଲରୁ ଏହା ଅଳ୍ପ ଜଳଇ ଅଥଚ ସେଥିପାଇଁ ଅଳ୍ପ ହୁଅଇ ଏବଂ ଏହାକୁ ବ୍ୟବହାର କରିବାରେ କୌଣସିପ୍ରକାର ଶଙ୍କା ନାହିଁ । ଏ ତେଲର କାରବାର ବିସ୍ତର ବଢିବବୋଲି ଅନୁମାନ ହୁଅଇ ।

କଥିତ ହୁଅଇ ଯେ ପ୍ରେସିଡେନସିବିଭାଗର କମିଶନର ଜାକଲଣ୍ଡ ସାହେବ ଆପଣା ଏଲାକାର କେତେକ ଅଦାଲତକୁ ଅକସ୍ମାତ ଦେଖିବାକୁ ଯାଇ ଜାଣିପାରିଲେ ଯେ ହାକିମମାନେ ନିୟମିତ ସମୟରେ କଚେରୀକୁ ଆସନ୍ତି ନାହିଁ । ଏପରିଘଟନା ଅନେକ ସ୍ଥଳରେ ହୁଅଇ ଓ କମିଶନରମାନେ ଏ ବିଷୟପ୍ରତି ଦୃଷ୍ଟି କଲେ ସାଧାରଣଙ୍କର ଭାରି ସୁବିଧା ହେବାର ସମ୍ଭାବନା ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି କି ଜଣେ ପୁଲିସ ସୁପ୍ରିଣ୍ଟେଣ୍ଡ ଆପଣା ଚାକରକୁ ଏକବାଡ ମାରିବାରୁ ତତକ୍ଷଣାତ ତାହାର ମୃତ୍ୟୁ ହେଲା । ଡାକ୍ତରଙ୍କ ପରୀକ୍ଷାରେ ଏଲୋକ ବହୁକାଳରୁ ପୀଡିତ ଥିବାର ଜଣାଯିବାରୁ ସୁପ୍ରିଣ୍ଟେଣ୍ଡଙ୍କ ଉପରେ କେବଳ ଟ ୨୦୦ ଙ୍କା ଅର୍ଥଦଣ୍ଡ ହେଲା । ଇଂରାଜମାନେ ନ ଥିଲେ ଭାରତବର୍ଷର ଦେଶୀ ଚାକରମାନଙ୍କର ଉଦ୍ଧାର ହେବାର ବାଟ ନ ଥିଲା ।

ହିନ୍ଦୁପେଟ୍ରିଅଟକୁ ଜଣେ ପତ୍ର ଲେଖିଅଛନ୍ତି କି ସେ ଚନ୍ଦବାଲିଠାରୁ ଚିଲକା ପର୍ଯ୍ୟନ୍ତ ଭ୍ରମଣ କରି ବିସ୍ତର ଅନୁସନ୍ଧାନଦ୍ୱାରା ସ୍ଥିର କରିଅଛନ୍ତି ଯେ ସ୍ୱରକୁମାରୀରୋଗ ବାଙ୍ଗାମର ମଦଶିଙ୍କର ମନଚିତାରୋଗ ଅଟଇ ଓ ଏହାଙ୍କର ତେଲଙ୍ଗପ୍ରତି ଅତ୍ୟନ୍ତ ଘୃଣା ଥିଲା ଯେ ଏହି ଉପାୟରେ ତାହାଙ୍କର ବଂଶନାଶ କଲେ । ଏ ରୋଗଟି ମିଥ୍ୟାବୋଲି ବର୍ତ୍ତମାନ ସକଳସ୍ଥାନର ଜାଣିବାଲୋକେ ବୁଝିଲେଣି ।

ଡେଲିନିୟୁସ ଶୁଣିଅଛନ୍ତି କି ଶ୍ରୀଯୁକ୍ତ ସି, ଇ, ବର୍ନାର୍ଡ ସାହେବ ଏହିମାସରେ ନାଗପୁରର କମିଶନର ହୋଇ ଆସିବେ ଓ ଯୋନସ ସାହେବ ହୋସଙ୍ଗାବାଦକୁ ଯିବେ । ଏପରି ଛତିଶଗଡର କମିଶନର କର୍ଣ୍ଣଲ କମ୍ବରଲଜ ସାହେବ ଛୁଟୀ ନେଲ ଉତ୍ତାରୁ ଆଉ କେତେକ ପରିବର୍ତ୍ତନ ହେବାର ସମ୍ଭାବନା ଅଛି ।

ଦିଲ୍ଲିର ମହାସଭାକୁ ଚିତ୍ରପଟରେ ଲେଖିବାପାଇଁ ଶ୍ରୀଯୁକ୍ତ ପ୍ରିନ୍ସପ ସାହେବ ନିଯୁକ୍ତ ହୋଇଅଛନ୍ତି । ଏଥିରେ ୧ଲକ୍ଷ ଟଙ୍କା ବ୍ୟୟ ହେବ । ସେକ୍ରେଟରୀ ଅବଷ୍ଟେଟ ଏହାଙ୍କୁ ନିଯୁକ୍ତ କରିଅଛନ୍ତି ।

କାବୁଲର ଅମିର ୬୦୦୦୦ ଅଶ୍ୱା ଲୋକ ଆପଣା ସୈନ୍ୟ ମଧ୍ୟରେ ଭରତି କରିବାକୁ ଚେଷ୍ଟିତ ହୋଇ ଖୁରମ, ତୁର୍କସ୍ଥାନ, ବାଦାହାର, କାବୁଲ, ବଦକ୍ଷାନ ଓ ଯେଲାଲାବାଦର ଗବର୍ଣ୍ଣରମାନଙ୍କୁ ଅଜ୍ଞା ଦେଇଅଛନ୍ତି କି ସେମାନେ ଆପଣା୨ ଇଲାକାରେ ଯଥାସାଧ୍ୟ କଲାହାର ନିୟମରେ ସେନା ସଂଗ୍ରହ କରିବେ ।

## NOTICE.

In modification of the notice dated 19th September 1876 it is hereby notified that the Minor and Vernacular Scholarship Examination will commence on 20th November, and will continue for 4 days as follows.

| Date. | Forenoon. | Afternoon. |
|---|---|---|
| 20-11-76. | Language & Composition. | Natural Philosophy. |
| 21-11-76. | History. | Geography. |
| 22-11-76. | Arithmetic. | Geometry. |
| 23-11-76. | Mensuration. | |

Cuttack 30-10-76.

*By order.*
BHUVANESVAR DUTT.
*Officiating Head Clerk.*
*Joint Inspector's Office.*

## ବିଜ୍ଞାପନ ।

୧୮୭୬ ମସିହା ସେପ୍ଟେମ୍ବର ମାସ ତା୧୯ରିଖ ଲିଖିତ ବିଜ୍ଞାପନର ପରିବର୍ତ୍ତେ ଇହା ଜ୍ଞାତକରା ଯାଉଅଛି ଯେ ମାଇନର ଓ ବର୍ଣ୍ଣାକୁଲର ଛାତ୍ରବୃତ୍ତିପରୀକ୍ଷା ନବେମ୍ବର ମାସ ତା ୨୦ ରିଖ ଠାରୁ ଆରମ୍ଭ ହୋଇ ନିମ୍ନ ଲିଖିତ ତାଲିକାନୁଯାୟୀ କ୍ରମାନୁସାରେ ଦି ୪ ନ ପର୍ଯ୍ୟନ୍ତ ହେବ ।

| ତାରିଖ | ପୂର୍ବାହ୍ନ | ଅପରାହ୍ନ |
|---|---|---|
| ୨୦।୧୧।୭୬ | ଭାଷା ଓ ରଚନା | ପଦାର୍ଥବିଦ୍ୟା |
| ୨୧।୧୧।୭୬ | ଇତିହାସ | ଭୂଗୋଳ |
| ୨୨।୧୧।୭୬ | ଅଙ୍କ | କ୍ଷେତ୍ରତତ୍ତ୍ୱ |
| ୨୩।୧୧।୭୬ | ଭୂମୀପରିମାଣ | |

By order
BHUVANESVAR DUTT
*Offg, Head Clerk.*

କଟକ ତା ୩୦ ରିଖ ଅକ୍ଟୋବର ସନ ୧୮୭୬

## ମୂଲ୍ୟପ୍ରାପ୍ତି ।

ବାବୁ ଦ୍ୱାରକାନାଥମିଶ୍ର ବର୍ଦ୍ଧମାନ ବଙ୍କାଯ୍ୟା ଟ୨୵
„ ମଧୁସୂଦନ ପଟ୍ଟନାୟକ „ ଟ୨୵
ଶ୍ରୀ ଶ୍ରୀ ରାଜା ବଲ୍ଲି ଧୋନପୁର „ ଟ୧୪
ବାବୁ ତ୍ରିଲୋଚନଧଳ ମାନେଜର କେଉଁଝଡ ଅଫିସ ଟ ୨୵
„ ହରେକୃଷ୍ଣଦାସ ଯାଜପୁର „ ଟ ୨୵

ଏହି ଉତ୍କଳଦୀପିକା ସଦରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ସ୍ ୧୧ ଗ } ତା୧୧ରିଖ ନବମ୍ବର ସନ୧୮୭୬ମସିହା । ମୂ । କାର୍ତ୍ତିକ ୨୮ନ ସନ୧୨୮୪ସାଲ ଶନିବାର { ଅଗ୍ରିମ ବାର୍ଷିକମୂଲ୍ୟ ଟ୬୯
ସ୍ ୪୫ ସଂଖ୍ୟା } ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୭୯
ମଫସଲପାଇଁ ଡାକମାସୁଲ ଟ୧୫୬

ଆଗାମୀ ଜାନୁଏରୀ ମାସର ଉତ୍ସବ ନିମିତ୍ତ ଗବର୍ଣ୍ଣମେଣ୍ଟ କର୍ତ୍ତୃକ ନଗର ସକାଶେ ଯେଉଁ ଟଙ୍କା ଦାନ କରିଥିଲେ ତାହା ଭଲ ଢଙ୍ଗରେ ବାଣ୍ଟିଦେବା ପାଇଁ ସମ୍ପ୍ରତି ଆଜ୍ଞା ପଠାଇ ଅଛନ୍ତି । ଆମ୍ଭେମାନେ ଅବଗତ ହେଲୁଁ ଯେ ଇଣ୍ଡିଆ ଗବର୍ଣ୍ଣମେଣ୍ଟରୁ ଆଦେଶ ହୋଇଅଛି କି ସ୍ୱଲ୍ପେଦକ ଢଙ୍ଗରେ ଦରବାର ହୋଇ ଘୋଷଣାପତ୍ର ପଢାଯିବ ଓ ଦରବାରରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଉତ୍ତମ କାର୍ଯ୍ୟ କରିବା ଓ ରାଜଭକ୍ତି ପ୍ରଦର୍ଶନ ଦ୍ୱାରା ଖ୍ୟାତିଲାଭ କରିଥିବେ ତାହାଙ୍କୁ ମର୍ଯ୍ୟାଦା ସୂଚକ ପ୍ରଶଂସାପତ୍ରମାନ ଦିଆଯିବ । ପ୍ରଶଂସାପତ୍ରମାନ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଛପାଇକରି ପଠାଇବେ ଓ ଦରବାରରେ ଯେରୂପ ବକ୍ତୃତା ହେବ ତହିଁର ଉପଦେଶ ମଧ୍ୟ ଇଣ୍ଡିଆ ଗବର୍ଣ୍ଣମେଣ୍ଟରୁ ଆସିବ । ଉକ୍ତସ୍ଥଳରେ ଘୋଷଣା ହେବା ଆମ୍ଭମାନଙ୍କ ପ୍ରସ୍ତାବାନୁସାରେ ହୋଇଥିବାରୁ ଆନନ୍ଦିତ ହୋଇଅଛୁଁ ମାତ୍ର ଆମ୍ଭମାନଙ୍କର ଏହି ଶଙ୍କା ହୁଅଇ ଯେ ପ୍ରଶଂସାପତ୍ର ଦେବା ବିଷୟରେ ଯେବେ ହାକିମମାନେ ଅତ୍ୟନ୍ତ ସତର୍କ ନ ହେବେ ଅନେକ ଲୋକଙ୍କର ମନଃ ପୀଡା ହେବ ।

---

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ କଲିକତାରୁ ଆସିଥିବା ତାର ସମ୍ବାଦରୁ ଅବଗତ ହେଲୁଁ ଯେ ତୁରସ୍କର ଯୁଦ୍ଧ ସମ୍ପ୍ରତି ସ୍ଥଗିତ ହୋଇଅଛି । ରୁସିଆ ଏକପ୍ରକାର ବଳାତ୍କାର କରି ତୁରସ୍କର ସମ୍ରାଟଙ୍କୁ ଏଥିରେ ସମ୍ମତ କରାଇ ଅଛନ୍ତି । ରୁସିଆର ସମ୍ରାଟ ତୁରସ୍କର ସମ୍ରାଟଙ୍କୁ କହି ପଠାଇଲେ କି ଯେବେ ଘ ୨୪ ଘଣ୍ଟା ମଧ୍ୟରେ ସେ ଯୁଦ୍ଧରୁ କ୍ଷାନ୍ତ ହେବାକୁ ସମ୍ମତ ନ ହେବେ ତେବେ ତାହାଙ୍କ ବିରୁଦ୍ଧରେ ରୁସିଆ ଅସ୍ତ୍ରଧାରଣ କରିବେ । ତୁରସ୍କ ଏପର୍ଯ୍ୟନ୍ତ ଯୁଦ୍ଧରେ ଜୟଲାଭ କରୁଥିଲେହେଁ ରୁସିଙ୍କର ପ୍ରସ୍ତାବର ପ୍ରତିକୂଳ ନ ହୋଇ ଯୁଦ୍ଧ ସ୍ଥଗିତ କରିବାକୁ ସମ୍ମତ ହେଲେ ଓ ତଦାନୁସାରେ ଛଅସପ୍ତାହ ବା ମା ୨ ସ ସକାଶେ ଯୁଦ୍ଧ ବନ୍ଦ ହୋଇଅଛି । ଏଥିମଧ୍ୟରେ କି ବନ୍ଦୋବସ୍ତ ହେବ ଶୁଣିବାରେ ଆସିବ । ଆମ୍ଭେମାନେ ତୁରସ୍କର ସମ୍ମତି ହେବାକୁ ପ୍ରଶଂସାର କାର୍ଯ୍ୟ ଜ୍ଞାନ କରୁଁ କାରଣ ତାହା ହୋଇ ନ ଥିଲେ ଇଉରୋପରେ ସାଧାରଣ ଯୁଦ୍ଧ ହୋଇଥା'ନ୍ତା ଓ ଇଂରେଜ ଓ ରୁସିଆ ମଧ୍ୟରେ ଯୁଦ୍ଧ ହେଲେ ଯେ କିରୂପ ଭୟଙ୍କର କାର୍ଯ୍ୟ ହୁଅନ୍ତା ତାହା ପାଠକମାନେ ଅନୁଭବ କରିପାରନ୍ତି ।

---

ଢାକାନିବାସି ବାବୁ ପ୍ରସନ୍ନକୁମାର ରାୟ 'ଗିଲକ୍ରାଇଷ୍ଟ' ଛାତ୍ରବୃତ୍ତି ପାଇ ସନ ୧୮୭୦ ମସିହାରେ ଇଂଲଣ୍ଡକୁ ବିଦ୍ୟାଶିକ୍ଷା ନିମନ୍ତେ ଯାଇଥିଲେ । ବର୍ତ୍ତମାନ ସେ 'ଡାକ୍ତର ଅବସାଇନ୍ସ' ଉପାଧି ଲାଭକରି ସ୍ୱଦେଶକୁ ପ୍ରତ୍ୟାଗମନ କରିଅଛନ୍ତି । ଅଦ୍ୟାପି ଏ ଦେଶୀୟ ଯେତେଲୋକ ଇଂଲଣ୍ଡରୁ ଶିକ୍ଷାଲାଭ କରି ଫେରି ଆସିଅଛନ୍ତି ଏପ୍ରକାର ଅତ୍ୟୁତ୍କୃଷ୍ଟ ପଦ ଓ ମର୍ଯ୍ୟାଦା କେହି ପାଇ ନାହାନ୍ତି । ସେ ଇଙ୍ଗଲଣ୍ଡକୁ ଯାଇ ଲଣ୍ଡନ ଓ ଏଡିନ୍‌ବର୍ଗର ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟୟନ କଲେ ଓ ସେଠାରେ 'ଫାଷ୍ଟ ବାଚେଲର ଅବସାଇନ୍ସ' ଓ 'ସେକେଣ୍ଡ ବାଚେଲର ଅବସାଇନ୍ସ' ଏବଂ ପରଶେଷରେ 'ଡାକ୍ତର ଇନ ସାଇନ୍ସ' ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏମନ୍ତ ଗରିଷ୍ଠ ଉପାଧି ପ୍ରାପ୍ତ ହୋଇଅଛନ୍ତି । ଲଣ୍ଡନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦିଷ୍ଟ ପ୍ରାଣିତତ୍ତ୍ୱ ଜୀବବିଜ୍ଞାନ, ଭୂତତ୍ତ୍ୱ, ତର୍କଶାସ୍ତ୍ର ରସାୟନ ଉଦ୍ଭିଜ୍ଜବିଦ୍ୟା, ପଦାର୍ଥବିଦ୍ୟା, ମନୋବିଜ୍ଞାନ, ବାର୍ତ୍ତାଶାସ୍ତ୍ର ଗଣିତ ପ୍ରଭୃତିର ପରୀକ୍ଷାରେ ପ୍ରସନ୍ନ ବାବୁ ଅତି ପ୍ରଶଂସାର ସହିତ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏବଂ ଏଥିପାଇଁ ସେ ଏକବର୍ଷ ଅଧିକା ବୃତ୍ତି ପାଇଅଛନ୍ତି । ଲଣ୍ଡନ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବା ସମୟରୁ ଆଜିପର୍ଯ୍ୟନ୍ତ ମନୋବିଜ୍ଞାନ ଶାସ୍ତ୍ରରେ କେହି ଡାକ୍ତର ଉପାଧି ଲାଭ କରିବାକୁ ସମର୍ଥ ହୋଇ ନ ଥିଲେ ପ୍ରସନ୍ନ ବାବୁ ଏ ବିଷୟରେ ପ୍ରଥମ ହୋଇଅଛନ୍ତି ସାମାନ୍ୟ ପ୍ରଶଂସାର ବିଷୟ ନୁହଇ ଏହାଙ୍କ ଯୋଗେ ଭାରତବର୍ଷର ଗୋଟିଏ ମହତ୍ତ୍ୱ ସମ୍ମାନ ହୋଇଅଛି । ଏ ଉତ୍ତାରୁ କୋଇବାର ବାହୁଲ୍ୟ ଯେ ପ୍ରସନ୍ନ ବାବୁ ତାହାଙ୍କର ଅଧ୍ୟାପକ ଏବଂ ଅନ୍ୟାନ୍ୟର ଦାର୍ଶନିକମାନଙ୍କଠାରୁ ଉତ୍କୃଷ୍ଟ ପ୍ରଶଂସାପତ୍ରମାନ ପାଇଅଛନ୍ତି । ବଙ୍ଗଳାର ସମ୍ବାଦପତ୍ରମାନେ ଏହାଙ୍କୁ

Digitized by srujanika@gmail.com

ଅଧ୍ୟାପକ କାର୍ଯ୍ୟରେ ନିଯୁକ୍ତ କରିବା ପାଇଁ ଅନୁରୋଧ କରିଅଛନ୍ତି ଓ ଆମ୍ଭେମାନେ ମଧ୍ୟ ତାହା ଅନୁମୋଦନ କରୁଁ । କାରଣ ଏହାଙ୍କ ଦ୍ୱାରା ବିଜ୍ଞାନଶାସ୍ତ୍ରର ପ୍ରଚାର ଏ ଦେଶରେ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି । ଭାରତବର୍ଷରେ ନବଦ୍ୱୀପ ମନୋବିଜ୍ଞାନ ଓ ତର୍କଶାସ୍ତ୍ରରେ ପ୍ରାଧାନ୍ୟଲାଭ କରିଥିଲା ସମ୍ପ୍ରତି ଜଣେ ବାଙ୍ଗାଳି ଇଉରୋପୀୟଙ୍କ ମଧ୍ୟରେ ସେ ବିଷୟରେ ପରିଚିତ ହେଲେ ଏଥିରେ ବଙ୍ଗଳାର ଅଧିକ ସମ୍ମାନ ହୋଇଅଛି ।

---

## ବାଲିଯାତ୍ରା ।

କୁଳମାସର ପୂର୍ଣ୍ଣିମୀରେ ମହାନଦୀତଟବର୍ତ୍ତୀ ଗଡଗଡିଆ ଶିବାଳୟ ସନ୍ନିକଟରେ ଏନଗରୀୟ ସ୍ତ୍ରୀ ପୁରୁଷମାନେ ସ୍ନାନ ଦାନ କୀର୍ତ୍ତନ ଓ ଦର୍ଶନ ବହୁକାଳରୁ କରି ଆସୁଅଛନ୍ତି ଏ ବର୍ଷ ମଧ୍ୟ ତଦ୍ରୂପ ହୋଇଥିଲା । ଅନ୍ୟାନ୍ୟ ବରଷ ପରି ବହୁତ ଲୋକେ ସମବେତ ହୋଇଥିଲେ । କଟକରେ କୌଣସି ପ୍ରକାର ମେଳା ନାହିଁ ପ୍ରକୃତ ପ୍ରସ୍ତାବରେ ବାଲିଯାତ୍ରାକୁ ଏକପ୍ରକାର ମେଳା କହିବାକୁ ହେବ ଏହି ମେଳା ବହୁକାଳରୁ ପ୍ରଚଳିତ । ପଦ୍ମପୁରାଣର ସ୍ମୃତିରୁ ଏହା ଯେ ପ୍ରକାଶ ହୋଇଅଛି ତହିଁରେ ସନ୍ଦେହ ନାହିଁ । କେହି୨ କହନ୍ତି ଯେ ଚୈତନ୍ୟ ମହାପ୍ରଭୁ ପୁରୁଷୋତ୍ତମ ଗମନ ସମୟରେ ନଦୀ ପାର ହୋଇଥିବାରୁ ଗଡଗଡିଆଠାରେ ଏ ପର୍ବର ସୃଷ୍ଟି ହୋଇଅଛି । ସେ ବିଷୟ ଯାହା ହେଉ ଏ ମେଳା କିପ୍ରକାର ସମୃଦ୍ଧିଶାଳୀ ହେବ ସେ ବିଷୟର ଯତ୍ନ ନ କରି କେତେ ଲୋକ କାଠଯୋଡିଠାରେ ଆଉ ଗୋଟିଏ ମେଳା ଅଳ୍ପକାଳ ହେଲା ସ୍ଥାପନ କରିଅଛନ୍ତି । ଏମାନେ କି ଆଧୁନିକ ଚୈତନ୍ୟ ହେବାର ସଂକଳ୍ପ କରିଅଛନ୍ତି ? ମାତ୍ର ଏ ମେଳାରେ ବିବାଦୀ ହେବାର ଯେ ଭଲ ନୁହେ ଏହା ନିରପେକ୍ଷ ବ୍ୟକ୍ତି ମାତ୍ରକେ ସ୍ୱୀକାର କରିବେ । ଗଡଗଡିଆଠାରେ ବାଲିଯାତ୍ରା ସମାରୋହରେ ସମ୍ପନ୍ନ ହେବାର ବିହିତ । କଲିକତାରେ ଯେପ୍ରକାର ମାଘମେଳା ହୁଏ ବାଲିଯାତ୍ରା ସେହି ପ୍ରକାର ଆଦର୍ଶରେ ନିର୍ବାହ କରିବାର ଏଠା ଭଦ୍ରଲୋକଙ୍କ ଦୁରୂହ ନୁହେ ତେବେ ସେମାନେ ଯେ କି ସକାଶେ ଉଦ୍ୟୋଗୀ ନ ହୁଅନ୍ତି ତାହା ଅନୁସନ୍ଧାନ କରିବାକୁ ହେଲେ ସ୍ୱୀକାର କରିବାକୁ ହେବ ଯେ ସେପ୍ରକାର ଉଦ୍‌ଯୋଗୀ ହେଉ ନାହିଁ ଥିଲେ ମଧ୍ୟ ସମୃଦ୍ଧିଶାଳୀ ନାଗରିକଲୋକେ ଆନ୍ତରିକରେ ସାହାଯ୍ୟ କରିବାକୁ କୁଣ୍ଠିତ ହେବେ ନୋହିଲେ ଚେଷ୍ଟାର ଅସାଧ୍ୟ କିଛି ନାହିଁ । ଏ ବର୍ଷ ଆମ୍ଭମାନଙ୍କ ମନରେ ଖ୍ରିଷ୍ଟିୟାନ ଓ ବ୍ରାହ୍ମମାନଙ୍କ ଉପଦେଶ ବାଲିଯାତ୍ରାରେ ଶ୍ରବଣ କରି ଦୁଇଗୋଟି ଭାବର ଉଦୟ ହୋଇଅଛି । ହିନ୍ଦୁଧର୍ମ ନିତାନ୍ତ ଅସାର ହେଲେହେଁ କୌଣସି କ୍ରମେ ତାହା ଅଦ୍ୟାପି ଲୋପ ପ୍ରାପ୍ତ ହୋଇ ନାହିଁ କେତେ ଅଂଶରେ ମତ ପରିବର୍ତ୍ତନ ହେଲେହେଁ ଏହି ଚନ୍ଦ୍ର ସୂର୍ଯ୍ୟରେ ହିନ୍ଦୁଧର୍ମର ମୂଲୋତ୍ପାଟନ ଯେ ହୁଏ ଏହା ସମ୍ଭବକୁ ଅସ୍ତ ନାହିଁ । ହିନ୍ଦୁମାନେ ସମସ୍ତ ସ୍ଥାପିତ ଧର୍ମକୁ ଶ୍ରଦ୍ଧା କରନ୍ତି କାହାର ହିଂସା କରନ୍ତି ନାହିଁ ପୁଣି ଏମାନଙ୍କର ଅହିଂସା ପରମ ଧର୍ମ । ଯଦ୍ୟପି ଖ୍ରିଷ୍ଟିୟାନ ପ୍ରଚାରକମାନେ ଯାତ୍ରା ସ୍ଥଳରେ ଉପଦେଶଦେବାଦ୍ୱାରା ଈଶ୍ୱର ଗୋଟିଏ ଅଙ୍ଗ ସ୍ୱରୂପ ଅଟନ୍ତି ତଥାଚ ସେଠାରେ ବ୍ରତ ଉଦ୍‌ଯାପନ କରୁଥିବା ହିନ୍ଦୁମାନଙ୍କୁ ତାହାଙ୍କ ଅନୁଷ୍ଠିତ କାର୍ଯ୍ୟର ନିନ୍ଦିତ କଥା କହି ମନଃପୀଡା ଦେବା ସେମାନଙ୍କର ଚତୁରତା ବ୍ୟତିରେକେ କିଛି ନୁହଇ । ଏଥିରେ ଯେ କେତେଦୂର ପର୍ଯ୍ୟନ୍ତ ଫଳ ଦେଉଅଛି ତାହା ଖ୍ରିଷ୍ଟିୟାନ ମିଶନରିମାନେ ଉତ୍ତମରୂପେ ଜାଣନ୍ତି । ଉପଦେଶ ଦେବାର ଅନେକ ସମୟ ଅଛି ଦେଶ କାଳ ପାତ୍ର ବୁଝି ଉପଦେଶ ଦେଲେ କାହାର ଆପତ୍ତି ନାହିଁ ।

କେତେଗୁଡିଏ ବ୍ରାହ୍ମଧର୍ମାବଲମ୍ବୀ ଉପସ୍ଥିତ ହୋଇ ଉପଦେଶ ଦେଉଥିଲେ ଓ ସେମାନେ ଖ୍ରିଷ୍ଟିୟାନମାନଙ୍କର ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ କି ନାହିଁ ଆମ୍ଭେମାନେ କହି ନ ପାରୁଁ ମାତ୍ର ଦର୍ଶକମାନେ ଏହାଙ୍କୁ ଏକପ୍ରକାର ଖ୍ରିଷ୍ଟିୟାନ ସ୍ଥିର କରିଥିବାର ଭାବ ଭଙ୍ଗିରୁ ଜଣା ଯାଉଥିଲା ।

---

ଦିଲ୍ଲୀ ଦରବାର ବିରୁଦ୍ଧରେ ଯେସମସ୍ତ ସମ୍ବାଦ ଶୁଣାଯାଏ ତହିଁରେ ବୋଧ ହୁଅଇ ଯେ ତାହା ଯେପ୍ରକାର ସମାରୋହ ସହିତ ନିର୍ବାହିତ ହେବାର ଅଯୋଜନ ହେଉଅଛି ପ୍ରାୟ ତାହା ସଂଘଟିତ ହୋଇ ପାରିବ ନାହିଁ । ବମ୍ବେଇ ଓ ମାନ୍ଦ୍ରାଜ ଅଞ୍ଚଳର ଦୁର୍ଭିକ୍ଷ ଦରବାରର ପରମ ଶତ୍ରୁ ସ୍ୱରୂପ ପ୍ରବେଶ ହୋଇଅଛି ଓ ଏହାକୁ ଦମନ କରି ଦରବାର କରିବା ସହଜ କଥା ନୁହଇ । ବମ୍ବେଇର ଗବର୍ଣ୍ଣର ଦୁର୍ଭିକ୍ଷ ସମୟରେ ଆପଣା ରାଜ୍ୟ ଛାଡି ଦିଲ୍ଲୀକୁ ଯାଇପାରିବେ ନାହିଁ ବୋଲି ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଲେଖିଅଛନ୍ତି ଓ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଯେବେ ଏହିପରି ଅସମ୍ମତ ନ ହେବେ ତେବେ ସେପ୍ରଦେଶର ଲୋକମାନେ ସଭା କରି ତାହାଙ୍କୁ ମାନ୍ଦ୍ରାଜରେ ରହିବା ପାଇଁ ଆବେଦନ କରିବେ । ସମ୍ବାଦପତ୍ରମାନେ ସମସ୍ତ ନ ହେଉ ପଛକେ ଅଧିକାଂଶ ଦିଲ୍ଲୀ ଦରବାର ବିରୁଦ୍ଧରେ ମତ ଦେଉଅଛନ୍ତି ଓ ସେମାନେ ଯଥାର୍ଥ ହେତୁମାନ ଦେଖାଇ ଏମନ୍ତ ସମୟରେ ବହୁ ବ୍ୟୟ ସହିତ ଉତ୍ସବ କରିବାକୁ ଗବର୍ଣ୍ଣମେଣ୍ଟଙ୍କୁ ନିଷେଧ କରୁଅଛନ୍ତି । ଏପରି ଶୁଣାଯାଏ ଯେ କଲିକତା ପ୍ରଭୃତି ନଗରବାସମାନେ ଏ ଉତ୍ସବ ବିରୁଦ୍ଧରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆକୁ ଆବେଦନ ପତ୍ରମାନ ପଠାଇବାକୁ ଚେଷ୍ଟା କରୁଅଛନ୍ତି । ଏହିସମସ୍ତ ଉଦ୍ୟମରୁ ଜଣାଯାଏ ଯେ ପ୍ରାୟ ଦିଲ୍ଲୀର ଉତ୍ସବ ହେବ ନାହିଁ । ବାସ୍ତବରେ ଆମ୍ଭେମାନେ ବିବେଚନା କରୁଁ ଯେ ଏମନ୍ତ ସମୟରେ ଅର୍ଥାତ୍ ଏକ ଦିଗରେ ଅନାହାରରେ ପ୍ରଜାମାନେ ମରୁଥିବା ଅଥବା ଅତ୍ୟନ୍ତ କଷ୍ଟ ପାଉଥିବା କାଳରେ ଆଉ ଏକଦିଗରେ ରାଜକର୍ମଚାରୀମାନେ ଉତ୍ସବ କରିବା ପୂର୍ବକାଳର ବାଦଶାହା ଓ ନବାବଙ୍କ କାର୍ଯ୍ୟ ଅଟଇ ଓ ଆମ୍ଭେମାନେ ଦୃଢରୂପେ ବିଶ୍ୱାସ କରୁଁ ଯେ ଯେପରି ପଦ ଆମ୍ଭମାନଙ୍କର ପରମଦୟାବତୀ ଭାରତେଶ୍ୱରୀ ଗ୍ରହଣ କରୁ ନାହାନ୍ତି ।

ବମ୍ବେଇର ଦୁର୍ଭିକ୍ଷ ଯେରୂପ ସମ୍ବାଦପତ୍ରମାନଙ୍କରୁ ଜଣାଯାଏ ସାମାନ୍ୟ ବ୍ୟାପାର ନୁହଇ ଓ ପ୍ରକୃତରେ କେଡେ ଭୟଙ୍କର ଅଟଇ । ଓଡିଶାର ଦୁର୍ଭିକ୍ଷ ଅତ୍ୟନ୍ତ ଅଧିକ ହେଲେ ଲକ୍ଷ ଲୋକଙ୍କୁ ନାଶିଥିଲା ଓ ଦୁଇବର୍ଷ ତଳେ ବେହାରର ଦୁର୍ଭିକ୍ଷ ତହିଁରୁ ଅଧିକ ଥିବାର ବୁଝାଯାଇ ନ ପାରେ । ମାତ୍ର ବର୍ତ୍ତମାନ ଦୁର୍ଭିକ୍ଷ ସମ୍ପର୍କରେ ବମ୍ବେଇ ଗବର୍ଣ୍ଣମେଣ୍ଟ ଅନୁମାନ କରନ୍ତି କି ସେ ଦେଶର ଅଷ୍ଟମାଂଶ ଲୋକ କଷ୍ଟ ପାଇପାରନ୍ତି । ଏଥିରୁ ଦେଶର ଅଷ୍ଟମାଂଶ ଲୋକ ଜଣା ନୁହଇ ପ୍ରାୟ ଏକକୋଟି ଅଶୀଲକ୍ଷ ହେବ ଏବଂ ଏମାନଙ୍କୁ ଖାଦ୍ୟ ଯୋଗାଇବାପାଇଁ ଗବର୍ଣ୍ଣମେଣ୍ଟଙ୍କର ବ୍ୟୟ ତିନକୋଡି ଟଙ୍କାରୁ ଅଧିକ ହୋଇପାରେ । ବମ୍ବେଇ ଗେଜେଟ ଅନୁସାରେ ଦୁର୍ଭିକ୍ଷ ପୀଡିତ ଜିଲା ସମୂହର ଲୋକସଂଖ୍ୟା ନିମ୍ନଲିଖିତ ପ୍ରକାର ଅଟଇ । ଯଥା;—

| ଜିଲ୍ଲା | ଜନସଂଖ୍ୟା |
|---|---|
| ଖାନ୍ଦେଶ | ୧୦,୨୮,୬୪୨ |
| ନାସିକ | ୭,୩୪,୩୮୭ |
| ଅହମଦନଗର | ୭,୭୩,୬୩୮ |

| | |
|---|---|
| ପୁନା | ୯,୦୭,୨୩୫ |
| ଶୋଲାପୁର | ୬,୬୨,୯୭୬ |
| କାଲଦଗୀ | ୮,୧୬,୦୩୭ |
| ଧାରବାର | ୯,୮୮,୦୩୭ |

ଅତଏବ ୬୦ ଲକ୍ଷ ଲୋକର ଘୋର ବିପଦ ହେବାର ସମ୍ଭାବନା । ଏପର ମହୀଶୂର ଓ ମାନ୍ଦ୍ରାଜ ପ୍ରଦେଶର କେତେକ ସ୍ଥଳ ଅଛି । ଏରୂପେ ଦୁର୍ଭିକ୍ଷଟି ସାମାନ୍ୟ ନୁହଇ ଓ ସ୍ଥାନେ ସ୍ଥାନେ ତାହା ପ୍ରତ୍ୟକ୍ଷ ହେଲଣି । ଶୋଲାପୁରର କଲେକ୍ଟର ଲେଖିଅଛନ୍ତି କି ସେଠାରେ ଶସ୍ୟର ଦର ଅତ୍ୟନ୍ତ ଅଧିକ ହୋଇଅଛି । ଏକ ଜଣ ସେ ୯ ର ଯବାର ଶସ୍ୟ ପାଇଁ ଆପଣାର ଛଅଗୋଟି ପୁଅଙ୍କୁ ବିକ୍ରୟ କରିଅଛି । ଅନେକ ସ୍ଥଳରେ ଗୋରୁଙ୍କୁ ଖୁଆଇବାପାଇଁ ଘାସ ମିଳୁ ନାହିଁ ଓ ଅତ୍ୟଳ୍ପ ଦରରେ ଗୋରୁ ଯାଚି ବୁଲିଲେ କେହି କିଣିବାକୁ ସମ୍ମତ ହେଉ ନାହାନ୍ତି । ଏକେ ସ୍ଥାନରେ ସାହାଯ୍ୟ କର୍ମମାନ ଆରମ୍ଭ ହେଲଣି ଏବଂ ଅନୁମାନ ହୁଅଇ ଯେ କେତେ ସ୍ଥଳରେ ବର୍ଷଯାକ ସାହାଯ୍ୟ କାର୍ଯ୍ୟ ଲଗାଇ ନ ରଖିଲେ ଲୋକେ ରକ୍ଷା ପାଇବାର କଠିନ ହେବ ।

---

# ସାପ୍ତାହିକସଂବାଦ ।

ଆମ୍ଭମାନଙ୍କ ଏକଟିଂ କମିସ୍ନର ହର୍‌ଚର୍ଣ୍ଣଲ ସାହେବ ଗତ ବୁଧବାର କଲିକତାକୁ ଯାଇଥିଲେ ଚଳିତମାସ ତା ୧୫ ରଖରେ ସେଠାରେ ଶ୍ରୀଯୁକ୍ତ ଗବର୍ଣ୍ଣର ସାହେବଙ୍କୁ ସାକ୍ଷାତ ଦେବେ ଓ ତା ୨୦ ରଖ ପର୍ଯ୍ୟନ୍ତ ଲେଫଟନାଣ୍ଟ ସାହେବ ଏଠାରେ ପହଞ୍ଚିବାର କଥା ଅଛି ।

ଏକଟିଂ କମିଶ୍ନର ଗବ୍ ହର୍ଣ୍ଣଲ ସାହେବ ଏ ନଗରରୁ ଯିବା ପୂର୍ବ ଆଗାମୀ ଜାନୁଏରୀ ମାସର ଉତ୍ସବ ସକାଶେ ଟ ୨୫୦ ଙ୍କା ଭେଟି ଦେଇ ଯାଇଅଛନ୍ତି । ଏଟଙ୍କାଟି ଉପର ଲଭ ଅଟଇ ।

ଦାଖଲଖାରଜର ନୂତନ ଆଇନ ଓଡ଼ିଆରେ ତରଜମା ହୋଇ ଗତମାସ ତା ୫ ରଖର ଓଡ଼ିଆ ଗଜେଟରେ ବାହାର ଅଛି କିନ୍ତୁ ଉକ୍ତ ଗଜେଟ ଆମ୍ଭେମାନେ ଦର୍ଶନ ନ ହେଲ ପାଇବୁ ଏଥିର କାରଣ କି ?

ସମ୍ବାଦବାହିକା ଲେଖନ୍ତି କି ନୂଆନନ୍ଦ ତାଲୁକର ତହସିଲଦାର ତହବିଲ ତୋସରପ ଅପରାଧରେ ସସ୍‌ପେଣ୍ଡ ହୋଇଅଛନ୍ତି । ଭଦ୍ର ଲୋକଙ୍କର କି ଶ୍ରେଣୀ ସ୍ୱଭାବ ଯିବ ନାହିଁ ?

ଆମ୍ଭେମାନେ ଆନନ୍ଦସହିତ ଶ୍ରବଣ କଲୁଁ ଯେ କଟକର ଜେଲର ପଣ୍ଟିଂ ସାହେବଙ୍କୁ ଗୋଟିଏ ବଡ଼ ଜେଲଖାନାର ଭାର ଦେବା ପାଇଁ ଇନସ୍‌ପେକ୍ଟର ଜେନରଲ ଅଙ୍ଗୀକାର କରିଅଛନ୍ତି । ଏରୂପ ଉନ୍ନତିର ହେତୁ ଜେଲର ସାହେବଙ୍କ ଅଧ୍ୟବସାୟ ଓ ସୁଚାରୁରୂପେ କାର୍ଯ୍ୟ ନିର୍ବାହ କରିବା ଅଟଇ । ବାସ୍ତବରେ ଏ ନଗରର ଜେଲଟି ବର୍ତ୍ତମାନ ପରିଷ୍କାର ସୁଶିକ୍ଷା ଓ ସୁଶାସନର ଆଦର୍ଶ ହୋଇଅଛି ।

ଇଣ୍ଡିୟାନମିରର ଶୁଣିଅଛନ୍ତି କି ରାଜା ହରେନ୍ଦ୍ରକୃଷ୍ଣ ବାହାଦୁରଙ୍କୁ ଗୋଟିଏ ହାଇକୋର୍ଟ ଜଜ ସାହେବଙ୍କ ପଦ ଦେବାପାଇଁ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଲେଖିଅଛନ୍ତି ।

ମାନ୍ଦ୍ରାଜର ନାନାସ୍ଥାନରେ ଦୁର୍ଭିକ୍ଷର ମନ୍ଦ ଫଳମାନ ଘଟିବାର ସମ୍ବାଦ ଆସୁଅଛି । ଶୋଲାପୁରରେ ଏକଦଳ ଲୋକ ମୋଦିଙ୍କ ଦୋକାନମାନ ଲୁଟି ନେବାରୁ ସେଠା ଲୋକଙ୍କର ବଡ଼ ଭୟ ହୋଇଅଛି ଏବଂ ଖଜଣାଖାନାମାନଙ୍କର ଦୃଢ଼ରୂପେ ପହରା ଦେବା କାରଣ ଜଙ୍ଗି ସିପାହି ନିଯୁକ୍ତ ହୋଇଅଛନ୍ତି । ମଣ୍ଡଲ ତାଲୁକର ଲୋକମାନେ ରାଜସ୍ୱ ଦେବାରୁ ମୁକ୍ତ ପାଇବା ସକାଶେ କଲେକ୍ଟର ସାହେବଙ୍କୁ ଅନୁରୋଧ କରିଅଛନ୍ତି କାରଣ ସେମାନଙ୍କର ଫସଲ ସବୁ ମରୁଡ଼ିରେ ନଷ୍ଟ ହୋଇଅଛି ।

ଜଣେ ସନ୍ନ୍ୟାସିର ସମାଧିରୁ ମୃତଦେହକୁ ବାହାର କରି ସ୍ଥାନାନ୍ତରେ ସମାଧି ଦେବାର ଆଜ୍ଞା ଦେଇଥିବାରୁ ମାନ୍ଦ୍ରାଜର ଗବର୍ଣ୍ଣର ତାଞ୍ଜୋରର ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ବେଲ୍‌ଡ଼ସାହେବଙ୍କୁ ସସପେଣ୍ଡ କରିଥିଲେ । ଗବର୍ଣ୍ଣମେଣ୍ଟ ଇଣ୍ଡିଆ ତାହା ମଞ୍ଜୁର କରିଅଛନ୍ତି । ଲର୍ଡ ଲିଟନଙ୍କ ସମୟରେ ଅନେକ ଅନ୍ୟାୟୀକାରୀ ହାକିମମାନେ ସଙ୍କୁଚିତ ରହିବେ ।

ଶ୍ରୀ ଶ୍ରୀମତୀ ମହାରାଣୀ ଯେଉଁ ବାଦଶାହୀ ପଦ ଧାରଣ କରୁଅଛନ୍ତି ହିନ୍ଦିଭାଷାରେ 'କଏସରେ ହିନ୍ଦ' ବୋଲି ତହିଁର ଅନୁବାଦ ହୋଇଅଛି ।

ମାନ୍ଦ୍ରାଜ ପ୍ରଦେଶର ସଏଦାପେଟ ନଗରରେ ଯେଉଁ କୃଷିବିଦ୍ୟାଳୟ ହୋଇଅଛି ତହିଁରେ ଅଧ୍ୟୟନ କରିବା ସକାଶେ ମହାରାଜା ହୋଲକାର ଦୁଇଜଣ ଛାତ୍ର ଆପଣା ରାଜ୍ୟରୁ ପଠାଉ ଅଛନ୍ତି । ଏମାନେ ତିନିବର୍ଷ ପର୍ଯ୍ୟନ୍ତ ମାସି ଟ ୨୫୲ ଙ୍କା ଲେଖାଏ ବୃତ୍ତି ଏବଂ ପୁସ୍ତକ କିଣିବା ସକାଶେ ଟ ୧୦୦୲ ଙ୍କା ପାଇବେ । ଅନ୍ୟାନ୍ୟ ରାଜାମାନଙ୍କୁ ଏପରି କରିବାର ଉଚିତ ତାହା ହେଲେ ଆପଣା ଆପଣା ରାଜ୍ୟରେ କୃଷିର ଉନ୍ନତି ସାଧନ ହୋଇପାରିବ ।

ଶ୍ରୀମତୀ ଭାରତେଶ୍ୱରୀଙ୍କର ନୂତନପଦ ଗ୍ରହଣ ଉପଲକ୍ଷରେ ମହାରାଜା ସିନ୍ଧିୟା ଗତମାସରେ ଆପଣା ରାଜ୍ୟରେ ଭାରୀ ଉତ୍ସବ କରିଥିଲେ । ନଗର ମଧ୍ୟରେ ଭାରୀ ନାଚଖାନା ଓ ବାଣବାଜିର ଧୂମ ଲାଗିଥିଲା । ଇଂରେଜ ଓ ଦେଶୀୟ ସେନାମାନଙ୍କୁ ଆମୋଦ କରିବା ସକାଶେ ଦୁଇହଜାର ଟଙ୍କା ଦିଆଯାଇଥିଲା ।

ବମ୍ବେଇ ପ୍ରଦେଶର ଦୁର୍ଭିକ୍ଷ ସାହାଯ୍ୟ ନିମିତ୍ତ ମହାରାଜା ହୋଲକାର ତିନିହଜାର ଟଙ୍କାର ଶସ୍ୟ ଦାନ କରିଅଛନ୍ତି ।

ମାନ୍ଦ୍ରାଜମେଲ ଶୁଣିଅଛନ୍ତି କି ତାଞ୍ଜୋରର ରାଜା ଦିଲ୍ଲୀ ଦରବାରକୁ ଆମନ୍ତ୍ରିତ ହୋଇଥିଲେ ମାତ୍ର କିସ୍ତର ଟଙ୍କା ବ୍ୟୟ ପଡ଼ିବ ବୋଲି ଯିବାକୁ ସମ୍ମତ ହୋଇ ନାହାନ୍ତି । ଅନ୍ୟାନ୍ୟ ରାଜାମାନେ ଏପରି ଆପତ୍ତି କଲେ ଭଲ ହେବ ବିଶେଷତଃ ଆଜକାଲି ଦୁର୍ଭିକ୍ଷର ଶଙ୍କା ଯେମନ୍ତ ବୃଦ୍ଧି ପାଉଅଛି ।

ଆଗାମି ଜାନୁଏରୀ ମାସ ତା ୧ ରଖର ସାଧାରଣ ଉତ୍ସବନିମିତ୍ତ ମାନ୍ଦ୍ରାଜରେ ବାରୁଦ ପ୍ରସ୍ତୁତ ହେଉଥିବା କାରଖାନା ଘରେ ଗୋଟିଏ ଦୁର୍ଘଟନା ଏଥିମଧ୍ୟରେ ହୋଇଯାଇଅଛି । ଜଣେ ଇଂରେଜ ହଠାତ୍ ଅଲୁଅ ପ୍ରସ୍ତୁତ କରୁଥିଲେ ତେବେ ବାରୁଦ ପ୍ରଜ୍ୱଳିତ ହୋଇ ତାହା ମୁହଁକୁ ପୋଡ଼ିଦେଲା । ସୌଭାଗ୍ୟ କ୍ରମେ ତାହାର ଆଖି ବଞ୍ଚିଯାଇଅଛି ଓ ସେ ବ୍ୟକ୍ତିର ହାସପାତାଲରେ ଚିକିତ୍ସା ହେଉଅଛି ।

୧ । ସୁଲଭସମାଚାରରୁ ଅବଗତ ହେଲୁଁ ଯେ ବିଗତ ଶୁକ୍ରବାର ରାତ୍ରରେ ନବାବ କଲିକତାରେ ପହୁଞ୍ଚିଅଛି ।

୨ । ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଆମ୍ଭମାନଙ୍କର ପ୍ରସିଦ୍ଧ ଦାନଶୀଳା ମହାରାଣୀ ସ୍ୱର୍ଣ୍ଣମୟୀ ଆଗାମୀ ଦିଲ୍ଲୀ ଦରବାରରେ ଭାରତନକ୍ଷତ୍ର ଉପାଧି ପାଇବେ । ଜଣେ ବଙ୍ଗାଳସ୍ତ୍ରୀର ଏରୂପ ସମ୍ମାନ ଦେଖି ସମସ୍ତ ବଙ୍ଗାଳସ୍ତ୍ରୀମାନଙ୍କର ଅବଶ୍ୟ ଆନନ୍ଦ ପ୍ରକାଶ କରିବାର ଉଚିତ ।

୩ । ଅମୃତବଜାର ପତ୍ରିକା ଗୋଟିଏ ବିଲାତି କାଗଜରେ ଦେଖିଅଛନ୍ତି ଜଣେ ସାହେବ ଏକଖଣ୍ଡ ସମ୍ବାଦପତ୍ର ଗିଳି ଶ୍ୱାସ ରୋଧ ହେବାରୁ ମରି ଯାଇଅଛି । ଆମ୍ଭମାନଙ୍କ ଦେଶରେ ଅନେକ ଲୋକ ସମ୍ବାଦପତ୍ରର ମୂଲ୍ୟ ଗିଳି ପକାନ୍ତି ମାତ୍ର ଅବଧି କେହି ମରି ନାହାନ୍ତି ।

Split by PDF Splitter



## ପ୍ରେରିତ ପତ୍ର ।

### ଉତ୍କଳର ଗୋଟିଏ ଅନୁନ୍ନତିର କାରଣ ।

ଆଜି କାଲି ଅନେକେ ଉତ୍କଳର ହିତସାଧନ ଯେନ ମହା ଆନ୍ଦୋଳନ କରନ୍ତି; ସତ୍ୟ, ମାତ୍ର ସେମାନଙ୍କର ଚେଷ୍ଟା ପ୍ରାୟ ଅରଣ୍ୟରେ ରୋଦନ ପରି ବିଫଳ ହୁଅଇ । କୌଣସି ଜ୍ଞାନୀ କହିଅଛନ୍ତି ଯେ "ଉଦାହରଣ ଉପଦେଶଠାରୁ ବଳବତ୍ତର" ବାସ୍ତବ ବିବେଚନା କରି ଦେଖିଲେ ସମାଜର କୌଣସି ହିତସାଧନ ବା ଅହିତ ନିବାରଣ ପକ୍ଷରେ ଆପଣାକୁ ଦୃଷ୍ଟାନ୍ତ ରଖି ସାଧାରଣରେ ଦେଖାଇଲେ ଯାଦୃଶ ଫଳ ଲାଭ ହୁଏ; ସଭା କରି ବକ୍ତୃତା ପାଠ କରିବା ଅଥବା ସମ୍ବାଦପତ୍ରିକାର କଳେବର ପୂର୍ଣ୍ଣ କରିବାଦ୍ୱାରା ତାଦୃଶ ଫଳ କଦାପି ଆଶା କରି ଯାଇ ପାରେ ନାହିଁ । ଶିଶିର-ସ୍ନେହ ଅର୍ଦ୍ଧପ୍ରସ୍ଫୁଟିତ କୋରକ ହୃଦୟରେ ବିଷମ କାଲକୀଟ ପ୍ରବେଶ କଲା ପରି ଆମ୍ଭମାନଙ୍କ ସମାଜରେ ଏ ପ୍ରକାର ଅସଂଖ୍ୟ କ୍ଷତିପ୍ରସୂକ କାରଣମାନ ଅଲକ୍ଷିତଭାବରେ ରହିଅଛି ଯେ ତାହାଦ୍ୱାରା ଆମ୍ଭମାନଙ୍କର ବିଶେଷ କ୍ଷତି ଆଉ ଉନ୍ନତିର ବାଧା ଜନ୍ମୁଅଛି । ଅଦ୍ୟ ସେଥି ମଧ୍ୟରୁ ଗୋଟିଏ ଯେତି ଦୂର ଏକ କଥା କହିବୁଁ ବୋଲି ମନସ୍ଥ କରିଅଛୁଁ; ପାଠକେ ଅନୁଗ୍ରହ ପ୍ରକାଶ କରି ଏଥି ମଧ୍ୟରୁ ଅସାରଭାଗ ପରିତ୍ୟାଗ ପୂର୍ବକ ସାରଭାଗ (ଯଦି କିଛି ଥାଏ) ଗ୍ରହଣ ଓ ତାହା କାର୍ଯ୍ୟରେ ପରିଣତ କଲେ ଯଥେଷ୍ଟ ମଙ୍ଗଳ ହେବ ସନ୍ଦେହ ନାହିଁ ।

ଆମ୍ଭମାନଙ୍କ ଦେଶରେ ବ୍ୟବସାୟ ଶିକ୍ଷା ଜାତିଗତ, ଇଚ୍ଛାଗତ ନୁହଇ । ଏହାଦ୍ୱାରା ପ୍ରତ୍ୟକ୍ଷରେ ଦୁଇଗୋଟି ମହା ଅନିଷ୍ଟ ଘଟୁଅଛି । ପ୍ରଥମ, ବ୍ୟବସାୟର ଉତ୍କର୍ଷସାଧନ ରହିତ । ଦ୍ୱିତୀୟ, ବ୍ୟବସାୟୀ ଲୋକଙ୍କର କ୍ରମେ ବାହ୍ୟିକ ଓ ଆଭ୍ୟନ୍ତରିକ ସର୍ବପ୍ରକାର ଦୁର୍ବଳତା ବୃଦ୍ଧି । ବୃକ୍ଷର ସବୁଫଳ ଯେପରି ସମାନ ପରିପୁଷ୍ଟ ନୁହଇ, ସେହିପରି ଲୋକସଂସାରରେ ସମସ୍ତେ କିଛି ସମାନ ବୁଦ୍ଧି ଓ ସମାନ ବଳଯୁକ୍ତ ନୁହନ୍ତି । ଯଦି ଦୁଇପଦ ଓ ଦୁଇହସ୍ତ ଇତ୍ୟାଦି ଲକ୍ଷଣବିଶିଷ୍ଟ ହୋଇ ସବୁ ମନୁଷ୍ୟ ଏକ ହୁଅନ୍ତେ; ତେବେ ଏକ ମହମ୍ମଦ କି ଖ୍ୱେଜଦେଶଠାରୁ ଭାରତବର୍ଷର ପୂର୍ବସୀମା ପର୍ଯ୍ୟନ୍ତେ ଜୟପତାକା ଉଡ୍ଡୀନ କରନ୍ତେ ? ଏକ ନେପୋଲିୟନ ବାହୁବଳରେ କି ସମସ୍ତ ଇଉରୋପ କମ୍ପିତ ହୁଅନ୍ତା ? ଅଥବା ଏକ ବାଲ୍ମୀକିଙ୍କ ସୁମଧୁର ବୀଣା ଶୁଣି ସମସ୍ତ କବିମଣ୍ଡଳୀ ମୋହିତ ହେଉଥାନ୍ତେ ? ଯଦିଚ ଆକାରଗତ ତାଦୃଶ କୌଣସି ପ୍ରଭେଦ ଲକ୍ଷିତ ନ ହୁଅଇ ତଥାପି ଶୁକ୍ରରେ ଶୋଣିତରେ ଅସ୍ଥିରେ ମାଂସରେ, ମଜ୍ଜା ବା ମସ୍ତିଷ୍କରେ ଏପରି ସ୍ୱତନ୍ତ୍ର ଗୁଣ ଥାଇପାରେ, ଯେ ଯାହା କି ସାଧାରଣରୁ ଜଣକୁ ପୃଥକ୍ କରଇ; ପୁଣି ରାଜା, ପ୍ରଜା ଓ ସେବ୍ୟ ସେବକ ଇତ୍ୟାଦିରୂପେ ସମ୍ବନ୍ଧ ବାନ୍ଧଇ । ଯଦି ଜ୍ୟୋତିଷ ଓ ଆୟୁର୍ବିଦ୍ୟା ବିଶ୍ୱାସ କରିବାକୁ ହୁଏ, ତେବେ ଗ୍ରହମାନଙ୍କର ଉନ୍ନତ ଓ ଅବନତ ଅବସ୍ଥାରେ ସ୍ଥିତ ଯୋଗ ମଧ୍ୟ ଲୋକର ଭାଗ୍ୟର ଉତ୍କର୍ଷାପକର୍ଷ ସାଧିତ ହୁଅଇ ଅତଏବ ସର୍ବପ୍ରକାରେ ଏହା ସ୍ୱୀକାର୍ଯ୍ୟ ଯେ ଲୋକମାନେ ସମସ୍ତେ ସମାନ ଅବା ସମାନଗୁଣ ଯୁକ୍ତ ନୁହନ୍ତି । ଆହୁରି ମଧ୍ୟ ଲୋକବିଶେଷରେ ଗୋଟିଏ କୌଣସି ବିଶେଷ ସଦ୍‌ଗୁଣ ବା ଦୁର୍ଗୁଣ ଅଧିକତର ପ୍ରବଳଭାବରେ ଥିବାର ଦେଖାଯାଏ ଏବଂ ଏକ ଲୋକଙ୍କର ଏକ ବିଷୟରେ ଉତ୍ସାହ ଓ ଅଭିରୁଚି ଜନ୍ମେ, ତଦନୁସାରେ ସେମାନେ ନିଜ ନିଜ ଉପସ୍ଥିତ ଚିତ୍ତ ବିଷୟରେ ପ୍ରବୃତ୍ତ ହେଲେ ଅବଶ୍ୟ ସେଥିର ଉତ୍କର୍ଷତା ସାଧନ କରି ପାରିବେ । ( ଅବଶ୍ୟ କୌଣସି ମନ୍ଦବିଷୟରେ ଅଭିରୁଚି ଜନ୍ମିବା ବିଷୟ ଯେତ ପାଠକେ ତର୍କ ଉପସ୍ଥିତ କରି ପାରନ୍ତି ମାତ୍ର ଲେଖକର ଉଦ୍ଦେଶ୍ୟ କେବଳ ସମାଜର ହିତକାରୀ ଓ ଜାତୀୟ ଗୌରବ ବୃଦ୍ଧିକାରୀ ଏପରି ନିର୍ଦ୍ଦୋଷ ବିଷୟରେ ଅଭିରୁଚି ) ସେସମୟରେ ସେମାନଙ୍କୁ ସେଥିରେ ପ୍ରବିଷ୍ଟ ହେବାକୁ ନ ଦେଇ ପରମ୍ପରାଗତ ଜାତୀୟ ଓ କୌଳିକ ବ୍ୟବସାୟରେ ଆବଦ୍ଧ କରି ରଖିଲେ ନିଶ୍ଚୟ ସେମାନଙ୍କର ଅହିତବାଞ୍ଛା କରିବା ହୁଅଇ । ଜଣେ କରଣ ବା କାୟସ୍ଥ ତାହାର ପୁତ୍ରକୁ ସରକାରୀ ଅମଲା-ଉପଯୋଗୀ କରାଇବା ଅଭିପ୍ରାୟରେ ଶିକ୍ଷା ଦେଲା; ମାତ୍ର ସନ୍ତାନର ବୁଦ୍ଧିବୃତ୍ତି ତଦନୁରୂପ ତୀକ୍ଷ୍ଣ ନ ଥିବାରୁ ଓ ବାଲ୍ୟକାଳରୁ ସ୍ୱଭାବତଃ ତାହାର ସୂତ୍ରଧର କର୍ମପ୍ରତି ରୁଚି ଓ ଲକ୍ଷ ଥିବାରୁ ସେ ତାହା ଶିଖିବାକୁ ଅଭିଳାଷ କଲା, ସୁତରାଂ ପିତାଦତ୍ତ ଶିକ୍ଷାପ୍ରତି ତାହାର ଯତ୍ନ କ୍ରମଶଃ ଊଣା ପଡିଲା । ମାତ୍ର ପିତା ଜାତିପାତି ଓ ସମାଜଚ୍ୟୁତ ଭୟରେ ପୁତ୍ରକୁ ସେଥିରୁ ନିବାରଣ କରିବାକୁ ଚେଷ୍ଟା କଲେ । ନାନା ପ୍ରକାର ତାଡନା ପ୍ରାପ୍ତ ହୋଇ ପୁତ୍ର ଅଗତ୍ୟା ଈଶ୍ୱରସମ୍ମତ ନିର୍ଦ୍ଦୋଷ ବ୍ୟବସାୟ ଶିକ୍ଷାରୁ ନିବୃତ୍ତ ହେଲା ।

କ୍ରମଶଃ ।

## ବିଜ୍ଞାପନ ।

ଶିଳ୍ପଶାସ୍ତ୍ର (ଏଥିରେ ଗୃହର ଭାଗ ମାପ, ନିର୍ମାଣର ଉଚିତ କାର ନକ୍ସା ଓ କେଉଁପ୍ରକାର ଗୃହରେ କି କି ଶୁଭଶୁଭ ଘଟଣା ହୁଅଇ ଇତ୍ୟାଦି ବିସ୍ତାରିତ ବିବରଣ) ଯାହା କି ଏଦେଶୀୟ ଜନ ସାଧାରଣଙ୍କର ନୂତନ ଘର ତୋଲାଇବା ସମୟରେ ବିଶେଷ ପ୍ରୟୋଜନ ହୁଅଇ ପ୍ରସ୍ତୁତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ୫ ୦ / ମାତ୍ର । ମୋଫସଲ ଗ୍ରାହକମାନଙ୍କୁ ପ୍ରତିଖଣ୍ଡରେ ୫ ୦ / ଡାକମାସୁଲ ପଡିବ ।

# SALE NOTICE.

In anticipation of promotion Mr. WILLIAM PONTING has for private sale the whole of his Household Furniture.

IN THE HALL.

Family Sofa, Alexandra Couch, Chairs, Tables, Handsome Carved Whatnots, Presentation Timepiece, Clock, Flower Vases, Teapoys, Pictures in gilt and oxford frames Cheffoniers &c. &c. &c. &c.

LADIES DRESSING ROOM.

Ladies Wardrobe very handsome, well worth attention, Centre Table, Toilet Table, Toilet glass, Dress stand, Washhand stand &c. &c. &c.

STUDY & DRESSING ROOM COMBINED.

Handsome study Table, with drawers and pigeon holes, Cambridge study Chair, portable chest of drawers, Toilet glass with drawers, clothes horse, &c. &c. &c. &c.

BED ROOM.

Large double Bedstead quite new, circular dress stand, and all necessary bed room furniture.

And many useful articles too numerous to particularise.

This opportunity is will worth the attention of purchasers, as such a chance of selecting really useful furniture seldom occurs.

A Catalogue will shortly appear.

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୧ଶ | ତା ୧୮ରିଖ ନବମ୍ବର ସନ ୧୮୭୬ ମସିହା । ମୂ । ମାର୍ଗଶିର ୬ଦିନ ସନ ୧୨୮୪ ସାଲ ଶନିବାର | ଅଗ୍ରିମ ବାର୍ଷିକମୂଲ୍ୟ ଟ୨।
ସଂଖ୍ୟା ୪୭ | | ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨।୦
| | ମଫସଲପାଇଁ ଡାକମାସୁଲ ଟ୧।୵

ଦିଲ୍ଲୀର ମହାସଭାରେ ଭାରତବର୍ଷର ନାନାଦି ସ୍ଥାନରେ ଉତ୍କୃଷ୍ଟ ଶିଳ୍ପକର୍ମ ପ୍ରଦର୍ଶନ ହେବାର ଗବର୍ଣ୍ଣମେଣ୍ଟ ବନ୍ଦୋବସ୍ତ କରି ବିଜ୍ଞାପନ ଦେଇ ଅଛନ୍ତି ଯେ କୌଣସି ଜିଲ୍ଲାର ଉତ୍ତମ ସୁନାରି ବା ଅନ୍ୟ କାରିଗର ଆପଣାର ଶିଳ୍ପକର୍ମ ଉକ୍ତ ମେଳାରେ ଦେଖାଇବାକୁ ବାଞ୍ଛା କଲେ ସେଠାରେ ତାକୁ ସ୍ଥାନ ଦିଆଯିବ ମାତ୍ର ଦ୍ରବ୍ୟାଦି ପଠାଇବାର ଖର୍ଚ୍ଚା ସେ ଆପଣା ହାତରୁ ଦେବ ଓ ତହିଁ ସଙ୍ଗେ ଆପଣାର ଲୋକ ପଠାଇବ । ସ୍ଥାନପାଇବା ଓ ଅନ୍ୟାନ୍ୟ ବିଷୟ ଜାଣିବା ନିମିତ୍ତେ ଶିଳ୍ପମେଳାର କର୍ମ ଚଳାଇବା କମିଟୀର ସେକ୍ରେଟରୀଙ୍କ ନିକଟକୁ ଦରଖାସ୍ତ ପଠାଇବାକୁ ହେବ । କଟକର ସୁନାରିମାନଙ୍କୁ ଉଚିତ ଯେ ସେମାନେ କିଛି ୨ ଉତ୍କୃଷ୍ଟ କର୍ମ ଦିଲ୍ଲୀକି ପଠାନ୍ତୁ ।

---

ବମ୍ବେଇ ଓ ମାନ୍ଦ୍ରାଜର ଦୁର୍ଭିକ୍ଷ ବେଳକୁବେଳ ଭୟଙ୍କର ହେବାର ସମ୍ବାଦମାନ ଆସୁଅଛି ଏବଂ ଉକ୍ତ ଦୁଇ ପ୍ରଦେଶର ଗବର୍ଣ୍ଣରମାନେ ସାହାଯ୍ୟର ବନ୍ଦୋବସ୍ତମାନ କରିବାରେ ପ୍ରବୃତ୍ତ ଅଛନ୍ତି ଓ ତହିଁପାଇଁ ଅନେକ ଟଙ୍କା ମଞ୍ଜୁର କରିଅଛନ୍ତି । ମାତ୍ର ଅଦ୍ୟାବଧି ସବୁ ସ୍ଥାନର ଲୋକଙ୍କୁ ସାହାଯ୍ୟ ପ୍ରାପ୍ତ ହୋଇ ନାହିଁ ଏଥିପାଇଁ କେତେକ ସ୍ଥାନରେ ଅନାହାରରେ ଲୋକ ମରିବାର ଏବଂ ଶସ୍ୟ ଗୋଲାମାନ ଲୁଟ ହେବାର ଶୁଣା ଯାଉଅଛି । ଏଥିପୂର୍ବେ ଆମ୍ଭେମାନେ ଇଲୋରରେ ଗୋଲା ଲୁଟ ହେବାର କଥା ଲେଖିଥିଲୁଁ । ଏ ସପ୍ତାହରେ ତାରଡାକ ସମ୍ବାଦରୁ ଜଣାଗଲା ଯେ କରନୁଲରେ କେତେ ଲୋକ ଅସ୍ତ୍ର ଶସ୍ତ୍ର ଘେନି ଶସ୍ୟ ଗୋଲାମାନ ଲୁଟିବାକୁ ପ୍ରବୃତ୍ତ ହେଲେ ଓ ପୁଲିସ ଆସି ତାହାଙ୍କୁ ଶାନ୍ତ କରିବାକୁ ଯତ୍ନ କଲେ ସୁଦ୍ଧା ସେମାନେ ନିବୃତ୍ତ ହେଲେ ନାହିଁ । ପରିଶେଷରେ ଏକଦଳ ଜଙ୍ଗିସିପାହୀ ଆସି ଏହାଙ୍କୁ ଦମନ କଲେ ଓ ଏଥିରେ କେତେ ଲୋକ ଆଘାତ ସୁଦ୍ଧା ପାଇଅଛନ୍ତି । ଶସ୍ୟର ଦର ସବୁଠାରେ ବୃଦ୍ଧି ହୋଇଅଛି ମାତ୍ର କୌଣସିଠାରେ ଅପ୍ରାପ୍ତ ହୋଇ ନାହିଁ କେବଳ ଦୁଃଖିମାନେ ଅର୍ଥାଭାବରୁ କିଣି ପାରୁ ନାହାନ୍ତି । ମହାଜନମାନେ ବର୍ତ୍ତମାନ ସୁଯୋଗ ଦେଖି ଏଆଡୁ ଚାଉଳ ବହି ନେଉଅଛନ୍ତି । ଏ ନଗର ଓ ବାଲେଶ୍ୱରରେ ଚାଉଳର ଦର ବୃଦ୍ଧି ହେଲାଣି ଓ କଲିକତାରେ ମହଣ ପ୍ରତି ଏକଟଙ୍କା ବୃଦ୍ଧି ହୋଇଅଛି ଅତଏବ ଦେଖାଯାଏ ଯେ ଆମ୍ଭମାନଙ୍କୁ ମଧ୍ୟ ଦୁର୍ଭିକ୍ଷ ହେତୁରୁ କିଛି କ୍ଲେଶ ସହିବାକୁ ହେବ ।

---

ଆମ୍ଭେମାନେ ଗତ ସପ୍ତାହରେ ଭ୍ରାନ୍ତିକ୍ରମେ ଲେଖିଥିଲୁଁ ଯେ ଓଡ଼ିଶାର ତିନିଜିଲାରେ ଦରବାର ହେବା ଓ ତିନିଜିଲାକୁ ଗବର୍ଣ୍ଣମେଣ୍ଟ ପ୍ରଦତ୍ତ ଟଙ୍କା ବାଣ୍ଟି ଦେବାପାଇଁ ଗବର୍ଣ୍ଣମେଣ୍ଟରୁ ଆଜ୍ଞା ଆସିଥିଲା । ବାସ୍ତବରେ ଆମ୍ଭମାନଙ୍କ ଏକ୍ଟିଂ କମିଶନର ଉକ୍ତ ପ୍ରସ୍ତାବ ଗବର୍ଣ୍ଣମେଣ୍ଟରେ କରିଥିଲେ ଓ ସେଠାରୁ ଉତ୍ତର ଆସିବାରେ ବିଲମ୍ବ ହେବାରୁ ଗବର୍ଣ୍ଣମେଣ୍ଟଙ୍କ ସମ୍ମତି କଳ୍ପନା କରି ଆବଶ୍ୟକୀୟ ଆଜ୍ଞାମାନ ତିନିଜିଲାର କଲେକ୍ଟରଙ୍କ ନିକଟକୁ ପଠାଇଥିଲେ । ପଶ୍ଚାତ୍ ଗବର୍ଣ୍ଣମେଣ୍ଟରୁ ଉକ୍ତ ପ୍ରସ୍ତାବ ଅଗ୍ରାହ୍ୟ ହେବାର ସମ୍ବାଦ ଆସିବାରୁ ଜଣାଗଲା ଯେ କେବଳ ପ୍ରଧାନ ନଗରମାନଙ୍କରେ ଦରବାର ଓ ଉତ୍ସବମାନ ହେବ ଓ ଏହି ଦୃଷ୍ଟିରେ ବଙ୍ଗପ୍ରଦେଶରେ କଲିକତା, ଢାକା, ମୁରସିଦାବାଦ, ପାଟନା ଓ କଟକକୁ ଅର୍ଥ ସାହାଯ୍ୟ ହୋଇଅଛି । ଅତଏବ ଓଡ଼ିଶାରେ କେବଳ କଟକରେ ଦରବାର ହେବ ଓଡ଼ିଶାର ସମସ୍ତ ରାଜା ଓ ସମ୍ଭ୍ରାନ୍ତଲୋକ ଏହିଠାକୁ ଆସିବେ । ଉତ୍ସବର ବ୍ୟୟ ନିମିତ୍ତ ଚାନ୍ଦା ଦେବାପାଇଁ ରାଜାମାନଙ୍କ ନିକଟକୁ କମିଶନର ସାହେବ ପତ୍ର ଲେଖିଅଛନ୍ତି ଅପର ଲୋକଙ୍କଠାରୁ ଚାନ୍ଦା ସଂଗ୍ରହ କରିବାର କୌଣସି ଉପାୟ ଅଦ୍ୟାବଧି ଅବଲମ୍ବିତ ହୋଇ ନାହିଁ । ବୋଧ ହୁଅଇ କମିଶନର ସାହେବ ପହଞ୍ଚିବା ମାତ୍ରକେ ଏଥିର ସଭା ହେବ । ଆମ୍ଭେମାନେ ଅନୁମାନ କରୁଅଛୁଁ ଯେ ଚାନ୍ଦାଦ୍ୱାରା ୪।୫ ହଜାର ଟଙ୍କା ଉଠିବା ବିଚିତ୍ର ନୁହଇ ଓ ଗବର୍ଣ୍ଣମେଣ୍ଟଙ୍କ ଦାନ ସହିତ ୮।୯ ହଜାର ଟଙ୍କା ଆମୋଦ ପ୍ରମୋଦ ସକାଶେ ବ୍ୟୟିତ ହେବ । ଏତେ ଟଙ୍କା ଓଡ଼ିଶା ପରି ଦରିଦ୍ର ଦେଶରେ କେବଳ ରୋଶନାଇ ବାଣ ଓ ନାଚଗୀତରେ

Digitized by srujanika@gmail.com

Split by PDF Splitter



ଉଠାଇ ଦେବା ଉଚିତ ବିବେଚନା ହେଉ ନାହିଁ ଓ ଅଳ୍ପ ସମୟରେ ଏତେ ଟଙ୍କା ବ୍ୟୟ କରିବାର ସୁବିଧା ହେବା ମଧ୍ୟ କଠିନ ହେବ । ଢାକାନଗର ସକାଶେ ଗବର୍ଣ୍ଣମେଣ୍ଟ ୭ ହଜାର ଟଙ୍କା ଦେଉଅଛନ୍ତି ଓ ସେଠା ଲୋକମାନେ ଭେଦାଭ୍ୟାସ ଆଉ ଅର୍ଥସଂଗ୍ରହ କରୁଅଛନ୍ତି । ଢାକାବାସିମାନେ ଏତେ ଟଙ୍କା ତେବେଲ ସେସ୍ଥନାଇ ଓ ବାଣ ଇତ୍ୟାଦିରେ ବ୍ୟୟ ନ କରି * ହଜାର ଟଙ୍କା ସେଠାର ନିର୍ମିତ ଚିକିତ୍ସାଳୟକୁ ଦାନ କରିବାର ସ୍ଥିର କରିଅଛନ୍ତି ଯେ ଏଦ୍ୱାରା ବହୁକାଳ ଲୋକଙ୍କର ଉପକାର ହେବ । ଓଡ଼ିଶା ସକାଶେ ଆମ୍ଭେମାନେ ଏପରି କୌଣସି ଚିରସ୍ଥାୟୀ କାର୍ଯ୍ୟରେ ଏ ଟଙ୍କାର ଅଧିକାଂଶ ବ୍ୟୟ କରିବାକୁ ଅନୁରୋଧ କରୁଅଛୁଁ । କାରଣ ଓଡ଼ିଶାର ପ୍ରଧାନନଗର ହେଲେହେଁ ଏଠାରେ ଅନେକ ବିଷୟର ଅଭାବ ଅଛି ଓ ଯଦ୍ୟପିହ ଏଠା ଲୋକମାନେ ଶିକ୍ଷା ଓ ସଭ୍ୟତାରେ ବଙ୍ଗଳାର ଅନ୍ୟାନ୍ୟ ନଗରଠାରୁ ବହୁତ ପଛରେ ପଡ଼ିଥିବାରୁ ସେ ସମସ୍ତ ଅଭାବ ସକଳସାଧାରଣ ପ୍ରତ୍ୟକ୍ଷ କରି ପାରୁ ନାହାନ୍ତି ତଥାପି ଏମନ୍ତ ବୋଲାଯାଇ ନ ପାରେ ଯେ ଉକ୍ତ ଅଭାବମାନ କେହି ଅନୁଭବ କରୁ ନାହାନ୍ତି । ବାସ୍ତବରେ ଅଳ୍ପସଂଖ୍ୟକ ଲୋକ ବର୍ତ୍ତମାନ ଅନୁଭବ କରୁଅଛନ୍ତି ଏବଂ ଯେମନ୍ତ ବର୍ଷକୁବର୍ଷ ଶିକ୍ଷା ଓ ସଭ୍ୟତାର ବିସ୍ତାର ହେଉଅଛି ତେମନ୍ତ ସମ୍ପୂର୍ଣ୍ଣ ଆଶା ଅଛି ଯେ ଏହାଙ୍କ ସଂଖ୍ୟା ବୃଦ୍ଧି ହେବ । ଅତଏବ ଆମ୍ଭେମାନେ ପ୍ରସ୍ତାବ କରୁଁ ଯେ ଏହି ଉତ୍ସବ ନିମିତ୍ତ ଯେତେ ଟଙ୍କା ଉଠିବ ତହିଁର ଅଧିକାଂଶ କୌଣସି ଚିରସ୍ଥାୟୀ ସାଧାରଣ ହିତକର ଓ ଆମୋଦପ୍ରଦ କାର୍ଯ୍ୟରେ ବ୍ୟୟ କଲେ ଭଲ ହେବ । ଏଥିରେ ଯେମନ୍ତ ନଗରର ଗୋଟିଏ ଅଭାବ ମୋଚନ ହେବ ତେମନ୍ତ ବହୁକାଳ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟଟି ଶ୍ରୀମତୀ ମହାରାଣୀଙ୍କର ନୂତନ ପଦ ଗ୍ରହଣର କଥା ଲୋକଙ୍କୁ ସ୍ମରଣ କରାଇ ଦେଉଥିବ । ଆମ୍ଭମାନଙ୍କ ମତରେ ଗୋଟିଏ ପୁସ୍ତକାଳୟ ବା ନାଟ୍ୟଶାଳା ବା ସୁଦୃଶ୍ୟ ଉଦ୍ୟାନ ବା ଯେଉଁଠାରେ ଲୋକେ ଅବସର ସମୟରେ ଭ୍ରମଣ ଓ ସଙ୍ଗୀତ ଶୁଣି ପାରିବେ ଏମନ୍ତ କୌଣସି କାର୍ଯ୍ୟ ହେବାର ଉଚିତ । ଏଥିମଧ୍ୟରେ ନାଟ୍ୟଶାଳାକୁ ଆମ୍ଭେମାନେ ଅଗ୍ରଗଣ୍ୟ କରୁଁ ଓ ତହିଁରେ ଅନାୟାସରେ ପୁସ୍ତକାଳୟ ମଧ୍ୟ ଯୋଗ ହୋଇପାରିବ ।

---

## ପୂର୍ବ ବଙ୍ଗଳାର ବନ୍ୟା ଓ ବତାସ ।

ଗତମାସ ତା ୩୧।୧୦ ରିଖ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମାର ପୂର୍ବ ଏ ଅଞ୍ଚଳରେ ଆକାଶ ଅଳ୍ପ ମେଘୁଆ ଓ ତହିଁସଙ୍ଗେ ସାମାନ୍ୟ ବତାସ ଅନୁଭବ ହୋଇଥିଲା । କିନ୍ତୁ ଏହିକାଳରେ ପୂର୍ବ ବଙ୍ଗଳାରେ ଗୋଟିଏ ଅତି ଭୟଙ୍କର ବଢ଼ି ଓ ବତାସ ହୋଇ ଯାଇଅଛି । ଏ ଦ୍ୱାରା ଚବ୍ବିଶ ବାକରଗଞ୍ଜ, ନୂଆଖାଲି, ଚଟ୍ଟଗ୍ରାମ, ତ୍ରିପୁରା, ଢାକା, ମାଇମନସିଂହ ଏବଂ ଶ୍ରୀହଟ୍ଟ ଜିଲ୍ଲାମାନଙ୍କରେ ଘଟିଥିଲା । ସକଳସ୍ଥାନର ସମ୍ପୂର୍ଣ୍ଣ ସମ୍ବାଦ ପତ୍ରିକାମାନଙ୍କରେ ପ୍ରକାଶ ହୋଇ ନାହିଁ ଯାହା ପ୍ରକାଶ ହୋଇଅଛି ତହିଁରୁ ଜଣାଯାଏ ଯେ ନୂଆଖାଲି ଓ ଚଟ୍ଟଗ୍ରାମ ଜିଲ୍ଲାରେ ଅତ୍ୟନ୍ତ ଦୁର୍ଘଟନା ଘଟିଅଛି । ଏ ବନ୍ୟା ଓ ବତାସ କିପ୍ରକାର ଭୟଙ୍କର ଥିଲା ତହିଁର ସବିଶେଷ ବର୍ଣ୍ଣନା କରିବାକୁ ଏ କ୍ଷୁଦ୍ର ପତ୍ରିକାରେ ସ୍ଥାନ ନାହିଁ କେବଳ ପାଠକମାନଙ୍କୁ ତହିଁର ସଂକ୍ଷେପ ପରିଚୟ ଦେବା ନିମିତ୍ତ ଦୌଲତ ଖାନ ଷ୍ଟେସନର ସବ୍ ଇନ୍‌ସ୍ପେକ୍ଟରଙ୍କ ପତ୍ରର ସାରାଂଶ ହିନ୍ଦୁପେଟ୍ରିଅଟରୁ ଏଠାରେ ସଙ୍କଳନ କଲୁଁ ଯଥା;—

"ଅକ୍ଟୋବର ତା ୩୧ ରିଖ ରାତ୍ରର ତୋଫାନ ସମୟରେ ମୁଁ ଉପସ୍ଥିତ ଥିଲି । ରାତ୍ର ଘ ୧୦ ଟା ସମୟରେ ଉତ୍ତର ପୂର୍ବରୁ ବତାସ ଅତି ପ୍ରବଳରୂପେ ବହିଲା । ଷ୍ଟେସନଘର ଉଡ଼ିଯିବାରୁ ମୁଁ ଜେଲଖାନାରେ ପଶିଲି ସେଠାରେ କଇଦିମାନଙ୍କୁ କେତେଗୁଡ଼ିଏ କନଷ୍ଟେବଲ ବେଢ଼ି ରହିଥିଲେ । ଘ ୧୧ ଟା ସମୟରେ ଅକସ୍ମାତ ଦେଖିଲି ଯେ ପାଣି ମାଡ଼ି ଆସୁଅଛି କ୍ଷଣକେ ୨ ଅଣ୍ଟାଏ ପାଣି ହୋଇଗଲା ଏହା ଦେଖି ହତାଶ ହୋଇ ସମସ୍ତଙ୍କୁ କହିଲି ଆପଣା ୨ ପ୍ରାଣରକ୍ଷାର ଉପାୟ ଦେଖ । ଗାରଦଘରର ଉପରକୁ ଚଢ଼ିବାକୁ ଚେଷ୍ଟା କଲି ମାତ୍ର ପାରିଲି ନାହିଁ ପୁଣି ଇଞ୍ଜିନେର ଜେଲଘର ଛାତରେ ପୂରାଇଲା ସେଠାରୁ ଅତି କଷ୍ଟରେ କେତେକଜଣ କାରଖାନାଘର ଉପରକୁ ଚଢ଼ିଗଲୁଁ । ଦେଖୁ ଦେଖୁ ପାଣି ଘର ଚାଳକୁ ଲାଗି ଆମ୍ଭମାନଙ୍କୁ ଭସାଇନେଲା । ପାଣିର ବେଗ ଏମନ୍ତ ହୋଇଥିଲା ଯେ ଚାଳ ଖଣ୍ଡ ଖଣ୍ଡ ହୋଇଗଲା ତେଣୁକରି ଆମ୍ଭେମାନେ ପାଣିରେ ପଡ଼ି ପହଁରିବାକୁ ଆରମ୍ଭ କଲୁଁ । ଏହି ସମୟରେ ଖଣ୍ଡେ ଅଧବୁଡ଼ା ନୌକା ଭାସି ଆସିଲା ଆମ୍ଭେମାନେ ୩।୬ ଜଣ ତାହାକୁ ଧରିଲୁଁ । ତହିଁ ଉପରେ ବସିଥିଲୁଁ ଗୋଟିଏ ଘରର ଚାଳର ଧକ୍କା ସେ ନୌକାରେ ଲାଗିବାରୁ ଆମ୍ଭେମାନେ ଅଘାତ ପାଇଲୁଁ ଓ ନୌକାଖଣ୍ଡିକ ଏହିସମୟରେ ବୁଡ଼ିଗଲା ଓ ଆମ୍ଭେମାନେ କିଏ କେଉଁ ଆଡ଼େ ଭାସି ଗଲୁଁ । ଖଣ୍ଡେଦୂରରେ ଗୋଟିଏ ମଦାର ଗଛ ମୋ ସମ୍ମୁଖରେ ଭାସିବାର ଦେଖି ମୁଁ ତାକୁ ଧରିଲି । ସେ ଗଛରେ ବସ୍ତ୍ରର କଣ୍ଟା ଦେହ ହାତ ସବୁ ଛଡ଼ି ଗଲା । ପ୍ରାଣ ଆଶାରେ ତଥାତ ତାହାକୁ ଧରିଥାଏଁ । ଗଛଟି ଭାସି ଗୋଟିଏ ବଗିଚା ମଧ୍ୟରେ ପଶିଗଲା ସେଠାରେ ଆମ୍ବ ନଡ଼ିଆ ଓ ଗୁଆଗଛ ବହୁତ ଥିଲା ମୁଁ ସେ ଗଛକୁ ଛାଡ଼ି ଦେଇ ଗୋଟିଏ ଆମ୍ବ ଡାଳକୁ ଧରିଲି ଓ ସକାଳ ହେବା ପର୍ଯ୍ୟନ୍ତ ତାହାର ଆଶ୍ରୟରେ ରହିଲି । ସକାଳେ ଖଣ୍ଡେ ବାଉଁଶ ମୋ ନିକଟକୁ ଭାସି ଆସିବାରୁ ତହିଁରେ ଜଳ ମାପ କରି ଦେଖିଲି ଯେ ଛଅହାତ ଜଳ ଅଛି ମାତ୍ର ଜଳ ଶୀଘ୍ର ଛାଡ଼ି ଯାଉଥାଏ ଓ ମୁଁ ବରାବର ମାପ କରୁଥାଏଁ । ଘ ୮।୯ ଟା ବେଳେ ଦେଖିଲି ତିନହାତ ଉଚ୍ଚରେ ଜଳ ଅଛି । ତହୁଁ ଓହ୍ଲାଇଲି ଓ ପାଣି ମୋହୋର ବେକ ପର୍ଯ୍ୟନ୍ତ ହେଲା । ମୋହୋପରି ଆଉ କେହି ଅଛି କି ନାହିଁ ବୁଝିବା ସକାଶେ ଡାକ ଦେଲି ତହୁଁ ଦେଓବାର କନଷ୍ଟେବଲ ଓ ଗୋବିନ୍ଦ ଦାସ ହେଡ କନଷ୍ଟେବଲ ଗଛରୁ ଓହ୍ଲାଇ ମୋ ନିକଟକୁ ଆସିଲେ । ଆଉ ଗୋଟିଏ ଚାଳ ଉପରେ ଜଣେ ପଠାଣ ଭାସି ଆସୁଥିଲା ସେ ଆମ୍ଭଙ୍କୁ ଥାନାକୁ ଯିବାର ବାଟ କହିଦେଲା କାରଣ ମୁଁ ନିଜେ ସେ ସ୍ଥାନକୁ ଚିହ୍ନି ପାରିଲି ନାହିଁ । ଆମ୍ଭେମାନେ ସମସ୍ତେ ଉଲଙ୍ଗ ଥିଲୁଁ । ଦୁଇଖଣ୍ଡ ଲୁଗା ପାଣିରେ ଭାସୁଥିଲା ସାଉଁଟି ପାଇବାରୁ ଖଣ୍ଡେ ୨ ପିନ୍ଧିଲୁଁ । ଥାନା ପାଖକୁ ଆସି ଦେଖିଁଲି ପୂର୍ବାବସ୍ଥା କିଛି ନାହିଁ । ସରକାରୀ କଚେରୀ ଓ ଘରମାନ କିଛି ନାହିଁ । ଡେପୁଟୀ ମାଜିଷ୍ଟ୍ରେଟଙ୍କ ସଙ୍ଗେ ଦେଖା ହେଲା ତାହାଙ୍କ କଚେରୀଘରର କେବଳ ଖଣ୍ଡ ଇଟା ମାତ୍ର ରହିଅଛି । ସେ କହିଲେ ଯେ ତାହାଙ୍କର ତିନପୁଅ ଜ୍ୟେଷ୍ଠ ନାତୁଣୀ ଓ ଚାକର ବାକର ସମସ୍ତେ ନିରୁଦ୍ଦେଶ ହୋଇଅଛନ୍ତି କେବଳ ସେ ଓ ତାହାଙ୍କ ସ୍ତ୍ରୀ ଗୋଟିଏ ବଣରେ ଲାଗି ବଞ୍ଚିଅଛନ୍ତି । ମୁନସଫ, ପୋଷ୍ଟମାଷ୍ଟର, ଅବକାରୀ ଦାରୋଗା, କୋର୍ଟ ସବ୍ ଇନ୍‌ସ୍ପେକ୍ଟର, ସବ୍ ରେଜିଷ୍ଟ୍ରାର ପ୍ରଭୃତିଙ୍କର କିଛି ସମ୍ବାଦ ମିଳ ନାହିଁ । ଚୋଉଦହାତ ଉଚ୍ଚରେ ପାଣି ମାଡ଼ିଥିଲା ଓ ସବୁ ଧୋଇ ନେଇଗଲା । ଗୋଟିଏ ଘରର ଚିହ୍ନ ନାହିଁ । ଜମା କୌଣସି ଦ୍ରବ୍ୟ ନାହିଁ । ପୂର୍ବଯାଏଁର ଲୋକଙ୍କର ଅଧିକ ସର୍ବନାଶ

Digitized by srujanika@gmail.com

ହୋଇଅଛି ଓ ଉଣା ଅଧିକରେ ସବ୍‌ଡିବିଜନର ସମସ୍ତଭାଗରେ ଏ ଦୁର୍ଘଟନା ଘଟିଅଛି । ଯେଉଁଠାରେ ଦେଖ ପୁରୁଷ ସ୍ତ୍ରୀ ବାଳକ ଓ ପଶୁର ଶବ ପଡ଼ି ରହିଅଛି । କେତେ ଲୋକ ମରିଅଛନ୍ତି ତହିଁର ସଂଖ୍ୟା ନାହିଁ ବଜାରରେ କେତେ ବସ୍ତା ଚାଉଳ ଭିଜି ପଡ଼ି ରହିଥିଲା ତହିଁରୁ ମୁଠାଏ ଖାଇ ପ୍ରାଣ ରକ୍ଷା କଲୁଁ ।"

ଢାକାର କମିସ୍ନର ଲେଖିଅଛନ୍ତି ଯେ ଏକା ଦକ୍ଷିଣ ଶାବାଜପୁରରେ ଅନ୍ୟୂନ ୨୦ ହଜାର ଲୋକ ଓ ଅଧଲକ୍ଷ ପଶୁ ମରିଅଛନ୍ତି ।

ବରିଶାଲରୁ ଏକବ୍ୟକ୍ତି ଲେଖିଅଛନ୍ତି କି ପ୍ରାୟ ୭୦ । ୮୦ ହଜାର ଲୋକ ମରିଅଛନ୍ତି । ସେଠାରେ ଗୋଟିଏ ଦଶବର୍ଷର ବାଳକ ଗୋଟାଏ ଭାଲୁର ଗଳା ଧରି ଭାସୁଥିଲା ଦୁହେଁ ଭାସି କୂଳରେ ଲାଗି ପ୍ରାଣ ପାଇଅଛନ୍ତି । ଜଣେ ଗର୍ଭିଣୀ ସ୍ତ୍ରୀ ଘର ଚାଳ ଉପରେ ବସି ଭାସୁଥିଲା ସେହିକାଳରେ ଗୋଟିଏ ପିଲା ପ୍ରସବ କରିଅଛି ଓ ପ୍ରସୂତି ଓ ପିଲା ଦୁହେଁ ବଞ୍ଚିଅଛନ୍ତି । ମନପୁର ଓ ଇଲସାଦ୍ୱୀପର ଲୋକଙ୍କ କଥା ତେଣିକି ଥାଉ ଉକ୍ତ ଦୁଇ ଦ୍ୱୀପର ଚିହ୍ନ ମାତ୍ର ନାହିଁ ।

ଚଟ୍ଟଗ୍ରାମ ନିକଟସ୍ଥ ସନ୍ଦୀପହାତିଆ ପ୍ରଭୃତି ଦ୍ୱୀପର ଏହି ଅବସ୍ଥା ଓ ସମୁଦ୍ରକୂଳ ପାଖ ଦେଶଖଣ୍ଡରେ ଏହିପରି ଲୁଣୀ ମାଡ଼ିଥିଲା ନଗରପାଖ ନଦୀରେ ଥିବା ଜାହାଜସବୁ ଶୃଙ୍ଖଳାରେ ପଡ଼ିଥିଲା ଭାଗ୍ୟର କଥା ଏତିକି ଯେ ବାର୍ଟିନ ସାହେବ ମାଜିଷ୍ଟ୍ରେଟ ଏସମୟରେ ସାହାଯ୍ୟ ଦାନ ପକ୍ଷରେ ଅତ୍ୟନ୍ତ ତତ୍ପର ହୋଇଅଛନ୍ତି ଏବଂ ସ୍ୱୟଂ ଲେପ୍ଟେନେଣ୍ଟ ଗବର୍ଣ୍ଣର ସେହି ଅଞ୍ଚଳକୁ ଭ୍ରମଣ କରିବାକୁ ଯାଇଥିବାରୁ ସମ୍ପୂର୍ଣ୍ଣ ଭରସା ଅଛି ଯେ ଯେଉଁମାନେ ବଞ୍ଚିଅଛନ୍ତି ସେମାନେ ଅନାହାରରେ ମରିବେ ନାହିଁ । କମିସ୍ନର ସାହେବ ମଧ୍ୟ ନୌକା ପୂର୍ଣ୍ଣ ଚାଉଳ ଡାଲି ଲବଣାଦି ଖାଦ୍ୟସାମଗ୍ରୀ ଘେନି ଯାଇଅଛନ୍ତି ।

ପରନ୍ତୁ ମୁଠାଏ ଖାଇବାକୁ ଦେଲେ ଏ ଲୋକଙ୍କର ସାହାଯ୍ୟ ହେବ ନାହିଁ ତହିଁରେ ଅପାତତଃ ଏହାଙ୍କର ପ୍ରାଣ ବଞ୍ଚିବ । ତୋଫାନ ଏମାନଙ୍କର ସର୍ବସ୍ୱ ଘେନି ଯାଇଅଛି । ଏହାଙ୍କର ଲୁଗାପଟା ନାହିଁ ରହିବାକୁ ଘର ନାହିଁ ଓ ପାଣି ପିଇବାକୁ ଥାଳ ଖଣ୍ଡେସୁଦ୍ଧା ନାହିଁ । ସୁତରାଂ ସାଧାରଣ ହେବା ଭିନ୍ନ ଏହାଙ୍କର ଯଥାବିହିତ ସାହାଯ୍ୟ ହୋଇ ନ ପାରେ ଓ ଏପକ୍ଷରେ ଶୀଘ୍ର ଉଦ୍ୟମ ହେଲେ ଭରସା ହୁଅଇ ଯଥେଷ୍ଟ ଅର୍ଥସଂଗୃହୀତ ହୋଇପାରିବ । ଏହାଙ୍କ ତୁଲ୍ୟ ଦୀନହୀନ ଓ ଦୟାର ପାତ୍ର ସଂସାରରେ କିଏ ଅଛି ।

# ସାପ୍ତାହିକସଂବାଦ ।

ଶ୍ରୀମତୀ ମହାରାଣୀଙ୍କ ପାଦସାହି ପଦର ଓଡ଼ିଆ ଅନୁବାଦ " ଭାରତବର୍ଷର ଅଧୀଶ୍ୱରୀ " ହୋଇ ଅଛି ।

ଗତ ଶନିବାର ବାରବାଟୀକିଲ୍ଲା ପଶ୍ଚିମରେ ଥିବା ଗୋଟିଏ କୋଠି ଗଞ୍ଜ ତୃତୀୟପ୍ରହର ସମୟରେ ପୋଡ଼ିଗଲା । ଏପରି ଅଗ୍ନିଲାଗିଲା କାହିଁକି ଜଣାଯାଇ ନାହିଁ ମାତ୍ର କେହି ଏମନ୍ତ କହୁଅଛନ୍ତି ଯେ କେରୋସିନ ତେଲର ଦୀପ କୋଠିରେ ଜଳୁଥିଲା କୌଣସି ରୂପେ ତାହା ଫାଟିଯାଇ ଘରେ ଅଗ୍ନି ଲାଗିଥିବ । କେରୋସିନ ତେଲ ଯେବେ ଏତେ ଅନିଷ୍ଟକର ତେବେ ସାହେବମାନେ ଏତେ ଆଗ୍ରହ ପୂର୍ବକ କାହିଁକି ଏ ତେଲ ଜାଳନ୍ତି ?

ଏ ଘଟନାର ଦୁଇ ତିନିଦିନ ପୂର୍ବେ ଏଠା ହେଡ଼ଅଦାଲତର ଜଣେ ଉକିଲ ଏକହାତରେ ଜଳନ୍ତା ସଳିତା ଅନ୍ୟ ହାତରେ କେରୋସିନ ତେଲ ପିମ୍ପାରୁ ତେଲ ବାହାର କରୁଥିଲେ । ଅକସ୍ମାତ୍ ତେଲରେ ନିଆଁଲାଗି ପିମ୍ପା ଫାଟିଯାଇ ସବୁତେଲ ଜଳିଉଠିଲା ଓ ଉକିଲଙ୍କ ଦେହର ଅନେକସ୍ଥାନ ଅତିଭୟଙ୍କର ରୂପେ ପୋଡ଼ିଗଲା । ଯାହାହେଉ ପରମେଶ୍ୱରଙ୍କ କୃପାରୁ ସେ ଅନେକ କଷ୍ଟରେ ପ୍ରାଣ ପାଇଅଛନ୍ତି । ସେ ଘରେଥିବା ଅନେକ ଦ୍ରବ୍ୟାଦି ନଷ୍ଟ ହୋଇଗଲା କେବଳ ଜଳାବାଟରେ ତେଲ ଶୀଘ୍ର ଗଡ଼ିଗଲା ବୋଲି କୋଠାଘର ରକ୍ଷାପାଇଗଲା । ଏପରି ଦୁର୍ଘଟନା ଯୋଗୁଁ କେରୋସିନ ତେଲ ପ୍ରତି ଲୋକଙ୍କର ବଡ଼ ଭୟ ହୋଇଅଛି । ବାସ୍ତବରେ ଅତି ସାବଧାନ ପୂର୍ବକ ଏ ତେଲକୁ ଜାଳିବାର ଉଚିତ ।

କଟକ ଜେଲଖାନାରେ ଅନେକ ପ୍ରକାର ଧୋତି ଶାଢ଼ୀ ସତରଞ୍ଜି ଓ ମେଜର ଚଦର ଇତ୍ୟାଦି ଲୁଗା ପ୍ରସ୍ତୁତ ହେଉଅଛି । ଗତ କେତେଦିନ ହେଲା ଜେଲଖାନା ସମ୍ମୁଖରେ ଏସମସ୍ତ ଦ୍ରବ୍ୟର ଦୋକାନ ଖୋଲାହେଲାପରି ପ୍ରଦର୍ଶିତ ହେଉଅଛି । ଲୋକେ ଦେଖିବାକୁ ଅଧିକ ବିସ୍ମୟ ହେବାର ସମ୍ଭାବନା ଜଣାଯାଏ ଓ ତାହା ହେଲେ ବଡ଼ ସୁଖର ବିଷୟ ହେବ । ବର୍ତ୍ତମାନ ଜେଲର ସାହେବଙ୍କ ଉଦ୍ୟମରେ ଜେଲଖାନାରେ ଯେମନ୍ତ ଦ୍ରବ୍ୟାଦି ପ୍ରସ୍ତୁତ ହେଉଅଛି ପୂର୍ବେ କେବେହେଁ ସେରୂପ ହୋଇ ନ ଥିଲା ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଆଜ୍ଞା ଦେଇଅଛନ୍ତି କି ଦିଲ୍ଲୀର ମହାସଭାକୁ ଯାଉଥିବା ରାଜା ଓ ତାହାଙ୍କ ସମଭିବ୍ୟାହାରୀ ଲୋକମାନେ ବ୍ରିଟିସ ରାଜ୍ୟମଧ୍ୟରେ ସମସ୍ତ ପ୍ରକାର ମାସୁଲ ଓ କର ଦାୟରୁ ମୁକ୍ତ ପାଇବେ ଅର୍ଥାତ୍ ବାଟ ଘାଟରେ ଏମାନଙ୍କୁ କିଛି ମାସୁଲ ଇତ୍ୟାଦି ଦେବାକୁ ହେବ ନାହିଁ ।

ଅସ୍ମେମାନେ କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ ଯେ ବାଲେଶ୍ୱରର ବାବୁ ବୈକୁଣ୍ଠନାଥ ଦେଙ୍କ ପ୍ରକାଶିତ କବିତାରତ୍ନାବଳୀ ଖଣ୍ଡିଏ ଉପହାର ପାଇଅଛୁଁ । ଏ ପୁସ୍ତକର ରଚୟିତା ବାବୁ ମଧୁସୂଦନ ରାଓ ଓ ବାବୁ ରାଧାନାଥ ରାୟ ଅଟନ୍ତି ଓ ବିଦ୍ୟାଳୟରେ ପାଠ୍ୟ ପୁସ୍ତକ ସ୍ୱରୂପ ବ୍ୟବହାର ହେବା ଏଥିର ଉଦ୍ଦେଶ୍ୟ ଅଟଇ । ଆମ୍ଭମାନଙ୍କ ବିବେଚନାରେ ଏହା ପାଠ୍ୟ ପୁସ୍ତକ ହେବାର ଉଚିତ ।

ଗତବର୍ଷର ତୃତୀୟ ସେମାହିରେ ବଙ୍ଗଳା ଲାଇବ୍ରେରିରେ ପ୍ରାପ୍ତ ହୋଇଥିବା ପୁସ୍ତକର ତାଲିକାରୁ ଦେଖାଯାଏ ଯେ ଏହି ତିନିମାସରେ ୧୮୯ ବଙ୍ଗଳା ୨୨ ସଂସ୍କୃତ ଓ ୧୭ ଓଡ଼ିଆ ପୁସ୍ତକ ବଙ୍ଗ ପ୍ରଦେଶରେ ଛପା ହୋଇ ଥିଲା ଅନ୍ୟାନ୍ୟ ଭାଷାର ପୁସ୍ତକମାନ ଏଥିରୁ ଊଣା ଅଟଇ ।

'ଇଙ୍ଗ୍ଲିସମ୍ୟାନ' ନାମକ ସଂବାଦପତ୍ରର ଧର୍ମ୍ମଦକ୍ଷଙ୍କ ଉପରେ ଅଳ୍ପଦିନ ହେଲା ୫ ୫୦ ଙ୍କା ଅର୍ଥଦଣ୍ଡ ହୋଇଥିଲା ସେ ତାହା ନ ଦେଇ ଜେଲଖାନାକୁ ଯାତ୍ରା କଲେ । କେତେକଜଣ ଦେଶୀୟ ଭଦ୍ରଲୋକ ଜରିମାନା ଟଙ୍କା ଦେଇ ତାହାଙ୍କୁ ଉଦ୍ଧାର କରି ନେଲେ । ଦେଶୀୟ ଲୋକଙ୍କ ଦୟା ସବୁ ଠାବରେ ସମାନ ।

ଡାକ୍ତର ପ୍ରସନ୍ନକୁମାର ରାୟ ଯାହାଙ୍କ ବିଷୟ ପୂର୍ବ୍ବ ପତ୍ରିକାରେ ପ୍ରକାଶ ହୋଇଥିଲା ପାଟନା କଲେଜରେ ୫ ୪୦୦ ଙ୍କା ବେତନର ଖଣ୍ଡିଏ କର୍ମ ପାଇ ଅଛନ୍ତି । ସରରିଚର୍ଡ ଟେମ୍ପଲ ଏହାଙ୍କୁ ଶୀଘ୍ରକର୍ମ ଦେଇ ଭଲ କରି ଅଛନ୍ତି ।

ଇଣ୍ଡିୟାନ ଡେଲିଜ ଓ ପିଓନିୟରରୁ ଜଣାଯାଏ ଯେ ଲଡାକରେ ଏ ବର୍ଷ ଦୁର୍ଭିକ୍ଷ ପଡ଼ିବାର ସମ୍ଭାବନା ଅଛି । ଗତବର୍ଷ ଶସ୍ୟର ଦର ଟଙ୍କାକୁ ସେ ୨୧ ର ଥିଲା ଏବର୍ଷ ସେ ୧୫ ର ହୋଇଅଛି । ଫସଲର ଅବସ୍ଥା ମନ୍ଦ ନୁହଇ ମାତ୍ର ବିଶେଷ ଭ୍ରାନ୍ତି ଏବଂ ଅନ୍ୟାନ୍ୟ କାରଣରୁ ଏରୂପ ଘଟିଅଛି ।

Split by PDF Splitter
Digitized by srujanika@gmail.com

Split by PDF Splitter



ରିସାଲଦାର ଅନୁପସିଂହ ନୈନିତାଲରେ ଅତି ଆନନ୍ଦରେ ଅଛନ୍ତି ସେଠାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଅନୁପସିଂହ ନୈନିତାଲକୁ ସ୍ୱର୍ଗ ତୁଲ୍ୟ ମଣୁଅଛନ୍ତି ଏବଂ ତାହାଙ୍କର ଏମନ୍ତ ଭାବନା ଯେ ଗୋଟିଏ ବିଲାତୀ ସ୍ତ୍ରୀ ବିବାହ କରି ସେଠାରେ ରହିବେ ଓ ଦ୍ୱିତୀୟ ଦଲୀପସିଂହ ହେବେ ।

ବମ୍ବେଇର ଗବର୍ଣ୍ଣର ଶୀଘ୍ର ବିଲାତକୁ ଯିବାର କଥା ଅଛି ତାହାଙ୍କ ସମୟ ପ୍ରାୟ ପୂର୍ଣ୍ଣ ହେଲଣି। ତାହାଙ୍କ ପଦରେ ସର୍ ବାର୍ଟଲ ଫ୍ରିଅର ଓ ସର୍ ରିଚାର୍ଡ଼ ଟେମ୍ପଲ ଏ ଦୁହିଙ୍କ ମଧ୍ୟରୁ ଏକଜଣ ନିଯୁକ୍ତ ହେବାର କଥା ହେଉଅଛି । ନିଶ୍ଚୟ କିଏ ହେବ ଜଣା ନାହିଁ ।

ସର୍ ରିଚାର୍ଡ଼ ଟେମ୍ପଲଙ୍କୁ ଦାର୍ଜିଲିଙ୍ଗର ଗୃହାକର ସାହେବମାନେ ନାଚଗାନା ଦେଇଥିଲେ ଓ ଅତି ସୁନ୍ଦରରୂପେ ସେ କାର୍ଯ୍ୟ ସମାଧା ହୋଇଥିବାରୁ ଜଣେ ପତ୍ରପ୍ରେରକ ବୋଲନ୍ତି କି କଲିକତାର ସମ୍ବାଦପତ୍ରମାନେ ଯେ ସର୍ ରିଚାର୍ଡ଼ ଟେମ୍ପଲଙ୍କର ଅଖ୍ୟାତି କରନ୍ତି ସେମାନେ ଜାଣିବେ ଯେ ସ୍ୱାଧୀନ ଇଂରେଜମାନଙ୍କଠାରେ ସେ କେତେ ଲବ୍ଧାସ୍ପଦ ଅଟନ୍ତି ।

ଗତ ବର୍ଷା ଓ ବତାସରେ ଉତ୍ତର ପଶ୍ଚିମ ପ୍ରଦେଶରେ ଖରିଫ ଫସଲ ଅନେକ କ୍ଷତି ହୋଇଅଛି ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ସିମସ୍ରିବସ୍ ନାମରେ ଏକବ୍ୟକ୍ତି ଅଷ୍ଟ୍ରେଲିୟା ଦ୍ୱୀପରେ ପଞ୍ଚାଶଟା ମଜଲିସରେ ଗାଇବା ସକାଶେ ଦେଢଲକ୍ଷ ଟଙ୍କା ନେବାର ବନ୍ଦୋବସ୍ତ କରିଅଛନ୍ତି ପ୍ରତି ମଜଲିସରେ ଏହାଙ୍କର ତିନି ହଜାର ଟଙ୍କା ପଡ଼ିଲା । ସୁଗାୟକର ମର୍ଯ୍ୟାଦା ଅବଧି ଏପରି ଅଛି ଶୁଣି ଆନନ୍ଦିତ ହେଲୁଁ ।

ଇଂଲଣ୍ଡରେ ଏକବ୍ୟକ୍ତି ଗୋଟିଏ ଯନ୍ତ୍ର ପ୍ରସ୍ତୁତ କରିଅଛି ଯେ ତଦ୍ୱାରା ସମୁଦ୍ରଜଳରୁ ଲବଣ ଇତ୍ୟାଦ ବାହାର ଯାଇ ସେ ଜଳ ପାନକରିବାର ଯୋଗ୍ୟ ହେବ । ଏକଘଣ୍ଟାରେ ଏକବୋତଲ ଜଳ ଏ ଯନ୍ତ୍ରଦ୍ୱାରା ପରିଷ୍କାର ହୁଏଇ ।

## ବିଜ୍ଞାପନ ।

ଏହାଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆମ୍ଭେ ଶ୍ରୀ ଭୂୟାଁ ଅବଦୁଲଶୋବହାନଖାଁ ସା । ଓଡ଼ିଆଶାସନ ପ୍ରା । ଗଡ଼ପଦା ଥାନା ବସ୍ତା ଜିଲ୍ଲା ବାଲେଶ୍ୱର ସନ ୧୮୭୧ ମସିହା ମାର୍ଚ୍ଚମାସ ତା ୨୫ ରିଖରେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଇଲାକା ଗଡ଼ପଦା ପ୍ରଗନା ଓଡ଼ିଆ ଶାସନ ମୌଜ ନିବାସୀ ଶ୍ରୀ ଭୂୟାଁ ଗୋଲାମ ମୋସ୍ତଫାଖାଁ ନାମରେ ଯେଉଁ ଆମ୍ମୋଖତାର ନାମା ଲେଖିଦେଇଥିଲୁଁ ତାହା ଆମ୍ଭେ ରଦ୍ ଓ ରହିତ କରି ଅଛୁଁ ଉକ୍ତ ରହିତ ମୋଖତାରନାମା ବଳରେ ସେ ଯେଉଁ କାର୍ଯ୍ୟ କରିବେ ତାହା ରଦ୍ ଓ ରହିତ ଜ୍ଞାନ ହେବ ଇତି ।

ବାଲେଶ୍ୱର ୩୧।୧୦।୭୬ } ଶ୍ରୀ ଭୂୟାଁ ଅବଦୁଲଶୋବହାନଖାଁ

## ବିଜ୍ଞାପନ ।

ଭବିଷ୍ୟତରେ ଓଡ଼ିଶାସ୍କୁଲ ସମୂହ ନିମନ୍ତେ ଓଡ଼ିଆ ଶିକ୍ଷକମାନଙ୍କ ପରୀକ୍ଷା ନିଯୋଗ ନିମ୍ନଲିଖିତ ନିୟମାନୁସାରେ ହେବ।

୧ । ଓଡ଼ିଆ ଶିକ୍ଷକତା ପଦ ପାଇବା ପରୀକ୍ଷାର୍ଥୀମାନେ କୌଣସି ପ୍ରଥମଶ୍ରେଣୀ ନର୍ମାଲସ୍କୁଲରେ ଉପସ୍ଥିତ ହୋଇ ପରୀକ୍ଷା ଦେଇପାରିବେ।

୨ । ଏ ପରୀକ୍ଷା ପ୍ରତିବର୍ଷ ଡିସେମ୍ବର ମାସରେ ପ୍ରଥମଶ୍ରେଣୀ ନର୍ମାଲସ୍କୁଲର ବାର୍ଷିକ ପରୀକ୍ଷା ସହିତ ହେବ କିନ୍ତୁ ଏବର୍ଷ ନର୍ମାଲସ୍କୁଲର ପରୀକ୍ଷା ନବେମ୍ବରମାସ ତା ୨୮ ରିଖଠାରୁ ଆରମ୍ଭ ହେବ ନର୍ମାଲସ୍କୁଲ ଛାତ୍ରମାନଙ୍କୁ ଯେଉଁ ପ୍ରଶ୍ନ ଦିଆଯିବ ଶିକ୍ଷକତା ପଦ ପାଇବା ପରୀକ୍ଷାର୍ଥୀମାନଙ୍କୁ ମଧ୍ୟ ସେହି ପ୍ରଶ୍ନ ଦିଆଯିବ ।

୩ । ନର୍ମାଲସ୍କୁଲରେ ତିନିବର୍ଷ ନିମନ୍ତେ ଯେଉଁ ତିନି୨ ପାଠ୍ୟପୁସ୍ତକ ନିର୍ଦ୍ଧାରିତ ଅଛି ଓଡ଼ିଆ ଶିକ୍ଷକତା ପଦ ପାଇବା ପରୀକ୍ଷାର୍ଥୀମାନେ ସେହି ତିନିପ୍ରକାର ପାଠ୍ୟପୁସ୍ତକରେ ପରୀକ୍ଷିତ ହେବେ ଓ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ ସେମାନେ ତିନିଶ୍ରେଣୀରେ ବିଭକ୍ତ ହେବେ ଏବଂ ପ୍ରତ୍ୟେକ ଶ୍ରେଣୀର ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନେ ସେମାନଙ୍କ ନିଜ୨ ବ୍ୟୁତ୍ପତ୍ତି ଅନୁସାରେ ଉଚ୍ଚ, ମଧ୍ୟମ, ଓ ନିମ୍ନ ଏହି ତିନିଭାଗରେ ବିଭକ୍ତ ହେବେ ।

୪ । ଯେଉଁ ପରୀକ୍ଷାର୍ଥୀ ସର୍ବ ସମଷ୍ଟି ନମ୍ବରରୁ ଶତକଡ଼ା ୬୦ ବା ତତୋଧିକ ନମ୍ବର ରଖିବ ସେ ପ୍ରତ୍ୟେକ ଶ୍ରେଣୀର ଉଚ୍ଚବ୍ୟୁତ୍ପତ୍ତିର ପ୍ରଶଂସାପତ୍ର ପାଇବ ଯେ ଶତକଡ଼ା ୪୫ ରଖିବ ଅବା ୬୦ ରୁ କମ ରଖିବ ସେ ମଧ୍ୟମ ବ୍ୟୁତ୍ପତ୍ତିର ପ୍ରଶଂସାପତ୍ର ପାଇ ପାରିବ ଆଉ ଯେ ଶତକଡ଼ା ୩୩ ରଖିବ ଅବା ୪୫ ରୁ କମ ରଖିବ ସେ ନିମ୍ନ ବ୍ୟୁତ୍ପତ୍ତିର ପ୍ରଶଂସାପତ୍ର ପାଇ ପାରିବ ।

୫ । ସନ ୧୮୭୭ ମସିହା ଜାନୁଏରିମାସ ପରେ ଶିକ୍ଷକତାପଦ ପାଇବାର ପରୀକ୍ଷାର ଉଚ୍ଚଶ୍ରେଣୀର ପ୍ରଶଂସାପତ୍ର ନ ଦର୍ଶାଇ ପାରିବେ ତାଙ୍କୁ ସର୍କଲ ଇନସ୍ପେକ୍ଟରଙ୍କ କୌଣସି ବିଶେଷ ଅନୁମତି ବିନା କୌଣସି ମଧ୍ୟମ ଶ୍ରେଣୀ ସ୍କୁଲର ପ୍ରଧାନ ଶିକ୍ଷକତା ପଦରେ ନିଯୁକ୍ତ କରାଯିବ ନାହିଁ ।

୬ । ଯେଉଁ ପରୀକ୍ଷାର୍ଥୀମାନେ ୨ୟ ବା ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବେ ସେମାନେ ମଧ୍ୟମଶ୍ରେଣୀ ସ୍କୁଲମାନଙ୍କର ସହକାରୀ ଶିକ୍ଷକତାପଦ ଅଥବା ନିମ୍ନଶ୍ରେଣୀ ବା ବାଳିକା ବିଦ୍ୟାଳୟମାନଙ୍କ ସବୁପ୍ରକାର ଶିକ୍ଷକତା ପଦ ପାଇ ପାରିବେ ।

୭ । ପରୀକ୍ଷାର୍ଥୀମାନେ ପ୍ରଥମଶ୍ରେଣୀ ନର୍ମାଲସ୍କୁଲର ପ୍ରଧାନ ଶିକ୍ଷକ କିମ୍ବା ଜିଲର ଡେପୁଟି ଇନସ୍ପେକ୍ଟରଙ୍କ ନିକଟକୁ ନିମ୍ନଲିଖିତ ବିଷୟମାନ ପୂରଣ କରି ପ୍ରତିବର୍ଷ ଅକ୍ଟୋବର ମାସ ତା ୧ ରିଖ କିମ୍ବା ତତ୍ପୂର୍ବେ ପଠାଇବେ ଏବର୍ଷ ଯେତେ ଶୀଘ୍ର ପାରନ୍ତି ପଠାଇବେ ଆଉ ଡେପୁଟି ଇନସ୍ପେକ୍ଟର ଏସବୁ ଦରଖାସ୍ତ ପାଇବା ମାତ୍ରେ କଟକ ନର୍ମାଲସ୍କୁଲ ପ୍ରଧାନ ଶିକ୍ଷକଙ୍କ ନିକଟକୁ ପ୍ରେରଣ କରିବେ ।

୧ । ତାଙ୍କ ନାମ ।
୨ । ତାଙ୍କ ବୟସ ।
୩ । ତାଙ୍କ ପିତାର ନାମ ।
୪ । ବାସସ୍ଥାନ (ଜିଲା ଗ୍ରାମ ଇତ୍ୟାଦି ।)
୫ । ଯେଉଁ ନର୍ମାଲସ୍କୁଲରେ ସେ ପରୀକ୍ଷା ଦେବାକୁ ଇଚ୍ଛା କରନ୍ତି ।
୬ । ଯେଉଁ ଶ୍ରେଣୀ ଶିକ୍ଷକତା ପଦ ପାଇବା ନିମନ୍ତେ ପରୀକ୍ଷା ଦେବେ ।
୭ । ତାଙ୍କର ଆଚରଣ ଓ ପୂର୍ବକାର୍ଯ୍ୟ ବିଷୟକ ପ୍ରଶଂସାପତ୍ର ।

୮ । ସମ୍ପ୍ରତି କୌଣସି ପରୀକ୍ଷାର୍ଥୀଠାରୁ ପରୀକ୍ଷା ଫି ନିଆଯିବ ନାହିଁ କିନ୍ତୁ ସର୍କଲ ଇନସ୍ପେକ୍ଟର କୌଣସି ପରୀକ୍ଷାର୍ଥୀର ପୂର୍ବାଚରଣ ମନ୍ଦ ଜାଣି ତାକୁ ପରୀକ୍ଷାସ୍ଥଳେ ପ୍ରବେଶ କରିବାକୁ ବାରଣ କରିପାରିବେ ।

୯ । ବ ୧୬ ବର୍ଷରୁ ଊଣା ଓ ବ ୩୫ ବର୍ଷରୁ ଅଧିକ ବୟସ୍କଲୋକେ ପରୀକ୍ଷାର୍ଥୀ ହୋଇ ପାରିବେ ନାହିଁ ।

The 8th Novr. 1876. } N. K. Dass. Joint Inspector of schools Orissa Circle.

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୧ଶ
ସଂ୪୭ଖ୍ୟା
ତା ୨୫ରିଖ ନବମ୍ବର ସନ ୧୮୭୭ମସିହା । ମୂ । ମାର୍ଗଶିର ଦି ୧୨ନ ସନ ୧୨୮୫ସାଲ ଶନିବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ ୨।
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୨॥
ମଫସଲପାଁଇ ଡାକମାସୁଲ ଟ ୧।୵

ଦୁର୍ଭିକ୍ଷ ପୀଡ଼ିତ ରାଜ୍ୟର ଅବସ୍ଥା କିଛି ଭଲ ନାହିଁ ଦିନକୁଦିନ ଯେତେ ଅନୁସନ୍ଧାନ ହେଉଅଛି ତେତେ ମନ୍ଦ ଦେଖାଯାଉଅଛି ଅନୁମାନ ହୁଅଇ ପ୍ରଥମାବସ୍ଥାରେ ସ୍ଥାନୀୟ କର୍ମଚାରୀମାନେ ଏହାକୁ କଳନା କରିପାରି ନଥିଲେ । ଯାହା ହେଉ ବର୍ତ୍ତମାନ ସାହାଯ୍ୟ ଦାନରେ ସ୍ଥାନୀୟ ଗବର୍ଣ୍ଣରମାନେ ତତ୍ପର ହୋଇଅଛନ୍ତି ଓ ନାନାସ୍ଥାନରେ ସାହାଯ୍ୟ କାର୍ଯ୍ୟ ଅନୁଷ୍ଠିତ ହେଉଅଛି । ଚାଉଳର ଭାଉ ଅଧିକ ହେଲେହେଁ ତାହା ଅପ୍ରାପ୍ତ ହେବାର ଶଙ୍କା ନାହିଁ ଶୁଣାଯାଉଅଛି ଏତେ ଚାଉଳ ଆସୁଅଛି ଯେ ରେଲୱେ କମ୍ପାନିମାନେ ତାହା ତୋଲାଇ କରିପାରୁ ନାହାନ୍ତି । ଷ୍ଟେସନମାନଙ୍କରେ ପର୍ବତାକାରରେ ଜମା ହୋଇଅଛି ।

---

ଇଣ୍ଡିୟାନଡେଲିନିୟୁସରେ ପାଠ କଲୁଁ ଯେ ବଣିପୁରକୁ ତାରଡାକ ବସିବାର ପ୍ରସ୍ତାବ ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି ଏବଂ ଶୀଘ୍ର ଏକାର୍ଯ୍ୟ ଆରମ୍ଭ ହେବ । ପାଠକମାନଙ୍କର ସ୍ମରଣ ଥିବ ଯେ ଆମ୍ଭମାନଙ୍କ କମିଶନର ବନ୍ଧୁଇ ଦିନ ହେଲା ଏ ପ୍ରସ୍ତାବ ଗବର୍ଣ୍ଣମେଣ୍ଟରେ କରିଥିଲେ ଏବଂ ଦୁଇବର୍ଷ ପୂର୍ବେ ଏ ନଗରବାସୀ ପ୍ରଧାନ ମହାଜନଙ୍କଠାରୁ ସାହାଯ୍ୟ ପାଇବାର ଆଶ୍ୱାସନା ପାଇ ଗବର୍ଣ୍ଣମେଣ୍ଟଙ୍କୁ ବିଶେଷ ଅନୁରୋଧ କରିଥିଲେ । ବୋଧ ହୁଅଇ ଏତେ ଦିନେ ତାହା ସଫଳ ହେଲା । ବଣିପୁରଠାରେ ଟେଲିଗ୍ରାଫ ଅଫିସ ଫିଟିଲେ ବଣିକମାନଙ୍କର ଅନେକ ସୁବିଧା ଓ ବାଣିଜ୍ୟ ବୃଦ୍ଧି ହେବାର ଆଶା ଅଛି ଓ ଗବର୍ଣ୍ଣମେଣ୍ଟଙ୍କର ଆପାତତଃ ଏକାର୍ଯ୍ୟରେ କିଛି କ୍ଷତି ହେଲେ ସୁଦ୍ଧା ପରିଣାମରେ ତାହା ରହିବ ନାହିଁ ।

---

ବିଲାତରୁ ଆସିଥିବା ଗତମାସ ତା ୧୧ ରିଖର ତାରସମ୍ବାଦରୁ ଜଣାଗଲା ଯେ ତୁରସ୍କଦେଶରୁ ବେଲଗରିୟା ରୁଷିୟାଙ୍କୁ ଓ ହର୍ଜଗୋବିନା ସରବିୟା ଅଷ୍ଟ୍ରିୟାଙ୍କୁ ଦେବାପାଁଇ ରୁଷିୟା ପ୍ରସ୍ତାବ କରିଥିବାର ଯେ କଥା ଶୁଣା ଯାଉଥିଲା ତାହା ଯଥାର୍ଥ ଅଟଇ ମାତ୍ର ଇଂରାଜ ମନ୍ତ୍ରୀ ଲର୍ଡ ଡର୍ବୀ ସାହେବ ତହିଁରେ ସମ୍ମତ ହୋଇ ନାହାନ୍ତି ଓ ରୁଷିୟାଙ୍କୁ ଲେଖିଅଛନ୍ତି କି ତୁରସ୍କ ରାଜ୍ୟ ଅକ୍ଷୁନ୍ନ ରହିବ ଓ ତୁରସ୍କର ସ୍ୱାଧୀନତା ପ୍ରତି କୌଣସି ରୂପ ହସ୍ତକ୍ଷେପଣ ହେବ ନାହିଁ । ରୁଷିୟା ଗବର୍ଣ୍ଣମେଣ୍ଟଙ୍କୁ ଏରୂପ ପତ୍ର ଯାଇଅଛି ଓ ତାହା ପଠାଇବା ସଙ୍ଗେ ସଙ୍ଗେ ପଞ୍ଚାଶହଜାର ସେନା ଆଜ୍ଞା ମାତ୍ରକେ ଯାତ୍ରା କରିବାପାଁଇ ପ୍ରସ୍ତୁତ ହେବା ଓ ରଣଜାହାଜର କର୍ମଚାରୀମାନେ ଯେ ଯେଉଁଠାରେ ଛୁଟୀ ନେଇ ବସିଅଛନ୍ତି ସମସ୍ତେ ଆପଣା ଆପଣା କର୍ମକୁ ଫେରି ଆସିବାପାଁଇ ଆଜ୍ଞା ହୋଇଅଛି । ଏସବୁ ସମ୍ବାଦରୁ କି ଜଣାଯାଏ ? ଏଥିରୁ ଏତିକି ଅନୁମାନ ହେଉଅଛି କି ଯଦ୍ୟପି ରୁଷିୟା ଆପଣା ପ୍ରସ୍ତାବକୁ ପରିତ୍ୟାଗ ନ କରିବେ ତେବେ ତୁରସ୍କର ସାହାଯ୍ୟ ନିମିତ୍ତ ଇଂଲଣ୍ଡ ଓ ରୁଷିୟା ମଧ୍ୟରେ ଯୁଦ୍ଧ ହେବାର ସମ୍ଭାବନା ଅଛି ଓ ଇଂରାଜମନ୍ତ୍ରୀଏ କଥା ସମସ୍ତ ଅନୁମାନ କରି ଉପରଲିଖିତ ଆଜ୍ଞା ପ୍ରଚାର କରିଅଛନ୍ତି ।

---

ଗତ କାର୍ତ୍ତିକ ପୂର୍ଣ୍ଣିମାର ତୋଫାନରେ ପୂର୍ବ ବଙ୍ଗଳାର ସ୍ଥଳଭାଗରେ ଯେମନ୍ତ ଲୁଣାପାଣି ମାଡି ଅତି ସର୍ବନାଶ କରିଅଛି ତେମନ୍ତ ସମୁଦ୍ରମଧ୍ୟରେ ଜାହାଜମାନଙ୍କ ଉପରେ ବତାସ ଅତ୍ୟନ୍ତ ପରାକ୍ରମ ଦେଖାଇଅଛି । ଆମ୍ଭେମାନେ ଅନେକ ଗୁଡ଼ିଏ ଜାହାଜ ସମ୍ପୂର୍ଣ୍ଣ ବା ଅଂଶିକରୂପେ ନଷ୍ଟ ହେବାର ସମ୍ବାଦ ପାଠକରିଅଛୁଁ ଓ ଆଶ୍ଚର୍ଯ୍ୟର ବିଷୟ ଯେ ତୋଫାନ ହେବବୋଲି ଆଗଠାରୁ କେହି ଅନୁଭବ କରି ପାରି ନ ଥିଲେ । ବାୟୁପରିମାପକଯନ୍ତ୍ର ଏସମୟରେ କିଛି କାର୍ଯ୍ୟରେ ଆସିଲା ନାହିଁ । ସ୍ଥଳଭାଗରେ କେତେ ମନୁଷ୍ୟ ଓ ପଶୁ ମରି ପଡ଼ିଅଛନ୍ତି ତହିଁର ନିଶ୍ଚୟ କିଛି ଜଣା ଯାଇ ନାହିଁ କିନ୍ତୁ ଯେତେ ଅନୁସନ୍ଧାନ ହେଉଅଛି ତେତେଅଧିକ ସର୍ବନାଶର କଥା ଜଣା ଯାଉଅଛି । ପ୍ରଥମେ ୩୦।୪୦ ହଜାର ଲୋକ ମରିପଡ଼ିବାର ଅନୁମାନ ହୋଇଥିଲା ତହିଁଉତ୍ତାରୁ ଏକଲକ୍ଷ ହେଲା ଓ ସମ୍ପ୍ରତି ଦୁଇଲକ୍ଷ ସରିକି ମରିଥିବାର କେହି କେହି ଅନୁମାନ କରୁଅଛନ୍ତି ଫଳତଃ ଯେତେ ଆୟତନରେ ଏ ଦୁର୍ଘଟନାଟି ଘଟିଅଛି ତହିଁରେ ଏତେ ଲୋକ ମରିପଡ଼ିବା ବିଚିତ୍ର ନୁହଇ । ଯେଉଁମାନେ ଜୀବିତ ଅଛନ୍ତି ତାହାଙ୍କୁ ବିହିତରୂପେ ସାହାଯ୍ୟ ଦିଆ ଯାଉଅଛି ଏବଂ କେହି ଅନା-

Split by PDF Splitter
Digitized by srujanika@gmail.com

ହାରରେ ମରବେ ନାହିଁ । ଏତିକ ଭୟ ଯେ କାଳେ କୌଣସି ରୋଗ ଏ ସମୟରେ ପ୍ରବଳ ହୋଇ ବାହାରିବ କାରଣ ଅନେକ ଲୋକ ଲବଣ ବିନା ପଚା ଚାଉଳ ଖାଇ ବଞ୍ଚିଅଛନ୍ତି ଓ ପଚା ମଡା ଓ ଗଛପତ୍ରରେ ଜଳବାୟୁ ଉଭୟ ଦୂଷିତ ହୋଇଅଛି ।

---

ଆମ୍ଭେମାନେ ଯାହା ଆଶଙ୍କା କରିଥିଲୁଁ କି ଏ ବର୍ଷ ଓଡିଶାରୁ ବହୁତ ଚାଉଳ ରପ୍ତାନୀ ହେବ ତାହା ପ୍ରତ୍ୟକ୍ଷ ଦେଖା ଗଲାଣି । ମହାଜନମାନେ ବହୁତ ଚାଉଳ କିଣୁଥିବାରୁ ଦର କ୍ରମଶଃ ବୃଦ୍ଧି ହେଉଅଛି । ଏଥିରେ ପୁଣି ଗବର୍ଣ୍ଣମେଣ୍ଟଙ୍କ ସକାଶେ ଚାଉଳ କିଣିବାର ଖବର ହେଉଅଛି । ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଉକ୍ତ ପ୍ରଦେଶ ସକାଶେ କେତେ ଚାଉଳ କିଣି ନେବାପାଇଁ ତାରଡାକ ଯୋଗେ ସମ୍ବାଦ ଆସିଥିବାର ଶୁଣାଯାଏ । ଅବଶ୍ୟ ଏ ସମ୍ପର୍କରେ କିଛି କାର୍ଯ୍ୟ ହେବାର ଦେଖା ଯାଇ ନାହିଁ ମାତ୍ର ସମ୍ଭବ ହେଉଅଛି ଓ ସମସ୍ତ ଲକ୍ଷଣ ଦେଖା ଯାଉଅଛି ଯେ ଶୀଘ୍ର ବହୁତ ଚାଉଳ ଖରିଦ ହୋଇ ମାନ୍ଦ୍ରାଜକୁ ଯିବ । ଉତ୍କଳଦର୍ପଣରୁ ଜଣା ଗଲା ଯେ ବାଲେଶ୍ୱରରେ ମାରୱାଡୀ ଓ ତେଲଙ୍ଗା ମହାଜନମାନେ ଏତେ ଚାଉଳ କିଣୁଅଛନ୍ତି ଯେ ବର୍ଷାକାଳରେ ଯେମନ୍ତ ଉଚିତଦରରେ ଚାଉଳ ବିକ୍ରୟ ହେଉଥିଲା ବର୍ତ୍ତମାନ ସୁଦ୍ଧା ସେହିପରି ହୋଇଅଛି । ଅତ୍ୟନ୍ତ ଉତ୍ତମ କ୍ଷେତ ହୋଇଥିଲେହେଁ ତଦ୍ଦ୍ୱାରା କିଛି ଶସ୍ତା ହେଲା ନାହିଁ । କଣିକିଆଙ୍କର ଏଥିରେ ବଡକଷ୍ଟ ହୋଇଅଛି ଓ ଅନୁଭବ ହେବ ମାତ୍ର କୃଷିଙ୍କର ଲାଭ ଅଛି ଓ ଏହାଙ୍କ ସଂଖ୍ୟା ଅଧିକ ସୁତରାଂ ସାଧାରଣ ଲାଭର କଥା ତଥାପି ଦେଖିବାର ଉଚିତ ଯେମନ୍ତ କି ଅଧିକ ରପ୍ତାନୀଦ୍ୱାରା କଣିକିଆଙ୍କର ଅନାହାର ପୀଡା ନ ହୁଅଇ ।

---

ପଞ୍ଚକପୂର୍ଣ୍ଣିମା ସମୟରୁ ଏ ଜିଲ୍ଲାର ମଫସଲର ନାନାସ୍ଥାନରେ ଓଲାଉଠା ରୋଗର ବଡ ପ୍ରବଳ ହୋଇଥିବାର ଆମ୍ଭେମାନେ ସମ୍ବାଦ ପାଇଅଛୁଁ ଓ ଏଥିରେ ଅନେକ ଗୃହସ୍ଥ ଲୋକ ମରି ପଡିଅଛନ୍ତି । କାର୍ତ୍ତିକମାସରେ ଜ୍ୱରରୋଗର ପ୍ରାଦୁର୍ଭାବ ହୁଅଇ ସମସ୍ତେ ଜାଣନ୍ତି କିନ୍ତୁ ଓଲାଉଠାର ସମୟ ନୁହଇ । ଏ କାଳରେ ଉକ୍ତ ରୋଗ ବାହାରିବାର ଏହି କାରଣ ଜଣାଯାଏ ଯେ ପଞ୍ଚକଯାତ୍ରାରେ ଏ ବର୍ଷ ବହୁତ ଯାତ୍ରୀ ପୁରୀକୁ ଯାଇଥିଲେ ଓ ସେଠାରେ ଏ ରୋଗ ବଡ ପ୍ରବଳ ହୋଇ ନ ଥିଲେ ସୁଦ୍ଧା ଯାତ୍ରିମାନେ ସେହିଠାରୁ ରୋଗ ଘେନି ଆସି ଆପଣା ଗ୍ରାମରେ ପ୍ରବେଶ କରାଇଲେ । ଏହି ସକାଶେ ମୋଫସଲର ଚାରିଆଡେ ଏ ରୋଗର ବିସ୍ତାର ହେଲା । ଏଥିରୁ ଅନୁମାନ ହୁଅଇ ଯେ ପୁରୀରେ ବଡା ଘର ଆଇନଦ୍ୱାରା ରୋଗ କେତେକ ପରିମାଣରେ ନିବାରଣ ହେଲେହେଁ ଉକ୍ତ ଆଇନଦ୍ୱାରା ଯାତ୍ରିମାନଙ୍କର ଆଶାନୁରୂପ ଉପକାର ହୋଇ ନାହିଁ କାରଣ ନଗର ମଧ୍ୟରେ ଯାତ୍ରିମାନେ ଅପେକ୍ଷାକୃତ ଭଲ ରହିଲେତ କି ହେଲା ? ବାଟରେ ଚଟିମାନଙ୍କର ଅବସ୍ଥା ଅତି ମନ୍ଦ ଥିବା ଏବଂ ଖାଦ୍ୟଦ୍ରବ୍ୟ ପ୍ରତି ଯଥାବିହିତ ମନୋଯୋଗ ନ ହେବାରୁ ଯାତ୍ରିମାନେ ବାଟରେ ପୀଡିତ ହେଉଅଛନ୍ତି ଏବଂ ପୀଡିତ ଅବସ୍ଥାରେ ଯେ ଯାହା ଘରକୁ ଫେରି ଆସି ସ୍ୱାସ୍ଥ୍ୟକର ସ୍ଥାନମାନଙ୍କରେ ସଂକ୍ରାମକ ରୋଗ ସବୁ ଛାଡ ଦେଉଅଛନ୍ତି । ଏ ବିଷୟରେ ଗବର୍ଣ୍ଣମେଣ୍ଟଙ୍କର କିଛି ବିଧାନ କରିବା ଉଚିତ ।

---

ଶ୍ରୀମତୀ ଭାରତେଶ୍ୱରୀଙ୍କର ନୂତନପଦ ଗ୍ରହଣ ଉପଲକ୍ଷରେ କେତେଗୁଡିଏ କଏଦିଙ୍କୁ ମୁକ୍ତି ଦେବାର ପ୍ରସ୍ତାବ ହେଉଅଛି । ଏଥିରେ ସମ୍ବାଦପତ୍ରମାନଙ୍କରୁ ନାନାପ୍ରକାର କଥା ଶୁଣାଯାଏ । ଏକପତ୍ରିକାରେ ଲେଖା ଅଛି ଯେ ଭାରତବର୍ଷର ଜେଲସମୂହରୁ ଶତକରା ଜ ୧୦ ଣ ଲେଖାଏ କଏଦୀ ଖଲାସ ହେବେ ଓ ଅନ୍ୟ ଏକ ପତ୍ରିକାରେ ଲେଖାଅଛି କି ଯେଉଁ କଏଦମାନେ ଯାବଜ୍ଜୀବନ କାରାବାସ ଦଣ୍ଡ ଭୋଗ କରୁଅଛନ୍ତି ତାହାଙ୍କ ମଧ୍ୟରୁ ଯେଉଁମାନେ ନରହତ୍ୟା ବିଷ ଖୁଆଇବା ଇତ୍ୟାଦ ଗରିଷ୍ଠ ଅପରାଧ ଭିନ୍ନ ଅନ୍ୟ ଅପରାଧରେ ଦୀର୍ଘକାଳ ଦଣ୍ଡଭୋଗ କରୁ ଅଛନ୍ତି ସେମାନଙ୍କୁ ମୁକ୍ତ ଦିଆ ଯିବ । ରାଜାମାନଙ୍କ ଉତ୍ସବ ସମୟରେ କଏଦଙ୍କୁ ମୁକ୍ତ ଦେବା ଗୋଟିଏ ପ୍ରାଚୀନ ପ୍ରଥା ଅଟଇ ଓ ବର୍ତ୍ତମାନ ଉତ୍ସବରେ ତାହା ହେଲେ ବୋଧ ହୁଅଇ କାହାର ଅମତ ହେବ ନାହିଁ ମାତ୍ର ପୂର୍ବକାଳରେ ରାଜାମାନେ ଏକାବେଳକେ ଜେଲସମସ୍ତ ଫିଟାଇ ଦେଉଥିଲେ । ଇଂରାଜ ଗବର୍ଣ୍ଣମେଣ୍ଟରେ ତାହା ହେବା ଅସମ୍ଭବ ତେବେ କେତେ ଜଣଙ୍କୁ ଖଲାସ ଦେଲେ ଏ କାଳର ମହତ୍ତ୍ୱ ଅଧିକ କି ହେବ ଆମ୍ଭେମାନେ ବୁଝି ପାରୁ ନାହୁଁ । ଯେଉଁମାନେ କାରାବାସରେ ସଦାଚାର ଦେଖାଇ କ୍ଷମା ପାଇବାର ଯୋଗ୍ୟ ହୋଇଅଛନ୍ତି ସେମାନଙ୍କୁ ଛାଡ ଦେବା ସକାଶେ ଏପରି ଉତ୍ସବକାଳର ପ୍ରୟୋଜନ ନାହିଁ । ଏପରି ଛାଡ ଦେବା ସକଳ ସମୟରେ ଉଚିତ ଓ ଶ୍ରୀ ଭାରତେଶ୍ୱରୀଙ୍କର ଜନ୍ମଦିନ ଉତ୍ସବରେ ପ୍ରତିବର୍ଷ କେତେଗୁଡିଏ ମୁକ୍ତି ପାଇବା ଯୋଗ୍ୟ କଏଦଙ୍କୁ ଛାଡଦେବାର ନିୟମ ହେଲେ ଭଲ ହୁଅନ୍ତା । ବର୍ତ୍ତମାନ ପରି ଅସାଧାରଣ ମହୋତ୍ସବରେ ରାଜକୀୟ କଏଦମାନଙ୍କ ମଧ୍ୟରୁ କ୍ଷମା ପାଇବାର ଯୋଗ୍ୟ ଲୋକ ଦେଖି ଛାଡ ଦେଲେ ଓ ତାହାରକୁ ସେମାନଙ୍କର ସମ୍ପତ୍ତି ଫେରାଇ ଦେଲେ ଅଧିକ ଶୋଭା ପାଆନ୍ତା ଓ ଏରୂପ କିଛି ହେବାର ଉଚିତ ।

---

କଲିକତା ନଗରର ହେଲ୍‌ଥ ଅଫିସର ଡାକ୍ତର ପେଅନସାହେବ ଉକ୍ତ ନଗରର ଜନ୍ମମୃତ୍ୟୁ ତାଲିକାରୁ ଗୋଟିଏ ଭୟଙ୍କର କଥା ବାହାର କରି ଅଛନ୍ତି । ସେ ବୋଲନ୍ତି ଯେ ନଗର ମଧ୍ୟରେ ଯେତେ ପିଲା ଜନ୍ମ ହୁଅନ୍ତି ତହିଁର ଅଧିକାଂଶ ଏକ ବର୍ଷ ମଧ୍ୟରେ ମରିଯାନ୍ତି ସେ ହେସାବକରି ଦେଖାଇଅଛନ୍ତି ଯେ ମୁସଲମାନ ପିଲା ଶତକରା ୭୩ ଓ ହିନ୍ଦୁ ପିଲା ୬୯ ଜଣ ମରନ୍ତି ଫିରଙ୍ଗୀ ପିଲାଙ୍କ ମୃତ୍ୟୁ ହିନ୍ଦୁଙ୍କଠାରୁ ଊଣା ଓ ଇଂରେଜ ପିଲା ସର୍ବାପେକ୍ଷା ଅଳ୍ପ ମରନ୍ତି । ଏ ତାଲିକାଟି ଅତ୍ୟନ୍ତ ଭୟଙ୍କର ଅଟଇ ଓ ଅନେକଲୋକ ଏ ତାଲିକାକୁ ସତ୍ୟଜ୍ଞାନ କରୁ ନାହାନ୍ତି । ଏ ଉତ୍ତାରୁ ଡାକ୍ତରସାହେବ ଯେଉଁ ସଂଶୋଧିତ ତାଲିକା ଦେଇଅଛନ୍ତି ତହିଁର ଫଳ ଏତାଦୃଶ ଭୟଙ୍କର ନୁହଇ ଅର୍ଥାତ୍ ଏଥିରେ ଶତକରା ଜ ୪୬ ଣ ମୁସଲମାନ ପିଲା ଓ ୩୭ ଜଣ ହିନ୍ଦୁ ପିଲା ମରିବାର ଜଣାଯାଏ । ଏ ତାଲିକା ସତ୍ୟ ହେଲେ ଆମ୍ଭମାନଙ୍କ ବିବେଚନାରେ ଅଳ୍ପ ଭୟଙ୍କର ନୁହଇ ଏବଂ ଆମ୍ଭମାନଙ୍କର ବିଶ୍ୱାସ ଏହି ଯେ ଅନେକ ପିଲା ଜନ୍ମ ହେବାର ଏକ ବର୍ଷ ମଧ୍ୟରେ ମରନ୍ତି । ଏକା କଲିକତାରେ ଏହା ଘଟେ ଏମନ୍ତ ନୁହେ ଏଠାରେ ସୁଦ୍ଧା ଏହିରୂପ ଘଟିବାର ଆମ୍ଭେମାନେ ଅନେକଦିନରୁ ଅନୁମାନ କରୁଅଛୁଁ । ଏରୂପ ଘଟିବାର କାରଣ ସୂତିକାଗାରର ଦୁରବସ୍ଥା ଏବଂ ପରିଷ୍କାର ବାୟୁର ଅଭାବ ଡାକ୍ତରସାହେବ ନିର୍ଦ୍ଦିଷ୍ଟ କରି ଅଛନ୍ତି ଡାକ୍ତରସାହେବ ବୋଲନ୍ତି ଯେ ଦେଶୀୟଲୋକଙ୍କୁ ସୂତିକା ଘରରେ ବାୟୁ ଗମନାଗମନ କରିବାର ଶ୍ରେଣିକ

Split by PDF Splitter

Digitized by srujanika@gmail.com